R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୨
ତିଥି : ଷଷ୍ଠୀ
୧୫ ଫେବୃଆରୀ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

समय SAMAYA
ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 132
15 Feb 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-655

OSRTC | ଓଡ଼ିଶା ସରକାର | ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭ ଉଦ୍‌ଘାଟନ
୧୫ ଫେବୃଆରୀ ୨୦୨୪

ଆମ ବସ୍‌ଷ୍ଟାଣ୍ଡ
ଯୋଜନା ଅଧିନରେ
୧୩ଟି ଜିଲ୍ଲାରେ ୨୦ଟି ନୂତନ ବସ୍‌ଷ୍ଟାଣ୍ଡ

OIPR: 38002/13/0059/2324

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଓଡ଼ିଶା ସରକାର

ରୋବୋ ଗାଇଡ୍ ଡଗ୍

ବର୍ତ୍ତମାନ ସାରା ବିଶ୍ୱର କମାଣ୍ଡ ଯେପରି ଏଆଇ ନିଜ ହାତକୁ ନେବାରେ ଲାଗିଛି । କେତେକକ୍ଷେତ୍ରରେ ଏଆଇର ବହୁତ ଭଲ ବ୍ୟବହାର ନଜରକୁ ଆସିଥିବାବେଳେ କେଉଁଠି କେଉଁଠି ଏହାର ନକରାତ୍ମକ ବ୍ୟବହାର ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଏକ ରୋବୋଟିକ୍ କୁକୁର ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ସ୍କଟଲାଣ୍ଡର ଗ୍ଲାସ୍ ଗୋ ଉନିଭର୍ସିଟିରେ ଏହି କୁକୁରକୁ ବିକଶିତ କରାଯାଇଛି । ଏହାକୁ ଏଭଳି ପ୍ରସ୍ତୁତ କରାଯାଇଛି ଯେପରି ଏହା ଗାଇଡ୍ ଡଗ୍‌କୁ ରିପ୍ଲେସ୍ କରିପାରିବ । ଏହା ଟେକ୍ନୋଲୋଜିକୁ ବ୍ୟବହାର କରି ଖୁବ ସତର୍କତାର ସହିତ ଦରକାରୀ ଲୋକଙ୍କୁ ଗାଇଡ୍ କରିବ । ଏଥିରେ ଲାଗିଥିବା ଆଡଭାନ୍ସଡ୍ ସେନ୍ସର କାରଣରୁ ଏହା ନିଜ ପାରିର୍ଶ୍ୱିକ ସ୍ଥିତିକୁ ଭଲ ଭାବେ ବୁଝିବା ସହିତ ବ୍ୟକ୍ତିଙ୍କୁ ଗାଇଡ କରିବାରେ ସମର୍ଥ । ସେହିଭଳି ଏହି ରୋବୋ ଡଗ୍ ଆମର କଥାବାର୍ତ୍ତାକୁ ଶୁଣି ମଧ୍ୟ କାମ କରିପାରିବ । ସେହିଭଳି ଏହା କାର୍ଯ୍ୟ କରୁଥିବା ସମୟରେ ଯଦି ଆଖପାଖରେ କୌଣସି ଗତିଶୀଳ ପଦାର୍ଥ ଆସିଥାଏ ତେବେ ଏହା ସହିତ ଧକ୍କା ହେବାରୁ ମଧ୍ୟ ଏହି ରୋବୋଟ ବଞ୍ଚାଇଥାଏ । ଏହାର କାର୍ଯ୍ୟ କରିବାର ଦକ୍ଷତା ଦୃଷ୍ଟିହୀନ ଲୋକଙ୍କ ପାଇଁ ଖୁବ ଉପାଦେୟ ହେବ ବୋଲି ନିର୍ମାଣକାରୀ ବୈଜ୍ଞାନିକ ପ୍ରକାଶ କରିଛନ୍ତି ।

ହେଲଦି ଟିପ୍ସ

ମହିଳାମାନଙ୍କୁ ୫୦ ବର୍ଷ ହେବାପରେ ସେମାନଙ୍କ ଶରୀରରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି ସମୟରେ ମହିଳାଙ୍କ ଶରୀରକୁ ଖୁବ ପୋଷକ ତତ୍ତ୍ୱର ଆବଶ୍ୟକତା ପଡିଥାଏ । ତେଣୁ ମହିଳାଙ୍କୁ ଏହି ସମୟରେ ନିଜର ଖୁବ ଅଧିକ ଧ୍ୟାନ ରଖିବାକୁ ପଡିଥାଏ । ଏହି ବୟସର ପିଲାଙ୍କୁ ନିଜର ପ୍ରତିଦିନର ଡାଏଟ୍‌ରେ କିଛି ନା କିଛି ପୋଷଣ ସାମିଲ କରିବାକୁ ହୋଇଥାଏ । ୫୦ ବର୍ଷ ପରେ ମହିଳାମାନଙ୍କର ମସଲ ମାସ କମ ହେବାକୁ ଲାଗିଥାଏ । ସେହିଭଳି ମୁହଁରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ପ୍ରଥମେ ୫୦ ପରେ ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହୋଇଥାଏ । ଓଜନ ବଢିବା ଏହି ବୟସରେ ଏକ ସମସ୍ୟା ହୋଇପାରେ । ତେଣୁ ଡାଏଟ୍ ତାଲିକାରୁ ଏଭଳି ଜିନିଷକୁ ବାଦ ଦିଅନ୍ତୁ ଯାହା ଅନାବଶକୀୟ ଓଜନ ବଢାଇବ । ଜଙ୍କ ଫୁଡକୁ ନିଜ ତାଲିକାରୁ ବାଦ ଦିଅନ୍ତୁ, ସବୁବେଳେ ଘରୋଇ ଖାଦ୍ୟ ଖାଇବାକୁ ପ୍ରାଧାନ୍ୟ ଦିଅନ୍ତୁ । ସକାଳୁ ବ୍ୟାୟାମରେ ଧ୍ୟାନ ଦିଅନ୍ତୁ । କିଛି ସମୟ ସକାଳୁ ଚାଲନ୍ତୁ, ଏହା ମନକୁ ଫୂର୍ତ୍ତି ରଖିବା ସହିତ ସତେଜ ରଖିଥାଏ ।

ଇତିହାସ

୧୭୬୪– ଆମେରିକାରେ ସେଣ୍ଟ୍ ଲୁଇସ୍ ସହରର ସ୍ଥାପନା ।
୧୭୯୮– ଫ୍ରାନ୍ସ ରୋମ୍‌କୁ ନିଜ ଅଧୀନକୁ ନେଇ ଏହାକୁ ଗଣରାଜ୍ୟ ଘୋଷିତ କଲା ।
୧୮୬୯– ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଲେଖକ ମିର୍ଜା ଗାଲିବଙ୍କ ଦେହାନ୍ତ ।
୧୯୦୩– ବିଶ୍ୱର ସବୁଠୁ ଲୋକପ୍ରିୟ ସଫ୍ଟ ଟଏ ଟେଡିବିଅରକୁ ମାରିସ୍ ମିଖଟାମ୍‌ଙ୍କ ଦ୍ୱାରା ବଜାର ପ୍ରବେଶ କରାଗଲା ।
୧୯୦୬– ବ୍ରିଟେନ୍ ଲେବର ପାର୍ଟିର ସ୍ଥାପନା କରାଗଲା ।
୧୯୪୨– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସିଙ୍ଗାପୁର ଜାପାନ ସେନା ସମ୍ମୁଖରେ ଆତ୍ମସମର୍ପଣ କଲା ।
୧୯୬୭– ଭାରତରେ ଚତୁର୍ଥ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା ।
୧୯୭୬– ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ କେନ୍ଦ୍ରୀୟ କୃଷି ଅନୁସନ୍ଧାନ ସଂସ୍ଥା ସ୍ଥାପିତ ।
୨୦୦୦– ଲୋକପ୍ରିୟ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ବି.ଆର୍. ଚୋପ୍ରାଙ୍କୁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଗଲା ।

୧୭୦୦ ବର୍ଷର ଅଣ୍ଡା

ସାଧାରଣତଃ ଅଣ୍ଡାକୁ କିଛି ସପ୍ତାହ ଷ୍ଟୋର୍ କରି ରଖିଲେ ତାହା ଖରାପ ହୋଇଯାଏ । ଯାହାକୁ ଖାଇବାଯୋଗ୍ୟ ବୋଲି ଆଦୌ ମନେ କରାଯାଏ ନାହିଁ । ହେଲେ ବର୍ତ୍ତମାନ ଏମିତି ଏକ ଅଣ୍ଡାର ସନ୍ଧାନ କରାଯାଇଛି ଯାହା ପ୍ରାୟ ୧୭୦୦ ବର୍ଷର ପୁରୁଣା ବୋଲି କୁହାଯାଉଛି । କେବଳ ଏତିକି ନୁହେଁ, ଏହି ଅଣ୍ଡାର ଭିତର ଅଂଶ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ମଧ୍ୟ ଜଣାପଡ଼ିଛି । ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ । ଇଂଲଣ୍ଡର ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ଖନନ କରାଯିବା ସମୟରେ ୧୭୦୦ ବର୍ଷ ତଳର ଏହି ଅଣ୍ଡା ମିଳିଛି । ପରେ ଏହି ଅଣ୍ଡାକୁ ସ୍କାନ୍ କରାଯିବା ଦ୍ୱାରା ଅଣ୍ଡାଟି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଛି । ତେବେ ଏତେ ବର୍ଷ ଧରି ଅଣ୍ଡାଟି ସୁରକ୍ଷିତ ଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗର କର୍ମକର୍ତ୍ତାମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି । ଇଂଲଣ୍ଡର ବକିଂହାମ୍‌ଶାୟରରେ ଏଲିସବରିର ବେରିଫିଲ୍ଡରେ ମିଳିଥିବା ରୋମାନ ଯୁଗର ଏହି ଅଣ୍ଡା ମଧ୍ୟରେ ଏବେବି ତରଳ ହଳଦିଆ ଓ ଧଳା ଅଂଶ ସୁରକ୍ଷିତ ଭାବେ ରହିଛି । ପ୍ରାୟ ୪ ସେମି ଚଉଡ଼ାବିଶିଷ୍ଟ ଏହି ଅଣ୍ଡାଟି ଏକ ଜଳପୂର୍ଣ୍ଣ ଖାଲରୁ ମିଳିଛି, ଯାହାଫଳରେ ଅଣ୍ଡାଟି ଏତେ ବର୍ଷ ହେବ ସୁରକ୍ଷିତ ରହିଛି ବୋଲି କୁହାଯାଉଛି । ଡିଜିବି କନ୍‌ଜର୍‌ଭେସନ୍‌ର ପ୍ରତ୍ନତତ୍ତ୍ୱବିତ୍ ଡେନା ଗୁଜବର୍ନ ବ୍ରାଉନ୍‌ଙ୍କ କହିବା ଅନୁସାରେ ଏହି ଅଣ୍ଡା ମଧ୍ୟରେ କିଛି ପାଣି ଫୋଟକା ଦେଖିବାକୁ ମିଳିଥିଲା, ଯାହା ଜରିଆରେ ଅଣ୍ଡା ମଧ୍ୟରେ ଥିବା ତରଳ ପଦାର୍ଥ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଥିଲା ।

କିଲର କୁଇନ୍



ଦୁନିଆରେ ଗୋଟିକ ରୁ ଗୋଟିଏ ଭିନ୍ନ ପକ୍ଷୀ ଅଛନ୍ତି । ମାତ୍ର ଯଦି ବିଷାକ୍ତ ସାପ ଏମାନଙ୍କ ସାମନାକୁ ଆସିଯାଆନ୍ତି ତେବେ ଏହାଠାରୁ ସମସ୍ତେ ଦୂରେଇ ରହିବା ପସନ୍ଦ କରନ୍ତି । ହେଲେ ଏମିତି ଏକ ପକ୍ଷୀ ଅଛି, ଯିଏ ଅଧିକରୁ ଅଧିକ ବିଷାକ୍ତ ସାପ ପାଇଁ ଏକପ୍ରକାରର କାଳ ପାଲଟିଥାଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କ୍ଷଣକ ମଧ୍ୟରେ ଏହି ପକ୍ଷୀ ସମସ୍ତ ସାପକୁ ମୃତ୍ୟୁମୁଖରେ ପକାଇଦିଏ । ତେଣୁ ଏହି ପକ୍ଷୀକୁ କିଲର କୁଇନ୍ ବୋଲି କୁହାଯାଏ । ସେକ୍ରେଟାରି ନାମକ ଏହି ପକ୍ଷୀର ଗୋଡ଼ ଖୁବ୍ ଲମ୍ବା ଥିବାବେଳେ ଏହି ପକ୍ଷୀ ଅବିଶ୍ୱସନୀୟ ଭାବେ ଖୁବ୍ ଶକ୍ତିଶାଳୀ ରୂପେ ଆକ୍ରମଣ କରିଥାଏ । ମୁଖ୍ୟତଃ ଏମାନେ ସାପକୁ ଶିକାର କରିଥାଆନ୍ତି । ବିଶେଷକରି ଏମାନେ ଆଫ୍ରିକାର ଘାସ ଥିବା ଅଞ୍ଚଳରେ ଦେଖିବାକୁ ମିଳନ୍ତି । ଏହି ପକ୍ଷୀ ଗୋଡ଼ରେ ହିଁ ସାପକୁ ମକଚି ମକଚି ମାରିଦିଏ । କୁହାଯାଏ ଏହାର ଗୋଡ଼ର ଶକ୍ତି ବାଘ ପଞ୍ଜାର ଶକ୍ତି ସହିତ ପ୍ରାୟତଃ ସମାନ ହୋଇଥାଏ ।

ସୋସିଆଲ କୋଟ୍ସ

କିଛି ଲୋକ ଇତିହାସ ପଢୁଥିବାବେଳେ କିଛି ଏହାକୁ ବଦଳାଇ ଥାଆନ୍ତି । ମୋଦି ଜୀ ଆପଣ ଇତିହାସ ବଦଳାଇଛନ୍ତି । ଆପଣ ରାମ ଜନ୍ମଭୂମିର ୫୦୦ ବର୍ଷର ଇତିହାସକୁ ବଦଳାଇ ଦେଖାଇଦେଇଛନ୍ତି ।
ଶିଳ୍ପା ସେଟ୍ଟି, ଅଭିନେତ୍ରୀ

ବର୍ତ୍ତମାନ ସମୟ ଆସିଛି କି ଟିଭି ଇଣ୍ଡଷ୍ଟ୍ରୀକୁ ସମ୍ମାନ ମିଳିବା ଦରକାର । ରଣବୀରଙ୍କର ଫିଲ୍ମ 'ସର୍କସ' ଅସଫଳ ରହିଲା, ଏଥିପାଇଁ ସେ ନିଜ ପ୍ରଡକ୍ଟ ବିକିବା ପାଇଁ ଟିଭି ସିରିଏଲ୍‌ର ସିନ୍ କଥା ଭାବିଲେ ।
ସାୟନ୍ତନୀ ଘୋଷ, ଅଭିନେତ୍ରୀ

ସଙ୍ଗୀତ 'କୋଲାବରୀ – ଡି'ରୁ ଫିଲ୍ମକୁ କୌଣସି ଲାଭ ମିଳିନଥିଲା । ଏବେ ପର୍ଯ୍ୟନ୍ତ ବୁଝି ନାହିଁ କି ସେହି ଗୀତଟି ଏତେ ମାତ୍ରାରେ କଣ ପାଇଁ ହିଟ୍ ହୋଇଥିଲା । ଏହା ମୋତେ ଖୁବ ଆଶ୍ଚର୍ଯ୍ୟ କରିଥିଲା ।
ଐଶ୍ୱର୍ଯ୍ୟା ରଜନୀକାନ୍ତ, ନିର୍ଦ୍ଦେଶକ

ନୂଆ ଯୋଡି

ସ୍ୱାସ୍ଥ୍ୟପ୍ରଦ ଜିରା

ଭାରତୀୟ ମସଲାରେ ଭରପୂର ମାତ୍ରାରେ ପୁଷ୍ଟିସାର ରହିଛି ବୋଲି ମନେ କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି ଜିରା । ଯାହାକୁ ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପକ୍ଷେ ଅନେକ ଲାଭ ମିଳିଥାଏ । ଏକ ଗବେଷଣାରୁ ଜଣାପଡ଼ିଛି ଯେ ଜିରା ଦ୍ୱାରା ପାଚନ ପ୍ରକ୍ରିୟା ଉନ୍ନତମାନର ହୋଇଥାଏ । ଏହାସହିତ ଓଜନ ହ୍ରାସ ଏବଂ ରକ୍ତରେ ଶର୍କରାର ସ୍ତର ନିୟନ୍ତ୍ରଣାଧୀନ ରହିଥାଏ । ଘରୋଇ ଉପଚାରରେ ଜିରାକୁ ଆମେ କୋଷ୍ଠକାଠିନ୍ୟର ଚିକିତ୍ସା ରୂପେ ମଧ୍ୟ ବ୍ୟବହାର କରିପାରିବା । କାରଣ ପ୍ରତ୍ୟହ ଜିରା ଖାଇବା ଦ୍ୱାରା ଏହି ସମସ୍ୟାରୁ ଆଶ୍ୱସ୍ତି ମିଳିଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି । ଏହା ପାଚନ ଏନ୍‌ଜାଇମ୍‌ର ଗତିବିଧିକୁ ପ୍ରୋତ୍ସାହିତ କରି କୋଷ୍ଠକାଠିନ୍ୟ ସହିତ ପେଟ ସମସ୍ୟା ଓ ମେଟାବଲିଜିମ୍‌କୁ ଠିକ୍ କରିବାରେ ବିଶେଷ ସହାୟକ ହୋଇଥାଏ । ସେହିପରି ଜିରାରେ ଆଇରନ୍‌ର କିଛି ମାତ୍ରା ଥାଏ, ଯାହା ଶରୀରକୁ ଦୈନିକ ପ୍ରାୟ ୨୦ ପ୍ରତିଶତ ଆଇରନ୍ ଯୋଗାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂଚନା ମୁତାବକ, ଜିରାକୁ ରାତିରେ ପାଣିରେ ଭିଜେଇ ସକାଳେ ସେହି ପାଣିକୁ ପିଇବା ଦ୍ୱାରା ଖୁବ୍ ଲାଭ ମିଳିବ ।

ବିଗ୍‌ବସ୍ ପରେ ସବୁ ପ୍ରତିଯୋଗୀଙ୍କୁ ବେଶ୍ ଲାଇମ୍ ଲାଇଟ୍ ମିଳିଥାଏ । ସେମାନଙ୍କର ଅନେକ ପ୍ରୋଜେକ୍ଟ ରିଲିଜ୍ ହେବାରେ ଲାଗିଥାଏ । ଏହି ତାଲିକାରେ ବର୍ତ୍ତମାନ ସାମିଲ ହୋଇଛନ୍ତି ବିଗ୍‌ବସ୍ ୧୭ର ବିଜେତା ମୁନାୱର ଫାରୁକୀ । ମୁନାୱର ଫାରୁକିଙ୍କୁ ପୂର୍ବତନ ବିଗ୍‌ବସ୍ ପ୍ରତୋଯୋଗୀ ହିନା ଖାନଙ୍କ ସହିତ ଆଗକୁ ଦେଖିବାକୁ ମିଳିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ତାଙ୍କର ହିନାଙ୍କ ସହିତ କିଛି ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାପରେ ଏହି ଚର୍ଚ୍ଚାକୁ ଖୋରାକ ମିଳିଛି । ଫଟୋରେ ଉଭୟ ବେଙ୍ଗଲୀ ଲୁକ୍‌ରେ ନଜର ଆସିଛନ୍ତି । ତେଣୁ ଆଗକୁ ଉଭୟଙ୍କୁ କୌଣସି ବେଙ୍ଗଲୀ ପ୍ରୋଜେକ୍ଟରେ ଏକାଠି ଦେଖିବାକୁ ମିଳିବ ବୋଲି ଫ୍ୟାନ ଚର୍ଚ୍ଚା କରୁଛନ୍ତି । ବିଗ୍‌ବସ୍ ପରେ ହିନାଙ୍କ ଚର୍ଚ୍ଚା ସବୁଠି ଥିଲା । ସେ ତାଙ୍କ ସିଜିନ୍‌ର ରନର୍ସଅପ ହୋଇଥିଲେ ମଧ୍ୟ ସବୁଠାରୁ ଚର୍ଚ୍ଚିତ ପ୍ରତିଯୋଗୀଙ୍କ ଥିଲେ । ଏହାପରେ ହିନାଙ୍କୁ ଖୁବ କେତୋଟି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଥିଲା, ଯାହାକୁ ଦର୍ଶକ ଖୁବ ପସନ୍ଦ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୨
ତିଥି : ଷଷ୍ଠୀ
୧୫ ଫେବୃଆରୀ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

Vol. - XXVI, No. 132
15 Feb 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଜଳସେଚନ, ରାସ୍ତା, ସେତୁ ଓ ଅନ୍ୟାନ୍ୟ ଭିତ୍ତିଭୂମିର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ହିଞ୍ଜିଳି-ଶେରଗଡ଼ ଯାଇ ସେଠାରେ ୧୮୧.୭୮ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୭ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରିବା ସହିତ ୧୩୬.୭୮ କୋଟି ଟଙ୍କାର ୮ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଶୀତଳାପଲ୍ଲୀଠାରେ ୬୩୯.୮୧ କୋଟି ଟଙ୍କା ମୂଲ୍ୟର ୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ୨୯୯୪ କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଶେରଗଡ଼ଠାରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ସହଯୋଗରେ ହିଞ୍ଜିଳି-ଶେରଗଡ଼ ଦେଶର ଶ୍ରେଷ୍ଠ ବ୍ଲକ୍ ଭାବେ ପରିଚୟ ପାଇଛି ଏବଂ ଏହି ନିର୍ବାଚନ ମଣ୍ଡଳୀ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ମଧ୍ୟ ପରିଣତ ହୋଇଛି । ୫-ଟି ଉପକ୍ରମରେ ରୂପାନ୍ତର ଅଭିଯାନର ଭିତ୍ତି ପ୍ରଥମେ ହିଞ୍ଜିଳି-ଶେରଗଡ଼ରୁ ହିଁ ଆରମ୍ଭ ହୋଇଥିଲା । ମା'ତାରାତାରିଣୀ ପୀଠର ଉନ୍ନତି ସହିତ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇଥିଲା । ଏହିସବୁ ରୂପାନ୍ତର କାର୍ଯ୍ୟ ଆଜି ଦେଶବିଦେଶକୁ ଆକର୍ଷିତ କରୁଛି । ଆଜି ହାଇସ୍କୁଲ

ଶେରଗଡକୁ ଏନ୍‌ଏସି ମାନ୍ୟତା

ରୂପାନ୍ତର କାର୍ଯ୍ୟ ଶେଷହୋଇ ସାରା ରାଜ୍ୟରେ ୮୦୦୦ରୁ ଅଧିକ ହାଇସ୍କୁଲ ରୂପାନ୍ତରିତ ହୋଇଛି । ପିଲାମାନଙ୍କ ଖୁସି ଓ ଲୋକଙ୍କ ଖୁସି ଦେଖି ସେ ବି ଆନନ୍ଦିତ ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

ନିର୍ବାଚନୀ ଗସ୍ତ କରୁଥିବା ଅନ୍ୟ ଦଳର ନେତାଙ୍କୁ ଦରଖାସ୍ତ ଦିଅ

ଦେଖି କେତେ ଦିନରେ ସମସ୍ୟା ସମାଧାନ ହେଉଛି : ପାଣ୍ଡିଆନ

ନିର୍ବାଚନୀ ପ୍ରତିଶ୍ରୁତି ଦେଉଥିବା ନେତାଙ୍କୁ ତୀର୍ଯ୍ୟକ ବାଣ

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ଏବେ ନିର୍ବାଚନୀ ମାହୋଲ ତିଆରି ହେଲାଣି । ଗାଁ ଗାଁରେ ବିଭିନ୍ନ ଦଳର ନେତା ବୁଲୁଛନ୍ତି । ସେମାନଙ୍କୁ ଦାବିପତ୍ର ଦେଇ ଦେଖନ୍ତୁ । କେତେ ଦିନରେ ସେମାନେ ଦାବି ପୂରଣ କରୁଛନ୍ତି । କେତେ ଦିନରେ ଦରଖାସ୍ତର ସମାଦାନ ହେଉଛି । ବିରୋଧୀ ଦଳର ନେତାମାନଙ୍କ ସମ୍ପର୍କରେ ଏମିତି ତୀର୍ଯ୍ୟକ ମନ୍ତବ୍ୟ ଦେଇଛନ୍ତି ଫାଇଭ-ଟି ଓ ନବୀନ ଓଡିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଆଜି ଭିସି ମାଧ୍ୟମରେ ସମ୍ବଲପୁର ଜିଲ୍ଲାର ଲୋକଙ୍କ ସହ କଥା ହେବା ସହ ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁରୀପତ୍ର ବଣ୍ଟନ ପର୍ବରେ (୯ ପୃଷ୍ଠାରେ)

କଂଗ୍ରେସରୁ ଇସ୍ତଫାର ସୁଅ

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ରାଜ୍ୟ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ନୂଆ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଗଲା । ସଂଗଠନକୁ ମଜଭୁତ କରିବା ଲାଗି କାର୍ଯ୍ୟକ୍ରମ ହେଲା । ରାହୁଲ ଗାନ୍ଧି ମଧ୍ୟ ଓଡ଼ିଶା ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ଆସିଲେ । ହେଲେ କଂଗ୍ରେସରୁ ଇସ୍ତଫାର ସୁଅ ଲାଗି ରହିଛି । କେବଳ ସେତିକି ନୁହେଁ, ରାଜ୍ୟ କଂଗ୍ରେସ (୯ ପୃଷ୍ଠାରେ)

ଓଲଟିଲା ବସ୍ : ୧ ମୃତ, ୧୬ରୁ ଉର୍ଦ୍ଧ୍ୱ ଆହତ

ଫୁଲନଖରା, ୧୪।୨ (ସବ୍ୟୁ) : ୧୬ନଂ ଜାତୀୟ ରାଜପଥର କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଠାରେ ଭାରସାମ୍ୟ ହରାଇ ଓଲଟି ପଡିଲା ଯାତ୍ରୀବାହୀ ବସ୍ । ସୂଚନାଯୋଗ୍ୟ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଚନ୍ଦନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ୨୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଗୋପାଳପୁର ଠାରେ ହଠାତ୍ ଏକ ସାଇକେଲ ଆରୋହୀ ବସ୍ ସମ୍ମୁଖକୁ ପଶି ଆସିଥିଲା । ସାଇକେଲ୍ ଆରୋହୀକୁ ବଂଚାଇବାକୁ ଯାଇ ବସ୍‌ଟିକୁ ଡାହାଣ ପାର୍ଶ୍ୱକୁ କାଟି ଦେବା ଫଳରେ ରାସ୍ତା (୯ ପୃଷ୍ଠାରେ)

ବରିଷ୍ଠ ବୁଣାକାର, ବୁଣା ସହାୟକ ଓ ହସ୍ତଶିଳ୍ପ କାରିଗରଙ୍କ କଲ୍ୟାଣ ପାଇଁ ନୂଆ ଯୋଜନା

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତ ଶିଳ୍ପ କାରିଗର ମାନଙ୍କ ପାଇଁ ଖୁସି ଖବର । ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ନୂଆ ଯୋଜନା । 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା' ।

ଏହି ଯୋଜନାରେ ୪୦ ବର୍ଷରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ମହିଳା ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର, ଏବଂ ୫୦ରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ପୁରୁଷ (୯ ପୃଷ୍ଠାରେ)

Sri Shankara
CANCER FOUNDATION

ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ

୭୫୦ ଶଯ୍ୟା ବିଶିଷ୍ଟ ବିସ୍ତୃତ କର୍କଟ ହସ୍ପିଟାଲ

ଆରୋଗ୍ୟ ପାଇଁ ସମର୍ପିତ,
ଆଶା ଦ୍ୱାରା ଅନୁପ୍ରାଣିତ

ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର
ଙ୍କ ଦ୍ୱାରା

ଦେଶବାସୀଙ୍କ ସେବାରେ
ଲୋକାର୍ପିତ

୧୫ ଫେବୃୟାରୀ ୨୦୨୪
ଅପରାହ୍ନ : ୪.୩୦

ଠିକଣା:
ଇନ୍‌ଫୋ ଭ୍ୟାଲି, ବଡ଼ ରଘୁନାଥପୁର, ଚଣ୍ଡିହେଟା, ଓଡ଼ିଶା

ଇମେଲ୍ - contact@bagchishankara.org
ମୋବାଇଲ୍ - 0674-6799999

www.shankaracancerhospital.org

ମିଳିତ ଭାବରେ, ଆମେ ଆରୋଗ୍ୟ ପାଇଁ ଚେଷ୍ଟା କରୁ । ଏକତ୍ର ଆମେ ପ୍ରତିହତ କରିବା । ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ । **ଯେଉଁଠାରେ ଆଶା ବାସ୍ତବରେ ପରିଣତ ହୁଏ !**

ସମ୍ବଲପୁର ବାସୀନ୍ଦାଙ୍କ ସହ ଭିସି ମାଧମରେ ଆଲୋଚନା କରୁଛନ୍ତି ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍

ସମ୍ ହସ୍ପିଟାଲ୍ ଶିତଳାପଲ୍ଲୀ କ୍ୟାମ୍ପସ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

ଓଡିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସୋଆର ଆଉ ଏକ ପଦକ୍ଷେପ

ଭୁବନେଶ୍ୱର (ସବ୍ୟୁ): ଦକ୍ଷିଣ ଓଡିଶାର ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସ୍ଥାପିତ ହୋଇଥିବା ସମ୍ ହସ୍ପିଟାଲର ଶିତଳାପଲ୍ଲୀ କ୍ୟାମ୍ପସ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ଦୀର୍ଘ ୧୯ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜନସାଧାରଣଙ୍କୁ ଅବିରତ ତଥା ଉତ୍ସର୍ଗୀକୃତ ଭାବେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ଆସୁଥିବା ଶିକ୍ଷା ଓ ଅନୁସନ୍ଧାନ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ଉତମ ତଥା ଅତ୍ୟାଧୁନିକ ସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ଗଂଜାମ ଜିଲ୍ଲା ବ୍ରହ୍ମପୁର ନିକଟ ଶିତଳାପଲ୍ଲୀ ଠାରେ ସ୍ଥାପିତ ଏହି ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌କୁ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ହସ୍ପିଟାଲ କ୍ୟାମ୍ପସ୍‌ରେ ପହଂଚିବା ପରେ ଫଳକ ଉନ୍ମୋଚନ ସହ କ୍ୟାମ୍ପସ୍ ପରିସରରେ ବୃକ୍ଷ ରୋପଣ କରିଥିଲେ ଓ ଆନୁଷ୍ଠାନିକ ଭାବେ ହସ୍ପିଟାଲ୍‌ଟିକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସୋଆର ପ୍ରତିଷ୍ଠାତା ସଭାପତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଏହି ଅବସରରେ ୫ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ ଶ୍ରୀ କାର୍ତିକ ପାଣ୍ଡିଆନ୍ ମଂଚରେ ଉପସ୍ଥିତ ଥିଲେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ଉପସ୍ଥିତ ଥିଲେ । ସମ୍ ହସ୍ପିଟାଲ୍ ଶିତଳାପଲ୍ଲୀ କ୍ୟାମ୍ପସ୍ ଠାରେ ୨୦୦ ଶଯ୍ୟାର ସୁବିଧା ରହିଥିବା ବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇ ୫୦୦ ହେବ। ଏହି ଡାକ୍ତରଖାନାରେ ସୁଲଭ ମୂଲ୍ୟରେ ସମସ୍ତ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସୁବିଧା ଉପଲବ୍ଧ ହେବା ସହ ୨୪ ଘଂଟା ରୋଗୀ ସେବା ପ୍ରଦାନ କରାଯିବ । ସମ୍ ହସ୍ପିଟାଲର ଏହି

ନୂତନ ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌ରେ ସମସ୍ତ ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ବିଭାଗ ରହିଛି। ଦେଶ ତଥା ବିଦେଶରେ ତାଲିମ ପ୍ରାପ୍ତ ବିଶିଷ୍ଟ ସ୍ୱାସ୍ଥ୍ୟସେବା ବିଶେଷଜ୍ଞମାନେ ଏଠାରେ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରିବେ ।

୨୦୨୩ ମସିହାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିଚାଳିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍)ର ର୍‍ୟାଙ୍କିଙ୍ଗ୍‌ରେ ଦେଶର ୧୬ ତମ ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ସ୍ଥାନୀତ ହୋଇଥିବା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ , ଭୁବନେଶ୍ୱର ଦୀର୍ଘ ୧୯ ବର୍ଷ ହେବ ଓଡ଼ିଶା ସମେତ ପୂର୍ବାଂଚଳ ରାଜ୍ୟଗୁଡ଼ିକ ନିମନ୍ତେ ଏକ ନିର୍ଭରଯୋଗ୍ୟ ଓ ଲୋକପ୍ରିୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ଉଭା ହୋଇଛି। ଏହି ହସ୍ପିଟାଲ ୨୦୦୫ ମସିହାରେ ରାଜ୍ୟବାସୀଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା। ଡାକ୍ତରୀ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିଜ ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ ଏକ ମାଇଲ ଖୁଂଟ ସୃଷ୍ଟି କରିଛି । ଗତ ଜାନୁଆରୀ ମାସ ୨୧ ତାରିଖରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଦ୍ୱିତୀୟ କ୍ୟାମ୍ପସ୍ ଫୁଲନଖରା ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ୨୦୨୦ ମସିହାରେ କୋଭିଡ୍–୧୯ ମହାମାରୀର କରାଳ ଛାୟା ସାରା ବିଶ୍ୱର ଜନ ଜୀବନକୁ କବଳିତ କରିଥିବା ବେଳେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଅବିରତ ଓ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ସମ୍ କୋଭିଡ ହସ୍ପିଟାଲ୍ ଗୁଡ଼ିକ ଯୋଗୁଁ ହିଁ ଓଡିଶାରେ କରୋନା ମୃତ୍ୟୁ ହାର କମ୍ ରହିଥିଲା। ।

ବୁଧବାର ଏହି ନୂତନ ହସ୍ପିଟାଲର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିତଳାପଲ୍ଲୀ କ୍ୟାମ୍ପସ୍ ର ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ଆନନ୍ଦ ଶଙ୍କର ଶାସ୍ତ୍ରୀ , ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱର ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର , ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍, ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର ରାଜେଶ କୁମାର ଲେଙ୍କା, ଆଇଟିଇଆର୍ ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍, ଏସ୍ଏଚ୍ଏମ୍ ର ଡିନ୍ ପ୍ରଫେସର ସୁଶାନ୍ତ ରଂଜନ ଚଇନି, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ, ସୁମା ରିଅଲ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ର ସିଇଓ ସୁନୀଲ ଦାସ, ଜଏଂଟ୍ ରେଜିଷ୍ଟ୍ରାର ଡକ୍ଟର ଶଶାଙ୍କ ମିଶ୍ର, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ ର ଅଫିସର୍ ଅନ୍ ସ୍ପେଶିଆଲ୍ ଡ୍ୟୁଟି ପ୍ରହ୍ଲାଦ ମହାନ୍ତି, ଚିଫ୍ ଭିଜିଲାନ୍ସ ଅଫିସର୍ ଯୁଗଳ ଦାସ, ଲିଗାଲ୍ ଆଫେୟାସ୍ ର ନିର୍ଦ୍ଦେଶକ ସଂଜୟ କୁମାର ସାହୁ, କର୍ପୋରେଟ୍ କମ୍ୟୁନିକେସନ୍ ବିଭାଗ ର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ସମେତ ଅନ୍ୟାନ୍ୟ ବରିଷ୍ଠ ଡାକ୍ତର, ନର୍ସ, ପାରାମେଡିକ୍ସ ଓ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ।

ଅଶ୍ୱିନୀ ବୈଷ୍ଣବ ବିଜେପିର ରାଜ୍ୟସଭା ପ୍ରାର୍ଥୀ

ସମର୍ଥନ କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ), : କଳ୍ପନାଜଳ୍ପନାର ଅବସାନ ଘଟିଛି । ରାଜ୍ୟସଭାକୁ ଓଡ଼ିଶାରୁ ତୃତୀୟ ପ୍ରାର୍ଥୀ କିଏ ତାହା ଉପରୁ ପରଦା ଉଠିଛି । ବିଜେପି ପକ୍ଷରୁ ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରାର୍ଥୀ ହେବେ ବୋଲି ଘୋଷଣା କରାଯାଇଛି । ବିଜେପିର ଏହି ଘୋଷଣା ପରେ ତାଙ୍କ ପ୍ରାର୍ଥିତ୍ୱକୁ ବିଜେଡ଼ି ସମର୍ଥନ କରିବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି ।

ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କର ସ୍ୱାକ୍ଷରରେ ଆସିଥିବା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ଯେ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ରେଳ, ଯୋଗାଯୋଗ, ସୂଚନା ଓ ବୈଷୟିକ ମନ୍ତ୍ରୀ ଅଛନ୍ତି । ରାଜ୍ୟରେ ରେଳ ଓ ଟେଲିକମ ବିକାଶ ଲାଗି ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୨୪ ନିର୍ବାଚନରେ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରାଯିବ ବୋଲି ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ ୩ ଆସନ ଲାଗି ନିର୍ବାଚନ ହେବ । ବିଜେଡି ପକ୍ଷରୁ ପ୍ରଥମେ ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା । ଘୋଷଣା ହୋଇଥିବା ଦୁଇ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ, ସୁବାଶିଷ ଖୁଣ୍ଟିଆ ଇତିମଧ୍ୟରେ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି । ତୃତୀୟ ପ୍ରାର୍ଥୀକୁ ନେଇ ସସ୍‌ପେନ୍ସ ଲାଗି ରହିଥିଲା । ଆଜି ତାହା ଦୂର ହୋଇଛି । ଓଡ଼ିଶା ଗସ୍ତରେ ଥିବା ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ବିଧିବଦ୍ଧ ଭାବେ ନାମାଙ୍କନପତ୍ର ଦାଖଲ କରିବେ । ୨୦୧୯ରେ ମଧ ସେ ବିଜେଡ଼ି ସମର୍ଥନରେ ରାଜ୍ୟସଭାକୁ ଯାଇଥିଲେ ।

ବିଶିଷ୍ଟ ସାହିତ୍ୟିକ ସାତକଡି ହୋତାଙ୍କ ବିୟୋଗରେ ଶୋକ

କଟକ,(ସବ୍ୟୁ) : ବିଶିଷ୍ଟ ସାହିତ୍ୟିକ,ସାରସ୍ୱତ ସାଧକ, ପ୍ରଶାସକ, ମୟୂରଭଞ୍ଜ ମାଟିର କୃତୀ ସନ୍ତାନ ତଥା ଦୈନିକ ଖବର କାଗଜ ସମୟର ମୁଖ୍ୟ ସଂପାଦକ ସାତକଡି ହୋତାଙ୍କ ବିୟୋଗରେ କଟକ ସଦର ୪୨ମୌଜା ପଟଣା ଗ୍ରାମର ସର୍ବ ପୁରାତନ ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ରଥ,ପ୍ରଧାପକ ଡକ୍ଟର କଲିମୁଲ୍ଲା,ଇଞ୍ଜିନିୟର ସାମ୍ବାଦିକ ସେବକ ଶ୍ରୀକାନ୍ତ,ସଭାପତି କବୀ ସରୋଜ ନଳିନୀ ପରିଜା,କାର୍ଯ୍ୟକାରୀ ସଭାପତି ଶିକ୍ଷକରତ୍ନ ଅଭୟ କୁମାର ଦାସ, ଶିଳ୍ପୀ ଉପେନ୍ଦ୍ର ବାରିକ,ରାଜନୀତିଜ୍ଞ ପ୍ରଭାତ କୁମାର ଖଟୁଆ,ମହାସଚିବ କବି ରୁଦ୍ର ନାରାୟଣ ଦାସ,ସମ୍ପାଦକ ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଶୋକ ପାଳିବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତାଙ୍କର ଅମର ଆତ୍ମାର ସଦଗତି ପ୍ରାର୍ଥନା କରିଛନ୍ତି

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଏସିଆନର ସେକ୍ରେଟାରୀ ଜେନେରାଲ ଡ. କାଓ କିମ୍ ହୋର୍ଣ୍ଣ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦକ୍ଷିଣ ପୂର୍ବ ଏସୀୟ ଦେଶ (ଏସିଆନ)ର ସେକ୍ରେଟାରୀ ଜେନେରାଲ ଡ. କାଓ କିମ୍ ହୋର୍ଣ୍ଣଙ୍କ ସହ ସାକ୍ଷାତ୍ ଆଲୋଚନା କରିବା ସହ ଶିକ୍ଷା କ୍ଷେତ୍ରରେ ଏସିଆନ୍ ଦେଶ ଗୁଡ଼ିକ ସହିତ ଭାରତର ସମ୍ପର୍କକୁ ମଜଭୂତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଦକ୍ଷିଣ ପୂର୍ବ ଏସୀୟ ଦେଶ ଗୁଡ଼ିକ ସହିତ ଭାରତର ଏକ ଦୃଢ଼ ସଭ୍ୟତାଗତ ସମ୍ପର୍କ ରହିଆସିଛି । ଏସିଆନ ସହ ଭାରତର ସମ୍ପର୍କ ଦେଶର ବୈଦେଶିକ ନୀତିର ଏକ ପ୍ରମୁଖ ସ୍ତମ୍ଭ । ଭାରତର ଆକ୍ଟ ଇଷ୍ଟ ପଲିସି ଆଧାରରେ ଶିକ୍ଷା କ୍ଷେତ୍ରରେ ଏସିଆନ–ଭାରତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା । ମେଧାବୀ

ଛାତ୍ରଛାତ୍ରୀଙ୍କ ଆଦାନ ପ୍ରଦାନ, ଆଞ୍ଚଳିକ ସ୍ୱାର୍ଥ ସମ୍ବନ୍ଧୀୟ ବିଷୟରେ ମିଳିତ ଭାବରେ ଗବେଷଣା ଏବଂ ଅନୁଷ୍ଠାନିକ ସମ୍ପର୍କକୁ ପ୍ରୋତ୍ସାହିତ କରି ସହଯୋଗକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିବା ଟ୍ୱିଟ୍ କରି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଆଲୋଚନା କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆ ଜାତୀୟ ଶିକ୍ଷା ନୀତି ଅଧୀନରେ ନିଆଯାଉଥିବା ପଦକ୍ଷେପ ଏବଂ ଶିକ୍ଷା ପ୍ରଦାନ କରିବା ପାଇଁ ଭାରତ ଆପଣାଉଥିବା ଡିଜିଟାଲ ଭିତ୍ତିଭୂମି ଉପରେ ଡ. କାଓ କିମ୍ ହୋର୍ଣ୍ଣଙ୍କୁ ଅବଗତ କରାଇଥିଲେ । ଜାତୀୟ ଶିକ୍ଷା ନୀତି ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ମାତୃଭାଷାରେ ଶିକ୍ଷାର ଭୂମିକା ଉପରେ ବଶେଷ ଗୁରୁତ୍ୱ ଦେଉଥିବା ସେ କହିଥିଲେ ।

୨୦ଗ୍ରାମ ବ୍ରାଉନସୁଗର ଜବତ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ): ଲକ୍ଷ୍ମୀସାଗର ଥାନା ପୋଲିସର ଏକ ସ୍ପେଶାଲ ଟିମ ଥାନା ଗାଁଗୁଆ ନାଳ ବ୍ରିଜ ପାଖରେ ଥିବା ମଙ୍ଗରାଜ ପଏଣ୍ଟ ନିକଟରେ ଚଢାଉ କରି, ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୁକ୍ତ ଆକିଲ ଓରଫ ମହମ୍ମଦ ଆକିଲ (୨୬)କୁ କାବୁ କରିବାରେ ସକ୍ଷମ ହୋଇଛି । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗର ଜବତ କରିଛି । ଆକିଲ ବ୍ରାଉନସୁଗର ବିକ୍ରିରେ ବ୍ୟବହାର କରୁଥିବା ଆକ୍ଟିଭା ସ୍କୁଟର ଜବତ ହୋଇଛି । ଆକିଲ ଘର ବାଲେଶ୍ୱର ଜିଲ୍ଲାରେ ବୋଲି ପୋଲିସ କହିଛି । ସେ ବାଲେଶ୍ୱରରୁ ବ୍ରାଉନସୁଗର ଆଣି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବିକ୍ରି କରିବା ସମ୍ପର୍କରେ ପୋଲିସ ଖବର ପାଇଥିଲା । ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

ମମତା ଯୋଜନାରେ ୬୦ଲକ୍ଷରୁ ଅଧିକ ମହିଳା ଉପକୃତ : ବିଜେଡି

ଭୁବନେଶ୍ୱର (ସବ୍ୟୁ): ନବୀନ ସରକାର ଗତ ୨୪ ବର୍ଷଧରି ଓଡ଼ିଶାରେ ମହିଳାଙ୍କ ବିକାଶ ଓ ସଶକ୍ତିକରଣ ପାଇଁ ସବୁବେଳେ କଠିନ ପରିଶ୍ରମ କରିଛନ୍ତି । ମିଶନ ଶକ୍ତିମାଧ୍ୟମରେ ୬ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି । ମମତା ଯୋଜନାରେ ୬୦ ଲକ୍ଷରୁ ଅଧିକ ଗର୍ଭବତୀ ମହିଳା ଓ ମା' ଉପକୃତ ହୋଇଥିବା ବେଳେ ବିଜେଡି ସରକାର ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏପର୍ଯ୍ୟନ୍ତ ପ୍ରାୟ ୨୯୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ ଓ ସୋଫିଆ ଆଲାମ । ଶ୍ରୀମତୀ ସାହୁ ଓ ଶ୍ରୀମତୀ ଆଲାମ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଓଡ଼ିଶାର କୋଟି କୋଟି ମହିଳାଙ୍କ ସଶକ୍ତିକରଣକୁ ନେଇ ଏଭଳି ଏକ ଐତିହାସିକ ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଥିବା ସରକାର ମମତା ଯୋଜନା

ସହାୟତାକୁ ୫ ହଜାରରୁ ୧୦ ହଜାର ଟଙ୍କାକୁ ଦ୍ୱିଗୁଣିତ କରିଛନ୍ତି । ଏହା ଓଡ଼ିଶାର ଲକ୍ଷ ଲକ୍ଷ ମା' ଓ ରାଜ୍ୟର କୋଟି କୋଟି ମହିଳାଙ୍କ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ବର୍ତ୍ତମାନ ମମତାଯୋଜନା ଅଧୀନରେ ଥିବାମା'ମାନଙ୍କୁ ଦୁଇଟି କିସ୍ତିରେ ୫୦୦୦ ଟଙ୍କା ମିଳୁଛି । ଏବେ ସେମାନଙ୍କୁ ୬୦୦୦ ଓ ୪୦୦୦ ଟଙ୍କାର ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ । ୨୦୨୩ ଅଗଷ୍ଟରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ସହାୟତା ପ୍ରଦାନ କରାଯିବ ଏବଂ ୨୦୨୩ ଅଗଷ୍ଟରୁ ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଫେବୃଆରୀ ୨୦ରୁ ୨୫ତାରିଖ ମଧ୍ୟରେ ଅର୍ଥ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁମୃତ୍ୟୁ ଓ ମାତୃମୃତ୍ୟୁ ହାର ପୁଷ୍ଟିହୀନତା ହ୍ରାସ କରିବା ପାଇଁ ୨୦୧୧ ମସିହାରେ ମମତା ଯୋଜନା ଆରମ୍ଭ କରିଥିଲେ । ଓଡ଼ିଶାର ମମତା ଯୋଜନାର ସଫଳତା ଯୋଗୁଁ ଏହାକୁ ଜାତୀୟ ମଡେଲ ଭାବେ ଗ୍ରହଣ କରାଯାଇଛି । ୬ ମାସର ଗର୍ଭଧାରଣ ପରେ ପ୍ରଥମ କିସ୍ତି ୬୦୦୦ ଟଙ୍କା ଏବଂ ଶିଶୁକୁ ୧୦ ମାସ ପୂରିବା ପରେ ଦ୍ୱିତୀୟ କିସ୍ତି ୪୦୦୦ ଟଙ୍କା ପ୍ରଦାନ କରାଯିବ । ଏହା ଓଡ଼ିଶାର ମହିଳା ସଶକ୍ତିକରଣ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଆଜି ଓଡ଼ିଶା ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ଜାତୀୟମାନଦଣ୍ଡ ଏବଂ ମାଇଲଖୁଣ୍ଟ ଭାବେ ସ୍ୱୀକୃତି ପାଇଛି ଏବଂ ମମତା ଯୋଜନା ସହାୟତାକୁ ଦ୍ୱିଗୁଣିତ କରିବା ଏହି ଯାତ୍ରାରେ ଆଉ ଏକ ସଫଳତା ବୋଲି ବିଜେଡ଼ିର ଦୁଇ ପ୍ରବକ୍ତା କହିଛନ୍ତି ।

ମହିଳା ସଶକ୍ତିକରଣକୁ ନବୀନ ସରକାରଙ୍କ ପ୍ରାଥମିକତା

ମମତା ସହାୟତା ବାବଦରେ ଦିଆଗଲାଣି ୨୯୦୦ କୋଟି

ସହାୟତା ରାଶି ୧୦,୦୦୦ ଟଙ୍କାକୁ ବୃଦ୍ଧି

ମମତା ମଡେଲକୁ ଆପଣେଇଛନ୍ତି କେନ୍ଦ୍ର ସରକାର

ସ୍ୱର୍ଗଧାମ କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଶ୍ରୀପଞ୍ଚମୀ ଅବସରରେ ଖାନନଗର ସ୍ଥିତ ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ସ୍ୱର୍ଗଧାମର ଏକ ନିଜସ୍ୱ ୨୪ ଘଣ୍ଟିଆ କାର୍ଯ୍ୟାଳୟ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏଭଳି ନିଆରା କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ବିନା ମୂଲ୍ୟରେ ସୂର୍ଯ୍ୟୋଦୟରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ମଧ୍ୟରେ ଏଠାକୁ ଆସୁଥିବା ପ୍ରତ୍ୟେକ ଶବକୁ ଗୋବର ପାଣି, କ୍ଷୀର, ତୁଳସୀ, ଫୁଲ, କର୍ପୁର ଆଳତି ସହିତ ଶୁଦ୍ଧବସ୍ତ୍ର ଶବ

ଉପରେ ଅର୍ପଣ କରାଯାଇଥାଏ । ଏଥିସହିତ ଆର୍ଥିକ ଅନଗ୍ରସର ଅସ୍ଥି ବିସର୍ଜନ କରିବା ପାଇଁ ଅସମର୍ଥ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ (ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ) ପ୍ରୟାଗରାଜ ଠାରେ ଅସ୍ଥି ବିସର୍ଜନ କରାଯିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗଧାମ ସେବା ସମିତିର ଆଜୀବନ ସଭାପତି ଶରତ କୁମାର ସାହୁ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ (ଶିବ), ଖାନନଗର ପୂଜା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ସଜିକାନ୍ତ ନାଥ, ରେଶମା ରାଣୀ ମହାରଣା, ପ୍ରିତିକାନ୍ତ ମହାରଣା, ଶବ ସେବାକାରୀ ପ୍ରଶାନ୍ତ ଆଚାର୍ଯ୍ୟ, ଶବ ରଥ ବାହାକ ମନୋଜ ସିଂହଙ୍କ ସମେତ ବହୁ ମୁରବୀ ଓ ମହିଳାମାନେ ଉପସ୍ଥିତ ଥିଲେ ।

ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଜେଇଇ ମେନ୍ ପରୀକ୍ଷାରେ ସଫଳତା

ଭୁବନେଶ୍ୱର (ସବ୍ୟୁ): ପ୍ରକାଶିତ ଜାତୀୟ ପରୀକ୍ଷଣ ସଂସ୍ଥାନ (ଏନଟିଏ) ଦ୍ୱାରା ପରିଚାଳିତଜାତୀୟ ଯୁଗ୍ମ ପ୍ରବେଶିକା (ଜେଇଇ) ମୁଖ୍ୟସେସନ–୧ ପରୀକ୍ଷା ଫଳ ପ୍ରକାଶ ପାଇଛି । ସାଇ ଇଣ୍ଟରନ୍ୟାସନାଲ ସ୍କୁଲର କେଶବ ରଞ୍ଜନ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସ୍କୁଲର ୧୯ ଜଣ ଛାତ୍ରଛାତ୍ରୀ ୯୯ ପରସେଣ୍ଟାଇଲ ରଖିଛନ୍ତି, ୨୯ ଜଣ ଛାତ୍ରଛାତ୍ରୀ ୯୫ ପରସେଣ୍ଟାଇଲ ରଖିଛନ୍ତି । ଓ ୪୩ ଜଣ ଛାତ୍ରଛାତ୍ରୀ ୯୦ ପରସେଣ୍ଟାଇଲରୁ ଅଧିକ ରଖିଛନ୍ତି । କେଶବ ରଞ୍ଜନ ୯୯.୯୧ ପରସେଣ୍ଟାଇଲ ରଖିଥିବାବେଳେ ଅନୁଜସୁବୁଧି ୯୯.୮୬, ସ୍ରେୟାଂ ସବିକାଶ ମିଶ୍ର ୯୯.୮୨, ନିତିସ୍ ନମନ୍ ପରିଡା ୯୯.୭୯, ସତ୍ୟ ପ୍ରକାଶ କର ୯୯.୭୧, ସିବମ୍ ସୁନ୍ଦର ମହାକୁଡ ୯୯.୬୯, ଡିପ୍ତାଂସୁ ପ୍ରତେୟ ୯୯.୬୭, ବିଶ୍ୱଭୁଷଣ ସାମଲ ୯୯.୫୨, ଓମ୍ ଅମ୍ରିତ୍ ମହାନ୍ତି ୯୯.୪, ବିଷ୍ଣୁ ପ୍ରଶାଦ ମହାପାତ୍ର ୯୯.୩୭ ଓ ଅନ୍ୟମାନେ ଭଲ ପରସେଣ୍ଟାଇଲ ରଖି ସଫଳ ହୋଇଛନ୍ତି । ଛାତ୍ରଛାତ୍ରୀମାନଙ୍କର ଏହି ସଫଳତାରେ ସ୍କୁଲର ଚେୟାରପର୍ସନ ଡାଶିଲ୍ପୀ ସାହୁ ଅଭିନନ୍ଦନ ଜଣାଇବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

ମଧ୍ୟପ୍ରଦେଶ ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଙ୍କିଲେ ପଦ୍ମ ଫୁଲ

କଟକ, (ସବ୍ୟୁ): ଚୌଦ୍ୱାର କଟକ ବିଧାନସଭାର ଶିଖରପୁର ଠାରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଙ୍କ ନେତୃତ୍ୱରେ ମଧ୍ୟପ୍ରଦେଶ ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ଶିଖରପୁର ଠାରେ ଶିବରାଜ ଜି କାନ୍ଥରେ ପଦ୍ମଫୁଲ ଅଙ୍କନ କରିଥିଲେ । ଏଥିରେ ଭାଗୀରଥି ଦଳାଇ, ଚିରଞ୍ଜିବୀ ଖଣ୍ଡାୟତ ରାୟ, ବିଶ୍ୱରଥି ସ୍ୱାଇଁ, ମହିମାନନ୍ଦ ସ୍ୱାଇଁ , ସନ୍ତୋଷ ସାହୁ , ଅଜିତ ସୁବୁଦ୍ଧି ରାୟ, କର୍ପୋରେଟର ଦୀପକ ଦାସ, ପ୍ରଶାନ୍ତ ହୋତା, ଗଙ୍ଗାଧର ସାହୁ, ମୁନୀନ୍ଦ୍ର ଭୋଳ, ସୌମେନ୍ଦ୍ର ପଲାଇ, ସୁରଥ ରାଉତ, ଧୀର ପ୍ରସାଦ ମହାନ୍ତି ,

ଗଙ୍ଗାଧର ସାହୁ, ଧର୍ମେନ୍ ଗୁପ୍ତା, ସଞ୍ଜୟ ସ, ମନମୋହନ ଉପାଧ୍ୟାୟ, ପ୍ରସାର ଜ୍ୟୋତି କୁମାର, ଅନିଲ ଦଳାଇ, ମହେନ୍ଦ୍ର ଶୁକ୍ଳ, ମନୋଜ ଦଳାଇ, ଦୀପକ କାହାଳୀ, ଜଗନ୍ନାଥ ନାୟକ, ପ୍ରଦୀପ ଦାସ, ଗଣେଶ ଚନ୍ଦ୍ର ବେହେରା, ଶିବଦ୍ୟୁତି ବେହେରା, ପ୍ରଶାନ୍ତ ଦାସ, ବସନ୍ତ ପ୍ରଧାନ, ନିକୁଞ୍ଜ କିଶୋର କାନୁନଗୋ, ଶ୍ୟାମପ୍ରସାଦ ବେହେରା, ନରହରି ଦାସ, ବିଶ୍ରାଜ ବିଶ୍ୱାଳ, ବିଶ୍ୱଜିତ ଦାସ, ସରିତା ଶୁକ୍ଳ,ହରିପ୍ରିୟା ଧଳ, ସୀତା ରାଣୀ ସାହୁ, କବିତା ଦଳାଇ, ତନୁଶ୍ରୀ ମହାନ୍ତି, ସୁଚିତ୍ରା ରାୟ, ବିନୋଦିନୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

ଶ୍ରୀପଞ୍ଚମୀ ତିଥିରେ ତିନି ରଥ କାଠ ଅନୁକୂଳ

ପୁରୀ (ସବ୍ୟୁ): ପବିତ୍ର ଶ୍ରୀପଞ୍ଚମୀ ତିଥିରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜି ସନ୍ଧ୍ୟାରେ ଶୁଭ ମୁହୂର୍ତ୍ତରେ ତିନି ରଥ କାଠ ଅନୁକୂଳ ସମ୍ପନ୍ନ ହୋଇଛି ଛଶ୍ରୀମନ୍ଦିର ପୁରୋହିତ ଓ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ତିନି କଥା ମାର୍ଜନା ପରେ ନାରିକେଳ ଭାଙ୍ଗି ପୁଷ୍ପାଞ୍ଜଳି ଦିଆଯାଇ ରଥ କାଠ ଅନୁକୂଳ ହୋଇଥିଲାଛ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୩ ଟି ଧଉରା କାଠ ଅନୁକୂଳ ହୋଇଛିଛଏହି କାଠରେ ରଥର କୋଣଗୁଜ ତିଆରି ହେବ ଛ ଆସନ୍ତା ଶ୍ରୀରାମ ନବମୀରେ ହେବ ରଥ କାଠ ଚିରଟଛଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା,ଜିଲ୍ଲାପାଳ ବିଜୟ କୁମାର ଦାଶ, ଏସପି ପିନାକ ମିଶ୍ର ,ପୁରୀ ଓ ବ୍ରହ୍ମଗିରି ବିଧାୟକ ,ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ଅଧିକାରୀ ,ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ । ବିଶ୍ୱ ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରସ୍ତୁତୀର ଆଜି ହେଉଛି ପ୍ରଥମ ପବ । ଏଥିଲାଗି ଗତକାଲି ରଥଖଳାକୁ ପରିଷ୍କାର କରାଯିବା ସହ ତିନିରଥର ତିନୋଟି ଧଉରା କାଠ ରଖାଯାଇଥିଲାଛ ଚଳିତବର୍ଷ ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହେବ ସେନେଇ ଶ୍ରୀଜୀଉଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଛନ୍ତି ।

ମର୍ମନ୍ତୁଦ ବସ ଦୁର୍ଘଟଣାର ଯାତ୍ରୀମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭେଟିଲେ ମେୟର

କଟକ(ସବ୍ୟୁ) : ବାଲେଶ୍ୱରରୁ ଭୁବନେଶ୍ୱର ଆସୁଥିବା ଚନ୍ଦନ ନାମକ ଘରୋଇ ବସ ଏକ ସାଇକେଲ ଆରୋହୀ କୁ ରକ୍ଷା କରିବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଆହତ ମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇବା ପାଇଁ ଏକ ଡ଼ାକ୍ତରୀ ଟିମ୍ ଗଠନ ହୋଇ ତତ୍କାଳୀନ ସେବା କାର୍ଯ୍ୟ ଚାଲୁଛି । ବହୁ ଯାତ୍ରୀ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ରେ ଭର୍ତି ହୋଇଥିଲେ । ଏହି ଖବର ପାଇବା ସଂଗେ ସଂଗେ ମେୟର ଶ୍ରୀ ସିଂ , ବଡ଼ ଡାକ୍ତରଖାନାରେ ପହଂଚି ଚିକିତ୍ସାଧୀନ ୨୦ ଜଣ ରୋଗୀ ଙ୍କ ଅବସ୍ଥା ଦେଖିବା ସଂଗେ ସଂଗେ ଡାକ୍ତର ମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ।

ବହୁ କୋଟି ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିବା ସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ହିଞ୍ଜିଳି-ଶେରଗଡ଼ ଯାଇ ସେଠାରେ ୧୮୧.୭୮ କୋଟି ଟଙ୍କା ବିନିଯୋଗରେ ନିର୍ମୀତ ୭ଟି ପ୍ରକଳ୍ପର ଉଦଘାଟନ କରିବା ସହିତ ୧୩୬.୭୮ କୋଟି ଟଙ୍କାର ୮ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଶୀତଳାପଲ୍ଲୀଠାରେ ୬୩୯.୮୧ କୋଟି ଟଙ୍କା ମୂଲ୍ୟର ୨୪ ଟି ପ୍ରକଳ୍ପର ଉଦ୍ଘାଟନ କରିବା ସହିତ ୨୯୯୪ କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ଶେରଗଡ଼ଠାରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ସହଯୋଗରେ ହିଞ୍ଜିଳି-ଶେରଗଡ଼ ଦେଶର ଶ୍ରେଷ୍ଠ ବ୍ଲକ୍ ଭାବେ ପରିଚୟ ପାଇଛି ଏବଂ ଏହି ନିର୍ବାଚନମଣ୍ଡଳୀ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ମଧ୍ୟ ପରିଣତ ହୋଇଛି । ୫-ଟି ଉପକ୍ରମରେ ରୂପାନ୍ତର ଅଭିଯାନର ଭିତ୍ତି ପ୍ରଥମେ ହିଞ୍ଜିଳି-ଶେରଗଡ଼ରୁ ହିଁ ଆରମ୍ଭ ହୋଇଥିଲା । ମା'ତାରାତାରିଣୀ ପୀଠର ଉନ୍ନତି ସହିତ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇଥିଲା । ଏହିସବୁ ରୂପାନ୍ତର କାର୍ଯ୍ୟ ଆଜି ଦେଶବିଦେଶକୁ ଆକର୍ଷିତ କରୁଛି । ଆଜି ହାଇସ୍କୁଲ ରୂପାନ୍ତର କାର୍ଯ୍ୟ ଶେଷହୋଇ ସାରା ରାଜ୍ୟରେ ୮୦୦୦ରୁ ଅଧିକ ହାଇସ୍କୁଲ ରୂପାନ୍ତରିତ ହୋଇଛି । ପିଲାମାନଙ୍କ ଖୁସି ଓ ଲୋକଙ୍କ ଖୁସି ଦେଖି ସେ ବି ଆନନ୍ଦିତ ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶେରଗଡ଼ ଗ୍ରାମପଞ୍ଚାୟତକୁ ଏନ୍.ଏ.ସି ଭାବେ ଘୋଷଣା କରିଥିଲେ ଏବଂ ହିଞ୍ଜିଳି-ଶେରଗଡ଼ର ବିକାଶକୁ ଏକ ନୂଆ ସୋପାନରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଶୀତଳାପଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ସରସ୍ୱତୀ ପୂଜାର ଶୁଭ ଅବସରରେ ଗଞ୍ଜାମ ଜିଲ୍ଲା ପାଇଁ ୫ ହଜାର କୋଟିରୁ ଅଧିକ ଟଙ୍କାର ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଗଲା । ସେହିପରି ଗୋପାଳପୁର ପାର୍କରେ ଏସିଏମ୍ଇ ଓ ଆଭାଡ଼ା ଦ୍ୱାରା ଗ୍ରୀନ୍ ଫୁଏଲ୍ ପ୍ରକଳ୍ପ ଏବଂ ଗୋପାଳପୁରଠାରେ ଇଣ୍ଡୋର ୟୁଟିଲିଟି କରିଡ଼ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା । ଏହା ଦ୍ୱାରା ଜିଲ୍ଲାରେ ଶିଳ୍ପ ବିକାଶ ସହିତ ନିଯୁକ୍ତି ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ । ଆଜି ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି । ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ଯୋଗାଉଛି । ବିଶ୍ୱର ବଡ଼ ବଡ଼ ଆଇଟି କମ୍ପାନି ଓଡ଼ିଶାରେ ସେମାନଙ୍କର କମ୍ପାନି ପ୍ରତିଷ୍ଠା କରୁଛନ୍ତି । କ୍ରୀଡ଼ା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସୁନାମ ଅର୍ଜନ କରିଛି । ଆମର ୫-ଟି ଉପକ୍ରମ ଶିକ୍ଷା-ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣିଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପ ଓ ମା' ତାରାତାରିଣୀ ପୀଠର ରୂପାନ୍ତର ଓଡ଼ିଶାକୁ ଗୌରବାନିତ୍ୱ କରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିକିତ୍ସା ଚିନ୍ତା ଦୂର କରିଛି । ରାଜ୍ୟରେ ମା'ମାନେ ଆଜି ଉଦ୍ୟୋଗୀ ହେବା ପାଇଁ ଆଗଭର ହେଲେଣି । ଚାଷୀମାନଙ୍କ ପାଇଁ ମା'ମାନଙ୍କ ପାଇଁ ଓ ଯୁବଗୋଷ୍ଠୀ ପାଇଁ ବିନାସୁଧରେ ଋଣ ବ୍ୟବସ୍ଥା ସେମାନଙ୍କ ପାଇଁ ସୁଯୋଗ ଆଣିଦେଉଛି । ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ହେବାକୁ ଯାଉଛି । ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହି ଆଗାମୀ ଦିନରେ ଓଡ଼ିଶାକୁ ବିକାଶର ନୂଆ ସୋପାନରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୀତଳାପଲ୍ଲୀଠାରେ ନବନିର୍ମିତ ୨୦୦ ଶଯ୍ୟାବିଶିଷ୍ଟ ସମ୍ ସୁପରସ୍ପେସିଆଲିଟି ହସ୍ପିଟାଲକୁ ଲୋକାର୍ପିତ କରିବା ସହିତ ଘରପାଖରେ ଆପଣମାନେ ଏହା ମାଧ୍ୟମରେ ଭଲ ଚିକିତ୍ସା ସୁବିଧା ପାଇବେ ବୋଲି କହିଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ଗୋପାଳପୁରଠାରେ ୨୭ ହଜାର କୋଟି ଟଙ୍କା ନିବେଶରେ ଏ.ସି.ଏମ୍.ଇ ଦ୍ୱାରା ୧.୧୦ ଏମ୍.ଏମ୍.ଟି.ପି.ଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ୮ ହଜାର କୋଟି ଟଙ୍କା ନିବେଶରେ ଆଭାଡ଼ା ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ଭିତ୍ତି ରଖିଥିଲେ । ଏହି ଦୁଇ ପ୍ରକଳ୍ପ ଦ୍ୱାରା ପ୍ରାୟ ୫୨୦୦ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ଭି. କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବି, ସାଂସଦ ଚନ୍ଦ୍ର ଶେଖର ସାହୁ, ସାଂସଦ ପ୍ରମିଳା ବିଶୋଇ, ବିଧାୟକ ବିକ୍ରମ ପଣ୍ଡା, ସୁବାସ ବେହେରା, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ମଞ୍ଜୁଳା ସ୍ୱାଇଁ, ଜିଲ୍ଲା ସଭାପତି ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରକଳ୍ପ ସଂପର୍କରେ ଲୋକମାନଙ୍କ ସହ ଆଲୋଚନା କରିଥିଲେ ।

ମହାବୀର ପୂଜା କମିଟିର ସରସ୍ୱତୀ ପୂଜା

ବାରିପଦା, (ସବ୍ୟୁ) : ବାରିପଦା ସହର ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଦୀର୍ଘ ୬ବର୍ଷ ହେବ ଏହି ସରସ୍ୱତୀ ପୂଜା ବଜାୟ ରଖିଛନ୍ତି । ମା ସରସ୍ୱତୀ ଆବାହନ ମନ୍ତ୍ରରେ ପରିବେଶ ପ୍ରକମ୍ପିତ ହେଉଥିବା ବାରିପଦାରେ ଅଧିକ ଭକ୍ତିମୟ କରି ତୋଳିଥାଏ । ଏହି ପରମ୍ପରା କାଳକ୍ରମେ ହଜି ଯାଇଥିଲେ ବି ବାରିପଦା ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଏହାକୁ ଉଜ୍ଜୀବିତ କରି ରଖିଛି । ୨୦୧୮ ମସିହାରେ ୩ ରୁ ୪ଜଣ ସଦସ୍ୟ ସଙ୍ଗଠିତ ହୋଇ ୫ହଜାର ଟଙ୍କା ବ୍ୟୟ ଅଟକଳରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ ।

ବର୍ଷକୁ ବର୍ଷ ଏହି ପୂଜାର ଆକର୍ଷଣ ବଢ଼ିବା ସହ ବର୍ତ୍ତମାନ ବଜେଟ ୧ଲକ୍ଷ ଟଙ୍କାକୁ ଛୁଇଁଛି । ପୂଜା କମିଟି ସମ୍ପାଦକ ବିଶ୍ୱାଷ ମହାନ୍ତି ସୂଚନା ମୁତାବକ ଗତ ୬ବର୍ଷ ହେଲା ସ୍ଥାୟୀ ଭାବେ ମାସରସ୍ୱତୀଙ୍କ ପୂଜା ପାଇ ଆସୁଛନ୍ତି । ବର୍ତ୍ତମାନ କମିଟିରେ ୫୦ରୁ ଉର୍ଦ୍ଧ ସଦସ୍ୟ ଅଛନ୍ତି । ସମସ୍ତଙ୍କ ସହଯୋଗରେ ଏହି ପୂଜା ଶାନ୍ତିଶୃଙ୍ଖଳାର ସହ ହେଉଥିବା କମିଟି ସଭାପତି ଦେବବ୍ରତ ଦେ ସୂଚନା ଦେଇଛନ୍ତି । କମିଟିର କର୍ମକର୍ତ୍ତା ଜୟେଷ ପାତ୍ର, ଚନ୍ଦନ ପାଣି, ଅଭିଶେକ ଦେ, ଲକ୍ଷ୍ମାନ ସାହୁ, ଅଜୟ ବାରିକ ଓ କୁମର ରାକେଶ ପୂଜା ସମ୍ପାଦନରେ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି । ଚଳିତ ବର୍ଷ କମିଟି ପକ୍ଷରୁ ଏକ କାଳ୍ପନିକ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି । କମିଟି ପକ୍ଷରୁ ସାଜସଜ୍ଜା ପାଇଁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି ।

ବୁଗୁଡ଼ା ଏନଏସିରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ନେଲେ ଅତିରିକ୍ତ ତହସିଲଦାର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଏନଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଆଜି ଦାୟିତ୍ୱ ନେଲେ ବୁଗୁଡ଼ା ତହସିଲର ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ। ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଜାନୁଆରୀ ୧୯ ତାରିଖରେ ଜାରି ହୋଇଥିବା ନୋଟିଫିକେସନ ଅନୁସାରେ ବୁଗୁଡ଼ା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ରଶ୍ମି ରଞ୍ଜନ ଦାଶଙ୍କୁ ବୀରମିତ୍ରପୁର ବଦଳୀ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଲାଲ ହିଆଲଙ୍କୁ ବୁଗୁଡ଼ା ବଦଳୀ ହୋଇଥିଲା । ତେବେ ପ୍ରେମଲାଲଙ୍କ ଆସିବାରେ ଡେରି ହେବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଏଟିଓ ସୁନନ୍ଦ ଶେଖର ସାହାଣୀ ଏହି ଅତିରିକ୍ତ ଦାୟିତ୍ୱ ନେଇଛନ୍ତି ।

ଛାତ୍ର ଆଶିଷଙ୍କ ହାତ ତିଆରି ମୂର୍ତ୍ତି ପୂଜା ପାଇଲେ ବିଦ୍ୟାଳୟରେ

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଆଶିଷ ବିଶ୍ୱାଳଙ୍କ ହାତ ତିଆରି ମା'ସରସ୍ୱତୀଙ୍କ ମୂର୍ତ୍ତି ବିଦ୍ୟାଳୟରେ ପୂଜା ପାଇଲେ । ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି ସମେତ ବହୁ ନିମନ୍ତ୍ରିତ ଅତିଥି ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ମା'ଙ୍କ ମୂର୍ତ୍ତି ଦେଖି ଆଶିଷଙ୍କୁ ଅଭିନନ୍ଦନ ଜଣାଇବା ସହ ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସମାଜସେବୀ ଅମର କୁମାର ସେଠି ମନ୍ତ୍ରମୁଗ୍ଧ ହୋଇ ତାଙ୍କୁ ଅର୍ଥରାଶି ପ୍ରଦାନ କରି ଉତ୍ସାହିତ କରିବା ସହ ଏହି ପ୍ରୟାସ ଜାରି ରଖିବାକୁ ଉପଦେଶ ଦେଇଥିଲେ । ପିଲାଦିନୁ ଆଶିଷ ମାଟିରେ ଭିନ୍ନଭିନ୍ନ ଖେଳନା ତିଆରି କରି ସମସ୍ତଙ୍କୁ ଚକିତ କରିଦେଉଥିଲେ । ଅଳ୍ପ ବୟସରେ ମା'ଙ୍କୁ ହରାଇ ପାଠପଢ଼ାରେ ଡୋରି ବାନ୍ଧି ପରିବାର ପୋଷଣ ପାଇଁ ବାପାଙ୍କ ସହ କାମରେ ସାହାଯ୍ୟ କରିବାକୁ ଲାଗିଲେ ।

ଏହିଭଳି ପିଲାମାନଙ୍କ ପାଇଁ ଦେବଦୂତ ସାଜି ଆସିଥିବା ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ 'ମୁଁ ବି ପଢ଼ିବି' କାର୍ଯ୍ୟକ୍ରମରେ ଅନେକ ପିଲା ପୁଣିଥରେ ମୁଖ୍ୟସ୍ରୋତରେ ସାମିଲ ହେବାର ସୁଯୋଗ ପାଇଥିଲେ । ଆଶିଷ ପୁଣିଥରେ ପାଠପଢିଲେ ଓ କୁଆଳିଆ ପ୍ରାଥମିକ ବିଦ୍ୟାଳୟ ପରେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟରେ ହଷ୍ଟେଲ ରହି ପଢିଆସୁଛନ୍ତି । ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ବହୁବାର ପୁରସ୍କୃତ ହୋଇଛନ୍ତି । ତିନିବର୍ଷ ମଧ୍ୟରେ ତାଙ୍କ ହାତ ତିଆରି ଗଣେଶ ଓ ସରସ୍ୱତୀଙ୍କ ମୂର୍ତ୍ତି ବିଦ୍ୟାଳୟରେ ପୂଜା ପାଇଆସୁଛନ୍ତି । ତାଙ୍କର ଏହି ସଫଳତା ପାଇଁ କୁଆଳିଆ ବିଦ୍ୟାଳୟର ଲିପି ଦିଦି ତଥା ବର୍ତ୍ତମାନ ବିଦ୍ୟାଳୟର କଳା ଶିକ୍ଷକ ମହେଶ୍ୱର ମାରାଣ୍ଡି, ୱାର୍ଡେନ ସରୋଜ କୁମାର ସାବତ, ଏକାଉଣ୍ଟେ ଗୌତମ ପଣ୍ଡା ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ସିଂହ ଓ ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ଭବିଷ୍ୟତରେ ଆଶିଷ ଜଣେ ବିଶିଷ୍ଟ ଚିତ୍ର ଓ ମୃତିକାଶିଳ୍ପୀ ହୋଇପାରିବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ସିଂହ ପ୍ରକାଶ କରିଛନ୍ତି ।

ତିଳିଦରେ ଜଳିଗଲା ୨ ବଖରା

ସୋର, (ସବ୍ୟୁ) : ସୋର ବ୍ଲକ ନଟାପଡ଼ା ପଞ୍ଚାୟତ ତିଳଦା ଗ୍ରାମର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି । ଆଜି ସନ୍ଧ୍ୟାରେ ଘରେ କେହି ନଥିବା ବେଳେ ଏହି ଗ୍ରାମର ଗୁରୁବାରୀ ମଳିକ ଓ ଲକ୍ଷ୍ମୀ ମଳିକଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭଗର ଦୁଇଟି ଦମକଳ ଘଟଣା ସ୍ଥଳରେ ପହଂଚିବା ବେଳକୁ ଗ୍ରାମବାସୀମାନେ ନିଆଁକୁ ଆୟତ୍ତ କରିନେଇଥିଲେ। ମାତ୍ର ସେତେବେଳକୁ ଦୁଇ ବଖରା ଘର ସମେତ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିଲା।

ଘରେ କେହି ନଥିବାବେଳେ ଯୁବତୀଙ୍କୁ ଆକ୍ରମଣ

ସୋର, (ସବ୍ୟୁ) : ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବୁଢ଼େଇ ଗ୍ରାରେ ଏକ ଘରେ କେହି ନଥିବା ବେଳେ ଜଣେ ଯୁବତୀଙ୍କୁ କିଛି ଯୁବକ ମାଡ଼ମାରି ସହିତ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଗତକାଲି ସନ୍ଧ୍ୟାରେ ସୋର ଥାନା ବୁଢ଼େଇ ଗ୍ରାମର ଶ୍ରୀଧର ମଳିକଙ୍କ ଝିଅ ପୁଷ୍ପାଞ୍ଜଳି ଘରେ ଏକା ରହିଥିଲେ । ଏହି ସମୟରେ କୌଣସି କାରଣରୁ ଅତର୍କିତ ଭାବେ କିଛି ଯୁବକ ପହଂଚି ତାଙ୍କ ଭାଇ ଓ ବାପା ମା'ଙ୍କୁ ଖୋଜିବା ସହିତ ଘରେ ପଶି ଭଙ୍ଗାରୁଜା ଆରମ୍ଭ କରିଥିଲେ । ପୁଷ୍ପାଞ୍ଜଳି ବିରୋଧ କରିବାରୁ ଯୁବକମାନେ ତାଙ୍କୁ ମାଡ଼ ମାରିଥିଲେ । ପରିବାର ଲୋକେ ଫେରିବା ପରେ ଏ ବାବଦରେ ଅବଗତ ହୋଇ ଆଜି ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ବାଗଦେବୀ ସ୍ୱରସ୍ୱତୀଙ୍କ ପୂଜୋତ୍ସବ

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ବିଦ୍ୟାଦାତ୍ରୀ ମା ସ୍ୱରସ୍ୱତୀଙ୍କ ପୂଜା ବିପୁଳ ଉତ୍ସାହ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଇଚ୍ଛାବତୀ ଛାତ୍ରୀ ନିବାସ ଓ କପିଳ ଛାତ୍ର ନିବାସରେ ଅନ୍ତେବାସୀ, ମେଡିକାଲ କଲେଜ, ପଲିଟେକ୍‌ନିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଡମ୍ବରପୂର୍ଣ୍ଣ ଭାବରେ ବାଗଦେବୀଙ୍କ ମୃଣ୍ମୟ ପ୍ରତିମା ପୂଜା ସହ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ନିର୍ଦ୍ଦେଶକ ଲୋକନାଥ ବେହେରା, ଡ. ନୟନ ରଂଜନ ସାମଲ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଯୋଗଦେଇ ଭକ୍ତି ଅର୍ଘ୍ୟ ଅର୍ପଣ ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ଟ୍ରଲି ଚାଳକଙ୍କ ଅକାଳ ବିୟୋଗ

ସୋର, (ସବ୍ୟୁ) : ସୋର ବ୍ଲକ ସରଶଂଖ ଗ୍ରାମର ଜଣେ ବୃଦ୍ଧଙ୍କର ଗତକାଲି ରାତିରେ ହଠାତ୍ ପରଲୋକ ହୋଇଯାଇଛି। ଗତାକାଲି ସଂଧାରେ ଏହି ଗ୍ରାମର ନିରାକାର ସୁତାର(୬୨) ସରଶଂଖ ବଜାର ଛକରେ ତାଙ୍କ ଟ୍ରଲି ରିକ୍ସା ଉପରେ ବସିଥିବା ବେଳେ ହଠାତ୍ ତଳକୁ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାରକରି ସୋର ଡାକ୍ତରଖାନାରେ ପହଞ୍ଚାଇବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ହୃଦ୍ଘାତ ହୋଇଥିବା ସନ୍ଦେହ କରାଯାଇଛି।

କେନ୍ଦୁଝର ସଦର ବ୍ଲକର ୧୩ ପଞ୍ଚାୟତରେ ୧୮ ବସ୍ ଷ୍ଟପ

କେନ୍ଦୁଝର, (ସ୍ୱପ୍ର) : କେନ୍ଦୁଝର ସଦର ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁଲଭ ଓ ନିର୍ଭର ଯୋଗ୍ୟ ବସ୍ ସେବା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି । ଏହି କ୍ରମରେ କେନ୍ଦୁଝର ସଦର ବ୍ଲକରେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ଦୁଇଟି ବସ୍ ଗଡ଼ଡିଛି । ଏଥିସହିତ ୧୩ ପଞ୍ଚାୟତରେ ୧୮ଟି ବସ୍ ଷ୍ଟପ୍ ଶୁଭ ଉଦ୍ଘାଟନ ହୋଇଯାଇଛି । ବୋଦାପଳଶାବସ୍ ଷ୍ଟପକୁ ଘସିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ଶୁଭାରମ୍ଭ ଉଦଘାଟନ କରିଥିଲେ । ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟକ ମିନାକ୍ଷୀ ମହାନ୍ତ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଜିଲ୍ଲାପାଳ ମିଶିଲେ ସିଂ,ପଡ଼ି ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ବନଖଣ୍ଡ ଅଧିକାରୀ ଧନରାଜ ଏ ଚ୍ ଡି , ଜିଲ୍ଲା ପରିଷଦ ଅଧ୍ୟକ୍ଷାସାଗରୀକା ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଣୀ ତିଲୋତ୍ତମା ପୃଷ୍ଟିଙ୍କ ସମେତ ବହୁ ଅଧିକାରୀ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ । ସେହିପରି ସଦର ବ୍ଲକ ପ୍ରଶାସନ ପକ୍ଷରୁ ଅନ୍ୟାନ୍ୟ ବସ ଷ୍ଟପଗୁଡିକମଧ ଉଦଘାଟିତ ହୋଇଯାଇଛି ।

ଆର୍ ବିଞ୍ଛଣାପଲ୍ଲୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ରମ୍ଭା, (ସବ୍ୟୁ): ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧାଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ପାଲୁର କ୍ଲଷ୍ଟରର ଆର. ବିଞ୍ଛଣାପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପଦ୍ମଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଚଳିତ ଶିକ୍ଷାବର୍ଷର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରେଡି ରାଧାଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ସମୀର କୁମାର ଅଧିକାରୀ, ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ମାଧବ ବେହେରା, ଅଙ୍ଗନବାଡ଼ି କର୍ମୀ ଆରତୀ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ସୃଜନାତ୍ମକ ଦକ୍ଷତା ଉପରେ ଆଲୋକପାତ କରିଥିଲେ । ସର୍ବପ୍ରଥମେ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ବିଦ୍ୟାଳୟର କୁନି ଛାତ୍ରୀ ରୋଜାଲିନ ବେହେରା ପ୍ରାରମ୍ଭିକ ସଙ୍ଗୀତ ନମଃ ନମଃ ଗଣେଶ ବନ୍ଦନା ଗାନ କରିଥିଲେ ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ମଲ୍ଲିକ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହା ପରେ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିଲେ । ମାତ୍ର କମିଟିର ସଦସ୍ୟ ଅଳକା ବେହେରା, ସନ୍ଧ୍ୟାରାଣୀ ବେହେରା, ତନି ବେହେରା, ଅଭିଭାବକ ମନୋଜ ବେହେରା, ଦୁଃଖୀଶ୍ୟାମ ବେହେରାଙ୍କ ସମେତ, ଯୁବକ, ସ୍ୱେଚ୍ଛାସେବୀ ଗ୍ରାମବାସୀ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

ବୁଗୁଡ଼ା, (ସବ୍ୟୁ): ପବିତ୍ର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର, ପିପୁଲ୍ସ ହାଇସ୍କୁଲ, ବାଲିପଦର କଲେଜ, ଶ୍ରୀ ବଳଦେବଜୀୟୁ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ପିପୁଲ୍ସ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା ବାଗଦେବୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ କେତେକ ବିଦ୍ୟାଳୟରେ ନୂତନ ଶିଶୁଙ୍କ ବିଦ୍ୟାରମ୍ଭ ହୋଇଥିଲା ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ବିଗ୍ରହ ପ୍ରତିଷ୍ଠା

ରମ୍ଭା, (ସବ୍ୟୁ): ବୁଧବାର ଦିନ ଆନନ୍ଦ ଉଲ୍ଲାସ ସହ ଆଧ୍ୟାତ୍ମିକ ପରିବେଶ ମାଧର ଦୀର୍ଘ ଦିନର ପ୍ରତୀକ୍ଷାକୁ ଅନ୍ତ ଘଟାଇ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମୁଖ୍ୟ ଫାଟକ ପାର୍ଶ୍ୱରେ ସରସ୍ୱତୀ ବିଗ୍ରହ ପ୍ରତିଷ୍ଠା ଆତ୍ମଦର୍ଶୀ କ୍ରିୟା ଯୋଗୀ ମହାମଣ୍ଡଳେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ଗିରୀ ମହାରାଜାଙ୍କ କରକମଳରେ ବିଗ୍ରହ ପ୍ରତିଷ୍ଠାର ଶୁଭାରମ୍ଭ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରଣ ସୂଚିତ ପ୍ରକାରେ ଅନୁଷ୍ଠିତ ହେବାସହ ସ୍ୱାମୀ ଶଙ୍କରା ନନ୍ଦ ଗିରୀ ମହାରାଜ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ/ ସନ୍ଥ ମାନଙ୍କୁ ସ୍ୱାଗତ କରାଯାଇ ସ୍ଥାନୀୟ ଗାୟତ୍ରୀ ମନ୍ଦିର ଠାରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଗ୍ରହର ସ୍ଥାପନା ପର୍ଯ୍ୟନ୍ତ ଘଣ୍ଟ, କାହାଳି, ମୃଦଙ୍ଗ, ଢୋଲ ଓ ହରିବୋଲ ହୁଳହୁଳି ମଧ୍ୟରେ ସହର ଦେଇ ପାଛୋଟି ନିଆଯାଇଥିଲା। କର୍ତ୍ତା ରୂପେ ଅମୁଲ୍ୟ କୁମାର ସେନାପତି ଅବସରପ୍ରାପ୍ତ ଇଂଜିନିୟର ଓ ସହ ଧର୍ମଣୀ ପଦ୍ମାବତୀ ସେନାପତି ରହିଥିବା ବେଳେ ପୁରୋହିତ ହୃଷିକେଶ ପଣ୍ଡା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ ଦେଇଥିଲେ ସମାଜସେବୀ ମହିନ୍ଦ୍ର କୁମାର ସେନାପତି । ଶେଷରେ ଶିକ୍ଷାନୁଷ୍ଠାନର ସଭାଗୃହ ପରିସରରେ ସଭାପତି ଏମ. ନରସିଂହ ସୁବୁଦ୍ଧିଙ୍କ ପୌରୋହିତ୍ୟରେ, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ମୂର୍ତ୍ତି ପ୍ରଦାନକାରୀ ବଦାନ୍ୟ ବ୍ୟକ୍ତି ଢେଙ୍କାନାଳ ଜିଲ୍ଲା ଧୀର ପାଟଣା ନିବାସୀ ସୁନୀଲ କୁମାର ସାହୁ, ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ, ସହିତ ସାଧୁ ସନ୍ଥ ଉପସ୍ଥିତ ରହି ଗ୍ରାମବାସୀ, ଅଭିଭାବକ/ ଅଭିଭାବିକା ତଥା ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ଅଭିଭାଷଣ ମାଧ୍ୟମରେ ସ୍ୱାମୀ ଶଙ୍କରାଚାର୍ଯ୍ୟ ଗିରୀ ମହାରାଜ ଦେଶରେ ଏକମାତ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଂସ୍କାର, ସଂଳାପ, ଦିଗଦର୍ଶନ ଏପରିକି ବୈଦେଶିକ ଶିକ୍ଷା କେନ୍ଦ୍ର ସମକ୍ଷତା କରିପାରିବେ ନାହିଁ ବୋଲି ଜଣାଇଥିଲେ । ତତ ସହିତ କହିଲେ ସରିବନି ଇଂରାଜୀ ମିଡିୟମ ଓ ସରକାରଙ୍କ ଓଡ଼ିଆ ସ୍କୁଲ କାମ ଦେବ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସାମୁହିକ କାର୍ଯ୍ୟକ୍ରମକୁ ଶ୍ରୀନିବାସ ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ଗୁରୁଜୀ ଗୁରୁମା ଙ୍କ ସହିତ ରାମପ୍ରସାଦ ସେନାପତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

ଭଞ୍ଜ ଜୟନ୍ତୀ, ସାହିତ୍ୟ ଆଲୋଚନାଚକ୍ର

ବୁଗୁଡ଼ା, (ସବ୍ୟୁ): କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଂସଦ ପକ୍ଷରୁ ଖୋଳଖାଳି ଗ୍ରାମସ୍ଥ ସ୍ୱକାର୍ଯ୍ୟାଳୟ ପରିସରରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ କାମରାଜୁ ସାହାଣୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସାହିତ୍ୟିକ ଅନନ୍ତ କର ଉଦଘାଟନ କରିଥିବା ବେଳେ ଏଥିରେ ଅଧ୍ୟାପକ ଲୋକନାଥ ମହାନ୍ତି , ଡଃ. ଗୁରୁମୂର୍ତ୍ତି ନାୟକ , ଡଃ. ବ୍ରଜ କିଶୋର ପାଢ଼ୀ, ଅଶୋକ କୁମାର ସ୍ୱାଇଁ, ଶିକ୍ଷାବିତ୍ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ସମ୍ପର୍କରେ ସାରଗର୍ଭକ ଆଲୋଚନା କରିଥିଲେ । ଏଥି ସହ ସଙ୍ଗୀତ ବିଶାରଦ ସୁରେନ୍ଦ୍ର ନାଥ ଦାସ, କାଳୁ ଚରଣ ଘଡେଇ, ବିପ୍ର ଚରଣ ସ୍ୱାଇଁ ପ୍ରମୁଖ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲା ବେଳେ ମଧୁ ମଙ୍ଗଳ ମହାରଣା ଓ ଧୋବା ଗୌଡ ବାଦ୍ୟଯନ୍ତ୍ର ଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପ୍ରଧାନ, ଗନ୍ଧର୍ବ ଗୌଡ, ମହେଶ୍ୱର ସ୍ୱାଇଁ, ଭଗବାନ ଗୌଡ଼, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ବାଲିଗୁଡାରେ ସରସ୍ୱତୀ ପୂଜା ପାଳିତ

ବାଲିଗୁଡା, (ସବ୍ୟୁ) : କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ବିଦ୍ୟାଦାତ୍ରୀ ଶ୍ରୀ ଶ୍ରୀ ଶ୍ରୀ ମା'ସରସ୍ୱତୀ ଦେବୀଙ୍କ ପୂଜାତ୍ସୋବ ଯଥା ରୀତିନୀତି ଅନୁସାରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଟାଉନର ସମସ୍ତ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ଗୁଡିକରେ ପୂଜାର୍ଚ୍ଚନା, ପୁଷ୍ପାଞ୍ଜଳି ଓ ପ୍ରସାଦ ସେବନ ସହ ନୂତନ ଛାତ୍ରଛାତ୍ରୀମାନଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଟାଉନର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାଟଖଣ୍ଡା ପବ୍ଲିକ ସ୍କୁଲ, ବନାସୀ ସେବା ସମିତି, ବଡ଼ଗାଁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସିନ୍ଧ୍ରିଗାଁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପୂଜା ଓ ସାଜସଜ୍ଜା ତଥା ଆଲୋକ ତୋରଣ ମନଲୋଭା ସହ ଆକର୍ଷଣୀୟ ହୋଇ ପାରିଥିଲା । ସନ୍ଧ୍ୟାରେ ସମସ୍ତ ପୂଜା ମଣ୍ଡପରେ ଭକ୍ତ ଓ ଛାତ୍ରଛାତ୍ରୀମାନଙ୍କ ଗହଳି ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥିଲା ।

ଲକ୍ଷ୍ମୀ କମ୍ପାନୀ ନାମରେ ଏତଲା ଦେଲା ସମଲ ବ୍ୟାରେଜ୍

ସମଲ,(ସବ୍ୟୁ): ସମଲ ବ୍ୟାରେଜ ବାମପାର୍ଶ୍ୱ କେନାଲରେ ବେଆଇନ ଖନନ ଓ ପାଇପ୍ ବିଛା କାର୍ଯ୍ୟକୁ ବନ୍ଦ କରିଥିଲେ ସମଲ ବ୍ୟାରେଜ୍ କର୍ତ୍ତୃପକ୍ଷ । ନିର୍ମିତ କେନାଲର ନିର୍ଦ୍ଧିଷ୍ଟ ଦୂରତାରେ ପାଇପ୍ ବିଛେଇବାକୁ କଡା ନିର୍ଦ୍ଦେଶ ସତ୍ତ୍ୱେ ଲକ୍ଷ୍ମୀ ସିଭିଲ ଇଞ୍ଜିନିୟର ଘରୋଇ ସଂସ୍ଥା କୌଣସି ଅନୁମତି ନନେଇ ଜବରଦସ୍ତ ଦିନରାତି କାର୍ଯ୍ୟ କରାଇବା ଦେଖା ଯାଇଥିଲା । କେନାଲ ଦୀର୍ଘ ମିଆଦୀ ସ୍ଥାୟୀତ୍ୱ ଓ ସ୍ଥାନୀୟ ଚାଷୀଙ୍କ ସ୍ୱାର୍ଥକୁ ଆଖିରେ ରଖି ବିରୋଧ ଆରମ୍ଭ ହୋଇଥିଲା । ଏହାକୁ ବିରୋଧ କରି ପାଣିପଞ୍ଚାୟତ ସଦସ୍ୟ, ଗ୍ରାମବାସୀ, ଘରୋଇ ଜମି ମାଲିକ ବ୍ୟାରେଜ୍ ଅଧିକ୍ଷଣ ଯନ୍ତ୍ରୀ ସୁମନ କୁମାର ମହାନ୍ତିଙ୍କୁ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଶ୍ରୀ ମହାନ୍ତି ବାମପାର୍ଶ୍ୱ କେନାଲ ପରିଚାଳନା ଅଧିକାରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ବେହେରା, ନୀତିଶ ଅବିନାଶ ଭୋଇ, ଇନ୍ଦୁଭୂଷଣ ନାୟକ ଓ ପ୍ରସାଦ ପ୍ରଧାନଙ୍କୁ କାର୍ଯ୍ୟବନ୍ଦ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କାର୍ଯ୍ୟବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ସଂପୃକ୍ତ ଠିକାଦାର ଆଇନ୍ ଅମାନ୍ୟ କାର୍ଯ୍ୟ କରୁଥିଲା । ଅନ୍ୟୋପାୟ ନପାଇ ଶ୍ରୀ ଭୋଇ ଓ ଶ୍ରୀ ବେହେରା ସମଲ ଥାନାରେ ଲିଖିତ ଏତଲା ଦେଇଥିଲେ । ଏତଲା ଆଧାରରେ ସମଲ ଥାନାଧିକାରୀ ଦିଲୀପ ଲାକ୍ରା ସରଜମିନ୍ ତଦନ୍ତ ପରେ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଜନସାଧାରଣଙ୍କ ସ୍ୱାର୍ଥକୁ ଆଖିରେ ରଖି ସମଲ ବ୍ୟାରେଜ୍ କର୍ତ୍ତୃପକ୍ଷଙ୍କ ସହ ନୀତି ନିର୍ଦ୍ଧାରଣ ପରେ କାର୍ଯ୍ୟ କରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ବ୍ୟତିକ୍ରମ ହୁଏ ଆଇନ୍ ଅନୁଯାୟୀ ଦୃଢ଼ ପଦକ୍ଷେପ ଠିକାସଂସ୍ଥା ଉପରେ ନିଆଯିବ ବୋଲି ପୋଲିସ ଚେତାବନୀ ଦେଇଛି ।

ପ୍ରେମ କରି ପ୍ରତାରଣା ଯୁବକ କୋର୍ଟ ଚାଲାଣ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅଞ୍ଚଳର ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇ ପ୍ରତାରଣା ଅଭିଯୋଗରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ପୁରୁଣାଗଡ ଗ୍ରାମର ତ୍ରିଲୋଚନ ସାହୁ (୨୭) । ଯୁବତୀଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଯୁବକ ଜଣକ କିଛିବର୍ଷ ହେବ ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇ ଭଲପାଇବା ସହିତ ଶାରୀରିକ ସମ୍ପର୍କ ରଖିଥିଲା । ମାତ୍ର ପରେ ପ୍ରତାରଣା କରି ଯୁବକ ଅନ୍ୟତ୍ର ବିବାହ ଠିକ କରିଥିଲେ । ଖବର ପାଇ ଯୁବତୀ ଜଣକ ପୁଅକୁ ବାହାଘର ହେବାପାଇଁ ଜିଦ ଧରିଥିଲେ । ମାତ୍ର ବିବାହ ହୋଇନପରିବାରୁ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଥିଲା ।

ଆରଡ଼ି ପୀଠରେ ଜାଗର ମହୋତ୍ସବ ପାଇଁ ପ୍ରଶାସନିକ ବୈଠକ

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ଆରଡ଼ି ପୀଠରେ ବିଜେ ବାବା ଆଖଣ୍ଡଳମଣି ମନ୍ଦିରରେ ଆଗାମୀ ଜାଗର ଯାତ୍ରା ଉତ୍ସବ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଡୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଆଖଣ୍ଡଳ ମଣି ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜାଗର ଯାତ୍ରା ଅବସରରେ ବାବାମଣିଙ୍କ ପୂଜା, ନୀତି, କାନ୍ତି, ମହାସ୍ନାନ, ମହାଦୀପ ଉଠିବା, ସୁନାବେଶ ଆଦି କାର୍ଯ୍ୟସୂଚୀର ସମୟ ନିର୍ଘଣ୍ଟ ସମ୍ବନ୍ଧରେ ମନ୍ଦିର ସେବାୟତ ବିଜୟ କୁମାର ଦାସ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ମାର୍ଚ୍ଚ ୮ ତାରିଖରେ ପଡୁଥିବା ଜାଗରଯାତ୍ରା ପାଳନ ଉପଲକ୍ଷେ ବିଭିନ୍ନ ଦିଗରେ ଆବଶ୍ୟକତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବାର ସହିତ ଆଶୁ ପଦକ୍ଷପ ନେବାପାଇଁ ବୈଠକର ଉପସ୍ଥିତ ବିଭିନ୍ନ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସଫେଇ, ଟ୍ରାଫିକ୍ ନିୟନ୍ତ୍ରଣ, ଗହଳି ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହାନ ପାର୍କିଂ, ପାନୀୟଜଳ ଯୋଗାଣ, ଶୌଚାଳୟ, ନଦୀ ଘାଟରେ ଡଙ୍ଗା ପରିଚାଳନା, ନିୟନ୍ତ୍ରଣକକ୍ଷ ପରିଚାଳନା, ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସେବା ପ୍ରଦାନ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଅଗ୍ନିସମ ବ୍ୟବସ୍ଥା ଏବଂ ନଦୀ ଘାଟରେ ଉଦ୍ଧାର ଦଳ ମୃତୟନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଅବକାରୀ ଧଡ଼ପଗଡ଼, ଅବରୋଧ ଉଚ୍ଛେଦ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସେବାୟତ ବାବାଜୀ ଶଙ୍କର ପାଢ଼ୀ ଗଦାଧର ପାଢ଼ୀ, ପ୍ରମୁଖ ଆଲୋଚନା ଅବସରରେ ମତାମତ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଚାନ୍ଦବାଲି ବି.ଡ଼.ଓ. ଅସିତ୍ ମହାନ୍ତି, ତହସିଲଦାର ଅଶୋନି କର ସ୍ୱାଇଁ, ଡି.ଏସ୍.ପି.ଡି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ, ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ, ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ର, ମନ୍ଦିର ନିର୍ବାହୀ ଅଧିକାରୀ ବିଦ୍ୟାଧର ପଲେଇ ପ୍ରମୁଖଙ୍କ ସହ ସେବାୟତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଏହି ବୈଠକରେ ଯୋଗ ଦେଇଥିଲେ।

କଳମଛୁଇଁ ଶିଶୁମନ୍ଦିରରେ ମା' ସରସ୍ୱତୀଙ୍କ ପୂଜା

ସାଉଥବଲଣ୍ଡା,(ସବ୍ୟୁ): ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମା' ସରସ୍ୱତୀଙ୍କ ପୂଜା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର, ଛାତ୍ରୀ ଓ ଗୁରଜୀ, ଗୁରମା ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ବିଦ୍ୟାଦାତ୍ରୀଙ୍କର ପୂଜାର୍ଚ୍ଚନା କରିଥିଲେ । ମଳୟ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କର୍ତ୍ତା ଭାବରେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଦାୟିତ୍ୱ ନିର୍ବାହ କରିଥିଲେ । ଏହାପରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଗୁରୁଜୀ, ଗୁରୁମାମାନେ ପୁଷ୍ପାଞ୍ଜଳୀ ଦେଇଥିଲେ । ଏହି ଅବସରରେ କୋଡିଏରୁ ଉର୍ଦ୍ଧ୍ୱ କୁନି ପିଲାଙ୍କର ଖଡିଛୁଆଁ ଉତ୍ସବ ସଂପନ୍ନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ, ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଓ କୋଷାଧ୍ୟକ୍ଷ ପଂଚାନନ ବେହେରା, ବିଦ୍ୟାଳୟ ବିଦ୍ୱତ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସଂପାଦକ ହାଡିବନ୍ଧୁ ପ୍ରଧାନ, ସମାଜସେବୀ ଗଗନ ବିହାରୀ ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ ।

ରେମୁଣାରେ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କର୍ମଶାଳା

ବାଲେଶ୍ୱର, (ସବ୍ୟୁ) : ରୟାଲ କୁଇନ୍ କଲ୍ୟାଣ ମଣ୍ଡପରେ ରେମୁଣା ନିର୍ବାଚନ ମଣ୍ଡଳୀସ୍ତରୀୟ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶକ୍ତି ବନ୍ଦନ ରାଜ୍ୟ ସହସଂଯୋଜିକା ଶ୍ରୀମନ୍ତିନୀ ଜେନା, କାର୍ଯ୍ୟକ୍ରମର ରାଜ୍ୟ ସଂଚାଳକ କମିଟି ସଦସ୍ୟ ଶୋଭନା ମହାନ୍ତି,ବାଲେଶ୍ୱର ଜିଲ୍ଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରି, ରେମୁଣା ସଂଯୋଜକ ପର୍ଶୁରାମ ପରିଡ଼ା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସମେତ କମଳା ବିନ୍ଧାଣୀ, ମିନତୀ ସାହୁ, ଚନ୍ଦ୍ରକାନ୍ତି ବେହେରା,ବାସନ୍ତୀ ବେହେରା, ମୀନାକ୍ଷୀ ମହାପାତ୍ର, ସରିତା ଗିରି, ସୁଷମା ବିଶ୍ୱାଳ, ମମତା ମହାପାତ୍ର, ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ଗିରିଧାରୀ ଦାସ, କୃଷ୍ଣଚନ୍ଦ୍ର ସାହା, ବିଭୂତି ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ଏନ୍ଏସି ୱାର୍ଡମାନଙ୍କରୁ ଏମ୍‌ବିକେ, ସିଆର୍‌ପି, ଭିଆର୍‌ପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପାଣି ମିତ୍ର ଇତ୍ୟାଦିରୁ ୫ଶହରୁ ଉର୍ଦ୍ଧ୍ୱ ମହିଳା ଗୋଷ୍ଠୀଙ୍କୁ ତାଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନାରାୟଣ ମହାନ୍ତ, ନୀତୁନ କୁମାର ସାହା, ଅମର କୁମାର ରଣା, ସୁକୁମାର ଦେ, ଅଜୟ କୁମାର ଦେ ପ୍ରମୁଖ ପରିଚାଳନା କରିଥିଲେ ।

ଏନ୍‌ଟିପିସି ଥର୍ମାଲ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ତାଳଚେର,(ସବ୍ୟୁ): ଏନଟିପିସି ପରିଚାଳନା ଧୀନ ତାଳଚେର ଥର୍ମାଲ ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଛି । ବନ୍ତୁଲ ପଞ୍ଚାୟତର କୁକୁଡୁଲା ଦୋଳମଣ୍ଡପ ପଡିଆ ଠାରେ ଏହି ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା ବେଳେ ଏହାକୁ ଏନଟିପିସି ଥର୍ମାଲ ଜିଏମ ଓ ଆଣ୍ଡ ଏମ କୌଶିକ ମଣ୍ଡକ ଉଦ୍‌ଘାଟନ କରିଥିଲେ ଏବଂ ଅତିଥି ଭାବେ ସରପଞ୍ଚ ଜୟନ୍ତୀ ଲତା ପ୍ରଧାନ ,ସମିତି ସଭ୍ୟ ଅମ୍ରିତା ପାଣି ପ୍ରମୁଖ ଯୋଗଦେଇ ଏନଟିପିସି ଥର୍ମାଲ ପକ୍ଷରୁ ପଂଚାୟତ ବାସୀଙ୍କୁ ଏହି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିବାରୁ ପ୍ରଶଂଶା କରିଥିଲେ ଏବଂ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଏମଓ ,ଭାରତୀ ସିଙ୍ଗ ,ଏଜିଏମ ମାନବ ସମ୍ବଳ ରୋହିତ କୁମାର, ଡ଼ିଜିଏମଆର ଆଣ୍ଡ ଆର ସାକେତ ଜି ଯୋଗ ଦେଇଥିବା ବେଳେ ଆଶାଲୋକ ଚିକିତ୍ସାଳୟର ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମାଜସେବୀ ସୁଧୀର ରଞ୍ଜନ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ପଂଚାୟତର ଜନସାଧାରଣ ଏହାର ସୁଯୋଗ ନେଇଥିଲେ ।

ବଇଣ୍ଡାର ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା



ବଇଣ୍ଡା, (ସବ୍ୟୁ): ବଇଣ୍ଡାର ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ରମାଦେଓ ଉଚ୍ଚ ବିଦ୍ୟାଳୟ, ଜନତା ମହାବିଦ୍ୟାଳୟ, ନାଇସ କମ୍ପୁଟର ସେଣ୍ଟର, କଦଳିମୁଣ୍ଡା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଛୋଟ ପିଲାମାନଙ୍କର ଇଣ୍ଟେଲିଜେଣ୍ଟ କବସ ସ୍କୁଲ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ସରସ୍ୱତୀ ପୂଜା ହୋଇଯାଇଛି ।

ମୁକ୍ତା ଯୋଜନା ଦକ୍ଷତା ବିକାଶ ତାଲିମ୍ ଶିବିର ଉଦ୍‌ଯାପିତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ପୌରପରିଷଦ ସଭା ଗୃହରେ ଓଡିଶା ସରକାର ସହରାଞ୍ଚଳ ମୁକ୍ତା ଯୋଜନାରେ ଦକ୍ଷତା ବିକାଶ ତାଲିମ୍ ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁକ୍ତା ଯୋଜନାର ନୋଡାଲ୍ ଏଜେନ୍ସୀ ଭାବରେ ଅନୁମୋଦିତ ତୃଣମୂଳ ସ୍ତରରେ ସଫଳ କାର୍ଯ୍ୟକାରିତା ନିମନ୍ତେ ମିଶନଶକ୍ତି ଗୋଷ୍ଠୀ ସମୂହ ସହ ତାଲିମ୍ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସହରାଂଚଳ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଶାରଦା ପ୍ରସାଦ ପଣ୍ଡା ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ମିଶନଶକ୍ତି ମହିଳାମାନଙ୍କୁ ବିଭିନ୍ନ ଯୋଜନା ସଂପର୍କରେ କହିଥିଲେ । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ସହରାଂଚଳର ସମସ୍ତ ମିଶନଶକ୍ତିମାନଙ୍କୁ ନେଇ ଆୟୋଜିତ ଶିବିରରେ ୨୩ଟି ୱାର୍ଡର ୭୦୦ଜଣ ମିଶନଶକ୍ତି ମା' ମାନେ ତାଲିମ୍ ପାଇଛନ୍ତି । ଉକ୍ତ ତାଲିମ୍ ଶିବିର ଜାନୁଆରୀ ୩୧ ତାରିଖରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ ।

ବାଲି ବୋଝେଇ ଟ୍ରକ୍ ଜବତ, ମାଲିକ ଓ ଚାଳକ କୋର୍ଟ ଚାଲାଣ

କଣିହାଁ,(ସବ୍ୟୁ): ଏନ୍‌ଟିପିସି ଟାଉନ୍ ପୁଲିସ ଏକ ଚୋରା ବାଲି ବୋଝେଇ ଟ୍ରକ ଜବତ କରିବା ସହ ଏଥିରେ ସଂପୃକ୍ତ ଗାଡ଼ିର ମାଲିକ ଓ ଚାଳକ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଗାଡ଼ି ମାଲିକ ପ୍ରେମାନନ୍ଦ ପ୍ରଧାନ ଓ ଚାଳକ ସୁମନ ସାହୁ । ମଙ୍ଗଳବାର ରାତି ପୁଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଚୋରା ବାଲି ବୋଝେଇ ହାଇବା ଟ୍ରକ ଜବତ କରିଥିଲେ ।

ପୁରସ୍କୃତ ପ୍ରଜ୍ଞାପନ ମେଢ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

ସୋର, (ସବ୍ୟୁ): ସୋର ଭାରତୀୟ ଜନତାପାର୍ଟି ତରଫରୁ ହୋଟେଲ ରୟାଲ ସଭାଗୃହରେ ଅନୁଷ୍ଠିତ ଏକ ସଭାରେ ଗତ ସାଧାରଣତନ୍ତ୍ର ଦିବସ ଦିନ ଦିଲ୍ଲୀରେ ପ୍ରଦର୍ଶିତ ପ୍ରଥମ ପୁରସ୍କାର ଲାଭ କରିଥିବା ପ୍ରଜ୍ଞାପନ ମେଢର ମୁଖ୍ୟ ବିନ୍ଧାଣୀ ତଥା ଲଳୀତକଳା ଏକାଡେମୀର ପୂର୍ବତନ ସଚିବ ଶିଳ୍ପୀଗୁରୁ ଗଜେନ୍ଦ୍ର ସାହୁ ଏବଂ ତାଙ୍କ ସାଥୀମାନଙ୍କୁ ଫୁଲତୋଡ଼ା, ମାନପତ୍ର ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଭାଜପା ନେତା ରାକେଶ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଭାଜପା ସମ୍ପାଦକ ଅଭିମନ୍ୟୁ ସେଠୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧକ୍ଷା ସସ୍ମିତା ଦାସ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ଜେନା, କେନ୍ଦ୍ର ପରିଷଦ ସଭ୍ୟ ଆଶିଷ ଦାସ, ବରିଷ୍ଠ ନେତା ରବିନ୍ଦ୍ର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଜ୍ଞାପନ ମେଢରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିବା ଗୋପାଳପୁର କଳା ବିକାଶ କେନ୍ଦ୍ରର ଅଧ୍ୟକ୍ଷା ସରିତା ଶିଅଳଙ୍କ ସହିତ ଅନ୍ୟ ୧୫ଜଣ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାଜସେବା କରି ନୂଆଦିଲ୍ଲୀ ଠାରେ ଦେଶରତ୍ନ ପୁରସ୍କାରରେ ସମ୍ମାନୀତ ହୋଇଥିବା ସୋର ରଘୁନାଥପୁରର ଦିବ୍ୟାଙ୍ଗ ସମାଜସେବୀ ଜୟନ୍ତ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାକୁ ମଣ୍ଡଳ ସଭାପତି ସନ୍ତୋଷ ସାହୁ, ସିଦ୍ଧାର୍ଥ ବେହେରା, ନଳିନୀକାନ୍ତ ମହାପାତ୍ର, ଖଗେନ୍ଦ୍ର ପ୍ରଧାନ, ପ୍ରଭାକର ନାୟକ, ଗଣେଷ ଦାସ, ଭଜହରି ପୃଷ୍ଟି, ସଂଗ୍ରାମ କେଶରୀ ମହାପାତ୍ର, ପାର୍ବତୀ ତରେଇ, ସରୋଜିନୀ ବେହେରା, ଶଶୀକାନ୍ତ ମିଶ୍ର, ସଂଜୀବ ରାଉଳ, ଶରତ ନାୟକ, ପ୍ରକାଶ ମାଝୀ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସୋର ମିଡ଼ିଆ ସଂଯୋଜକ ଶ୍ରୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ଠାକୁରଗଡ଼ ,(ସବ୍ୟୁ): ପିଲାମାନେ କିଭଳି ବଡ ମଣିଷ ହେବେ ସେ ନେଇ ମା' ମାନେ ଅଧିକ ଯତ୍ନବାନ ହେବା ଆବଶ୍ୟକ । ଶିଶୁ ଟିଏ କଥା କହିବା ପୂର୍ବରୁ ପ୍ରଥମେ ମା' ନାମ ଉଚାରଣ କରିଥାଏ । ତେଣୁ ଶିଶୁ ଙ୍କୁ ମା' ମାନେ ଭଲ ବ୍ୟବହାର ଶିକ୍ଷାଇବା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ବୁଧବାର ଦିନ କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିରରେ ଅନୁଷ୍ଠିତ ମାତୃ ସମ୍ମିଳନିରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟ ଆଚାର୍ଯ । ସୁମତି ରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ସଂକୁଳ ପ୍ରମୁଖ ସଚିତା ନନ୍ଦ ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟ ସହ ପ୍ରଧାନ ଆଚାର୍ଯା ଜ୍ୟୋସ୍ନାମୟୀ ପ୍ରଧାନ, ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ସଭାପତି ଶରତ ଚନ୍ଦ୍ର ସାହୁ , ଉପ ସଭାପତି ଚୈତନ୍ୟ ବେହେରା ଯୋଗ ଦେଇଥିଲେ । ଏଥିରେ ୫୦ ଜଣ ମା ଯୋଗ ଦେଇଥିଲେ । ଏହି କାର୍ଯକ୍ରମକୁ ଅର୍ଣ୍ଣପୂର୍ଣ୍ଣା ରାଉତ ପରିଚାଳନା କରିଥିଲେ ।

ମହିଳା ଭାଙ୍ଗିଲେ ମଦ ଦୋକାନ

ଆଗରପଡ଼ା,(ସବ୍ୟୁ) :ଭଗାରାମ ଠାରେ ଚୋରାମଦ ବିକ୍ରୀ ହେଉଥିବା ଘରକୁ ଯାଇ ସେଠାରେ ଥିବା ଚୋରା ଦେଶୀ ଓ ବିଦେଶୀ ମଦକୁ ନଷ୍ଟ କରିଥିବାର ଜଣାପଡ଼ିଛି। ବୁଧବାର ସରସ୍ୱତୀ ପୂଜା ଥିବାରୁ ଲୋକେ ମଦପିଇ ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଫଳରେ ମହିଳାମାନେ ଉତକ୍ଷିପ୍ତ ହୋଇ ଏହିପରି ପଦକ୍ଷେପ ନେଲେ ବୋଲି କୁହାଯାଉଛି ।

ସରକାରଙ୍କ ବିକାଶ ମୂଳକ କାର୍ଯ୍ୟର ସଚେତନ ଶିବିର

ଦୋବଲ,(ସବ୍ୟୁ): ଆମ ଓଡ଼ିଶା ନବୀନ ଓଡ଼ିଶା ୫-ଟି ମୋ ସରକାର ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଚେତନତା ଶିବିର ପଂଚାୟତ ମାଧ୍ୟମରେ ଅନୁଷ୍ଠିତ ହେଉଅଛି । ଏହି ପରିପ୍ରେକ୍ଷୀରେ ଦଳାଙ୍ଗ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଚ୍ୟୁତା ନନ୍ଦ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ବିଜେଡି ଯୁବ ନେତୃତ୍ୱ କିଶାନ ରାଉତ ସଂଚାଳନ କରିଥିଲେ । ଏଥିରେ ସରପଂଚ ରଣଜିତ୍ ଜେନା,ସମିତି ସଭ୍ୟ ସୁରେଶ ଚନ୍ଦ୍ର ସେଠୀ,ପୂର୍ବତନ ସମିତି ସଭ୍ୟ ବିରଜା ପ୍ରସନ୍ନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଅର୍ଜୁନପୁର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭବ୍ୟ ସଚେତନତା ଶିବିରକୁ ବ୍ଲକ ବିଜେଡ଼ି ସଭାପତି ଉମେଶ ଚନ୍ଦ୍ର ମହାନ୍ତି ସଂଚାଳନ କରିଥିଲେ। କାର୍ଯ୍ୟକ୍ରମରେ ସରପଂଚ ସରିତା ମହାନ୍ତି,ସମିତି ସଭ୍ୟ ବିଦ୍ୟାଧର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିବାବେଳେ ପଧାନୀ ପଂଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଯୁବନେତା ଲଲାଟ ପୁହାଣ ସଂଚାଳନ କରିଥିଲେ । ସମିତି ସଭ୍ୟା କଣ୍ଢେଇ ରାଉତ ଯୋଗଦେଇ ଥିଲେ । ଏହି ତିନୋଟି ଶିବିରକୁ ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଯୋଗଦେଇ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ଭଦ୍ରକ ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ,ବରେଣ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ସାରଦା ପ୍ରସନ୍ନ ସାହୁ ଓ ଉର୍ମିଳା ବିଶ୍ୱାଳ,ବ୍ଲକ ଯୁବ ବିଜେଡ଼ି ସଭାପତି ଭାରତ ବିଜୟ ଦଳାଇ,ଛାତ୍ର ସଭାପତି ପ୍ରକାଶ ବେହେରା,ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ସହୁ ପ୍ରମୁଖ ଯୋଗଦେଇ ଥିଲେ। ବରିଷ୍ଠ ବିଜେଡି ନେତା ପ୍ରତାପ ସାମଲ,ରଘୁନାଥ କର,ମାନସ ବାରିକ,ରାମଚନ୍ଦ୍ର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ,ମିଶନ ଶକ୍ତି,ଅଙ୍ଗନୱାଡ଼ି ଓ ଆଶା କର୍ମୀ,ସ୍ୱାସ୍ଥ୍ୟ କର୍ମୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଏବଂ ଗଣମାଧ୍ୟମ ପ୍ରତିନିଧି ଭାବେ ଶିବିରରେ ଉପସ୍ଥିତ ଥିବା ସାମ୍ବାଦିକ ସୁଧାକର ଦାଶ,ସେକ ଜାଫର ଅଲ୍ଲୀ ଓ ସରୋଜ ସେଠୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା।

ବାସନ୍ତୀ ଦୁର୍ଗା ନର୍ସିଂହୋମ ପୁରସ୍କୃତ

ସୋର, (ସବ୍ୟୁ) :ସୋର ଉତ୍ତରେଶ୍ୱର ସ୍ଥିତ ବାସନ୍ତୀ ଦୁର୍ଗା ନର୍ସିଂହୋମ ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଥିବାରୁ ତାଙ୍କ ଆଜି ୫-ଟି କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟମନ୍ତ୍ରୀ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେସନ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ନର୍ସିଂହୋମର ନିର୍ଦ୍ଦେଶକ ଶ୍ରୀକାନ୍ତ ମହାପାତ୍ରଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଏହି ନର୍ସିଂହୋମ ଏବଂ ଏହାର ଶାଖା ବାଲେଶ୍ୱର ଆଇଆଇଟିଛକସ୍ଥିତ ଜୟଶ୍ରୀ ହେଲ୍‌ଥକେୟାର ଆଣ୍ଡ ରିସୋର୍ଚ୍ଚ ସେଣ୍ଟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ ମାଧ୍ୟମରେ ଗରିବ ଲୋକମାନଙ୍କୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସିଥିବାରୁ ଜିଲ୍ଲାର ଏକମାତ୍ର ଘରୋଇ ନର୍ସିଂହୋମ ଭାବେ ଏହି ପୁରସ୍କାର ଲାଭକରିଛି। ଏହି ଅବସରରେ ଶ୍ରୀ ମହାପାତ୍ରଙ୍କ ଧର୍ମ ପତ୍ନୀ ଜୟଶ୍ରୀ ମହାପାତ୍ର ଏବଂ ପୁତ୍ର ଅମିତାଭ ମହାପାତ୍ର ଉପସ୍ଥିତ ଥିଲେ।

ନାବାଳିକାକୁ ଅସଦାଚରଣ ଉଦ୍ୟମ: ଜଣେ ଗିରଫ

ଭଦ୍ରକ,(ସବ୍ୟୁ): ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ଭଦ୍ରକ ଟାଉନ ପୋଲିସ ପ୍ରମୋଦ ଦାସ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ସୂଚନା ମୁତାବକ ନାବାଳିକା ଜଣକ ମଙ୍ଗଳବାର ସନ୍ଧ୍ୟା ୯ଟା ସମୟରେ ନୂଆବଜାର ବସ୍‌ଷ୍ଟାଣ୍ଡ ନିକଟରେ ଏକ ମୋବାଇଲ ଦୋକାନରୁ ମୋବାଇଲ ଡିଆରି କରି ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପଛପଟ ରାସ୍ତାରେ ଘରକୁ ଫେରୁଥିବା ବେଳେ ଉକ୍ତ ଯୁବକ ତାଙ୍କୁ ଅଟକାଇ ଅସଦାଚରଣ କରିଥିଲେ। ନାବାଳିକା ଜଣକ କୌଶଳକ୍ରମେ ଖସିଯାଇ ତାଙ୍କ ମା ଓ ଭାଇ କୁ ଘଟଣା ବିଷୟରେ ଜଣାଇଥିଲା। ସମ୍ପୃକ୍ତ ଯୁବକଙ୍କୁ ଘଟଣା ବିଷୟରେ ତାଙ୍କ ମା ଓ ଭାଇ ପଚାରିବାରୁ ସେ ଓଲଟି ଗାଳି ଦେବା ସହ ମୁଁ ବିଜେପି ଜିଲା ସଭାପତିଙ୍କ ମ୍ୟାନେଜର୍, ମୋର କେହି କିଛି କରିପାରିବେନି ବୋଲି ଧମକ ଦେଇଥିଲା ବୋଲି ନାବାଳିକାଙ୍କର ମା ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଁଚି ପ୍ରମୋଦକୁ ଥାନାକୁ ଆଣିଥିଲା। ଏନେଇ ମାମଲା (ନଂ ୯୧/୨୪) ରୁଜୁ ହୋଇଛି। ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି କହିଛନ୍ତି।

ରକ୍ତଦାନ ଶିବିର: ୧୪୧ ୟୁନିଟ ସଂଗୃହୀତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳର ଅଗ୍ରଣୀ ଯୁବ ଅନୁଷ୍ଠାନ ରାଇଜିଙ୍ଗ ଷ୍ଟାର୍ କ୍ଲବ୍ ପକ୍ଷରୁ ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ୍ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ପୁରୁଷ ଓ ମହିଳା ଉଭୟ ୧୪୧ ୟୁନିଟି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେଡି କୃଷକ ସଂଗଠନ ସଭାପତି ନରୋତମ ସାହୁ, ସମ୍ମାନିତ ଅତିଥି ଭାବେ ସହକାରୀ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଭୁତି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । କ୍ଲବ୍‌ର ଅଧ୍ୟକ୍ଷ ରଶ୍ମି ରଞ୍ଜନ ପାଢୀ, ସଭାପତି ସନାତନ ରାଉଳ, ସଂପାଦକ ଗୁରୁପଦ ବିଶ୍ୱାଳ, ଉପଦେଷ୍ଟା ନିରୋଦାନନ୍ଦ ନନ୍ଦ, ମନୋଜ କୁମାର ପୃଷ୍ଟି, ନରେନ୍ଦ୍ର ବେହେରା, ଦିବ୍ୟସିଂହ ରାଉଳ, ଗୋଲେଖନାଥ ବିଶ୍ୱାଳ, ପ୍ରତାପ ସେନାପତି, ପବିତ୍ର ସେନାପତି, ବିଶ୍ୱଜିତ୍ ମହାରଣା, ସନ୍ତୋଷ ବେହେରା, ରଞ୍ଜନ ରାଉଳ, ସାହିଲ୍ ଖାନ୍, ଜିତେନ୍ଦ୍ରୀୟ ପଣ୍ଡା ଓ ବାପୁ ଭାଇଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ ।

ଡ଼ଃ ବିଷ୍ଣୁ ପ୍ରସାଦ ଆନନ୍ଦପୁରର ଗୌରବ

କେନ୍ଦୁଝର, (ସ୍ୱପ୍ର): ଆନନ୍ଦପୁରର ଗୌରବ ଡ଼ଃ ବିଷ୍ଣୁ ପ୍ରସାଦ ଗୁରୁ କୋମଳ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଫେବୃଆରୀ ୧୦ ତାରିଖରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଉତ୍ସବରେ ଡ଼ଃ ବିଷ୍ଣୁ ପ୍ରସାଦ ଗୁରୁ ଜ୍ୟୋତିଷ ଶାସ୍ତ୍ର, ପାଶ୍ଚାତ୍ୟ ସଂସ୍କୃତିକୁ ହଜି ଯାଇଥିବା ସ୍ମୃତିକୁ ମନେ ପକାଇ ବର୍ତ୍ତମାନର କୋମଳ ମତି ପିଲାଙ୍କୁ କିଭଳି ଶିକ୍ଷା ପ୍ରଦାନ କରାଯିବ ଆଗାମୀ ଭବିଷ୍ୟତରେ ସେହି ପାଶ୍ଚାତ୍ୟ ସଂସ୍କୃତି, ଭାରତୀୟ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ସଂସ୍କୃତି ଉପରେ ଉପସ୍ଥିତ ଅତିଥିଙ୍କ ନିକଟରେ ନିଜର ମତ ରଖିଥିବା ବେଳେ କୋମଳ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବରେ କୋମଳ ଶିଶୁ କିପରି ଶିକ୍ଷା ଲାଭ କରି ନିଜର ଗନ୍ତବ୍ୟ ପଛରେ ପହଂଚି ପାରିବେ ଛୋଟ ଛୋଟ ଶିଶୁ ମାନଙ୍କୁ ପ୍ରେରଣା ଯୋଗାଇ ଥିଲେ । ଭୁବନେଶ୍ୱରର ମଧ୍ୟମ ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ଚାରି ନମ୍ୱର ମେୟର ସୁକୁମାର ସାହୁ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଝଝ ଆନନ୍ଦପୁର ମାଟିର ଡ଼ଃ ବିଷ୍ଣୁ ପ୍ରସାଦ ଗୁରୁଙ୍କୁ ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରେ ଅତିଥି ଭାବେ ଯୋଗ ଦେଇ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଶାସ୍ତ୍ର, ଜଗନ୍ନାଥଙ୍କ ସଂସ୍କୃତି ଉପରେ ଗବେଷଣା କରି ସନାତନ ଧର୍ମର ଜଣେ ପ୍ରବକ୍ତା ଭାବେ ବେଶ ପରିଚୟ ଲାଭ କରି କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ସଂମ୍ମାନ ବଢ଼ାଇ ଛନ୍ତି । ଏହି ସଂମ୍ମାନ ପାଇଁ ଆନନ୍ଦପୁର ବାସୀଙ୍କ ପକ୍ଷରୁ ବିଭିନ୍ନ ଶୁଭେଚ୍ଛା ଓ ପ୍ରଶଂସା ସାଉଁଟିଛନ୍ତି ।

ବଜରଙ୍ଗବାଲି ଯୁବ ପରିଷଦ ବାର୍ଷିକୋତ୍ସବ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକ ଗୋବିନ୍ଦପୁର ପଂଚାୟତସ୍ଥିତ ଇଚ୍ଛାପୁର ବଜରଙ୍ଗବାଲି ଯୁବ ପରିଷଦର ଏକାଦଶତମ ବାର୍ଷିକ ସାଂସ୍କୃତିକ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ମୁଖ୍ୟ ଅତିଥି ରୂପେ ଉତ୍ସବକୁ ଉଦଘାଟନ କରି ଯୁବଶକ୍ତି ରାଷ୍ଟ୍ରଶକ୍ତି ହୋଇଥିବାରୁ ଏମାନେ ସଂସ୍କୃତି ସଭ୍ୟତାର ସୁରକ୍ଷା ପାଇଁ ଆଗଭର ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଧାମନଗର ପ୍ରେସ କ୍ଲବର ସଭାପତି ସାମ୍ବାଦିକ ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସହିଦ ଭଗତ ସେନାର ଆବାହକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ବର୍ଷିଆନ୍ ଯାତ୍ରା କଳାକାର ରସରାଜ ମଣିଭଦ୍ର ବିଶ୍ୱାଳ, ଯୁବନେତା ଶ୍ରୀକାନ୍ତ କୁମାର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଯାଜପୁର ରୋଟାରୀ କ୍ଲବର ସଭାପତି ଶିକ୍ଷାବିତ ଗିରୀଶ ବିହାରୀ ମିଶ୍ର, ବିଶିଷ୍ଟ ହାସ୍ୟାଭିନେତା ମଣିଭଦ୍ର ବିଶ୍ୱାଳ, ଆନନ୍ଦ ବଜାର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ, ସାମ୍ବାଦିକ ପ୍ରତାପ ଆଦିଆ, ଶିକ୍ଷକ ଶରତ ଜେନା, ଯୁବ ସମାଜସେବୀ ମାଧବ ଚନ୍ଦ୍ର ମଲ୍ଲିକ ଏବଂ ଯୁବ ଉଦ୍ୟୋଗୀ ଇଂ.ସନ୍ତୋଷ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ତପନ କୁମାର ପ୍ରଧାନ ମଂଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବଳରାମ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଲିପନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବାର୍ଷିକ ଉତ୍ସବକୁ ଖଗେଶ୍ୱର ରାଉତ, ପ୍ରଭଞ୍ଜନ ପ୍ରଧାନ, ସରୋଜ ପ୍ରଧାନ,ବସନ୍ତ ପ୍ରଧାନ ,ରଙ୍ଗାଧର ରାଉତ, ବିକାଶ ପ୍ରଧାନ, ପ୍ରଶାନ୍ତ ଜେନା, ପ୍ରଦୀପ ରାଉତ, ସନାତନ ପ୍ରଧାନ ପ୍ରମୁଖ ବଜରଙ୍ଗବାଲି ଯୁବ ପରିଷଦର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଅନୁଗୋଳ,(ସବ୍ୟୁ): ମହିଧରପୁର ବଙ୍ଗରପାଳ ଅନ୍ତର୍ଗତ ତାଳମୂଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ଆଠ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦଯାପାନୀ ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ନିମାଇଁ ଚରଣ ସିଂହ । ଅନୁଗୋଳ ତାଇକୋଣ୍ଡୋ ସଂଘ ଅନୁଗୋଳର (ପ୍ରତିଷ୍ଠାତା) ସମ୍ପାଦକ ଓ ରଜ୍ୟ ସ୍କୋଏ ମାର୍ଶଲ ଆର୍ଟ ଉପସଭାପତି ଦୁଷ୍ୟନ୍ତ କୁମାର ନାଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଳିକାଙ୍କ ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟତା ଏବଂ ଏହା ବାଳିକାମାନଙ୍କୁ କିପରି ସୁରକ୍ଷିତ ରଖି ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ବିଶ୍ୱଜିତ କେଶରୀ ବିଶ୍ୱାଳ ଯୋଗଦେଇ ସମାଜରେ ନାରୀଙ୍କ ଭୂମିକା ଓ ସେମାନଙ୍କ ସୁରକ୍ଷା ଆବଶ୍ୟକତା ବିସୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଅଧ୍ୟାପକ ଦୁଷ୍ମନ୍ତ ସାହୁ ଓ ନିରୋଡ କୁମାର ସହୁ ଉପସ୍ଥିତି ରହି ନାରୀ ସୁରକ୍ଷା ପାଇଁ ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର ଓ ସଚେତନତା ଆବଶ୍ୟତା ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିବିରର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧାପିକା ତପସ୍ୱିନୀ ପାଣି । ବାଳିକା ମାନଙ୍କୁ ଆତ୍ମରକ୍ଷା ତାଲିମ୍ ପ୍ରଦାନ କରିଥଲେ ପ୍ରଶିକ୍ଷିକା ଇପ୍ସିତା ସାମଲ ଓ ଯଜ୍ଞାସେନି ପ୍ରଧାନ । ଧନ୍ୟବାଦ ଅର୍ପଣ କରିଥିଲେ କ୍ରିଡ଼ା ଅଧ୍ୟାପକ । ଶିବିର ପରିଚାଳନାରେ ସହଯୋଗ କରିଥିଲେ ଅନିତା ବେହେରା ଓ ଲକ୍ଷ୍ମୀପ୍ରିୟା ବେହେରା ।

ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ବାପ ସହ ଶିଶୁ ମୃତ, ସ୍ତ୍ରୀ ଗୁରୁତର

କେନ୍ଦୁଝର , (ସ୍ୱପ୍ର) : କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଧୀନ ୫୨୦ ନମ୍ବର ଜାତୀୟ ରାଜପଥର ରୋଇଡ଼ା ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ମାଡ଼ିଯିବାରୁ ଘଟଣାସ୍ଥଳରେ ବାଇକ୍ ଚାଳକ ଓ ତାଙ୍କ ୨ ବର୍ଷର ଶିଶୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁଛ ଏହି ଦୁର୍ଘଟଣାରେ ଚାଳକଙ୍କ ପତ୍ନୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିର କୌଣସି ପତ୍ତା ମିଳିପାରିନାହିଁ।ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଯୋଡ଼ା ପଟୁ ବଡ଼ବିଲ ଅଭିମୁଖେ ଏକ ବାଇକ(ଓଆର୦୯ଏମ–୫୧୧୨) ଯୋଗେ ସ୍ୱାମୀ, ସ୍ତ୍ରୀ ଓ ଛୁଆ ଆସୁଥିବା ସମୟରେ, ବଡ଼ବିଲ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ରୋଇଡ଼ା ଛକ ନିକଟରେ ଏକ ଅଜଣା ଗାଡ଼ି ବାଇକ ଉପରେ ମାଡ଼ି ଯାଇ ଫେରାର ହୋଇଯାଇଥିଲା।ଅଜଣା ଗାଡ଼ି ଧକ୍କାରେ ଘଟଣାସ୍ଥଳରେ ବାପ ଓ ଛୁଆର ମୃତ୍ୟୁ ହୋଇଥିବାବେଳେ ସ୍ତ୍ରୀ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ବଡ଼ବିଲ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିବାବେଳେ ଗୁରୁତର ଆହତଙ୍କୁ ବଡ଼ବିଲ ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଦୁର୍ଘଟଣାରେ ଚୁରମାର ହୋଇଯାଇଥିବା ବାଇକ୍ଟି, ଚମ୍ପୁଆ ଥାନା ଅନ୍ତର୍ଗତ ବଡଡୁମୁରିଆ, ବାଲିପୋଷି ଗ୍ରାମର ବୋଲି ଜଣାଯାଇଛି।

ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ସଶସ୍ତ୍ର ଡକାୟତି : ୨ ଆହତ

ଭଦ୍ରକ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଠାରୁ ମାତ୍ର ୫ଶହ ମିଟର ଦୂର ନେରଡା(ବେଣୀପୁର) ନର୍ସିଂସ୍କୁଲ ନିକଟରେ ଥିବା ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ନିଛାଟିଆ ଘରୁ ମଙ୍ଗଳବାର ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଛି। ଡକାୟତଙ୍କ ଆକ୍ରମଣରେ ୨ ଜଣ ଆହତ ହୋଇ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଶରତଙ୍କ ପୁଅ ସୁଶୀଲଙ୍କ ଅଭିଯୋଗ କ୍ରମେ ଥାନାରେ ୫୩/୨୪ନଂ ମାମଲା ଅଜଣା ଦୁର୍ବୃତ୍ତଙ୍କ ନାମରେ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଡାହାଳା ଜଗନ୍ନାଥ ମନ୍ଦିର ହରିହାଟ ଦେଖିବାକୁ ଶରତ ଯାଇଥିବା ବେଳେ ୨ ପୁଅ ବାହାରେ ରହୁଥିବା ବେଳେ ଘରେ ମହିଳାମାନେ ଓ ବନ୍ଧୁ ସରୋଜ ପଣ୍ଡା, ଶରତଙ୍କ ଶାଳକ ପୁତ୍ର ହେମନ୍ତ ନାୟକ ଥିଲେ। ସନ୍ଧ୍ୟା ୭.୧୫ମି. ସମୟରେ ରାଜପଥରେ ଉପରେ ଧଳା ସ୍କର୍ପିଓରୁ ଓହ୍ଲାଇ ୬ଜଣ ମୁଖାପିନ୍ଧା ଡକାୟତ ହାତରେ ଅସ୍ତ୍ରଶସ୍ତ୍ର ଧରି ଚାଲିଚାଲି ଆସି କବାଟକୁ ଧକ୍କାମାରି ଘରଭିତରକୁ ପ୍ରବେଶ କରିଥିଲେ। ହିନ୍ଦୀ, ଓଡିଆ ଓ ଉର୍ଦ୍ଦୁରେ କଥା ହେଉଥିବା ଡକାୟତମାନେ ଖଣ୍ଡାରେ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ମୋବାଇଲ ଛଡାଇନେଇ ଗୋଟିଏ କୋଠରୀରେ ବନ୍ଦରଖି ଜଗି ରହିଥିଲେ। ଅନ୍ୟ ଡକାୟତମାନେ ୩ଟି ଆଲମିରା ଭାଙ୍ଗି ୨ଟି ରାଣୀ ହାର, ୨ଟି ଚିକ ହାର, ୬ଟି ଚେନ, ମୁଦି ୮ଟା, ମଙ୍ଗଳସୂତ୍ର ୨ଟା, ଚୁଡ ୨ ହଳ, କାନଫୁଲ ୬ ହଳ, ଶାଙ୍ଖ ୪ ହଳ ଆଦି ସୁନାଅଳଙ୍କାର ଓ ନଗଦ ୪୫ହଜାର ଟଙ୍କା ଲୁଟ କରିଥିଲେ। ଶରତଙ୍କ ଘର ଉପର ତାଲାରେ ଭଡାରେ ରହୁଥିବା ଜନୈକ ମହିଳାଙ୍କ ଘରୁ ମଧ୍ୟ ଲୁଟ କରିଥିଲେ। ଘଣ୍ଟାଏ କାଳ ଲୁଟପାଟ କରିବା ପରେ ରାତ୍ର ୮.୦୫ମି.ରେ ଘରୁ ବାହାରିଯାଇ ଦୂରରେ ରଖିଥିବା ଗାଡିରେ ଉଭାନ ହୋଇଯାଇଥିଲେ ବୋଲି ପରିବାର ସୂତ୍ରରୁ ପ୍ରକାଶ। ମୋବାଇଲଗୁଡିକୁ କୋଠରୀ ତାଜା ଉପରେ ଫୋପାଡି ଦେଇ ପଳାଇଯାଇଥିଲେ। ଘର ଲୋକେ ମୋବାଇଲ ଯୋଗେ ପାଖପଡୋଶୀଙ୍କୁ ଜଣାଇବା ପରେ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଚଳାଇଛି। ବୁଧବାର ପୁଲିସ ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ଓ ସନ୍ଧାନୀ କୁକୁର ସହାୟତାରେ ଚୋରି ତଦନ୍ତ କରାଯାଇଥିଲା। ହେଲେ ଏହି ତଦନ୍ତରେ ବିଶେଷ କିଛି ସଫଳତା ମିଳିନଥିବା ଜଣାଯାଇଛି ।

ଚୋରା ଶାଳକାଠ ଗାଡ଼ି ଜବତ

ନୀଳଗିରି, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଧିନ ଗୋବିନ୍ଦପୁରା ଛକଠାରେ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ଏକ ଶାଳକାଠ ବୋଝେଇ ଟାଟାଏସି ଗାଡ଼ିକୁ ନୀଳଗିରି ବନବିଭାଗ ଅଧିକାରିଣୀ ଆଇସା ଅକ୍ତର ନିଶା ଜବଦ କରି ଜାମୁଡ଼ିଆ ନର୍ସରୀକୁ ଆଣିଥିଲେ । ଓଡ଼ି୦୧ଏବି୫୭୨୮ ନମ୍ବର ବିଶିଷ୍ଟ ଟାଟାଏସି ଗାଡ଼ିରେ ୪୧.୩୮ ସିପ୍ଟ ୧୦ଟି ଶାଳକାଠ ଗଣ୍ଡି ରହିଥିବା ବେଳେ ଏହି କାଠର ମୂଲ୍ୟ ୫୦ହଜାର ଟଙ୍କା ହେବବୋଲି ବନବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଘଟଣାରେ ସମ୍ପୃକ୍ତ ବରହମପୁର ଥାନା ଅଧିନ ଧରମପୁର ଗ୍ରାମର ଡ୍ରାଇଭର ସନ୍ତୋଷ ବେହେରାଙ୍କୁ ଗିରଫ କରାଯାଇ କେଶ ନମ୍ବର ୨୩/୨୦୨୪ମୂଳେ ଏକ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି।

ମେଧାବୀ ଛାତ୍ରଙ୍କ ଚିକିତ୍ସାରେ ଅର୍ଥ ବାଧକ

ଆଗରପଡ଼ା,ତା(ସବ୍ୟୁ):ସ୍ଥାନୀୟ ମହାନ୍ତିପଡ଼ା ଗ୍ରାମର ଗୌରାଙ୍ଗ ମହାରଣାଙ୍କ ପୁଅ ତଥା ମହାନ୍ତିପଡ଼ା ସ୍କୁଲ ସପ୍ତମଶ୍ରେଣୀ ଛାତ୍ର ଅନନ୍ତ ମସ୍ତିଷ୍କ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି ମାତ୍ର ଅଧିକ ଚିକିତ୍ସା ପାଇଁ ତାଙ୍କ ପରିବାର ଅର୍ଥ ସଙ୍କଟରେ ପଡ଼ିଯାଇଛନ୍ତି। ଘରେ ଯାହା ଥିଲା ତାକୁ ବିକିଭାଙ୍ଗି ତାଙ୍କ ବାପା,ପୁଅର ଚିକିତ୍ସା କରିଥିଲେ। ସେ ଜଣେ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ଚିକିତ୍ସା ପାଇଁ ଆହୁରି ଅଧିକ ଅର୍ଥ ସଂଗ୍ରହ କରିବାରେ ସେ ଅସମର୍ଥ ହୋଇପଡ଼ିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ ସହାୟତା ଯୋଗାଇପାରନ୍ତେ,ତାହାହେଲେ ଅଧିକ ଚିକିତ୍ସା ଛାତ୍ରଙ୍କର ହୋଇପାରନ୍ତା। ବ୍ୟାଙ୍କ ଏସି ନଂ.୩୪୭୬୮୪୧୦୩୩୦ ଓ ଆଇଏଫସି କୋଡ଼ ନଂ ଏସବିଆଇ ଏନ ୦୦୧୩୫୮୫, ମୋ ନଂ ୯୮୭୪୧୭୨୧୩୪ ରେ ସାହାର୍ଯ୍ୟ କରିବା ପାଇଁ ତାଙ୍କ ବାପା ନିବେଦନ କରିଛନ୍ତି।

ମହାଦେବ ରାଣୀ କ୍ଲବ ଆନ୍ତଃରାଜ୍ୟ ଫୁଟବଲ ଉଦ୍‌ଯାପିତ

ଆନନ୍ଦପୁର ,(ସବ୍ୟୁ) :ଘଷିପୁରା ବ୍ଲକ ଖାଲପାଳର ପାତନାଖେଳ ପଡିଆରେ ତିନିଦିନ ଧରି ଚାଲିଥିବା ମହାଦେବ ରାଣୀ ଷଷ୍ଠ ବାର୍ଷିକ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି।ମୋଟ୪୮ ଦଳକୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚରେ ଯାଜପୁର ମା ବିରଜା ଫୁଟବଲ କ୍ଲବକୁ ହରାଇ ଯାଜପୁର କ୍ଲବ ଜୋନ୍ ଟାଇଟଲ ହାତେଇଛି।ପ୍ରଥମ ରନର୍ସ ଅପ୍ ମା ବିରଜା ଫୁଟବଲ କ୍ଲବ ଯାଜପୁର, ଦିତୀୟ ରନର୍ସ ଅପ୍ ଥଣ୍ଡସ କ୍ଲବ ଖାଲପାଳ କେନ୍ଦୁଝର, ତୃତୀୟ ରନର୍ସ ଅପ୍ ଜଆଦ୍ ଝରନା ଫୁଟୁବଲ କ୍ଲବ ଭୁବନେଶ୍ୱରକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।ଲେପା ମୁମୁ ବେଷ୍ଟ ପ୍ଲେୟେଛର୍ ଅପ୍ ଦି ରାମଚନ୍ଦ୍ର ମୁମୁ ବେଷ୍ଟ ଗୋଲକିପର୍ ଭାବେ ସମ୍ମାନିତ ହୋଇଥିଲେ ।ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ସମ୍ମାନିତ ଅତିଥି ସମାଜସେବୀ ନରୋତ୍ତମ ଜେନା, ସରପଞ୍ଚ ପ୍ରତିମା ଜେନା, ସମିତି ସଭ୍ୟ ମନ୍ମଥ ଜେନା, ପୂର୍ବତନ ସମିତି ସଭ୍ୟ ବିଜୟ ଦାସ,ଆଇନଜୀବୀ ରମେଶ ବାରିକ , ସମାଜସେବୀ ନାଲୁରାମ ମାରାଣ୍ଡି , ବରିଷ୍ଠ ଫୁଟବଲ ଫୁଟବଲ ଖେଳାଳୀ ଧନେଶ୍ୱର ଟୁଡୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।ବ୍ଲକର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ମାଆ ଗାଳି ଦେଲେ ବୋଲି...

କେନ୍ଦୁଝର , (ସ୍ୱପ୍ର) : ମାଆ ଗାଳି ଦେଲେ ବୋଲି ଗଛରେ ଝୁଲି ପଡ଼ିଲେ ୧୭ ବର୍ଷୀୟା ନାବାଳିକା।ଏପରି ହୃଦୟବିଦାରକ ଘଟଣା କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଞ୍ଚଳରେ ଘଟିଛି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।ବୁଧବାର ସକାଳେ ତେଲକୋଇ ଥାନା ଛାମୁଣ୍ଡା ଗାଁର ମହୁଲି ମୁଣ୍ଡା ଓ ତାଙ୍କ ମାଆ ଉପାସୀ ମୁଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗି ଯାଇ ମହୁଲି ଘରୁ ପଳାଇ ଯାଇଥିଲେ। କିଛି ସମୟରେ ଗାଁର କେତେକ ମହିଳା ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲକୁ ଶୁଖିଲା କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ।ସେଠାରେ ଏକ ମହୁଲ ଗଛରେ ମହୁଲି ଝୁଲିଥିବା ଦେଖିବାକୁ ପାଇଥିଲେ।ମହିଳାମାନେ ଏନେଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏଥିସହ ଥାନାକୁ ସୂଚନା ଦେଇଥିଲେଛ ପୁଲିସ ଜଙ୍ଗଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି।

ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ନିରୀହ ଯୁବକ

ଭଦ୍ରକ,(ସବ୍ୟୁ): ଜଣେ ଯୁବକ ନିଜ ଗାଡି ପାର୍କ କରି ମଲକୁ ଗଲେ ସପିଙ୍ଗ କରିବା ପାଇଁ। ଆଉ ସପିଙ୍ଗ ସାରି ଆସି ଦେଖିଲେ ନିଜ ଗାଡିଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର ହୋଇଯାଇଛି। ଆଉ ଭାଙ୍ଗିଛନ୍ତି ଜଣେ ଆଇନର ରକ୍ଷକ ତଥା ପୋଲିସ କର୍ମଚାରୀ। ପୋଲିସ ହୋଇ ମଦ୍ୟପାନ ଗାଡି ଚଳାଇଲେ। ଅସନ୍ତୁଳନ ହୋଇ ଫୁଟପାଥ ପାର୍କିଙ୍ଗରେ ଥିବା ଫର୍ଚୁନର ଗାଡିକୁ ଧକ୍କା ମଧ୍ୟ ଦେଲେ । ଧକ୍କା ଦେବା ପରେ ନିଜର ରାଗ ସୁଝାଇବା ପାଇଁ ଫରଚୁନର ଗାଡିକୁ ବାଡେଇ ବାଡେଇ ଭାଙ୍ଗିଲେ। ଶେଷରେ ଓଲଟା ନିଜର କ୍ଷତି ପରେ କେଶ ଖାଇଲେ ଗାଡ଼ିମାଲିକ । ରକ୍ଷକ ହୋଇ ଭକ୍ଷକ ସାଜିଥିବା ସେହି ପୋଲିସ ବାବୁଙ୍କ ବିରୋଧରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ଗାଡି ସଂପୃକ୍ତ ଗାଡି ମାଲିକ । ସୂଚନା ମୁତାବକ ଗତ ୨୭ ତାରିଖରେ ଚରମ୍ପା କଣ୍ଟାପାଳ ଗାଁର ଅମର କୁମାର ନାୟକ କିଛି କିଣାକିଣି ପାଇଁ ଅପରାହ୍ନ ପ୍ରାୟ ୨ଟାରେ ବାଇପାସ ସ୍ଥିତ ରିଲିଆନ୍ସ ସ୍ମାର୍ଟକୁ ଯାଇଥିଲେ। ସେ ନିଜ ଫର୍ଚ୍ୟୁନର ଗାଡ଼ିକୁ ମଲକୁ ଯିବା ପୂର୍ବରୁ ସ୍ଥାନୀୟ ମାର୍ବଲ ଦୋକାନ ନିକଟ ଫୁଟପାଥ କଡ଼ରେ ପାର୍କିଂ କରିଥିଲେ । କିଣାକିଣି ସାରି ସେ ପ୍ରାୟ ୧ ଘଣ୍ଟା ପରେ କାର ପାଖକୁ ଫେରିଥିଲେ। କିନ୍ତୁ ଅମର ଗାଡ଼ି ପାଖକୁ ଆସି ଦେଖିଲେ ତାଙ୍କ ଫର୍ଚ୍ୟୁନର ଗାଡ଼ିର ପଛ ପଟ ଅର୍ଥାତ ପଛ ଗ୍ଲାସ ସହ ବମ୍ପର ସଂପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଛି। ପାଖ ମାର୍ବଲ ଦୋକାନୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ଦୋକାନୀ ଜଣଙ୍କ ପୁରୁଣା ବଜାର ଥାନାର ଏଏସ୍‌ଆଇ ଲାଲୁ ହାଂସଦା ନିଶାସକ୍ତ ଅବସ୍ଥାରେ ବାଇକ ଯୋଗେ ପ୍ରଥମେ ଭାରସାମ୍ୟ ହରାଇ ଅମରଙ୍କ ଗାଡ଼ିକୁ ଧକ୍କା ଦେଇ ଥାନା ବାବୁ ମଧ୍ୟ ଆହତ ହୋଇଛନ୍ତି। ଦୋକାନୀଙ୍କ ଠାରୁ ଏକଥା ଶୁଣିବା ପରେ ମାନବିକତା ଦୃଷ୍ଟିରୁ ଅମର ତୁରନ୍ତ ମେଡିକାଲ ଯାଇଥିଲେ । ସେଠାରେ ସେ ପ୍ରଥମେ ଲାଲୁଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ଦୁର୍ଘଟଣା କେମିତି ହେଲା ବୋଲି ପ୍ରଶ୍ନ କରିଥିଲେ। ଏତିକି ବେଳେ ଲାଲୁଙ୍କ ସାଙ୍ଗରେ ଥିବା ଅନ୍ୟ ଜଣେ ପୁଲିସ୍ କର୍ମଚାରୀ (ଡ୍ରାଇଭାର ଭାବେ କାମ କରନ୍ତି) ଓଲଟା ଅମରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଲାଲୁଙ୍କୁ ଅମରଙ୍କ ଗାଡ଼ି ଧକ୍କା ଦେଇଥିବାରୁ ଏଭଳି ଅବସ୍ଥା ହୋଇଛି ବୋଲି ସେ ଓଲଟା ଅଭିଯୋଗ କରିଥିଲେ । ଏଥିରେ ଅପମାନିତ ହୋଇ ସେଠାରୁ ଅମର ସିଧା ଭଦ୍ରକ ସହରାଞ୍ଚଳ ଥାନାରେ ଏନେଇ ଲିଖିତ ଏତଲା ଦେଇଥିଲେ। କିନ୍ତୁ ହଠାତ ଗତକାଲି ୧୩ ତାରିଖ ମଙ୍ଗଳବାର ଦିନ ତାଙ୍କୁ ଥାନାରୁ ଡାକରା ଆସି ଗାଡ଼ିର କାଗଜପତ୍ର ଆଣିବାକୁ କୁହାଯାଇଥିଲା। ଅମର ମଧ୍ୟ ଥାନାରେ ପହଁଚି କାଗଜପତ୍ର ଦେଖାଇଥିଲେ। ପୁଲିସ୍ ଅଧିକାରୀ କାଗଜପତ୍ର ଯାଞ୍ଚ ପରେ ତାଙ୍କୁ ଗୋଟିଏ ନୋଟିସରେ ଦସ୍ତଖତ କରିବା ପାଇଁ କହିଥିଲେ । ଏହା ଦେଖି ଅମର ପ୍ରଶ୍ନ କରିବାରୁ ପୁଲିସ୍ ଅଧିକାରୀ ଜଣଙ୍କ କହିଥିଲେ ଯେ ଆପଣଙ୍କ ନାମରେ ମାମଲା ପଞ୍ଜିକରଣ ହୋଇଛି। ଜାମିନ ପାଇଁ ଏହା ଗୋଟିଏ ନୋଟିସ । ଏହା ଶୁଣି ଅମର ପୂରା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ ଯଦି ମୁଁ ଭୁଲ କରିଛି ମୋତେ ଜେଲକୁ ପଠାନ୍ତୁ ବୋଲି କହିଥିଲେ। ଏହା ଶୁଣି ଥାନା ଅଧିକାରୀ ତାଙ୍କ ଠାରୁ ଘଟଣା ବିଷୟରେ ପଚାରି ବୁଝିଥିଲେ । ଅମରଙ୍କୁ ମିଛ କେସ୍‌ରେ ଫସାଯାଉଛି ବୋଲି ସେ ଅଭିଯୋଗ କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଉଚିତ ନ୍ୟାୟ ପାଇଁ ଦାବି କରିଛନ୍ତି। ଆରକ୍ଷୀ ଅଧିକ୍ଷକ ମଧ୍ୟ ଥାନାଧିକାରୀଙ୍କୁ ଏହାର ଠିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ୱାରେଣ୍ଟି କୋର୍ଟଚାଲାଣ

ବେତନଟୀ , (ସବ୍ୟୁ) : ଏକାଧିକ ଅପରାଧିକ ମାମଲାରେ ଜଡିତ ୮ ବର୍ଷ ପୁରୁଣା ମାମଲାରେ ଜଡିତ ଅଭିଯୁକ୍ତ ୱାରେଣ୍ଟିକୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କଲା ବୈଶିଙ୍ଗା ପୁଲିସ । ସୂଚନା ଅନୁଯାଇ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଉପକଣ୍ଠ ନୂଆଗାଁ ଗ୍ରାମର ଭୋଳାନାଥ ନାୟକଙ୍କ ପୁଅ ରାଜେଶ ନାମରେ ୨୦୧୫ ମସିହାରେ ବୈଶିଙ୍ଗା ଥାନା କେସ ୨୦୧ନଂ ରେ ଏକ ଚୋରି ମାମଲା ରୁଜୁ ହୋଇଥିବାବେଳେ ୨୦୧୭ ମସିହାରେ କେସ ୫୭ନଂ ରେ ଏକ ମାରପିଟ ଜନିତ ମାମଲା ରୁଜୁ ହୋଇଥିଲା । ପରେ ଏନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ରାଜେଶ ଦୀର୍ଘଦିନ ଧରି କୋର୍ଟରେ ଉପସ୍ଥିତ ହଉନଥିଲା । ଯୋଉଁଥିପାଇଁ ରାଜେଶ ନାମରେ କୋର୍ଟରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା । ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆଜି ରାଜେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ରାଜେଶକୁ ବିଚାରାଧୀନ ଜେଲକୁ ପଠାଯାଇଥିବା ସୂଚନା ମିଳିଛି।

କରଞ୍ଜିଆରୁ ଗଡିଲା ଲକ୍ଷ୍ମୀ ବସ

ପାଞ୍ଚପୀଢ଼ , (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲାରେ ମଧ ଲକ୍ଷ୍ମୀ ବସ୍ ଯୋଜନା ଗତ ସୋମବାର ଦିନ ଶୁଭାରମ୍ଭ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ପାଇଁ ମୋଟ ପ୍ରଥମ ପର୍ଯ୍ୟାୟରେ ୧୦୮ ଟି ବସ୍ ଶୁଭାରମ୍ଭ କରିଛି।ବୁଧବାର ଦିନ ଏହି ପରିପ୍ରେକ୍ଷୀରେ ଦରି,ଘୋଷଦା ଓ ଦୁଧିଆଣୀ ପଞ୍ଚାୟତକୁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସ୍ଥାନୀୟ ବିଧାୟିକା ତଥା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ବସ୍ ଚଳାଚଳ ଶୁଭାରମ୍ଭ କରିଥିଲେ। ଏହି ସମୟରେ କରଞ୍ଜିଆ ପଞ୍ଚାୟତ ସମିତି ଅଧକ୍ଷା ସୁଭଦ୍ରା ମାରାଣ୍ଡି ଉପାଧକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ନାଏକ, କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ପପି ପୃଷ୍ଟି, ପାଞ୍ଚପୀଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, କରଞ୍ଜିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର,ଦରି ସରପଞ୍ଚ, ବଡଦେଉଳୀ ସରପଞ୍ଚ, ଦୁଧିଆଣୀ ସରପଞ୍ଚ ଘୋଷଦା ସରପଞ୍ଚ ତଥା ବହୁ ଛାମୁଆଁ ନେତା, କର୍ମୀ ଉପସ୍ଥିତ ଥିଲେ।ପ୍ରଥମ ଦିନରେ ପୂର୍ବାହ୍ନ ପ୍ରାୟ ୧୨ ଟା ସମୟରେ ଏହି ବସ୍ ଦରି ଅଭିମୁଖେ ପ୍ରସ୍ଥାନ କରିଥିଲା। ଏହି ବସ୍ ର ପରିଚାଳନା ଦାୟିତ୍ୱରେ ଓସଆରଟିସି ପରିଚାଳକ ଗୋପାଳ ଚନ୍ଦ୍ର ବେହେରା ବ୍ଲକ ପରିଚାଳକ ପ୍ରିୟଦର୍ଶୀ ଘଣା ଥିବା ବେଳେ କଣ୍ଡକ୍ଟର ଦାୟିତ୍ୱର ଦୀପିକା ମହାନ୍ତ,ରଞ୍ଜୁଲତା ମହାନ୍ତ, ଫାଲଗୁନୀ ନାଏକ ଗଙ୍ଗାଧର ମହାନ୍ତ ଦ୍ରୌପଦୀ ମହାନ୍ତ ଲକ୍ଷ୍ମଣ ମୁର୍ମୁ କରୁଣାକର ମୁର୍ମୁ ଡ୍ରାଇଭର ଭାନୀ ଶଙ୍କର ମହାନ୍ତ ଚିତ୍ତରଞ୍ଜନ ମହାନ୍ତ ଓ ହରିଶ ଚନ୍ଦ୍ର ମହାନ୍ତ ରହିଛନ୍ତି। ତେବେ ପ୍ରଥମ ଥର ପାଇଁ ମହିଳାମାନେ କଣ୍ଡକ୍ଟର ଦାୟିତ୍ୱରେ ଥିବାରୁ ରାଜ୍ୟ ସରକାର ମହିଳା ସଶକ୍ତିକରଣ ଉପରେ ଆଉ ଏକ ସୋପାନ ଯୋଡିଲେ ବୋଲି ଦେଖିବାକୁ ମିଳିଥିଲା।

ମା'ସରସ୍ୱତୀଙ୍କ ପୂଜା

ଧାମନଗର,(ସବ୍ୟୁ):ଧାମନଗର ଅଂଚଳର ପୁରପଲ୍ଲୀରେ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା ବଡ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟା ପ୍ରଦାୟିନୀ ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିବାପାଇଁ ସବୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ଆଜି ଦିନତମାମ ଉତ୍ସବ ଲାଗିରହିଥିଲା। ଛାତ୍ର ଛାତ୍ରୀମାନେ ଉତ୍ସାହର ସହ ନିଜ ନିଜ ଶିକ୍ଷାନୁଷ୍ଠାନରେ ଆକର୍ଷଣୀୟ ସାଜସଜ୍ଜା କରି ମା'ବାଗ୍ଦେବୀଙ୍କ ପୂଜାର୍ଚ୍ଚନା କରିବାସହ ମା'ଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଧାମନଗର ଅଂଚଳରେ ଥିବା ବିଭିନ୍ନ ଯୁବକ ସଂଘ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କେତେକ ବାଣିଜ୍ୟ ପ୍ରତିଷ୍ଠାନ ଗୁଡିକରେ ମଧ୍ୟ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ର ଛାତ୍ରୀମାନଙ୍କ ପାଇଁ ପଂକ୍ତିଭୋଜନର ବ୍ୟବସ୍ଥା କରାଯାଇଥିବାବେଳେ କେତେକ ଅନୁଷ୍ଠାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଗାଁ ଚାଲ ଅଭିଯାନ'ରେ ଜନସମ୍ପର୍କ କଲେ ମନସ୍ମିତା

ଭଦ୍ରକ,(ସବ୍ୟୁ): ବିଜେପିର 'ଗାଁ ଚାଲ ଅଭିଯାନ' ଅବସରରେ ଭଦ୍ରକ ବିଧାନସଭା ଅନ୍ତର୍ଗତ ଗୋରାମାଟି ପଞ୍ଚାୟତରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ବିଜେପି ନେତ୍ରୀ ମନସ୍ମିତା ଖୁଣ୍ଟିଆ ଙ୍କ ନେତୃତ୍ୱରେ ଜନ ସମ୍ବାଦ କରାଯାଇଛି। ଶ୍ରୀମତୀ ଖୁଣ୍ଟିଆ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଲୋକହିତକାରୀ ଯୋଜନା ବିଷୟରେ ଜନ ସମ୍ପର୍କ କରିଥିଲେ । ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ,ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଉଜ୍ଜ୍ୱଳାଗ୍ୟାସ, ମାଗଣାରେ ରାସନ ଚାଉଳ, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ,କିଷାନ ନିଧି ଯୋଜନାରେ କୃଷକ ମାନଙ୍କ ପାଇଁ ବାର୍ଷିକ ୬୦୦୦ ଟଙ୍କା, ଆହୁରି ଅନେକ କିଛି, ମୋଦିଙ୍କ ଗ୍ୟାରେଣ୍ଟି ବିକାଶ ଘରେ ଘରେ ପହଞ୍ଚିଛି ବୋଲି ଶ୍ରୀମତୀ ଖୁଣ୍ଟିଆ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ପଞ୍ଚାୟତ ସଭାପତି ଦୀନବନ୍ଧୁ ସାମଲ, ୱାର୍ଡ ମେମ୍ବର ବିଶ୍ୱନାଥ ଜେନା, ପ୍ରମୋଦ ସାହୁ, ବନମାଳୀ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷାବିତ୍ ରାଧାକିଶୋର ପଟ୍ଟନାୟକଙ୍କ ସ୍ମୃତିସଭା

ବାଲେଶ୍ୱର/ସିମୁଳିଆ, (ସବ୍ୟୁ)ଦ୍ଧ :ସିମୁଳିଆ ବ୍ଲକ କନ୍ଦ୍ରେଇବିନ୍ଧା ପଞ୍ଚାୟତ ଅନ୍ତର୍ଗତ ତୀରଖୁଆ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତଃ ରାଧାକିଶୋର ପଟ୍ଟନାୟକଙ୍କ ଏକାଦଶାହ କ୍ରିୟା ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । କବି ତଥା ଔପନ୍ୟାସିକ ରମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସିମୁଳିଆ ବ୍ଲକର ଅନେକ ଶିକ୍ଷକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ୱର୍ଗତଃ ରାଧାକିଶୋର ପଟ୍ଟନାୟକଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତାଶ୍ରୀ ଦାସ, ଶିକ୍ଷକ କରୁଣାକର ପାଣିଗ୍ରାହୀଙ୍କ ସମେତ ଶିବପ୍ରସାଦ ପାଢ଼ୀ, ରମେଶ ଚନ୍ଦ୍ର ଦାସ, ଐଶ୍ୱର୍ଯ୍ୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱର୍ଗତଃ ପଟ୍ଟନାୟକଙ୍କ କନିଷ୍ଠ ଭ୍ରାତା ଡକ୍ଟର ରାଧାରଂଜନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପିଇଓ, ବିଏସ୍‌ଏସ୍‌ଓଙ୍କୁ ତାଗିଦ୍ କଲେ ସାଂସଦ

ନୀଳଗିରି, (ସବ୍ୟୁ) :ପିଇଓ ଏବଂ ବିଏସ୍ଏସ୍ଓଙ୍କୁ ତାଗିଦ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ମୁଁ ସରପଞ୍ଚ ହୋଇଥିଲେ ପିଇଓଙ୍କୁ କାନ ଧରି ଉଠାବସା କରାଇ ଥାନ୍ତି । ନବୀନ ସରକାରଙ୍କୁ କହିବ କାହିଁକି ଦୁଇଟା ବ୍ଲକରେ ରଖିଛନ୍ତି । ପିଇଓ କ'ଣ ରାଜକୁମାର ଘଟଣାସ୍ଥଳକୁ ଆସିବେନି ? ମିଳିଥିବା ସୂଚନା ଅନୁଯାୟୀ ୨୦୨୩ ମସିହା ଅକ୍ଟୋବର ମାସ ୨୧ ତାରିଖ ଦିନ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କୌଣସି ଏକ କାର୍ଯ୍ୟରେ ଧୋବଶିଳା ଗ୍ରାମକୁ ଯାଇଥିଲେ । ସେଠାରେ ତୁଳସୀ ସିଂ ନାମ୍ନୀ ଜଣେ ବୃଦ୍ଧା ଦୁଃଖ କଷ୍ଟରେ ରହୁଥିବା ଦେଖି ସେ ଭତ୍ତା ଓ ରେସନ ସାମଗ୍ରୀ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ । ହେଲେ ସେ ସମସ୍ତ ମୌଳିକ ସୁବିଧାରୁ ବଂଚିତ ଥିବା କହିବାରୁ ନିଜେ ସାଂସଦ ଶ୍ରୀ ଷଡ଼ଙ୍ଗୀ ତୁଳସୀ ସିଂଙ୍କୁ ନିଜ ଗାଡ଼ିରେ ବସାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କାହିଁକି ବୃଦ୍ଧା ଜଣଙ୍କୁ ଭତ୍ତା ଓ ରେସନ ମିଳୁ ନାହିଁ ବୋଲି ବିଡ଼ିଓ ରାହୁଲ ମଣ୍ଡଳଙ୍କୁ ପଚାରି ବୁଝିବା ସହ ସେଠାରେ ତାଙ୍କର ଭତ୍ତା କିପରି ପାଇପାରିବେ ସମସ୍ତ କାଗଜପତ୍ର କାର୍ଯ୍ୟ କରିଥିଲେ । ଆସନ୍ତା ମାସ ଠାରୁ ତୁଳସୀ ଭତ୍ତା ପାଇବେ ବୋଲି ବିଡ଼ିଓ ରାହୁଲ ମଣ୍ଡଳ ପ୍ରତିଶୃତି ଦେଇଥିଲେ ଏହା ମଧ୍ୟରେ ୪ମାସ ବିତିଥିଲେ ମଧ୍ୟ ତୁଳସୀ ସିଂ ସେହିପରି ଅବହେଳିତ ଅବସ୍ଥାରେ ଥିବା ଜାଣିବାକୁ ପାଇ ମଙ୍ଗଳବାର ଦିନ ସାଂସଦ ଶ୍ରୀ ଷଡ଼ଙ୍ଗୀ ପିଇଓ ଏବଂ ବିଏସ୍ଏସ୍ଓଙ୍କୁ ଘଟଣାସ୍ଥଳକୁ ଡକାଇ କେଉଁ କାରଣରୁ ମହିଳାଙ୍କୁ ଭତ୍ତା ମିଳିପାରୁ ନାହିଁ ବୋଲି ପଚାରି ଥିଲେ । ଏ ସମ୍ପର୍କରେ ପିଇଓ ଭଗବାନ ପାତ୍ରଙ୍କୁ ପଚାରିବାକୁ ସେ କହିଥିଲେ ଯେ ବାରମ୍ବାର ପିଇଓଙ୍କ ବଦଳୀ ହେଉଛନ୍ତି । ସେଥିପାଇଁ ତୁଳସୀ ସିଂଙ୍କୁ ଭତ୍ତା ଦିଆଯାଇ ପାରି ନାହିଁ ।

ଆଦର୍ଶ ଶିକ୍ଷା ମନ୍ଦିର, ସାଇ ପବ୍ଲିକ ସ୍କୁଲ ସାମ୍ବତ୍ସରିକ ଉତ୍ସବ

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିର ଓ ନଟାପଡାସ୍ଥିତ ସାଇ ପବ୍ଲିକ ସ୍କୁଲରେ ସରସ୍ୱତୀ ପୂଜା ଓ ବାର୍ଷିକୋତ୍ସବ ଧୂମ୍‌ଧାମରେ ପାଳିତ ହୋଇ ଯାଇଛି । ଆଦର୍ଶ ଶିକ୍ଷା ମନ୍ଦିର ପରିଚାଳନା କମିଟିର ସଭାପତି ସୁଦର୍ଶନ ମହାରଥାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ , ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ମାଳତୀଲତା ସେଠୀ,ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ବିବରଣୀ ପାଠ ଓ ଶିକ୍ଷକ ପ୍ରହ୍ଲାଦ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରଧାନଶିକ୍ଷକ ମଣିକିଙ୍କର ଜେନା,ପୂର୍ବତନ ଛାତ୍ରୀ ଡା ନିଶିରେଖା ବେହେରା,ଡା ଜୟଶ୍ରୀ ନାୟକ,ରୋହିତ କୁମାର ସାହୁ ଓ ସମୀକ୍ଷା ବେହେରାଙ୍କୁ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ରାଜଲକ୍ଷ୍ମୀ ବେହେରା ଓ ଲିପିକା ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିଭଳି ନଟାପଡା ସାଇ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଉତ୍ସବରେ ଅଭିମନ୍ୟୁ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ,ଜିଲ୍ଲା ପରିଷଦ ସଭ୍ୟା,ସରପଞ୍ଚ ଓ ସମିତି ସଭ୍ୟାଙ୍କ ବ୍ୟତିତ ପ୍ରାକ୍ତନ ଶିକ୍ଷକ ଶିବପ୍ରସାଦ ମହାନ୍ତି ଓ ପିତାମ୍ବର ପତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରଧାନଶିକ୍ଷୟତ୍ରୀ କଳ୍ପନା ମଞ୍ଜରୀ ରାଉଳ ଓ ସହକାରୀ ଶିକ୍ଷୟତ୍ରୀ ଅଞ୍ଜଳୀ ଜେନା ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ପିତାମ୍ବର ମହାପାତ୍ର ବିବରଣୀ ପାଠ କରିଥିଲେ । ଶେଷରେ ଉଭୟ ବିଦ୍ୟାଳୟରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା ।

ସମାଜସେବୀ ଗଜେନ୍ଦ୍ର ବେହେରାଙ୍କ ପରଲୋକ

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱର ସହର ଅନ୍ତର୍ଗତ ଗୋପାଳଗାଁ ବୃନ୍ଦଭାଟି ଅଞ୍ଚଳର ବାସିନ୍ଦା ସମାଜସେବୀ ଗଜେନ୍ଦ୍ର ବେହେରା(୭୬)ଙ୍କର ମଙ୍ଗଳବାର ରାତ୍ରି ପ୍ରାୟ ୮ଟାରେ ହୃଦ୍ଘାତରେ ପରଲୋକ ହୋଇଯାଇଛି ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଗୋପାଳଗାଁ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତଃ ବେହେରାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜଣାଇ ଶୋକସନ୍ତପ୍ତ କରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ବୁଧବାର ଦିନ ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବାଲିଘାଟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ସ୍ୱର୍ଗତଃ ବେହେରା ଚାନ୍ଦିପୁରସ୍ଥିତ ଗୋଳାବାରୁଦ ପରୀକ୍ଷାଗାରରେ କାର୍ଯ୍ୟ କରି ଅବସର ନେବାପରେ ସମାଜସେବା କାର୍ଯ୍ୟରେ ସାମିଲ ଥିଲେ । ତାଙ୍କର ଏହି ପରଲୋକ ଘଟଣା ଗୋପାଳଗାଁ ବୃନ୍ଦଭାଟି ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି ।

ଭଲ ମଣିଷମାନେ କାଳେକାଳେ ମନେ ରହିବେ

ସେବା ସଂକଳ୍ପ ସମାଜ ପକ୍ଷରୁ ସାତକଡି ହୋତାଙ୍କ ଶ୍ରଦ୍ଧାଞ୍ଜଳି ସଭା



ତିହିଡି,।(ସବ୍ୟୁ):ଭଲ ମଣିଷମାନେ କାଳେକାଳେ ମନେ ରହନ୍ତି। ସୃଜନ ପୁରୁଷ ସାତକଡି ହୋତା ମଧ୍ୟ ଓଡିଶାର ଜନମାନସରେ ଚିରକାଳ ଅମର ହୋଇ ରହିବେ ବୋଲି ମତ ପ୍ରକାଶ ପାଇଥିଲା। ଭଦ୍ରକ ଜିଲ୍ଲା ତିହିଡି ବ୍ଲକର ସାମାଜିକ ସେବା ସଂଗଠନ ସେବା ସଂକଳ୍ପ ସମାଜ ପକ୍ଷରୁ ସତ୍ୟମ୍ ଫାଉଣ୍ଡେସନ ସଭାଗୃହରେ ବିଶିଷ୍ଟ ସାହିତ୍ୟିକ, ସମ୍ପାଦକ ତଥା ବରିଷ୍ଠ ପ୍ରଶାସକ ସାତକଡି ହୋତାଙ୍କ ଦେହାନ୍ତରେ ଆୟୋଜିତ ସ୍ମୃତି ସଭାରେ ବକ୍ତାମାନେ ଯୋଗଦେଇ ଉପରୋକ୍ତ ମତପ୍ରକାଶ କରିଥିଲେ। ସଂଗଠନର ସଭାପତି ସାହିତ୍ୟିକ ଯଦୁମଣି ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ରାମନାରାୟଣ ନାୟକ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ସାହିତ୍ୟିକ ନିର୍ମଳ ସେନାପତି, ସମାଜସେବୀ କମଳାକାନ୍ତ ସ୍ୱାଇଁ, ପୀତାମ୍ବର ସେଠୀ, ପ୍ରଫୁଲ୍ଲ ନାୟକ, ଉମାକାନ୍ତ ମଲ୍ଲିକ, ରମାକାନ୍ତ ମଲ୍ଲିକ, ରମେଶ ନାୟକ, ସାମ୍ବାଦିକ ନାରାୟଣ କର ଓ ସଞ୍ଜୟ ଦାସ ପ୍ରମୁଖ ଯୋଗଦେଇ ଦିବଂଗତ ସାତକଡି ହୋତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଦିବଂଗତ ସାତକଡି ହୋତା ଜଣେ ନିର୍ମାୟା ମଣିଷ ହିସାବରେ ନିଜର ଅଧସ୍ତନ କର୍ମୀ ଓ ସହକର୍ମୀମାନଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିଲେ। ତାଙ୍କର ନିରଳସ ସାହିତ୍ୟ ସାଧନା ଓଡିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି। ତାଙ୍କ ବ୍ୟକ୍ତିତ୍ୱର ଛାପ ତାଙ୍କର ପ୍ରତିଟି ଲେଖାରେ ପ୍ରତିଫଳିତ। ସେ ଜଣେ ଅତ୍ୟନ୍ତ ଅମାୟିକ ଓ ବନ୍ଧୁ ବତ୍ସଳ ମଣିଷଭାବେ ଓଡିଆ ସାହିତ୍ୟିକମାନଙ୍କ ନିକଟରେ ପ୍ରିୟପାତ୍ର ଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସେହିପରି ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଓଡିଆ ସାହିତ୍ୟ ତଥା ଓଡିଶାର ଗଣମାଧ୍ୟମ ଜଗତରେ ନିଜର ପରାକାଷ୍ଠା ବଜାୟ ରଖିଥିଲେ। ଶେଷରେ ସମାଜସେବୀ କୁମାର ଗଙ୍ଗାଧର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବିଶ୍ୱସ୍ତରୀୟ ହେବ ବାଲେଶ୍ୱର ରେଳଷ୍ଟେସନ, ୧୯୭ କୋଟି ଟଙ୍କା ମଞ୍ଜୁର

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱରରେ ବିଶ୍ୱସ୍ତରୀୟ ରେଳଷ୍ଟେସନ ନିର୍ମାଣ ପାଇଁ ଖର୍ଚ୍ଚ ହେବ ୧୯୭ କୋଟି ଟଙ୍କା। ଏନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅର୍ଥ ମଞ୍ଜୁର କରିଛନ୍ତି। ପାରମ୍ପରିକ ବାଲେଶ୍ୱର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ଷ୍ଟେସନର ଡିଜାଇନ ପ୍ରସ୍ତୁତ କରାଯାଇଛି। ରେଳଷ୍ଟେସନ ସମ୍ମୁଖରେ କୋଣାର୍କ ମନ୍ଦିର ଚକର ଡିଜାଇନ ରହିଥିବା ବେଳେ ଷ୍ଟେସନ ବିଲ୍ଡିଂ ଉପରେ ପୁରୀ ଶ୍ରୀମନ୍ଦିରର ଶିଖର ସ୍ଥାନ ପାଇବ। ଏହା ସହିତ ବିଲ୍ଡିଂରେ ସଉରା ଆଦିବାସୀଙ୍କ ଚିତ୍ର ତଥା ସେମାନଙ୍କ ସଂସ୍କୃତି ଓ ପରମ୍ପରାର ଏକ ନିଆରା ଝଲକ ଦେଖିବାକୁ ମିଳିବ। ଏହି ଷ୍ଟେସନରେ ପ୍ରତିଦିନ ୫୦ ହଜାର ଯାତ୍ରୀଙ୍କୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରହିବ।୧୮ ମିଟର ଚଉଡ଼ା ରୁଫ୍ ପ୍ଲାଜା ଦ୍ୱାରା ଷ୍ଟେସନ ସହରର ଉଭୟ ପାର୍ଶ୍ୱକୁ ସଂଯୋଗ କରିବଛ ସର୍କୁଲାର କ୍ଷେତ୍ରର ଉନ୍ନତି, କଭର ସେଡର ଯୋଗାଣ, ୱେଟିଂ ହଲ୍ର ଉନ୍ନତି ଏବଂ ଏସି ଲାଉଞ୍ଜ ନିର୍ମାଣ କାର୍ଯ୍ୟ କରାଯିବ।ଏହି ଷ୍ଟେସନରେ ୧୪ଟି ଲିଫ୍ଟ, ୬ଟି ଏକ୍ସାଲେଟର ଏବଂ ୨୦ଟି ଆକ୍ସେସ କଣ୍ଟ୍ରୋଲ ଗେଟ୍ ରହିବଛ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବା ୩ଟି ଫୁଟ୍ ଓଭରବ୍ରିଜ୍ ନିର୍ମାଣ ହେବ। ସମସ୍ତ ପ୍ଲାଟଫର୍ମଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ ଢଙ୍ଗରେ କରାଯିବ। ଏଥିସହ ୭ହଜାର ବର୍ଗ ମିଟରରୁ ଅଧିକ ପ୍ରଶସ୍ତ ପାର୍କିଂର ବିକାଶ କରାଯିବଛ ଅଙ୍ଗାରକାମ୍ଳ ପ୍ରିଣ୍ଟ ହ୍ରାସ କରିବା ପାଇଁ ୧୩୩ କିଲୋୱାଟ୍ର ଏକ ସୋଲାର ପ୍ୟାନେଲ, ୧ହଜାର କେଏଲ୍ଡି ୱାଟର ରିସାଇକ୍ଲିଂ ପ୍ଲାଣ୍ଟ ମଧ୍ୟ ନିର୍ମାଣ କରାଯିବ। ସେହିପରି ମାଲ ପରିବହନ କାର୍ଯ୍ୟକୁ ବାଢ଼ଇବା ପାଇଁ ସାମଗ୍ରୀ ସେଡ୍ର ମଧ୍ୟ ଉନ୍ନତି କରାଯିବ। ଏହା ଆସନ୍ତା ୫୦ ବର୍ଷକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି। ତେବେ ଷ୍ଟେସନର ନିର୍ମାଣ କାର୍ଯ୍ୟ ଆସନ୍ତା ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାଯାଇଛି।ସୂଚନା ଥାଉକି, ୨୦୨୧ ମସିହା ନଭେମ୍ବର ୨୫ ତାରିଖରେ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲେଶ୍ୱର ରେଳଷ୍ଟେସନ ନବୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।ପରେ ଶ୍ରୀ ଷଡ଼ଙ୍ଗୀ ଲଗାତାର ଭାବେ ଏହି ପ୍ରକଳ୍ପ କାମ ଆରମ୍ଭ କରିବା ପାଇଁ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ତେବେ ଦୁଇବର୍ଷ ପରେ ଏହି ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହେବା ପାଇଁ ଅର୍ଥ ମଞ୍ଜୁର ହୋଇଥିବା ସାଂସଦ ଶ୍ରୀ ଷଡ଼ଙ୍ଗୀ ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

(ଶ୍ରୀମଦ୍ଭଗବଦ୍ ଗୀତା ୪/୧)

–କର୍ମଯୋଗଃ–

(ଶ୍ରୀଭଗବାନୁବାଚ)

ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ॥୧॥

ଶ୍ରୀ ଭଗବାନ କହିଲେ–ମୁଁ ଅତି ପ୍ରାଚୀନ କାଳରେ ଏହି ଅକ୍ଷୟ ଯୋଗ ସୂର୍ଯ୍ୟଙ୍କୁ କହିଥିଲି, ସୂର୍ଯ୍ୟ ନିଜ ପୁତ୍ର ମନୁଙ୍କୁ କହିଥିଲେ, ମନୁ ନିଜ ପୁତ୍ର ଇକ୍ଷ୍ୱାକଙ୍କୁ କହିଥିଲେ ॥୧॥

ସମ୍ପାଦକୀୟ

ବଦଳୁଛି ରାଜନୀତି

ଭାରତର ନିର୍ବାଚନ ରେ ଜାତି ଓ ଧର୍ମର ଗୁରୁତ୍ୱ ଖୁବ୍ ବେଶୀ ବୋଲି କୁହାଯାଏ ...ଆଲୋଚନା କରାଯାଏ ଏବଂ ସମାଲୋଚନା ମଧ୍ୟ ହୁଏ । ବିଶେଷ ଭାବରେ ନିର୍ବାଚନରେ ଜାତିର ପ୍ରାଧାନ୍ୟ ରହିଆସିଛି । କେତେକ ରାଜନୈତିକ ଦଳ ଜାତିକୁ ନେଇ ଆଜିବି ରାଜନୀତି କରୁଛନ୍ତି । କଂଗ୍ରେସର ବରିଷ୍ଠ ନେତା ରାହୁଲ ନିଜ ଭାଷଣରେ ବାରମ୍ବାର ଜାତି କଥା ଉଠାଉଛନ୍ତି ଏବଂ ଜାତି ଗଣନା ପାଇଁ ଯୁକ୍ତି ବାଢୁଛନ୍ତି । ଦେଶରେ ସାମାଜିକ ନ୍ୟାୟ ଏବଂ ବିକାଶ ହାସଲ ପାଇଁ ଜାତି ଗଣନାର ଆବଶ୍ୟକତା ଉପରେ ରାହୁଲ ଗାନ୍ଧି ଗୁରୁତ୍ୱାରୋପ କରି ଆସୁଛନ୍ତି । ଖାଲି ରାହୁଲ କାହିଁକି ଅନ୍ୟ କେତେକ ନେତା, ବ୍ୟକ୍ତି ଓ ଦଳ ମଧ୍ୟ ଦେଶର ସାମୂହିକ ବିକାଶ ପାଇଁ ଜାତି ଜନଗଣନା ଜରୁରୀ ବୋଲି ବିଶ୍ୱାସ କରନ୍ତି । ନିକଟରେ ବିହାର ସରକାର ଜାତି ସର୍ବେକ୍ଷଣ ତଥା ଜାତି ଜନଗଣନା ପ୍ରସଙ୍ଗକୁ ଉଜ୍ଜୀବୀତ କରିଛନ୍ତି ଏବଂ ରାଜ୍ୟର ଜନଗଣନା ତଥ୍ୟ ପ୍ରକାଶ କରିଛନ୍ତି । ଜାତି ଜନଗଣନା ପାଇଁ ଯୁକ୍ତି କରୁଥିବା ନେତା ବା ବ୍ୟକ୍ତିବିଶେଷଙ୍କ ଯୁକ୍ତି ହେଲା, ଏହାଦ୍ୱାରା ସମାଜରେ ଅସମାନତା ଦୂର ହେବ । ତେବେ ପ୍ରଶ୍ନ ଉଠୁଛି ଏହା କଣ ନିହାତି ଦରକାର ? କିନ୍ତୁ ସମୟ ବଦଳି ଚାଲିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏହି ଚିନ୍ତାଧାରା ଭୋଟରଙ୍କୁ ଆକର୍ଷିତ କରିବ କି ନାହିଁ ସେଥିନେଇ ବିତର୍କ ଆବଶ୍ୟକ । କଥା ହେଉଛି, ଜାତି ରାଜନୀତି ଦ୍ୱାରା ନେତା ଭୋଟରଙ୍କ ନିକଟତର ହେଉଛନ୍ତି ନା ଦୂରେଇ ଯାଉଛନ୍ତି ? କେତେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ' ଏହାଦ୍ୱାରା ହିନ୍ଦୁ ଭୋଟ ବିଭାଜନ ସମ୍ଭବ ହେବ ଏବଂ ଜାତିକୁ ନେଇ ରାଜନୀତି କରୁଥିବା ଦଳ ଓ ନେତା ଭୋଟରଙ୍କୁ ଆକର୍ଷିତ କରିପାରିବେ । ଏହା ହେଇପାରେ । କିନ୍ତୁ ବର୍ତ୍ତମାନ ସମୟର ଯୁବକମାନେ ଏହି ଚିନ୍ତାଧାରାକୁ ଗ୍ରହଣ କରିବେ କି ? ବର୍ତ୍ତମାନ ସମୟରେ ଭାରତର ଅଧିକାଂଶ ଯୁବ ଜନସଂଖ୍ୟା ପାଇଁ ପ୍ରାଥମିକତା ହେଉଛି ଉତ୍ତମ ଶିକ୍ଷା, ବେତନ ପ୍ରାପ୍ତ ଚାକିରି ଓ ଭଲ ସାମାଜିକ ପରିବେଶ । ସେମାନଙ୍କ ପାଇଁ, ସର୍କଲରେ ସେହିମାନେ ଅନ୍ତର୍ଭୁକ୍ତ, ଯେଉଁମାନଙ୍କ ସହିତ ସେମାନଙ୍କର ମାନସିକ ସ୍ତରରେ ମେଳ ହେଇପାରିବ ଯାହା ପ୍ରାୟତଃ ଜାତି ଏବଂ ଧର୍ମ ଠାରୁ ଉର୍ଦ୍ଧ୍ୱରେ । ଏ ସବୁ ଦେଖିଲେ, ମନେହୁଏ ଅନେକଙ୍କ ପାଇଁ ଜାତିର ଗୁରୁତ୍ୱ ଆଗପରି ଆଉ ନାହିଁ । ଏଠାରେ ଯୁକ୍ତି କରାଯାଇ ପାରେ ଯେ' ଏଭଳି ଯୁବକଙ୍କ ଜନସଂଖ୍ୟା ସେତେ ବଡ ନୁହେଁ ଏବଂ ଜାତି ଏକ ପ୍ରମୁଖ ସାମାଜିକ ଚିନ୍ତାଧାରା ଭାବରେ ରହିଆସିଛି । ନିର୍ଦ୍ଦିଷ୍ଟ ପକେଟ ଏବଂ ଅଞ୍ଚଳରେ ଏହା ସତ ହୋଇପାରେ, କିନ୍ତୁ ନିକଟରେ ହୋଇଥିବା ରାଜ୍ୟ ନିର୍ବାଚନ ପ୍ରମାଣିତ କରିଛି ଯେ ପ୍ରାର୍ଥୀ ଭୋଟ୍ ଦେବା ପାଇଁ ଜାତି ଆଉ ଆଧାର ନୁହେଁ । ଯଦି ଏହା ହୋଇଥାନ୍ତା ତେବେ ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ ନିର୍ବାଚନ ଫଳାଫଳ ଭିନ୍ନ ହୋଇଥାନ୍ତା । ଏହି ତିନୋଟି ନିର୍ବାଚନ ପୂର୍ବରୁ ମଧ୍ୟ ୨୦୧୪ରେ ନିର୍ବାଚନ ଫଳାଫଳ ଅଲଗା ହେଇଥାନ୍ତା ଏବଂ ଏହା ପରେ ପ୍ରାୟ ପ୍ରତ୍ୟେକ ନିର୍ବାଚନରେ ଜାତି ଭୋଟକୁ ପ୍ରଭାବିତ କରିଥାଆନ୍ତା । ଯଦି ଭାରତରେ ନିର୍ବାଚନ କେବଳ ଜାତି-ପ୍ରଭାବିତ ହୋଇଥାନ୍ତା, ତେବେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସପି) ଉତ୍ତରପ୍ରଦେଶରେ ଏତେ ଖରାପ ସ୍ଥିତିରେ ନଥାନ୍ତା ବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ନିର୍ବାଚନରେ ହାରି ନ ଥାନ୍ତା । ଯଦି ବିଗତ ଦୁଇଟି ଲୋକସଭା ନିର୍ବାଚନ କଥା ଦେଖାଯିବ, ପ୍ରକୃତ କଥା ହେଉଛି କଂଗ୍ରେସର ଭୋଟହାର କ୍ରମାଗତ ଭାବେ ହ୍ରାସ ପାଉଛି ଏବଂ ବିଜେପିର ଭୋଟ୍ ଅଂଶ ସବୁବେଳେ ବୃଦ୍ଧି ପାଉଛି । ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ୫୨ ଟି ଆସନ ଜିତିଛି, ଯାହା ୨୦୧୪ର ତୁଳନାରେ ଆଠଟି ଅଧିକ । ଏହାର ଭୋଟ୍ ଅଂଶ – ୧୯.୫ ପ୍ରତିଶତ – ୨୦୧୪ ସହିତ ପ୍ରାୟ ସମାନ ଥିଲା । ଅନ୍ୟପକ୍ଷରେ, ୨୦୦୯ରେ ପରାଜୟ ପରଠାରୁ ବିଜେପି କ୍ରମାଗତ ନିର୍ବାଚନରେ ନିଜର ଆସନ ବୃଦ୍ଧି ଏବଂ ଭୋଟ୍ ଅଂଶ ବଢ଼ାଇ ଚାଲିଛି । ୨୦୧୪ ଲୋକସଭା ନିର୍ବାଚନରେ ୨୮୨ଟି ଆସନ ସହ ବହୁମତ ହାସଲ କରିବା ପରେ ବିଜେପି ୨୦୧୯ ନିର୍ବାଚନରେ ୨୧ ଟି ସିଟ୍ ବୃଦ୍ଧି କରି ୩୦୩କୁ ବୃଦ୍ଧି କରିଛି । ବିଧାନସଭା ନିର୍ବାଚନରେ ମଧ୍ୟ କଂଗ୍ରେସର ପ୍ରଦର୍ଶନ ଖରାପ ହେଇଛି । ତେଲେଙ୍ଗାନା ଏବଂ କର୍ଣ୍ଣାଟକ ବ୍ୟତୀତ ଦଳ ଆଉ କେଉଁଠାରେ ସଫଳ ହେଇନାହିଁ । ଅନ୍ୟପକ୍ଷରେ ବିଜେପି ଓ ସହଯୋଗୀ ଦଳଗୁଡିକ ସଫଳ ହେବାରେ ଲାଗିଛନ୍ତି ଯଦିଓ ଜାତିକୁ ନେଇ ସେମାନେ ରାଜନୀତି କରୁନାହାନ୍ତି । ବିଜେପିର ଭୋଟ ଅଂଶ ବଢିବା ପ୍ରମାଣ କରୁଛି ଯେ' ସବୁ ଜାତି ବିଜେପିକୁ ଭୋଟ ଦେଉଛନ୍ତି । ୨୦୧୯ ଲୋକସଭା ନିର୍ବାଚନରେ ବିଜେପିର ସର୍ବ-ଭାରତର ଭୋଟ୍ ଅଂଶ – ୩୭.୬ ପ୍ରତିଶତ – ୨୦୦୯ – ୧୮.୬ ପ୍ରତିଶତ ତୁଳନାରେ ପ୍ରାୟ ଦୁଇ ଗୁଣ ଥିଲାଛ ଅର୍ଥାତ ଜାତି କୁ ନେଇ ଅତୀତରେ ହେଇଥିବା ରାଜନୀତିର ଗୁରୁତ୍ୱ କମିବାରେ ଲାଗିଛି । ତେଣୁ ବର୍ତ୍ତମାନ ସମୟରେ ଏହି ଚିନ୍ତାଧାରାର କାର୍ଯ୍ୟକାରିତା କେତେ, ତାହା ଅନୁସନ୍ଧାନ ଯୋଗ୍ୟ । ଦେଶର ବିକାଶ ସହ ଶିକ୍ଷା ଅନେକଙ୍କ ପାଖରେ ପହଞ୍ଚି ପାରିଛି । ସ୍କୁଲ-କଲେଜର ପରିବେଶ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ କ୍ୟାରିଅରକୁ ନେଇ ଅନେକ ଆଶା ସଂଚାର କରାଇବାରେ ସକ୍ଷମ ହେଉଛି । ତେଣୁ ସମସ୍ତେ ନ ହେଲେ ମଧ୍ୟ, ଯୁବ ସମାଜ ମଧ୍ୟରେ ଧୀରେ ଧୀରେ ଜାତି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନାହିଁ ବା ଏବେ କିଛି ମାତ୍ରାରେ ଅଛି ଏବଂ ଧୀରେ ଧୀରେ ହ୍ରାସ ପାଇବ ନିଶ୍ଚୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟ ଶୈଳୀ ବିଶ୍ୱର ବୃହତ୍ତମ ଗଣତନ୍ତ୍ରରେ ସାମାଜିକ-ରାଜନୈତିକ ସମୀକରଣକୁ ବଦଳାଇ ଦେଇଛି ଜାତି ଜନପ୍ରିୟତା ଅପେକ୍ଷା ହିନ୍ଦୁ ଜାତୀୟତାବାଦୀ ଜନପ୍ରିୟତା ଅଧିକ ଗ୍ରହଣୀୟ ହେଇଛି । ଭାରତୀୟ ଗଣତନ୍ତ୍ରର ଏହା ହେଉଛି ସବୁଠାରୁ ବଡ ପରିବର୍ତ୍ତନ । ୨୦୧୪ ପୂର୍ବରୁ, ବିଶେଷ କରି ଉତ୍ତର ଭାରତୀୟ ରାଜ୍ୟଗୁଡିକରେ, ମତଦାନ ଆଚରଣରେ ଜାତି ଏକ ପ୍ରାଥମିକ ଭୂମିକା ଗ୍ରହଣ କରିଥିଲା ଯାହା ଏବେ ବଦଳିଛି । ସେହିପରି କେତେକଙ୍କ ଧର୍ମକୁ ନେଇ ରାଜନୀତି ମଧ୍ୟ ଶିକ୍ଷିତ ସମାଜରେ ବା ଯୁବକମାନଙ୍କ ମଧ୍ୟରେ କେତେ ଗ୍ରହଣୀୟ ହେବ, ତାହା ପର ପର୍ଯ୍ୟାୟରେ ସ୍ପଷ୍ଟ ହେବ । ଶିକ୍ଷା ଅଗ୍ରସର ହେବା ସହିତ ଜାତି ଓ ଧର୍ମକୁ ନେଇ ରାଜନୀତିକୁ ଯୁବପିଢ଼ି ପସନ୍ଦ କରି ନ ପାରନ୍ତି । ବିକାଶ ହିଁ ସବୁକିଛି । ଦେଶର ଅର୍ଥନୀତି, ବୈଦେଶିକ ନୀତି, ଦେଶ ବାହାରେ ଭାରତର ଛବିରେ ଉନ୍ନତିକୁ ଲୋକେ ଜାତି ଓ ଧର୍ମ ଅପେକ୍ଷା ଅଧିକ ପସନ୍ଦ କରିବେ । ଦେଶର ବିକାଶ ପାଇଁ ନୂଆ ଚିନ୍ତାଧାରା ଲୋକଙ୍କ ପାଖରେ ଉପସ୍ଥାପିତ କରିପାରିଲେ, ଜନତା ହୁଏତ ଅଧିକ ଗ୍ରହଣ କରିବେ-ଏହା ସବୁ ରାଜନୈତିକ ଦଳ ଅନୁଭବ କରିବା ଆବଶ୍ୟକ । ଜାତି ଓ ଧର୍ମକୁ ଛାଡି ବିକାଶ କଥା ଚିନ୍ତା କରିବାକୁ ପଡିବ । କଂଗ୍ରେସ ଭାରତକୁ ସ୍ୱାଧୀନ କରିବାରେ ନେତୃତ୍ୱ ନେଇଛି ଏବଂ ଭାରତ ଜନତା ପାର୍ଟି ସହିତ ଭାରତର ଦୁଇଟି ପ୍ରମୁଖ ରାଜନୀତିକ ଦଳ ମଧ୍ୟରୁ କଂଗ୍ରେସ ଅନ୍ୟତମ । କଂଗ୍ରେସକୁ ପୁଣି ଥରେ ଲୋକପ୍ରିୟ କରିବା ଏବଂ ପୂର୍ବବସ୍ଥା ଫେରାଇ ଆଣିବା ପାଇଁ ରାହୁଲ ଗାନ୍ଧିଙ୍କ ପ୍ରଚେଷ୍ଟା ନିଶ୍ଚିତ ଭାବରେ ପ୍ରଶଂସନୀୟ । କିନ୍ତୁ ଜାତି ଗଣନା ବା ଜାତିକୁ ନେଇ ରାଜନୀତି କେତେଦୂର ତାଙ୍କୁ ଏବଂ ଦଳ ପାଇଁ ସହାୟକ ହେବ, ତାହା ଅନୁସନ୍ଧାନ ସାପେକ୍ଷ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ବିକଶିତ ଭାରତ ଲକ୍ଷ୍ୟ– ଏକ ସମୀକ୍ଷା

ହିମାଂଶୁ ଶେଖର ଆଚାର୍ଯ୍ୟ

ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭାରତକୁ ୨୦୪୭ ମସିହା ସୁଦ୍ଧା ବିକାଶର ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆସନ୍ତା ୨୫ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏଥିପାଇଁ ସହଭାଗିତା ସହ ସମସ୍ତ ନାଗରିକମାନଙ୍କର ସାହାଯ୍ୟ ଓ ସହଯୋଗ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ଏକ ବିକଶିତ ରାଷ୍ଟ୍ର ଆଡ଼କୁ ଆମକୁ ଅଗ୍ରସର ହେବା ପାଇଁ ଦୁର୍ନୀତି ଭଳି ଆବର୍ଜନାକୁ ହଟାଇବା ଜରୁରୀ ବୋଲି ସେ କହିଥିଲେ । ବାସ୍ତବରେ ଦେଖିବାକୁ ଗଲେ ଦୁର୍ନୀତି ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ ରୂପେ ଉଭା ହୋଇଛି । ଏଥିପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ସୂଚନାଯୋଗ୍ୟ ଯେ, ଅଗଣିତ ସଂଗ୍ରାମୀଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୬ବର୍ଷ ପୂରି ୭୭ ବର୍ଷରେ ପଦାର୍ପଣ କରିଛି ।

ଏହି ସାତ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଆମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମର ଇପ୍ସିତ ଲକ୍ଷ୍ୟକୁ ଅନେକାଂଶରେ ପୂରଣକରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ । ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି ।

ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡ଼ିର ଦେଶ । ଖାଲି ସେତିକିନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି । ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା, ସଫ୍ଟଓୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯାଦା ଦେଇଛି । ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହଞ୍ଚିଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ । ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ । ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ । ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି । ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା କିଛି ଲୋକ । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଦିନକୁ ଦିନ ଆମ ମାଆ-ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ଆବଶ୍ୟକୀୟ ନିଯୁକ୍ତି ନାହିଁ । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି । ଏହାହିଁ କ୍ଷୋଭର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୭ ବର୍ଷ କିଛିକମ୍ ନୁହେଁ । ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟ ଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମ ଠାରୁ ବହୁ ଆଗରେ କିନ୍ତୁ ଆମେ ବହୁ ପଛରେ ପଡିଛୁ । ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସହରାଞ୍ଚଳରେ ମାତ୍ର ୩୧.୨ଭାଗ ଲୋକ ବାସ କରନ୍ତି । କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରାଞ୍ଚଳରେ ୮୦ପ୍ରତିଶତ, ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ, ଜାପାନରେ ୭୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରାଞ୍ଚଳରେ ବାସ କରନ୍ତି । ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷି ପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପ ପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ । ଏପରିକି ସେମାଙ୍କର ଜୀବନ ଧାରଣର ମାନ ଆମଠାରୁ ବହୁତ ଉନ୍ନତ । ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି ।

ଏଥିପାଇଁ ସବୁକ୍ଷେତ୍ରରେ ଦ୍ରୁତଗତିଶୀଳ ଅଭିବୃଦ୍ଧି ଆବଶ୍ୟକ । ଖାଲି ସେତିକି ନୁହେଁ ଏହି ବିକାଶକୁ ଦୀର୍ଘସ୍ଥାୟୀ ଓ ଚିରସ୍ଥାୟୀ କରିବା ଦରକାର । ଏଥି ସହିତ ବିକାଶ ପାଇଁ ଯେଉଁ ରଣନୀତି ଅନୁସରଣ କରାଯାଇଛି ତାହାକୁ ବଜାୟ ରଖିବାକୁ ହେବ । ଭାରତର ବିକାଶ ପ୍ରକ୍ରିୟାରେ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ ମୁଣ୍ଡପିଛା ଆୟକୁ ବଢାଇବାକୁ ହେବ । ବିକଶିତ ରାଷ୍ଟ୍ରରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ନିରାକରଣ ହେବା ଦରକାର । ଏତଦ୍ ବ୍ୟତୀତ ବିକାଶର ସୁଫଳ ଯେପରି ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକଟି ପାଖରେ ପହଞ୍ଚି ପାରିବ ସେଥିପାଇଁ ଉଦ୍ୟମ ହେବା ଜରୁରୀ । ଏପରିକି ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟାର ସମାଧାନ ପାଇଁ ଅଗ୍ରାଧିକାର ଦେବାକୁ ହେବ । ତା ହେଲେ ଯାଇ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ।

ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ମଧୁର ଦାମ୍ପତ୍ୟ

ବୈଷ୍ଣବ ମେହେର

ପତି ଓ ପତ୍ନୀ ଉଭୟ ପରସ୍ପରର ପରିପୂରକ । ଏକ ପୂର୍ଣ୍ଣାଙ୍ଗ ପରିବାର ନିମନ୍ତେ ପତିପତ୍ନୀଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଏବଂ ଅଙ୍ଗୀକାରବଦ୍ଧତା ସଦା ସ୍ୱୀକାର୍ଯ୍ୟ । ଏକଥା ଭୁଲିବାର ନୁହେଁ ଯେ, ପରିବାରର ସୁଖ ସମୃଦ୍ଧି ତଥା ଶ୍ରୀବୃଦ୍ଧି ପାଇଁ ପତିପତ୍ନୀଙ୍କ ସମାନ ସାଧନା, ତ୍ୟାଗ ଏବଂ ସମର୍ପିତ ଭାବ ରହିବା ବିଧେୟ ।

ନାରୀ ଶକ୍ତି ଓ ପୁରୁଷ ପୌରୁଷର ପ୍ରତୀକ । ପୌରୁଷ ବିନା ଶକ୍ତି ଓ ଶକ୍ତି ବିନା ପୌରୁଷ ଯେମିତି ବ୍ୟର୍ଥ ଠିକ ସେମିତି ନାରୀ ବିନା ପୁରୁଷ ଓ ପୁରୁଷ ବିନା ନାରୀ ମଧ୍ୟ ଅପୂର୍ଣ୍ଣ ଓ ଅସହାୟ । ତେଣୁ ଅନେକାଂଶରେ ମଣିଷର ଆନ୍ତରିକ ତଥା ବାହ୍ୟ ଜୀବନର ବିକାଶ ପାଇଁ ନାରୀ ଓ ପୁରୁଷ ପରସ୍ପରର ସହଯୋଗୀ ହେବା ଯେତିକି ବିଧିସଙ୍ଗତ ସେତିକି ଅପରିହାର୍ଯ୍ୟ । ଅପରପକ୍ଷେ ମଣିଷର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଉନ୍ନତି ଓ ବିକାଶ ନିମନ୍ତେ ପତିପତ୍ନୀଙ୍କ ସହଯୋଗ, ଏକତା, ସର୍ବୋପରି ତ୍ୟାଗପୂର୍ଣ୍ଣ ଦାମ୍ପତ୍ୟ ଜୀବନର ଆବଶ୍ୟକତା ଅପରିହାର୍ଯ୍ୟ । ପତ୍ନୀ କେବଳ ପତିର ଅର୍ଦ୍ଧାଙ୍ଗିନୀ ନୁହଁ ସେ ଘରର ଲକ୍ଷ୍ମୀ ମଧ୍ୟ । ଘରର ସ୍ଥିତିକୁ ଦେଖି ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁ ରୂପେ ଚଳେଇ ନେବା ହିଁ ପତ୍ନୀର ସବୁଠାରୁ ବଡ଼ ଧର୍ମ । ଶାଶୁଶ୍ୱଶୁର, ସ୍ୱାମୀ, ଦିଅର ନଣନ୍ଦ, ପୁଅଝିଅ ସମସ୍ତଙ୍କ ଇଚ୍ଛାକୁ ପୂରଣ କରିବାରେ ପରିବାରର ଏହି ଲକ୍ଷ୍ମୀଙ୍କ ଯେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ଠିକ୍ ସେତିକି ମହତ୍ୱପୂର୍ଣ୍ଣ ହୋଇଥାଏ । ପରିବାରର ଏହି ସମସ୍ତ ସଦସ୍ୟଙ୍କୁ ଶୃଙ୍ଖଳିତ ପଥରେ ପରିଚାଳନା କରିବା । ପ୍ରତ୍ୟେକ ପରିସ୍ଥିତିରେ ପତିର କଥାକୁ ଧ୍ୟାନର ସହିତ ଶୁଣି ତା'ର ଉଭୟ ସୁଖଦୁଃଖରେ ସମଭାବାପନ୍ନ ହେବା ପତ୍ନୀ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ପତିକୁ ମଧ୍ୟ ଠିକ୍ ସେହିପରି ପତ୍ନୀର ପ୍ରତ୍ୟେକ କଥାକୁ ଧୈର୍ଯ୍ୟର ସହ ଗ୍ରହଣ କରି ତା'ର ସୁଖ ଓ ଦୁଃଖକୁ ନିଜର ସୁଖଦୁଃଖ ଭାବେ ଅନୁଭବ କରିବା ସେତିକି ମହତ୍ୱପୂର୍ଣ୍ଣ । ବାସ୍ତବରେ କହିବାକୁ ଗଲେ ପତିପତ୍ନୀ ସଂସାରର ଏମିତି ବନ୍ଧୁ ଯାହାର ଅନ୍ୟ କୌଣସି ବିକଳ୍ପ ହିଁ ନାହିଁ । ଯେଉଁଳି ପରିସ୍ଥିତି ଥାଉନା କାହିଁକି ପତ୍ନୀ ସଦା ପତିର ସହଚରୀ ଏବଂ ପତି ପତ୍ନୀର ସହଯୋଗୀ ହେଲେ ଯାଇ ଦାମ୍ପତ୍ୟ ଜୀବନକୁ ମଧୁମୟ କରାଯାଇପାରିବ ।

ସକାଳ ପାଇଲେ ରାମଚନ୍ଦ୍ର ରାଜା ଏବଂ ସୀତା ରାଣୀ ହେବାର ଥିଲା । ଏନେଇ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସେହି ରାତିରେ ହିଁ ସବୁକିଛି ବଦଳିଗଲା ଓ ରାମଙ୍କୁ ବଣକୁ ଯିବାକୁ ପଡ଼ିଲା । ରାମ ରାଜା ହୋଇଥିଲେ ରାଣୀ ହେବାରେ ସୀତାଙ୍କ ଯେତିକି ଉତ୍ସାହ ବନବାସୀ ରାମଙ୍କ ସହ ବନଗମନ କରିବାରେ ମଧ୍ୟ ସେତିକି ଆଗ୍ରହ ହିଁ ସେଦିନ ପ୍ରକୃତ ଦାମ୍ପତ୍ୟତାକୁ ପ୍ରତିପାଦିତ କରିଥିଲା । ପତିପତ୍ନୀଙ୍କ ସଂପର୍କକୁ ନେଇ ଆଉ ଏକ କଥା ମନେପଡ଼େ, ପୌଢ଼ଶିକ୍ଷା କେନ୍ଦ୍ରରେ ଅର୍ଦ୍ଧ ବୟସ୍କା ବୀଣାକୁ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ତିରିଶ ଜଣ ବ୍ୟକ୍ତିଙ୍କ ନାମ କଳାପଟାରେ ଲେଖିବାକୁ କହି ପରବର୍ତ୍ତୀ ସମୟରେ ସେହି ତାଲିକାରୁ ଜଣକ ପରେ ଜଣେ କମ ଗୁରୁତ୍ୱ ରଖୁଥିବା ବ୍ୟକ୍ତିଙ୍କ ନାମ କ୍ରମାନ୍ୱୟରେ ଲିଭାଇ ଦେବାକୁ ଶିକ୍ଷକ ନିର୍ଦ୍ଦେଶ ଦେଇଥିଲେ । ସେହି ତାଲିକାରୁ ମାଆ, ବାପା, ସ୍ୱାମୀ, ପୁଅଝିଅ, ଭାଇଭଉଣୀ, ପଡ଼ୋଶୀ, ସାଙ୍ଗସାଥି ଧୀରେ ଧୀରେ ସମସ୍ତଙ୍କ ନାମ ବୀଣା ଲିଭାଇ ଚାଲିଲା । ଶେଷରେ ସ୍ୱାମୀ ଓ ପୁଅ ଦୁଇଜଣ କଳାପଟାରେ ରହିଥିବା ବେଳେ ବୀଣା ସକଳ କଷ୍ଟକୁ ଛାତିରେ ଚାପି ଦେଇ ପୁଅର ନାଁ କୁ ଲିଭାଇ ଦେଲା । ଏବେ କେବଳ ସ୍ୱାମୀର ନାଁ ରହିଲା । ଏହା ଦେଖି ଶିକ୍ଷକ ବୀଣାକୁ ପଚାରିଲେ, ତୁମ ବାପାମାଆ ତୁମକୁ ପାଳିପୋଷି ମଣିଷ କରିଥିଲେ । ଏକମାତ୍ର ପୁଅ ଯାହାକୁ ନିଜ ଗର୍ଭରୁ ଜନ୍ମ ଦେଇଛ । ତଥାପି ଏମାନଙ୍କୁ ନିଜ ଜୀବନରୁ ବାଦ ଦେଇ ଦେଲ । ହେଲେ ସ୍ୱାମୀକୁ କାହିଁକି ବାଦ ଦେଇ ପାରିଲ ନାହିଁ । ଏ ପ୍ରଶ୍ନରେ ଅତ୍ୟନ୍ତ ଶାନ୍ତ ସ୍ୱରରେ ବୀଣା କହିଲେ, ସାର୍ ବାପାମାଆ ଦିନେ ମୋ ଆଗରୁ ସଂସାରରୁ ଚାଲିଯିବେ ।

ପୁଅ ମଧ୍ୟ ବଡ଼ ହୋଇ ନିଜ ପରିବାର କରିବ । ହେଲେ ଜୀବନର ଶେଷ ମୁହୂର୍ତ୍ତ ଯାଏଁ ମୋ ସ୍ୱାମୀ ହିଁ ମୋ ସହିତ ରହିବେ । ସେ ମୋତେ କିମ୍ବା ମୁଁ ତାଙ୍କୁ ଛାଡ଼ି କୁଆଡ଼େ ଯାଇ ପାରିବୁ ନାହିଁ । ବୀଣାର ଏହି ଉତ୍ତରରୁ ପତିପତ୍ନୀଙ୍କ ସମ୍ପର୍କର ଗଭୀରତାକୁ ଅକ୍ଲେଶରେ ହୃଦୟଙ୍ଗମ କରିହୁଏ ।

ଭାରତୀୟ ସଂସ୍କୃତିରେ ପତିପତ୍ନୀର ବନ୍ଧନକୁ ସୁଖଦ କରିବା ପାଇଁ ବିବାହ ବେଦୀରେ ହାତଗଣ୍ଠି ପକାଯାଏ । ଜୀବନର ଖଟାମିଠା ଅନୁଭୂତି ଭିତରେ ଏ ଗଣ୍ଠି ଯେମିତି ହୁଗୁଳା ହୋଇ ନଯାଏ, ସେଥିପାଇଁ ବିବାହ ବାର୍ଷିକୀ ପୁନଃ ପରସ୍ପର ପ୍ରତି ସମର୍ପିତ ହେବାର ଅବସର ଆଣିଥାଏ । ଏକଥା ଆମକୁ ବୁଝିବାକୁ ହେବ ଯେ, ଦାମ୍ପତ୍ୟ ଜୀବନ ହେଉଛି ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଉ କର୍ତ୍ତବ୍ୟବୋଧର ଅପୂର୍ବ ସମାହାର । ଯାହା ମାଧ୍ୟମରେ କେବଳ ବୈକୁଣ୍ଠ ସମାନ ପରିବାର ନୁହଁ ଅଧିକନ୍ତୁ ଏକ ଆଦର୍ଶ ସମାଜର ପରିକଳ୍ପନାକୁ ବାସ୍ତବ ରୂପ ଦିଆଯାଇ ପାରିବ ।

ସିନାପାଲି, ନୂଆପଡ଼ା
ମୋ-୯୭୭୭୭୫୩୯୩୫

ମିଲେଟ ବା ପୁଷ୍ଟିଶସ୍ୟ

ବାଦଲ ଭୂୟାଁ

ଯୁଗ ଯୁଗରୁ ମିଲେଟ ବା ପୁଷ୍ଟି ଶସ୍ୟ ଆମ ଖାଦ୍ୟପେୟର ଏକ ଅଂଶବିଶେଷ ହୋଇ ରହି ଆସିଛି। ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହାକୁ ଚାଷ କରନ୍ତି । ଏବେ ଏହି ପୁଷ୍ଟିଯୁକ୍ତ ଶସ୍ୟ ବିଶ୍ୱ ଦରବାରରେ ପହଞ୍ଚାଇବାର ସମୟ ଆସିଛି । ରାଜ୍ୟ ସରକାରଙ୍କ ତରଫରୁ ମିଲେଟ୍ସ ମିଶନ ଏବଂ ତତ୍ ସମ୍ବନ୍ଧୀୟ ଉଦ୍ୟୋଗ ଓ ଜୀବଜୀବିକାର ସାଧନ ଲାଗି ୨୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ।

୨୦୧୭ ମସିହାରେ ରାଜ୍ୟ ସରକାର ମିଲେଟ ମିଶନର ଶୁଭାରମ୍ଭ କରିଥିଲେ । ଏବେ ଏହା ମିଳିତ ଜାତିସଂଘର ଅନୁମୋଦନ ଲାଭ କରିଛି । ୨୦୨୩ ମସିହାକୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ଭାବେ ଜାତିସଂଘ ଘୋଷଣା କରିଛନ୍ତି । ଏହା ଫଳରେ ବିଶ୍ୱସ୍ତରରେ ଏହି ଶସ୍ୟ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଛି । ମିଲେଟ୍ସକୁ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉଦ୍ୟୋଗ କରିବାରେ ସଫଳ ହୋଇଛନ୍ତି । ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟ ସଶକ୍ତ ହୋଇଛି । ରାଜ୍ୟ ସରକାର ମିଲେଟ ପ୍ରତି ସଚେତନତା ସୃଷ୍ଟି କରି ନାଗରିକମାନଙ୍କ ମଧ୍ୟରେ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିବାକୁ ଯୋଜନା କରିଛନ୍ତି । ଓଡ଼ିଶାରେ ମାଣ୍ଡିଆ, ସୁଆଁ ଭଳି ପୁଷ୍ଟିଶସ୍ୟ ବେଶ ପରିଚିତ ଥିବାବେଳେ ଏହାର ବ୍ୟବହାର ବଢ଼ାଇବା ଲାଗି ସରକାର ମେଡ଼ିକାଲ ଠାରୁ ସ୍କୁଲ ପର୍ଯ୍ୟନ୍ତ ଏହାକୁ ଖାଦ୍ୟରେ ସାମିଲ କରିଛନ୍ତି ।

ପୁଷ୍ଟିଶସ୍ୟର ପୁନରୁଦ୍ଧାର କରିବା ସହିତ ଏହାକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାର ଉଭୟ ପ୍ରଶାସନ ଓ ସମାଜକୁ ନେଇ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହି ମହତ ପ୍ରୟାସ ସହିତ ପ୍ରତ୍ୟେକ ସାଧାରଣ ଲୋକର ଖାଇବା ଥାଳିରେ ମିଲେଟ ଭଳି ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତମ ଭାବେ କାର୍ଯ୍ୟ କରିବ । ମିଲେଟ ଓ ମିଲେଟ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ସରକାରଙ୍କର ଉଦ୍ଦେଶ୍ୟ ।

ଆମେ ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକମାନଙ୍କ ମଧ୍ୟରେ ଏକ ସକରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତାର ଯୋଗ୍ୟ ସ୍ୱୀକୃତି ଫେରିପାଇବ ଏବଂ ସୁସ୍ଥ ଜୀବନ ଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ବୋଲି ଆଶା ରହିଛି । ଓଡ଼ିଶାର କୃଷି କ୍ଷେତ୍ର ଆଜି ବ୍ୟାପକ ବିକାଶ କରିଛି ଓ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏ ନେଇ କେନ୍ଦ୍ର ସରକାର ଓ ବିଶ୍ୱର ବିଭିନ୍ନ ଦରିଆପାରି ସଂଗଠନ ଓ ଅନ୍ୟାନ୍ୟ ସଂଗଠନ ଠାରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ମଧ୍ୟ ହୋଇଛି ।

ଏଣିକି ହସ୍ପିଟାଲ କ୍ୟାଣ୍ଟିନରେ ମିଲେଟରେ ପ୍ରସ୍ତୁତ ଖାଦ୍ୟ ମିଳିବାର ବ୍ୟବସ୍ଥା ହୋଇଛି । ତା ସହିତ ସମଗ୍ର ଦେଶରେ ଥିବା ନାମୀ ରେଷ୍ଟୁରାଣ୍ଟ ଚେନ ୱାଓ ମୋମୋ ଆଉଟଲେଟରେ ମିଲେଟ ବା ମାଣ୍ଡିଆରୁ ତିଆରି ମୋମୋ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମିଳିବାର ବ୍ୟବସ୍ଥା ହୋଇଛି । ହସ୍ପିଟାଲ ଗୁଡ଼ିକରେ ରୋଗୀଙ୍କୁ ମିଲେଟ ଖାଦ୍ୟ ଦେବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ ଲାଭଜନକ ହେବ । ରାଜ୍ୟରେ ଗତ ବର୍ଷ ୬ଲକ୍ଷ ମେଟ୍ରିକ ଟନ ମିଲେଟ ସଂଗ୍ରହ କରାଯାଇଛି । ୩୦ ଜିଲ୍ଲାର ୧୭୭ ବ୍ଲକରେ ଏଥର ମିଲେଟ ଚାଷ କରାଯାଉଛି । ଅନ୍ୟପଟେ ରାଜ୍ୟରେ ଅଢ଼େଇ ଲକ୍ଷ ହେକ୍ଟର ଜାଗାରେ ଚାଷ ହୋଇଛି । ଆଉ ଦୁଇ ଲକ୍ଷ ଚାଷୀ ଏଥିରେ ଯୋଡ଼ି ହୋଇଛନ୍ତି । ମିଲେଟ ଚାଷକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଏମଏସପି ନିର୍ଦ୍ଧାରଣ କରିଛନ୍ତି । ଯାହା ଆଗାମୀ ଦିନରେ ଏହି ଚାଷକୁ ଆଗକୁ ନେବ । ନିକଟରେ ଭୁବନେଶ୍ୱରର ଜନତା ମଇଦାନରେ ଦୁଇ ଦିନିଆ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀରେ ଅନୁଷ୍ଠି ହୋଇଥିଲା ଯେଉଁଥିରେ ମିଲେଟ ଚାଷ ପ୍ରକ୍ରିୟାକରଣରେ କୃଷକମାନଙ୍କର ସଂପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହା ସହ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଲେଟ ଉଦ୍ୟୋଗୀମାନଙ୍କ ସଫଳତାର କାହାଣୀ ପ୍ରଦର୍ଶିତ ହେବା ସହ ସାରା ଦେଶ ପାଇଁ ସମ୍ମିଳନୀରେ ମିଲେଟ ପଲିସି ରୋଡ଼ମ୍ୟାପ ପ୍ରସ୍ତୁତ ହୋଇଛି। ମାଣ୍ଡିଆ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ସହ ଘରେ ଘରେ ମିଲେଟ ବ୍ୟବହାର ବୃଦ୍ଧି ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଲକ୍ଷ୍ୟ ରଖିଛି। ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଆଫ୍ରିକୀୟ ଓ ୟୁରୋପୀୟ ଦେଶର କୃଷି ପରାମର୍ଶଦାତା ସାମିଲ ହୋଇଛନ୍ତି । ଓଡ଼ିଶାର ମିଶନ ଶକ୍ତି ଓ ମିଲେଟ ମିଶନ ଆଜି ସମଗ୍ର ବିଶ୍ୱରେ ତାର ସ୍ୱତନ୍ତ୍ରତା ଓ ଗୌରବର ଗାଥା ବୃଦ୍ଧି କରିବାରେ ସମର୍ଥ ହୋଇଛି।

୪କି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ-୭୪୮୮୯୯୮୫୩୨

ସଙ୍କଳ୍ପ

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।

ଗୋପବନ୍ଧୁ ଦାସ

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଜଳସେଚନ...

ଶେରଗଡ଼ ଗ୍ରାମପଞ୍ଚାୟତକୁ ଏନ୍.ଏ.ସି ଭାବେ ଘୋଷଣା କରିଥିଲେ ଏବଂ ହିଞ୍ଜିଳି-ଶେରଗଡ଼ର ବିକାଶକୁ ଏକ ନୂଆ ସୋପାନରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ଶୀତଳାପଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ସରସ୍ୱତୀ ପୂଜାର ଶୁଭ ଅବସରରେ ଗଞ୍ଜାମ ଜିଲ୍ଲା ପାଇଁ ୫ ହଜାର କୋଟିରୁ ଅଧିକ ଟଙ୍କାର ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଗଲା । ସେହିପରି ଗୋପାଳପୁର ଇଣ୍ଡଷ୍ଟ୍ରିଆଲ୍ ପାର୍କରେ ଏସିଏମ୍‌ଇ ଓ ଆଭାଡ଼ା ଦ୍ୱାରା ଗ୍ରୀନ୍ ଫୁଏଲ୍ ପ୍ରକଳ୍ପ ଏବଂ ଗୋପାଳପୁରଠାରେ ଇଣ୍ଟ୍ରୋର ୟୁଟିଲିଟି କରିଡ଼ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା । ଏହା ଦ୍ୱାରା ଜିଲ୍ଲାରେ ଶିଳ୍ପ ବିକାଶ ସହିତ ନିଯୁକ୍ତି ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ । ଆଜି ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି । ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ଯୋଗାଉଛି । ବିଶ୍ୱର ବଡ଼ ବଡ଼ ଆଇଟି କମ୍ପାନି ଓଡ଼ିଶାରେ ସେମାନଙ୍କର କମ୍ପାନି ପ୍ରତିଷ୍ଠା କରୁଛନ୍ତି । କ୍ରୀଡ଼ା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସୁନାମ ଅର୍ଜନ କରିଛି । ଆମର ୫-ଟି ଉପକ୍ରମ ଶିକ୍ଷା-ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣିଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପ ଓ ମା' ତାରାତାରିଣୀ ପୀଠର ରୂପାନ୍ତର ଓଡ଼ିଶାକୁ ଗୌରବାନ୍ୱିତ କରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିକିତ୍ସା ଚିନ୍ତା ଦୂର କରିଛି । ରାଜ୍ୟରେ ମା'ମାନେ ଆଜି ଉଦ୍ୟୋଗୀ ହେବା ପାଇଁ ଆଗଭର ହେଲେଣି । ଚାଷୀମାନଙ୍କ ପାଇଁ ମା'ମାନଙ୍କ ପାଇଁ ଓ ଯୁବଗୋଷ୍ଠୀ ପାଇଁ ବିନାସୁଧରେ ଋଣ ବ୍ୟବସ୍ଥା ସେମାନଙ୍କ ପାଇଁ ସୁଯୋଗ ଆଣିଦେଉଛି । ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ହେବାକୁ ଯାଉଛି । ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହି ଆଗାମୀ ଦିନରେ ଓଡ଼ିଶାକୁ ବିକାଶର ନୂଆ ସୋପାନରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୀତଳାପଲ୍ଲୀଠାରେ ନବନିର୍ମିତ ୨୦୦ ଶଯ୍ୟାବିଶିଷ୍ଟ ସମ୍ ସୁପରସ୍ପେସିଆଲିଟି ହସ୍ପିଟାଲ୍‌କୁ ଲୋକାର୍ପିତ କରିବା ସହିତ ଘରପାଖରେ ଆପଣମାନେ ଏହା ମାଧ୍ୟମରେ ଭଲ ଚିକିତ୍ସା ସୁବିଧା ପାଇବେ ବୋଲି କହିଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ଗୋପାଳପୁରଠାରେ ୨୭ ହଜାର କୋଟି ଟଙ୍କା ନିବେଶରେ ଏ.ସି.ଏମ୍.ଇ ଦ୍ୱାରା ୧.୧୦ ଏମ୍.ଏମ୍.ଟି.ପି.ଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ୮ ହଜାର କୋଟି ଟଙ୍କା ନିବେଶରେ ଆଭାଡ଼ା ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ଭିତ୍ତି ରଖିଥିଲେ । ଏହି ଦୁଇ ପ୍ରକଳ୍ପ ଦ୍ୱାରା ପ୍ରାୟ ୫୨୦୦ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ୍ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରକଳ୍ପ ସଂପର୍କରେ ଲୋକମାନଙ୍କ ସହ ଆଲୋଚନା କରିଥିଲେ ।

ଦେଖ...

ଯୋଗ ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ । ନିକଟରେ ସେ ସମ୍ବଲପୁର ଗସ୍ତ ବେଳେ ଲୋକଙ୍କ ଠାରୁ ସଂଗ୍ରହ କରିଥିବା ଦରଖାସ୍ତ ଭିତ୍ତିରେ ବିଭିନ୍ନ ପ୍ରକଳ୍ପକୁ ଆଜି ମଂଜୁରୀପତ୍ର ପ୍ରଦାନ କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା ଆନୁକୂଲ୍ୟରେ ୫୮ କୋଟି ବ୍ୟୟ ଅଟକଳର ୧୩୪୭ଟି ପ୍ରକଳ୍ପ ପାଇଁ ମଂଜୁରୀପତ୍ର ଆଜି ପ୍ରଦାନ କରାଯାଇଛି । ଏଥିପାଇଁ ସମ୍ବଲପୁର ଜିଲ୍ଲାର ଚାରୋଟି ସ୍ଥାନ- ରେମେଡ ପଡିଆ, କୁଚିଣ୍ଡା କଲେଜ ପଡିଆ, କୁକୁମରା ହକି ପଡିଆ, ରେଢାଖୋଲ ଏବଂ ବିଶାଳଖିଣ୍ଡା ପଡିଆରେ ପ୍ରକଳ୍ପ ମଂଜୁରୀପତ୍ର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହିସବୁ କାର୍ଯକ୍ରମରେ ଯଥାକ୍ରମେ ମନ୍ତ୍ରୀ ନିରଂଜନ ପୂଜାରୀ, ରୀତା ସାହୁ, ପ୍ରଫୁଲ୍ଲ ମଲ୍ଲିକ ଏବଂ ଟୁକୁନି ସାହୁ ଯୋଗ ଦେଇଥିଲେ । ଏହିସବୁ ସ୍ଥାନ ସହ ଭିଡିଓ କନଫରେନସିଂ ଜରିଆରେ ଯୋଡି ହୋଇଥିଲେ ଫାଇଭ-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ।

ଗତ ଜାନୁଆରୀ ୧୨ ଓ ୧୩ ତାରିଖରେ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକର ସମୀକ୍ଷା କରିବା ସହ ଲୋକଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିଥିଲେ । ଏହି ଦରଖାସ୍ତ ମଧ୍ୟରେ ଥିବା ଧାର୍ମିକ ଅନୁଷ୍ଠାନ ରୂପାନ୍ତରଣ ପ୍ରସ୍ତାବ, ଗୋଷ୍ଠି କେନ୍ଦ୍ର ନିର୍ମାଣ ପ୍ରସ୍ତାବ ନେଇ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ସମସ୍ତ ଦରଖାସ୍ତର ସମୀକ୍ଷା କରି ଆଜି ୧୩୪୭ଟି କାର୍ଯ୍ୟର ମଂଜୁରୀ ଆଦେଶ ବଣ୍ଟନ କରାଯାଇଛି ।

ଏହି ଅବସରରେ କାର୍ତ୍ତିକ ପାଣ୍ଡିଆନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢେ ଚାରି କୋଟି ଓଡିଆଙ୍କୁ ତାଙ୍କ ପରିବାର ବୋଲି ଭାବନ୍ତି । କଥା କମ କୁହନ୍ତି, କିନ୍ତୁ ଲୋକଙ୍କ ପାଇଁ ସବୁବେଳେ କାମ କରନ୍ତି । ଏତେ କମ ଦିନ ମଧ୍ୟରେ ଲୋକଙ୍କ ଦରଖାସ୍ତ ଉପରେ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟାନୟକ ହିଁ ପଦକ୍ଷେପ ନେଇପାରନ୍ତି । ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିବାକୁ ଯାଇ ସେ କହିଥିଲେ ଲୋକେ ଏକଥାକୁ ପରୀକ୍ଷା କରିପାରନ୍ତି । ଏବେ ରାଜ୍ୟରେ ନିର୍ବାଚନୀ ମାହୋଲ ଆରମ୍ଭ ହୋଇଗଲାଣି, ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନେ ଆସି ବଡ ବଡ ପ୍ରତିଶ୍ରୁତି ଦେଉଥିବେ । ସେମାନଙ୍କୁ ଜନସାଧାରଣ ଦରଖାସ୍ତ ଦେଇ ଦେଖନ୍ତୁ ସେମାନେ କେତେ ଦିନରେ ତାହା ପୂରଣ କରୁଛନ୍ତି, ନା ବିଲକୁଲ ପୂରଣ କରୁନାହାଁନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାତ୍ର ପାଞ୍ଚରୁ ଦଶ ଦିନ ଭିତରେ ଲୋକଙ୍କ ଆବେଦନ ଉପରେ ପଦକ୍ଷେପ ନେଉଛନ୍ତି । ତାଙ୍କର ସମକକ୍ଷ କେହି ହୋଇପାରିବେ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ଜନସାଧାରଣ ହୃଦୟର ସହିତ ଆଶୀର୍ବାଦ କରନ୍ତୁ ବୋଲି କାର୍ତ୍ତିକ ପାଣ୍ଡିଆନ ଅପିଲ କରିଥିଲେ ।

ବିଭିନ୍ନ ଅଞ୍ଚଳକୁ ମିଳିଥିବା ପ୍ରକଳ୍ପ ମଞ୍ଜୁରୀପତ୍ର ପାଇଁ ବିଭିନ୍ନ ଅଞ୍ଚଳବାସୀ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରକଳ୍ପ ମଂଜୁରୀ ବିତରଣ ବେଳେ ସମସ୍ତେ ଗଦଗଦ୍ ହୋଇ ପୂର୍ବରୁ ଏଭଳି କେବେ ହୋଇନଥିବା ପ୍ରକାଶ କରିଥିଲେ । ସମ୍ବଲପୁର ପାଇଁ ଏତେ ସଂଖ୍ୟକ ପ୍ରକଳ୍ପ ପୂର୍ବରୁ କେବେ ମଂଜୁର ହୋଇନଥିବା ମଧ୍ୟ ଲୋକେ କହିଥିଲେ ।

ବରିଷ୍ଠ...

ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କୁ ମାସିକ ୨୦୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ବରିଷ୍ଠ ହସ୍ତଶିଳ୍ପ କାରିଗରମାନଙ୍କୁ (ଉଭୟ ମହିଳା ଓ ପୁରୁଷ) ମାସିକ ୨୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇଦିଆଯିବ ।

ସୂଚନା ଯୋଗ୍ୟ ଯେ ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପ କାରିଗର ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଦକ୍ଷତା ବିକାଶ ଓ କଲ୍ୟାଣ ମୂଳକ ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି । ରାଜ୍ୟର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ଏବଂ ସଂରକ୍ଷଣ ପାଇଁ ବୁଣାକାର ଓ ହସ୍ତ ଶିଳ୍ପ କାରିଗର ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ରାଜ୍ୟରେ ୧,୨୫,୦୦୦ ରୁ ଅଧିକ ବୁଣାକାର ତଥା ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଥିବା ବେଳେ ୧,୫୦,୦୦୦ ରୁ ଅଧିକ ହସ୍ତଶିଳ୍ପ କାରିଗର ଅଛନ୍ତି ।

ତେବେ, ପରିଣତ ବୟସରେ ବୁଣାକାରମାନଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ବୁଣାକାର ସହାୟତା ଯୋଜନା ଥିବା ବେଳେ ବରିଷ୍ଠ ହସ୍ତ ଶିଳ୍ପ କାରିଗର ମାନଙ୍କ ପାଇଁ କୌଣସି ଯୋଜନା ନାହିଁ ।

ବୁଣାକାର ମାନେ ୬୦ ରୁ ୮୦ ବର୍ଷ ବୟସ ମଧ୍ୟରେ ମାସିକ ୫୦୦ ଟଙ୍କାର ସହାୟତା ପାଉଥିବା ବେଳେ ୮୦ ବର୍ଷ ବୟସରୁ ଅଧିକ ବୟସରେ ମାସିକ ୭୦୦ ଟଙ୍କାର ସହାୟତା ପାଉଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନେ ଏ ସମ୍ପର୍କରେ ଅନୁରୋଧ କରିଥିଲେ । ଏହି ଅନୁରୋଧକୁ ବିଚାରକୁ ନେଇ ରାଜ୍ୟ ସରକାର ରାଜ୍ୟର ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କର କଲ୍ୟାଣ ନିମନ୍ତେ ଏକ ନୂତନ ଯୋଜନା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ପ୍ରଣୟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେବାପାଇଁ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ । ହିତାଧିକାରୀଙ୍କ ନାମ ବୟନଶିଳ୍ପ ନିର୍ଦ୍ଦେଶକ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ତାଲିକାରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଭାବରେ ପଞ୍ଜିକୃତ ହୋଇଥିବ । ତାଙ୍କର ପରିବାରର ବାର୍ଷିକ ଆୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ । ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ଅନୁରୂପ ଯୋଜନାର ଲାଭାର୍ଥୀ ହୋଇନଥିବେ । ହିତାଧିକାରୀ ସରକାରୀ କର୍ମଚାରୀ, ଆୟକରଦାତା କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ପେନସନଭୋଗୀ ହୋଇନଥିବେ । ଗୋଟିଏ ପରିବାରରୁ ଜଣେ ମାତ୍ର ଏହି ଯୋଜନାରେ ଲାଭ ପାଇପାରିବେ । ଏହି ଯୋଜନାର ସହାୟତା ରାଶି ଯୋଗ୍ୟ ବିବେଚିତ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ମାନଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ସିଧା ସଳଖ ଡିବିଟି ଦ୍ୱାରା ପ୍ରଦାନ କରାଯିବ । ଏହି ଯୋଜନା ହସ୍ତତନ୍ତ , ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ । ଏଥିନିମନ୍ତେ ଆବଶ୍ୟକୀୟ ମାର୍ଗଦର୍ଶିକା ବିଭାଗ ତରଫରୁ ଜାରି କରାଯିବ ।

ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ସହାୟତା ପାଉଥିବା ହିତାଧିକାରୀ ମାନଙ୍କୁ ବର୍ଦ୍ଧିତ ହାରରେ ସହାୟତା ରାଶି ଫେବୃଆରୀ ମାସ ୨୦ ରୁ ୨୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ । ପରବର୍ତ୍ତୀ ସମୟରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ସହାୟତା ରାଶି ଯଥାଶୀଘ୍ର ପ୍ରଦାନ କରାଯିବ ।

ଓଲଟିଲା...

ମଧ୍ୟରେ ଥିବା ଡିଭାଇଡର ଉପରେ ଚଢ଼ି ଯିବା ସହ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟରେ ମାଡହୋଇ ବସ୍‌ଟି ଓଲଟି ପଡିଥିଲା। ସ୍ଥାନୀୟ ଜନସାଧାରଣ ଓ ପୋଲିସ୍ ଅଧିକାରୀମାନେ ଘଟଣା ସ୍ଥଳରେ ପଂହଚି ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି ଆଶୁ ଆରୋଗ୍ୟ ପାଇଁ ଓ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଯାଇଛି । ଘଟଣା ସ୍ଥଳରେ ସାଇକେଲ ଆରୋହୀଙ୍କର ମୃତ ହୋଇଥିବା ସୂଚନା ମିଳିଥିବା ବେଳେ ବସ୍‌ର ଥିବା ଯାତ୍ରୀ ମାନଙ୍କ ମଧ୍ୟରୁ ପ୍ରାୟ ୧୬ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି । ସଂଧ୍ୟା ସମୟରେ ଏହି ଦୁର୍ଘଟଣା ଘଟିଥିବାରୁ ଘଟଣା ସ୍ଥଳରେ ଲୋକାରଣ୍ୟ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା । କଟକ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଜଗନ୍ନାଥ ମଲ୍ଲିକ ଓ ଜାତୀୟ ରାଜପଥ ଟ୍ରାଫିକ୍ ଥାନା ଅଧିକାରୀ, ଜୋନ୍-୪ ଏସିପି, ଟ୍ରାଫିକ୍ ଏସିପି ଘଟଣାସ୍ଥଳରେ ପହଂଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହିତ କ୍ରେନ୍ ଯୋଗେ ବସ୍‌ଟିକୁ ଉଠାଇ ଯାତାୟତ ପାଇଁ ରାସ୍ତା ପରିଷ୍କାର କରିଥିଲେ ।

କଂଗ୍ରେସରୁ...

ନେତୃତ୍ୱର ମନମୁଖୀ ନିଷ୍ପତ୍ତି ପାଇଁ ଅନେକ ଜିଲ୍ଲାରେ ଅସନ୍ତୋଷ ବଢୁଥିବାର ଜଣାପଡ଼ିଛି । ଜଣାଶୁଣା ନେତା ନଳିନୀ ମହାନ୍ତିଙ୍କ ପୁଅ ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ସେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରାଜନଗରରୁ ବିଧାୟକ ହୋଇଥିଲେ । ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି ।

ଏହା ପୂର୍ବରୁ ଅତାବିରାର ପୂର୍ବତନ ବିଧାୟକ ନିହାର ମହାନନ୍ଦ କଂଗ୍ରେସରୁ ଇସ୍ତଫା ଦେଇଥିଲେ । କିଛିଦିନ ତଳେ ଅନୁଗୁଳ ଜିଲ୍ଲାର ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା ଦଳରୁ ଇସ୍ତଫା ଦେଇଥିଲେ । ସେ ତାଙ୍କ ଇସ୍ତଫାପତ୍ର ଏଆଇସିସି ସଭାପତି ଓ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦେଇଥିଲେ । କଂଗ୍ରେସ ସଭାପତି ବିପ୍ଳବଙ୍କୁ ସଭାପତି ପଦରୁ ଅବ୍ୟାହତି ଦିଆଯାଇଛି ସଂଗ୍ରାମ ମିଶ୍ରଙ୍କୁ ନୂଆ ସଭାପତି କରାଯାଇଥିଲା । ଏହାପରଠାରୁ ସେ ଅସନ୍ତୁଷ୍ଟ ଥିଲେ । ୨୦୧୯ ବିଧାନସଭା ନିର୍ବାଚନରେ ବିପ୍ଳବ କଂଗ୍ରେସ ଟିକଟରେ ଲଢ଼ି ୩୦୫୭୨ ଭୋଟ ପାଇଥିଲେ । ବୁଧବାର ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଦଳ ଛାଡ଼ିଛନ୍ତି । ତାଙ୍କର ଇସ୍ତଫାପତ୍ର ସେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଦେଇଛନ୍ତି । ସେ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି । ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ସେ ରାଜନଗରରୁ କଂଗ୍ରେସ ଟିକଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତେବେ ଇସ୍ତଫା ଦେଇଥିବା ନେତାମାନେ କେଉଁ ଦଳକୁ ଯିବେ ତାହା ସ୍ପଷ୍ଟ ହୋଇନାହିଁ । ଅପରପକ୍ଷରେ ବଲାଙ୍ଗୀର କଂଗ୍ରେସରେ ଅସନ୍ତୋଷ ଦେଖାଦେଇଛି । ନିକଟରେ ଅଭିନେତା ମନୋଜ ମିଶ୍ର କଂଗ୍ରେସରେ ସାମିଲ ହୋଇଥିଲେ । ତାଙ୍କୁ ବଲାଙ୍ଗୀର ଲୋକସଭା ଆସନରୁ ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ହେଉଛି । ଯାହାକୁ ନେଇ ବଲାଙ୍ଗୀର କଂଗ୍ରେସ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବିଜେଡ଼ି, ବିଜେପି ମଧ୍ୟ କଂଗ୍ରେସକୁ ଏହି ପ୍ରସଙ୍ଗରେ ଟାର୍ଗେଟ କରିଛନ୍ତି । ନେତା ନଥିବାରୁ କଂଗ୍ରେସ ଅନ୍ୟ ଦଳରୁ ନେତା ଆମଦାନୀ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ରାଜ୍ୟ କଂଗ୍ରେସ ମହଲରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି । ତେବେ ଆଗକୁ କ'ଣ ପରିସ୍ଥିତି ହେବ ତାହା ଜଣାପଡ଼ି ନାହିଁ ।

ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କୁ ଅଷ୍ଟ୍ରେଲିଆରେ ଭବ୍ୟ ସମ୍ବର୍ଦ୍ଧନା

କାନବେରା : ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କୁ ଅଷ୍ଟ୍ରେଲିଆରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅଷ୍ଟ୍ରେଲିଆର ରାଜଧାନୀ କାନବେରା ସ୍ଥିତ ଫ୍ଲୋରେଠାରେ ଅବସ୍ଥିତ ହିନ୍ଦୁ ମନ୍ଦିରରେ ଅଷ୍ଟ୍ରେଲିଆରେ ଅବସ୍ଥାପିତ ଭାରତୀୟ ହାଇକମିଶନର ଗୋପାଳ ବାଗଲେ ଏବଂ ଅଷ୍ଟ୍ରେଲିଆ ହିନ୍ଦୁ କାଉନସିଲର ନିର୍ଦ୍ଦେଶକ ପ୍ରକାଶ ମେହେଟ୍ଟା । ଗୁରୁଜୀ ଡଃ ଶତପଥୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ସୂଚନାଯୋଗ ଯେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ତାଙ୍କର ବିଶ୍ୱ ସାଇ ଆନ୍ଦୋଳନ ପ୍ରେକ୍ଷାପଟ୍ଟରେ ଅଷ୍ଟ୍ରେଲିଆ ମହାଦେଶରେ ଭ୍ରମଣକରି ଏକାଧିକ ମନ୍ଦିର ପ୍ରତିଷ୍ଠା କରିବା ସହିତ ଅନେକ ଦାତବ୍ୟ ଓ ସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହିତ କରିଛନ୍ତି । ବିଶେଷକରି ପ୍ରବାସୀ ଭାରତୀୟ ଏବଂ ଓଡ଼ିଆ ସମୁଦାୟ ମଧ୍ୟରେ ସୁବିଚାର, ସେବା ଏବଂ ସାମାଜିକ ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବାରେ ଗୁରୁଜୀ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି।

ଏହି ଅବସରରେ ଅଷ୍ଟ୍ରେଲିଆରେ ଶ୍ରୀଗୁରୁ ଭାଗବତର ପ୍ରସାର ଆରମ୍ଭ ହୋଇଥିଲା। ଅଷ୍ଟ୍ରେଲିଆରେ ବସବାସ କରୁଥିବା ହିନ୍ଦୁ ସମ୍ପ୍ରଦାୟର ଅଧିବାସୀମାନେ ସଂଗୀତ ଓ ନୃତ ମାଧ୍ୟମରେ ଶ୍ରୀଗୁରୁ ଭାଗବତର ମନୋରମ ପରିବେଷଣ କରିଥିଲେ। ଗୁରୁଜୀ ସମବେତ ବିଶାଳ ଜନତା ଓ ବୁଦ୍ଧିଜୀବୀମାନଙ୍କୁ ଉଦବୋଧନ ଦେଇ ଧର୍ମ, ସଂସ୍କୃତି ଏବଂ ଶ୍ରଗୁରୁ ଭାଗବତର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।

ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର (ସବ୍ୟୁ): ରାଜଧାନୀ ଭୁବନେଶ୍ୱରେ ବସବାସ କରୁଥିବା ଜଗତସିଂହପୁର ଜିଲ୍ଲାବାସୀଙ୍କୁ ନେଇ ଗଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଜଗତସିଂହପୁର ଜିଲ୍ଲା ବିକାଶ ପରିଷଦ'ର ବାର୍ଷିକ ଉତ୍ସବ ଚଳିତ ମାସ ୧୬ ତାରିଖ ଅପରାହ୍ନ ୪ଟା ସମୟରେ ଜୟଦେବ ଭବନରେ ଅନୁଷ୍ଠିତ ହେବ । ମା'ସାରଳାଙ୍କ ଆଜ୍ଞାମାଳ ସ୍ଥାପନ ପରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ସମାଜସେବୀ ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ଲୋକସେବକ ମଣ୍ଡଳ (ଓଡ଼ିଶା ଶାଖା)ର ଅଧ୍ୟକ୍ଷ ଶ୍ରୀ ନିରଞ୍ଜନ ରଥ, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗଦେବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଜିଲ୍ଲାର ପ୍ରତିଭାସଂପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ଓ ପରିଷଦର ବାର୍ଷିକ ମୁଖପତ୍ର 'ପ୍ରଜ୍ଞାଶ୍ରୀ' ଲୋକାର୍ପିତ ହେବ । କଣ୍ଠଶିଳ୍ପୀ ଓ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଭୁବନେଶ୍ୱରରେ ରହୁଥିବା ଜଗତସିଂହପୁର ଜିଲ୍ଲାବାସୀ ଏହି ଉତ୍ସବରେ ବହୁସଂଖ୍ୟାରେ ଯୋଗଦେବାକୁ ପରିଷଦର ସଭାପତି ଅଜୟ କୁମାର ଦାସ, ସଂପାଦକ ଡ. ସୌଭାଗ୍ୟ ରାଉତରାୟ ଓ ଅନୁଷ୍ଠାନର ମୁଖ୍ୟ ସଂଯୋଜକ ସୂର୍ଯ୍ୟରଞ୍ଜନ ମହାନ୍ତି ନିବେଦନ କରିଛନ୍ତି ।

ଟାଟା ଷ୍ଟିଲ୍ ପ୍ଲାଣ୍ଟକୁ ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ

ଭୁବନେଶ୍ୱର (ସବ୍ୟୁ) : ଟାଟା ଷ୍ଟିଲ୍‌ର କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନା ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ ହାସଲ କରିଛନ୍ତି। ୨୦୨୨ରେ କମ୍ପାନିର ଜାମସେଦପୁର କାରଖାନା ପ୍ରଥମ ଭାରତୀୟ ଇସ୍ପାତ କାରଖାନା ଭାବେ ଏହି ଐତିହାସିକ ସଫଳତା ହାସଲ କରିଥିଲା। ଟାଟା ଷ୍ଟିଲ୍ ଏବେ ରେସ୍‌ପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ ହାସଲ କରିଥିବା କାରଖାନାରୁ ଏହାର ୯୦ପ୍ରତିଶତ ଇସ୍ପାତ ଉତ୍ପାଦନ କରୁଛି।୨୦୨୨ ଅକ୍ଟୋବରରେ କମ୍ପାନିର ଜାମସେଦପୁର କାରଖାନାର ତିନିଟି ଡିଭିଜନ ଯଥା ଷ୍ଟିଲ୍ ୱାର୍କସ୍, ଟ୍ୟୁବ୍‌ସ ଡିଭିଜନ ଓ କୋଲ୍ଡ ରୋଲିଂମିଲ୍‌କୁ ଏହି ସାର୍ଟିଫିକେସନ ମିଳିଥିଲା। ସେଥିରେ କଳିଙ୍ଗନଗର ଓ ମେରାମଣ୍ଡଳୀ କାରଖାନାକୁ ସାମିଲ କରାଯିବା ଦାୟିତ୍ୱବାନ ବ୍ୟବସାୟଅଭ୍ୟାସ ଓ ପରିବେଶ ଦାୟିତ୍ୱ ପ୍ରତି କମ୍ପାନିର ରହିଥିବା ସମର୍ପଣ ଭାବକୁ ଦର୍ଶାଉଛି।ରେସ୍‌ପନ୍‌ସିବଲ୍‌ଷ୍ଟିଲ୍ ହେଉଛି ଇସ୍ପାତ ଶିଳ୍ପର ପ୍ରଥମ ବିଶ୍ୱସ୍ତରୀୟ ବହୁବିଧ-ଅଂଶୀଦାରଭିତ୍ତିକ ସାର୍ଟିଫିକେସନ ଅଭିଯାନ ଯାହା ଇସ୍ପାତ ଉତ୍ପାଦନକାରୀ, ଗ୍ରାହକ ଓ ମଧ୍ୟସ୍ଥିମାନଙ୍କ ସହ ମିଶି କାମ କରୁଥିବା ବେଳେ ଜଳବାୟୁ ପରିବର୍ତ୍ତନ, ବିବିଧତା, ମାନବିକ ଅଧିକାର ଆଦିଆହ୍ୱାନର ମୁକାବିଲା କରି ଏକ ଦୀର୍ଘସ୍ଥାୟୀ ଇସ୍ପାତ ଶିଳ୍ପ ଗଠନ ଦିଗରେ କାମ କରୁଛି।ଟାଟା ଷ୍ଟିଲର ସିଇଓ ଏବଂ ଏମ୍‌ଡି ଟିଭି ନରେନ୍ଦ୍ରନ୍ କହିଛନ୍ତି ଯେ, 'ଆମ କାରଖାନାଗୁଡ଼ିକ ପାଇଁ ରେସପନ୍‌ସିବଲ୍ ଷ୍ଟିଲ୍ ସାର୍ଟିଫିକେସନ୍ ଦୀର୍ଘସ୍ଥାୟିତ୍ୱ ପ୍ରତି ଟାଟା ଷ୍ଟିଲର ପ୍ରତିବଦ୍ଧତାର ପ୍ରମାଣ।

ଉଜାସ ଋତୁସ୍ରାବ ସ୍ୱାସ୍ଥ୍ୟ ଏକ୍ସପ୍ରେସ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ) : ଆଦିତ୍ୟ ବିର୍ଲା ଏଜୁକେସନ ଟ୍ରଷ୍ଟ ସମର୍ଥନରେ ଆଦଭୈତିଶା ବିର୍ଲାଙ୍କ ନେତୃତ୍ୱରେ ଆୟୋଜିତ ଉଜାସ୍ ଋତୁସ୍ରାବ ସ୍ୱାସ୍ଥ୍ୟ ଏକ୍ସପ୍ରେସ୍ ଭୁବନେଶ୍ୱରରେ ପହଞ୍ଚିଛି। ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ, ତାମିଲନାଡ ଓ ଆନ୍ଧ୍ରପ୍ରଦେଶରେ ପ୍ରଭାବଶାଳୀ ଯାତ୍ରା ପରେ ଏହି କାର୍ଯ୍ୟକ୍ରମ ସହରଗୁଡ଼ିକରେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଓ ପରିମଳ ପରିଚାଳନା କ୍ଷେତ୍ରରେ ସଚେତନତା ବୃଦ୍ଧି କରି ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି । ଓଡ଼ିଶାରେ ଏହି ଅଭିଯାନ ଅଧୀନରେ ସ୍ଥାନୀୟ ସ୍କୁଲ, ଅନାଥାଶ୍ରମ ଓ ସରକାରୀ କଲେଜ, ଛାତ୍ରୀନିବାସଗୁଡ଼ିକ ଜରିଆରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିବା ବେଳେ ରାଜ୍ୟରେ ମାଗଣାରେ ସାନିଟାରି ନାପ୍‌କିନ୍ ବଣ୍ଟନ କରାଯାଇଛି। ଉଜାସ୍‌ର ଏନ୍‌ଜିଓ ସହଯୋଗୀ ନିରଭ୍ର ସଷ୍ଟେନେବଲ୍ ଡେଭେଲପମେଂଟ୍ ଫାଉଣ୍ଡେସନ ସ୍ଥାନୀୟଅଂଚଳରେ ପହଂଚିବାରେ ସହାୟକ ହୋଇଛି। ଋତୁସ୍ରାବକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚଳିତ ଥିବା ସାଂସ୍କୃତିକ ଅଭ୍ୟାସ ଓ ବିଶ୍ୱାସ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ମଧ୍ୟ ଉଜାସ୍‌ରେ ସଂଗ୍ରହ କରାଯାଇଛି। ଉଜାସ୍‌ର ପ୍ରତିଷ୍ଠାତା ଆଦଭୈତିଶା ବିର୍ଲା କହିଛନ୍ତି ଯେ, ବିଭିନ୍ନ ସହରରେ ଶିକ୍ଷଣୀୟ କର୍ମଶାଳା ଆୟୋଜନକରିବା ପରେ ଋତୁସ୍ରାବକୁ ନେଇ ରହିଥିବା ଭ୍ରାନ୍ତ ଧାରଣା ଦୂର କରିବା ଲାଗି ଆମର ରହିଥିବା ଦୃଢ଼ ପ୍ରତିବଦ୍ଧତାକୁହାସଲ କରିବାର ଆମେ ନିକଟତର ହୋଇଛୁ।

ଅନ୍ତର୍ଜାତୀୟ ବିଜନେସ୍ କନ୍‌କ୍ଲେଭ

ଇକୋଜେନ୍‌କୁ ବିଜନେସ୍ ଇନୋଭେସନ୍ ଆୱାର୍ଡ

ଭୁବନେଶ୍ୱର,(ସବ୍ୟୁ): ଜଳବାୟୁ-ସ୍ମାର୍ଟ ପ୍ରଯୁକ୍ତି କମ୍ପାନୀ ଇକୋଜେନ୍ ସଲ୍ୟୁସନ୍‌ସ୍‌କୁ ଏଏସିସିଆଇ ପକ୍ଷରୁ ବିଜନେସ ଇନୋଭେସନ୍ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ସ୍ୱୀକୃତି ବିଶ୍ୱବ୍ୟାପୀ କୃଷକଙ୍କ ଜୀବନକୁ ପରିବର୍ତ୍ତନ କରିବାରେ ଇକୋଜେନର ମହତ୍ୱପୂର୍ଣ୍ଣ ଅବଦାନକୁ ସୂଚିତ କରୁଛି। ଭାରତୀୟ ଶକ୍ତି ବିଭାଗର ସ୍ଥାୟୀ କମିଟିରେ ଥିବା ବିଜେଡି ସାଂସଦ ମୁଜିବୁଲ୍ଲା ଖାନ, ଏଏସିସିଆଇ ନିର୍ଦ୍ଦେଶକ ଏମ. ଜେ. ପୁରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।ଚାଷୀଙ୍କ ଜୀବିକା ଉପରେ ଏହାର ପରିବର୍ତ୍ତନଶୀଳ ପ୍ରଭାବ ପାଇଁ ସାଂସଦ ଇକୋଜେନର ଇକୋଫ୍ରୋଷ୍ଟରସୌର ଶକ୍ତିକୁ ବ୍ୟବହାର କରି ପ୍ରସ୍ତୁତ ଶିତଳଭଣ୍ଡାରକୁ ସେ ଭୂୟସୀ ପ୍ରଶଂସା କରିଛନ୍ତି। ଇକୋଫ୍ରଷ୍ଟ ହେଉଛି ଏକ ପୋର୍ଟେବଲ୍ ଶୀଳତଭଣ୍ଡାର ଯାହା ନଷ୍ଟ ହୋଇଯାଉଥିବା ଫସଲକୁ ପ୍ରାକ୍ ଶୀତଳତା ଏବଂ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପ୍ରଦାନ କରି ନଷ୍ଟ ପରିମାଣ ହ୍ରାସ କରୁଥିବା ବେଳେ ଚାଷୀମାନଙ୍କୁ ଉତ୍ପାଦିତ ସାମଗ୍ରୀର ଉଚ୍ଚ ମୂଲ୍ୟ ପ୍ରଦାନ କରିବାରେ ସହାୟକ ହୋଇଛି।ଏହି ଅବସରରେ କମ୍ପାନିର ସଭାପତି ରବିନ୍ଦ୍ର ଡୋଲାରେ କହିଛନ୍ତି ଯେ, ଏଏସିସିଆଇ ବିଜନେସ୍ ଇନୋଭେସନ୍‌ଆୱାର୍ଡ ହାସଲ କରିଥିବାରୁ ଆମେ ଗର୍ବିତ। ପ୍ରଯୁକ୍ତିର ରୂପାନ୍ତରୀତ ଶକ୍ତି ଉପରେ ଆମର ବିଶ୍ୱାସ ରହିଛି ଓ ଆମରସ୍ଥାପନାଗୁଡ଼ିକରେ ସେହି ପ୍ରଭାବ ପ୍ରତିଫଳିତ ହୋଇଛି। ଏହା ବିଶେଷତଃ ଓଡ଼ିଶାରେ ଦେଖିବାକୁ ମିଳିଛି ଯେଉଁଠାରେଇକୋଫ୍ରଷ୍ଟ ୟୁନିଟ୍‌ଗୁଡ଼ିକ ଚାଷୀଙ୍କ ଜୀବନରେ ପରିବର୍ତନ ଆଣିପାରିଛି। ତାହା ଫସଲ ବିବିଧକରଣ, ଚାଷ ଯାନ୍ତ୍ରିକୀକରଣଏବଂ କୃଷି ଉଦ୍ୟୋଗୀ ସୃଷ୍ଟି କରିବାର ୫-ଟି ଲକ୍ଷ୍ୟ ପ୍ରଦାନ କରୁଛି । ଇକୋଜେନ୍‌ର ମାର୍କେଟିଂ ମୁଖ୍ୟ ଜାସୋନ ରୋଡ୍ରିଗ୍ୟୁଜ କହଛନ୍ତି ଯେ ସୌରଶକ୍ତି ଚାଳିତ କୋଲ୍ଡ ରୁମ୍‌କୁ ଗ୍ରହଣ କରିବାରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ରହିଛି। ରାଜ୍ୟସରକାର କୃଷକମାନଙ୍କୁ ପାରମ୍ପରିକ ଧାନ ଉତ୍ପାଦନରୁ ଉଚ୍ଚ ମୂଲ୍ୟର ଉଦ୍ୟାନ କୃଷି ଫସଲକୁ ପରିବର୍ତ୍ତନ କରିବାକୁଉତ୍ସାହିତ କରୁଥିବା ବେଳେ ଫସଲ ନଷ୍ଟ ଆହ୍ୱାନର ସମାଧାନ ଚାହୁଁଥିଲେ । ଏହା ୫-ଟି ରୂପାନ୍ତରଣ ପଦକ୍ଷେପରଏକ ଅଂଶ ଭାବେ ସୌର ଚାଳିତ କୋଲ୍ଡ ରୁମ୍ ଆରମ୍ଭ କରିଛନ୍ତି ଏବଂ ଇକୋଜେନ୍ ପକ୍ଷରୁ ସମଗ୍ର ରାଜ୍ୟରେୟୁନିଟ୍ ସ୍ଥାପନ କରାଯାଇଛି।ଏହି ଶୀତଳ ଭଣ୍ଡାର ଶୃଙ୍ଖଳା କୃଷି ଭିତିଭୂମିକୁ ଯଥେଷ୍ଟ ଉନ୍ନତ କରିଛି। ଇକୋଜେନ୍ ମଧ୍ୟ ଅମଳ ପରବର୍ତୀ ଫସଲ ପରିଚାଳନା ପ୍ରଶିକ୍ଷଣ ପ୍ରଦାନ କରୁଛି ଏବଂ କୃଷକମାନେ ସେମାନଙ୍କ ଅମଳକୁ ଦକ୍ଷତାର ସହ ପରିଚାଳନା କରିବାପାଇଁ ଇକୋଫ୍ରଷ୍ଟ ମୋବାଇଲ୍ ଆପ୍ ବ୍ୟବହାର କରୁଛନ୍ତି।

ତୀର୍ଥଯାତ୍ରାରେ ଯାଇ ତିରୁପତିରେ ବୃଦ୍ଧା ନିଖୋଜ

ବାଲୁଗାଁ (ସବ୍ୟୁ) : ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ତୀର୍ଥ କରିବାକୁ ଯାଇଥିବା ଚିଲିକା ବ୍ଲକ ଅଠର ବାଟିଆ ପଞ୍ଚାୟତ ଭେଲେରୀ ଗ୍ରାମର ବୃଦ୍ଧା ରାଣୀ ଦେଇ(୭୭) ତିରୁପତିରେ ନିଖୋଜ ହୋଇଯାଇଛନ୍ତି । ଏ ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି ।ପ୍ରକାଶ ଯେ, ସରକାର ଙ୍କ ତୀର୍ଥ ଯାତ୍ରା ଯୋଜନା ରେ ଭେଲେରୀ ଗ୍ରାମର ରାଣୀ ଦେଇ ଙ୍କ ସମେତ ଉକ୍ତ ଗ୍ରାମର ୪ଜଣ ବୃଦ୍ଧା ଗତ ୭ତାରିଖ ଦିନ ଗ୍ରାମରୁ ଭୁବନେଶ୍ୱର ବାହାରିଥିଲେ । ସେଠାରୁ ୮ ତାରିଖରେ ସ୍ୱତନ୍ତ୍ର ତୀର୍ଥ ଯାତ୍ରୀ ଟ୍ରେନ ଯୋଗେ ତିରୁପତି ଯିବାପରେ ୯ତାରିଖ ଦିନ ଠାକୁରଙ୍କୁ ଦର୍ଶନ କରି ରହୁଥିବା ସ୍ଥାନକୁ ଫେରିବା ବେଳେ ପ୍ରବଳ ଭିଡ଼ରେ ସାଥୀଙ୍କ ଠାରୁ ଅଲଗା

ହୋଇ ନିଖୋଜ ହୋଇଯାଇଥିଲେ । ଦାୟିତ୍ୱ ରେ ଥିବା କର୍ମଚାରୀ ବହୁ ଖୋଜାଖୋଜି କରି ତାଙ୍କର ସନ୍ଧାନ ମିଳିପାରିନାହିଁ । ଏ ସମ୍ପର୍କରେ ତାଙ୍କ ପରିବାରକୁ ଖବର ଦିଆଯିବା ପରେ ସମସ୍ତେ ଦୁଃଖ ରେ ଭାଙ୍ଗିପଡିଛନ୍ତି ପଡିଛନ୍ତି । ତାଙ୍କୁ ହିନ୍ଦୀ ଭାଷା ଆସୁନଥିବା ହେତୁ ସେ ଏବେ କେଉଁଠି ଏବଂ କେଉଁ ପରିସ୍ଥିତି ରେ ଅଛନ୍ତି ତାହା ସମସ୍ତଙ୍କୁ ଚିନ୍ତାରେ ପକାଇଛି । ପରିବାରର ୨ ଜଣ ସଦସ୍ୟ ତିରୁପତି ଅଭିମୁଖେ ଯାଇଥିବା ଜଣାଯାଇଛି । ଅନ୍ୟ ପକ୍ଷରେ ସରକାର ଯେମିତି ସୁରକ୍ଷିତ ଭାବେ ମା 'ଙ୍କୁ ତୀର୍ଥ ଯାତ୍ରା ରେ ନେଇଛନ୍ତି ସେମିତି ତାଙ୍କୁ ଖୋଜି ସୁରକ୍ଷିତ ଭାବେ ଆଣି ଘରେ ପହଞ୍ଚାଇବାକୁ ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।

PARADIP PORT AUTHORITY
MARINE DEPARTMENT
No.-MD/ACCTS/WK/R-18/2023-161 Date: 07.02.2024
e-Tender Call Notice (e-TCN)
Name of the work: Hiring of 01 No.60 ton Bollard pull Tug along with manning crew for Marine Operation at SPMs and inside Harbour at Paradip for a period of 07 (seven) years. Estimated cost put to tender: **Rs.86,35,39,812/-** With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is **15:00 Hours on Dt. 20/03/2024.** Technical Bids shall be opened at **16:00 hours on Dt.21/03/2024.** For details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/86/PR/2023-2024 dtd.14.02.2024

ବସ ଦୁର୍ଘଟଣାରେ ଯୁବକ ମୃତ

ଭାପୁର , (ସବ୍ୟୁ) :ନୟାଗଡ ଜିଲ୍ଲା ଫତେଗଡ ଥାନା ବିଜିପୁର ପଞ୍ଚାୟତ ଅନ୍ତର୍ଗତ ଶୁକପୋଖରି ଗ୍ରାମର ଗୋଲକ ପରିଡ଼ାଙ୍କ ପୁଅ ସଦାଶିବ ପରିଡ଼ା (୪୨) ଗତ କିଛିଦିନ ଧରି କବାଡିଆ ବେପାର କରିବା ପାଇଁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅନ୍ତର୍ଗତ ହୁମା ଅଞ୍ଚଳକୁ ଯାଇଥିଲେ । ମଙ୍ଗଳବାର ଦିନ ବେପାର କରିବା ସମୟରେ ହୁମା ରାସ୍ତାରେ ଯାତ୍ରୀବାହୀ ବସ (ଓଡି- ୦- ୭ ଏଇ ୬୯୨୮) ଗାଡିଟି ସଦାଶିବ ଲୁନା ଏକ୍ସଲ କୁ ଦୁର୍ଘଟଣା ଘଟାଇଥିଲା । ଦୁର୍ଘଟଣା ଏତେ ଭୟାନକ ଥିଲା ଯେ, ଯାତ୍ରୀ ବାହି ବସର ଆଗ ଚକ ସଦାଶିବ କୁ ଚାପି ଦେଇ କିଛିବାଟ ଘୋଷାରି ନେଇଥିଲା । ଫଳରେ, ଘଟଣାସ୍ଥଳରେ ସଦାଶିବଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ହୁମା ପୋଲିସ ଘଟଣା ସ୍ଥଳରେ ସଦଶିବର ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବସକୁ ଜବତ କରିଥିଲା । ପରେ ସଦଶିବର ପରିଚୟ ଜାଣି ପାରି ଫତେଗଡ ଥାନା କୁ ଖବର ଦେଇଥିଲେ। ଫତେଗଡ ଥାନା ପକ୍ଷରୁ ସଦାଶିବ ପରିବାରଙ୍କୁ ଦୁର୍ଘଟଣା ବିଷୟରେ ଜଣାଇବା ପରେ ପରିବାର ଲୋକ ହୁମ୍ମା ଯାଇଥିବା ଜଣା ପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶିକାର ଛାୟା ଖେଳିଯାଇଛି।

IN THE COURT OF ADDL. SENIOR CIVIL JUDGE, BARIPADA, MAYURBHANJ
Exn. Case No. 7 of 2024
Harish Chandra Mishra .... D. Hr
Vrs
Sabita Prusty .... J. Dr
To,
Smt. Sabita Prusty, aged about 61 years, W/O Ugrasen Prusty, At-W. No. 19 Baghra Road, Baripada, Po/P.S. Baripada Town, Munsiffi-Baripada, Dist- Mayurbhanj.
At present - Plot No. 729/C. Lane-2, Bhubaneswar, PS/Munsiff-Bhubaneswar, Dist-Khurda.
Take notice that the above mentioned case has been fixed for appearance and filling of show cause on **dt. 21.2.24** you are hereby directed to appear personally or through your pleader failing which the case shall be heard and determined in your absence in default of your appearance on the date fixed.
Given under my hand and seal of the court on this the 9th day of February 2024.
Sd/- Addl. Senior Civil Judge
Baripada

varthana
ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
(ପୂର୍ବରୁ ଥିରୁମିନି ଫାଇନାନ୍ସ ଲିଃ ଭାବେ ଜଣାଶୁଣା)
ପଞ୍ଜିକୃତ କାର୍ଯ୍ୟାଳୟ : ସା : ନଂ. ୫ ବିସି-୧୧୦, ବାରାସିଧି ଆଉଟର ରିଂ ରୋଡ୍, ସର୍ଭିସ ରୋଡ୍, ୩ୟ ବ୍ଲକ, ଏଚଆରବିଆର ଲେଆଉଟ୍, କଲ୍ୟାଣ ନଗର, ବାଙ୍ଗାଲୋର-୫୬୦୦୪୩ । ୱେବସାଇଟ୍ : www.varthana.com, ଇ-ମେଲ୍ : care@varthan.com, ଫୋନ୍: ୦୮୦-୬୮୪୫୫୭୭୭, ଶାଖା କାର୍ଯ୍ୟାଳୟ : ପ୍ଲଟ ନଂ. ଏନ୍/୬-୧୭୩, ଆଇଆରସି ଭିଲେଜ, ନୟାପଲ୍ଲୀ, ରାମେଶ୍ୱର ମନ୍ଦିର ନିକଟ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୫
ଦଖଲ ନୋଟିସ୍ (ରୁଲ୍ ୮ (୧)) (ସ୍ଥାବର ସମ୍ପତ୍ତି ପାଇଁ)
ଯେଉଁଠାରେ କି ନିମ୍ନ ସ୍ୱାକ୍ଷରକାରୀ ମେସର୍ସ ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (ପୂର୍ବରୁ ମେସର୍ସ ଥିରୁମିନି ଫାଇନାନ୍ସ ପ୍ରାଇଭେଟ୍ ଲିଃ ଭାବେ ଜଣାଶୁଣା) ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ୍ ୩ ସହିତ ପଢ଼ାହେବାକୁ ଥିବା ସେକ୍ସନ-୧୩ (୧୨) ବଳରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଡିମାଣ୍ଡ ନୋଟିସ୍ ତାରିଖ ୨୧.୧୧.୨୦୨୩ ଜାରି କରି ଆବେଦନକାରୀ / ସହ ଆବେଦନକାରୀ/ବନ୍ଧକଧାରୀଙ୍କୁ ଆହ୍ୱାନ ପୂର୍ବକ ଋଣ ଆକାଉଣ୍ଟ ନଂ. ୟୁ୨୨ବିୟୁଏବି-ଏସଏଏମ-୦୧୯୧୯୫, ୟୁ୨୨ବିୟୁବି-ଏସଏଏମ-୦୨୧୬୦୮, ଏସ୧୮ବିୟୁବି-ଏସଏଏମ-୦୦୮୧୭ । ୧. ମେସର୍ସ ବୀର ସୁରେନ୍ଦ୍ର ସାଇ ଇନ୍‌ଷ୍ଟିଚ୍ୟୁଟ ଅଫ ସାଇନ୍ସ, ଏହାର କ୍ଷମତାପ୍ରାପ୍ତ ସିଗ୍ନାଟୋରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରୁଅଛନ୍ତି, ସା-ଧନକାଉଡା, ଭିଏସଏସ ଷ୍ଟାଡିୟମ ନିକଟ, ଧନକାଉଡା ପୋଷ୍ଟ ଅଫିସ, ସମ୍ବଲପୁର ଜିଲ୍ଲା, ଓଡ଼ିଶା-୭୬୮୦୦୬ । ୨. ଫ୍ରେଣ୍ଡସ୍ ଅଫ୍ ଆର୍ଥ ଆଣ୍ଡ ଏନ୍‌ଭରେନମେଣ୍ଟ ଏହାର କ୍ଷମତାପ୍ରାପ୍ତ ସିଗ୍ନାଟୋରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରୁଅଛନ୍ତି, ସା-ଧନକାଉଡା, ଭିଏସଏସ ଷ୍ଟାଡିୟମ ନିକଟ, ଧନକାଉଡା ପୋଷ୍ଟ ଅଫିସ, ସମ୍ବଲପୁର ଜିଲ୍ଲା, ଓଡ଼ିଶା-୭୬୮୦୦୬ ୩. ଶ୍ରୀଯୁକ୍ତ ସୌକୁମାରର୍ଯ୍ୟ ପ୍ରଧାନ, ପିତା- ବଂଶୀଧର ପ୍ରଧାନ, ସା- ୱାର୍ଡ ନଂ. ୧୬, ସମ୍ବଲପୁର, ଥାନା-ଟାଉନ ଥାନା, ସମ୍ବଲପୁର, ଓଡ଼ିଶା-୭୬୮୦୦୧ । ୪. ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି, ପିତା- ଗଣେଶ୍ୱର ମହାନ୍ତି, ସା- ସାରସୋତ କଲୋନୀ, ଚାରଭାଟି ଚୌକ, ବଜାର ଇଣ୍ଡିଆ ସମ୍ମୁଖ, ସମ୍ବଲପୁର, ଓଡ଼ିଶା- ୭୬୮୦୦୨ । କଥିତ ନୋଟିସ୍ ରେ ପରିଶୋଧ କରିବାକୁ ଥିବା ସୂଚିତ ଅର୍ଥରାଶି : ଟ.୮୫,୫୫,୨୬୫/- (ପଞ୍ଚାଅଶି ଲକ୍ଷ ପଞ୍ଚାବନ ହଜାର ଦୁଇ ଶହ ପଞ୍ଚଷଠି ଟଙ୍କା ମାତ୍ର) ୨୧.୧୧.୨୦୨୩ ସୁଦ୍ଧା ପରିଶୋଧ କରିବାକୁ ସହମତି ଭିତ୍ତିକ ଚୁକ୍ତିରେ ସୁଧହାର ସହିତ ଇନ୍‌ସିଡେଣ୍ଟାଲ ଖର୍ଚ୍ଚ ମୂଳଅର୍ଥ ରାଶି ଏବଂ ଅନ୍ୟାନ୍ୟ ଚାର୍ଜ ଇତ୍ୟାଦି ପରିଶୋଧ କରିବାକୁ ଡିମାଣ୍ଡ ନୋଟିସ୍‌ରେ ସବିଶେଷ ବିବରଣୀ ସୂଚିତ ହୋଇଛି ଯାହାକି ଦେୟ ତାରିଖ ପର୍ଯ୍ୟନ୍ତ ଏହି ନୋଟିସ୍ ଗ୍ରହଣ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ହେବ ।
ଅତଏବ ଆବେଦନକାରୀ/ସହ ଆବେଦନକାରୀ/ବନ୍ଧକଧାରୀ ସମ୍ପୂର୍ଣ୍ଣ ଅର୍ଥରାଶି ସହ ସୁଧ ଓ ଅନ୍ୟାନ୍ୟ ଚାର୍ଜ ପରିଶୋଧ କରିବାରେ ବିଫଳ ହେଲେ ଏତଦ୍ୱାରା ଆବେଦନକାରୀ/ସହ ଆବେଦନକାରୀ/ବନ୍ଧକଧାରୀଙ୍କୁ ବିଶେଷ କରି ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏତଦ୍ୱାରା ସୂଚିତ କରାଯାଉଅଛି ଯେ, ମେସର୍ସ ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱର ବ୍ରାଞ୍ଚର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ବର୍ଣ୍ଣିତ କ୍ଷମତା ବଳରେ ସମ୍ପତ୍ତିର ଦଖଲକୁ କଥିତ ଆଇନର ସେକ୍ସନ-୧୩ (୪) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ ୨୦୦୨ର ରୁଲ୍ ୮ ବଳରେ ୧୩.୦୨.୨୦୨୪ ତାରିଖରେ ଦଖଲକୁ ନେଇଅଛନ୍ତି ।
ଆବେଦନକାରୀ / ସହ ଆବେଦନକାରୀ / ବନ୍ଧକଧାରୀଙ୍କୁ ବିଶେଷ ଭାବେ ଓ ସର୍ବସାଧାରଣ ଅବଗତି ନିମନ୍ତେ ଏତଦ୍ୱାରା ସତର୍କ କରାଇଦିଆଯାଉଅଛି ଯେ, ଏହି ସମ୍ପତ୍ତି ସହିତ କୌଣସି ପ୍ରକାରର ଦେଣ ନେଣ ଓ ସମ୍ପତ୍ତିର କିଣାବିକା କରନ୍ତୁ ନାହିଁ ଯାହାକି ମେସର୍ସ ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରଙ୍କ ଇଜିଲାସ୍‌ରେ ରହିଅଛି । ଯାହର ପରିମାଣ ଉପର ବର୍ଣ୍ଣିତ ସୂଚନା ଅନୁଯାୟୀ ସହମତି ଭିତ୍ତିକ ତଥା ଚୁକ୍ତି ଭିତ୍ତିରେ ସୁଧର ହାର ସହିତ ୧,୦୧,୧୫,୯୫୦/- (ଏକ କୋଟି ଏକ ଲକ୍ଷ ପନ୍ଦର ହଜାର ନଅ ଶହ ପଚାଶ ଟଙ୍କା ମାତ୍ର) ତା. ୧୨.୦୨.୨୦୨୪ ତାରିଖ ସୁଦ୍ଧା ରହିଅଛି । ଆବେଦନକାରୀ/ ସହ ଆବେଦନକାରୀ/ବନ୍ଧକଧାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଉଅଛି କି, ଉପଲବ୍ଧ ସମୟ ଠାରୁ ସିକିୟୋଡ୍ ଆସେଟ୍‌ର ପ୍ରତିବିନିମୟ କ୍ଷେତ୍ରରେ ଆଇନର ସେକ୍ସନ ୧୩(୮)ର ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବେ ।
ସ୍ଥାବର ସମ୍ପତ୍ତିର ବିବରଣୀ : ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ପ୍ଲଟ ନଂ. ୯୯୫/୬୪୪୧- ଏ. ୦.୦୮ ଡିସିମିଲ, ପ୍ଲଟ ନଂ. ୯୯୬/୬୪୪୨-ଏ. ୦.୨୩ ଡିସିମିଲ, ପ୍ଲଟ ନଂ. ୯୯୮, ଏ. ୧.୨୦ ଡିସିମିଲ, ମିୟୁଟେସନ ଖାତା ନଂ. ୮୮୭/୫୨୪, ମୌଜା: ଏ.କଟାପଲ୍ଲୀ, ଥାନା- ବୁର୍ଲା, ଥାନା ନଂ. ୯, ତହସିଲ-ଏଲ: ସମ୍ବଲପୁର, ତହସିଲ, ଜିଲ୍ଲା- ସମ୍ବଲପୁର ଏବଂ ଚତୁଃପାର୍ଶ୍ୱରେ ରହିଛି : ପୂର୍ବ- ପ୍ଲଟ ନଂ. ୫୫୧, ପଶ୍ଚିମ- ପ୍ଲଟ ନଂ. ୫୧୦ (ପି), ଉତ୍ତର-ପ୍ଲଟ ନଂ. ୩୫୮୧, ଦକ୍ଷିଣ-ପ୍ଲଟ ନଂ. ୫୦୯ ।
ତାରିଖ : ୧୫.୦୨.୨୦୨୪, ସ୍ଥାନ : ମୌଜା: ଏ. କଟାପଲ୍ଲୀ କ୍ଷମତାପ୍ରାପ୍ତ ଅଧିକାରୀ, ସ୍ୱା/- ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର
ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୬୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୬୫୫୦୧ ।

ମୁଖ୍ୟମନ୍ତ୍ରୀଙ୍କ ସଭାରେ ଜନତାଙ୍କୁ କାର୍ତ୍ତିକଙ୍କ ୭ ପ୍ରଶ୍ନ

ଭୁବନେଶ୍ୱର (ସବ୍ୟୁ): ଆଜି ଗଂଜାମର ଶେରଗଡ ଓ ଶୀତଳାପଲ୍ଲୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିକାଶମୂଳକ ଯୋଜନାର ଶୁଭଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମବେତ ଜନସାଧାରଣଙ୍କୁ ୭ଟି ପ୍ରଶ୍ନ ପଚାରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୭ଟି ପ୍ରଶ୍ନରେ ହିଁ ଓଡିଶାର ଜନସାଧାରଣଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭଲପାଇବା ସ୍ପଷ୍ଟ ବାରି ହୋଇ ପଡୁଛି । ଏ ସରକାର ଯେ, ଲୋକଙ୍କ ସରକାର ତାହା ମଧ୍ୟ ଏଇ ପ୍ରଶ୍ନର ଉତ୍ତରରୁ ସ୍ପଷ୍ଟ ପ୍ରମାଣିତ ହେଉଛି ।

ଶେରଗଡ ଓ ଶିତଳାପଲ୍ଲୀରେ ଆୟୋଜିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପଚାରିଥିଲେ ଯେ, ଗର୍ଭବତୀ ମହିଳାଙ୍କ ପାଇଁ କେଉଁ ଯୋଜନା ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି ଓ ଏହି ଯୋଜନାରେ ଦିଆଯାଉଥିବା ସହାୟତା ରାଶି କେତେ ? ସମବେତଜନତା ଏହାର ଉତ୍ତରରେ କହିଥିଲେ ଯେ, ପୂର୍ବର ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ୫ହଜାର ଟଙ୍କା ସହାୟତା ଦିଆଯାଉଥିଲା । ଗତକାଲି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିକୁ ଦୁଇଗୁଣା କରି ୧୦ହଜାର ଟଙ୍କା କରିଛନ୍ତି । ୨୦୨୩ ମସିହା ଅଗଷ୍ଟ ମାସରୁ ପଞ୍ଜିକୃତ ସବୁ ଗର୍ଭବତୀ ମହିଳା ଏହି ସହାୟତା ରାଶି ପାଇବେ । ଆସନ୍ତା ୨୧ତାରିଖରେ ଗଞ୍ଜାମ ଜିଲ୍ଲାରେ ଲକ୍ଷ୍ମୀଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ । ତେବେ ଏହି ଯୋଜନାରେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଭଡା କେତେ ବୋଲି ପ୍ରଶ୍ନ କରିଥିଲେ ୫-ଟି ଅଧ୍ୟକ୍ଷ । ମହିଳା ଓ ଶିକ୍ଷାର୍ଥୀମାନେ ୫ଟଙ୍କାରେ ପଂଚାୟତରୁ ବ୍ଲକକୁ ଯାତ୍ରା କରିପାରିବେ ବୋଲି ଆସିଥିଲା ଉତ୍ତର । ସେହିଭଳି ମଧୁବାବୁ ପେନସନ ଯୋଜନାରେ ଭତ୍ତାରାଶି କେତେ ବୃଦ୍ଧିହୋଇଛି ବୋଲି ପ୍ରଶ୍ନକରିଥିଲେ ୫-ଟି ଅଧ୍ୟକ୍ଷ । ମଧୁବାବୁ ପେନସନ ଯୋଜନାରେ ଭତ୍ତା ରାଶି ୫୦୦ଟଙ୍କାରୁ ହଜାରେ ଟଙ୍କାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଣିକି ସବୁ ମଧୁବାବୁ ପେନସନ ହିତାଧିକାରୀ ସର୍ବନିମ୍ନ ହଜାରେ ଟଙ୍କା ଭତ୍ତା ପାଇବେ । ନୂଆ-ଓସ୍କାଲାରସିପ ଯୋଜନାରେ ଛାତ୍ରଛାତ୍ରୀଙ୍କୁ କେତେଟଙ୍କା ବୃତ୍ତି ମିଳିବ ବୋଲି ପ୍ରଶ୍ନକରିଥିଲେ ୫-ଟି ଅଧ୍ୟକ୍ଷ । ନୂଆ ଓ ଛାତ୍ରବୃତ୍ତି ଯୋଜନାରେ ଛାତ୍ରମାନେ ବାର୍ଷିକ ୯ହଜାର ଟଙ୍କା ଓ ଛାତ୍ରୀମାନେ ୧୦ହଜାରଟଙ୍କା ବୃତ୍ତିପାଇବେ । ଏହି ବୃତ୍ତି ରାଜ୍ୟର ସବୁ ସରକାରୀ କଲେଜର ପ୍ରାୟ ୯୫ପ୍ରତିଶତ ଛାତ୍ରଛାତ୍ରୀ ପାଇବେ ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିନବ ଯୋଜନା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ କରିପାରିବେ । ବିଏସକେୱାଇ ଯୋଜନାରେ ମହିଳାମାନେ କେତେଟଙ୍କାର ଚିକିତ୍ସା ସୁବିଧା ପାଇପାରୁଛନ୍ତି । ଏହି ପ୍ରଶ୍ନରେ ଉପସ୍ଥିତ ମହିଳାମାନେ ୧୦ଲକ୍ଷ ଟଙ୍କା ବୋଲି ଉତ୍ତର ଦେଇଥିଲେ । ୫-ଟି ଅଧ୍ୟକ୍ଷ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାଙ୍କ ବିକାଶ ପାଇଁ ଚିନ୍ତା କରୁଛନ୍ତି । ସବୁଯୋଜନାରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଉଛି ।

ନିକଟରେ ଆରମ୍ଭ ହୋଇଥିବା ସ୍ୱୟମ ଯୋଜନାରେ କେତେଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି ବୋଲି ୫-ଟି ଅଧ୍ୟକ୍ଷ ପଚାରିଥିଲେ । ଏହାର ଉତ୍ତରରେ ମହିଳାମାନେ ୫ଲକ୍ଷଟଙ୍କା ପର୍ଯ୍ୟନ୍ତ ଓ ଯୁବକମାନେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇପାରିବେ ବୋଲି ସମବେତଜନତା ଉତ୍ତର ଦେଇଥିଲେ । ମିଶନଶକ୍ତି ମହିଳାମାନେ ମଧ୍ୟ ୫ଲକ୍ଷଟଙ୍କା ପର୍ଯ୍ୟନ୍ତ ବିନାସୁଧରେ ଋଣ ପାଇପାରୁଛନ୍ତି । ରାଜ୍ୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଆରମ୍ଭ କରିଛନ୍ତି । ମହିଳାମାନଙ୍କ ବିକାଶ ହେଲେ ପରିବାର, ସମାଜ, ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି ୫-ଟି ଅଧ୍ୟକ୍ଷ କହିଥିଲେ ।

- ଗର୍ଭବତୀ ମହିଳାଙ୍କ ପାଇଁ କେଉଁ ଯୋଜନା ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ?
- ଲକ୍ଷ୍ମୀ ବସ୍‌ରେ ମହିଳା ଓ ଛାତ୍ରଛାତ୍ରୀଙ୍କ ପାଇଁ ଭଡ଼ା କେତେ ?
- ମଧୁବାବୁ ପେନସନ ଯୋଜନାରେ ଭତ୍ତା ରାଶି କେତେ ବୃଦ୍ଧି ହୋଇଛି ?
- ନୂଆ-ଓ ସ୍କଲାରସିପ୍ ଯୋଜନାରେ ଛାତ୍ର ଓ ଛାତ୍ରୀଙ୍କୁ କେତେ ଟଙ୍କା ବୃତ୍ତି ମିଳିବ ?
- ସ୍ୱୟମ ଯୋଜନାରେ କେତେ ଟଙ୍କା ପର୍ଯ୍ୟନ୍ତ ବିନାସୁଧରେ ଋଣ ଦିଆଯାଉଛି ?
- ମିଶନଶକ୍ତି ମହିଳାମାନେ ବିନାସୁଧରେ କେତେ ଋଣ ପାଉଛନ୍ତି?
- ବିଏସ୍‌କେୱାଇ ଯୋଜନାରେ ମହିଳାମାନେ କେତେ ଟଙ୍କାର ଚିକିତ୍ସା ସୁବିଧା ପାଉଛନ୍ତି ?

ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ପୋଲିସର ପ୍ରସ୍ତୁତି ବୈଠକ
ଡ୍ରାଇଭ ହେବ ୨୪ଶହ ଜାମିନ ବିହୀନ ଗିରଫ ପରୱାନା

ଭୁବନେଶ୍ୱର, (ସବ୍ୟୁ): ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ପୋଲିସରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ଡିସିପି ପ୍ରତୀକ ସିଂ । ହିଂସାମୁକ୍ତ ନିର୍ବାଚନ ପାଇଁ ପେଶାଦାର ଅପରାଧୀଙ୍କୁ ତଡିପାର କରାଯିବା ସହ ବହୁ ମାମଲାରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ରହିଛି । ୨୪୦୦ ଏନ୍‌ବିଡବ୍ଲ୍ୟୁ ଡ୍ରାଇଭ କରାଯିବ । ସେଥିପାଇଁ ବୁଧବାର ବୈଠକରେ ଥାନା ଇନ୍ସପେକ୍ଟର ମାନଙ୍କୁ ସତର୍କ କରାଇଛନ୍ତି ଡିସିପି ।

ଯେଉଁମାନଙ୍କ ନାମରେ ନିର୍ବାଚନ ହିଂସା ଓ ଦଙ୍ଗାଭଳି ଅପରାଧ, ଗୁଳିଗୁଳା ମାମଲା ରହିଛି । ସେମାନଙ୍କୁ ଗିରଫ କରି ଜେଲ ପଠାଇଦେଲେ ହିଂସାମୁକ୍ତ ନିର୍ବାଚନ ହେବ ବୋଲି ପୋଲିସ ବିବେଚନା କରିଛି । ସହରରେ ୧୪୦୦ରୁ ଉର୍ଦ୍ଧ୍ୱ ନାଗରୀକଙ୍କୁ ବନ୍ଧୁକ ଲାଇସେନ୍ସ ଦିଆଯାଇଛି । ସେଗୁଡିକ ମଧ୍ୟ ଯାଞ୍ଚ କରାଯିବ ବୋଲି ଡିସିପି କହିଛନ୍ତି । ବୁଧବାର ବୈଠକରେ ଥାନା ଆଇଆଇସି, ଜୋନ ଏସିପି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଡିସିପିଙ୍କ ପାଖେ ବିଭିନ୍ନ ଆଇଆଇସି ତାଙ୍କ ଥାନା ଅଞ୍ଚଳ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଯେଉଁ ସ୍ଥାନରେ ସବୁ ବୁଥ୍ ହେବ ସେହିସବୁ ଅଞ୍ଚଳ ଅପରାଧ ଓ ଅପରାଧୀ ମୁକ୍ତ ରହିବ ।

କଳାକାରମାନଙ୍କ ସହାୟତା ରାଶି ବୃଦ୍ଧି
ମାସକୁ ପାଇବେ ୨୦୦୦ ଟଙ୍କା, ୮୦ ବର୍ଷରୁ ଅଧିକଙ୍କୁ ୨୫୦୦

ଭୁବନେଶ୍ୱର (ସବ୍ୟୁ) : ଆମର ଲୋକକଳା ଆମର ଅସ୍ମିତା ଏବଂ କଳାକାର ମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । କଳାକାର ମାନଙ୍କ ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ମାନଙ୍କ ସହାୟତା ରାଶି ବୃଦ୍ଧି ଘୋଷଣା କରିଛନ୍ତି । ଏହି ନୂଆ ଘୋଷଣା ଅନୁଯାୟୀ, ଏହି ଯୋଜନାର ହିତାଧିକାରୀ ମାନେ ଏବେ ମାସକୁ ୧୨୦୦ ପରିବର୍ତ୍ତେ ୨୦୦୦ ଟଙ୍କା ସହାୟତା ପାଇବେ । ୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାର ମାସକୁ ୨୫୦୦ ଟଙ୍କା ସହାୟତା ପାଇବେ । ଏହାଦ୍ୱାରା ରାଜ୍ୟର ୮୦ ହଜାର କଳାକାର ଉପକାର ପାଇବେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ କଳାକାରମାନେ ସହାୟତା ରାଶି ବୃଦ୍ଧି ନିମିତ୍ତ ଅନୁରୋଧ କରିଥିଲେ ଏବଂ ସେମାନଙ୍କର ସଂଗଠନ ମାନେ ଦାବି ଉପସ୍ଥାପନ କରିଥିଲେ । ଏହା ବ୍ୟତୀତ ଲୋକସେବା ଭବନର କନଭେନସନ କେନ୍ଦ୍ରରେ ୫-ଟି ଅଧ୍ୟକ୍ଷଙ୍କ ସହିତ ଯୋଗାଯୋଗ ସମୟରେ କଳାକାରମାନେ ସହାୟତା ରାଶି ବୃଦ୍ଧି ନିମିତ୍ତ ଅନୁରୋଧ ମଧ୍ୟ କରିଥିଲେ । ପୂର୍ବରୁ ଏହି ଯୋଜନାର ୫୦,୦୦୦ କଳାକାରମାନଙ୍କୁ ମାସିକ ଟ୧୨୦୦/-ଙ୍କା (ବାରଶହ) ଆଧାରରେ ସହାୟତା ରାଶି ପ୍ରଦାନ କରାଯାଉଥିଲା । ମାତ୍ର ବର୍ତ୍ତମାନ ଏହି ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ୮୦,୦୦୦କୁ ବୃଦ୍ଧି କରାଯାଇଅଛି ଯାହାଦ୍ୱାରା ଆହୁରି ରାଜ୍ୟର ୩୦,୦୦୦ କଳାକାର ଏଥିରେ ଉପକୃତ ହୋଇପାରିବେ । ଏହି କ୍ରମରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିୟମାବଳୀର ନିୟମ ୪, ଉପ ନିୟମରେ ଉଲ୍ଲେଖଥିବା କଳାକାରମାନଙ୍କର ବାର୍ଷିକ ଆୟର ସୀମାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ନିର୍ବିଶେଷରେ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି । ଅଶି ବର୍ଷ ପର୍ଯ୍ୟନ୍ତ କଳାକାରମାନଙ୍କର କଳାକାର ସହାୟତା ରାଶି ଟ୧୨୦୦/-ଙ୍କା (ବାରଶହ ଟଙ୍କା)ରୁ ଟ୨୦୦୦/-ଙ୍କା (ଦୁଇ ହଜାର ଟଙ୍କା)କୁ ଓ ଅଶି ବର୍ଷରୁ ଉର୍ଦ୍ଧ୍ୱ କଳାକାରମାନଙ୍କର କଳାକାର ସହାୟତା ରାଶି ଟ୧୨୦୦/-ଙ୍କା (ବାରଶହ ଟଙ୍କା)ରୁ ଟ୨୫୦୦/-ଙ୍କା (ଦୁଇ ହଜାର ପାଞ୍ଚଶହ ଟଙ୍କା)କୁ ବୃଦ୍ଧି କରାଯାଇଅଛି । ଉକ୍ତ ବର୍ଦ୍ଧିତ ସହାୟତା ରାଶି ଚଳିତ ଫେବୃଆରୀ ମାସରୁ ଲାଗୁ କରାଯିବ ଏବଂ ଡିବିଟି ମାଧ୍ୟମରେ ଫେବୃଆରୀ ମାସ ୨୦ତାରିଖରୁ ୨୫ତାରିଖ ମଧ୍ୟରେ ପ୍ରଦାନ କରାଯିବ । ଏହି ଯୋଜନାରେ ସହାୟତା ରାଶି ବୃଦ୍ଧି ଯୋଗୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାରମାନେ ଉପକୃତ ହେବେ । ଏହାଦ୍ୱାରା ଆମର କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଏହା ଋଦ୍ଧିମନ୍ତ କରିବ ।

- ଉପକୃତ ହେବେ ୮୦ ହଜାର କଳାକାର
- ଫେବୃଆରୀ ୨୦ରୁ ୨୫ ତାରିଖ ମଧ୍ୟରେ ମିଳିବ ବର୍ଦ୍ଧିତ ସହାୟତା
- ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ଆସିଥିଲା ଅନୁରୋଧ

କୃଷ୍ଣମୂର୍ତ୍ତୀ ୱାର୍ଲ୍ଡ ସ୍କୁଲର ଆଶୀର୍ବାଦ ଉତ୍ସବ

କଟକ, (ସ.ବ୍ୟୁ):କଟକ ସଦର ଜରିପଡାସ୍ଥିତ କୃଷ୍ଣମୂର୍ତ୍ତୀ ୱାର୍ଲ୍ଡ ସ୍କୁଲ ପରିସରରେ ସରସ୍ୱତୀ ପୂଜା ଅବ୍ୟବହିତ ପୂର୍ବରୁ ଦ୍ୱାଦଶ ଓ ଦଶମ ଶ୍ରେଣୀ ବିଦ୍ୟାର୍ଥୀ ମାନଙ୍କ ପାଇଁ ଆଶୀର୍ବାଦ ଉତ୍ସବ ପାଳନ ହୋଇଯାଇଛି । ବୋର୍ଡ ପରୀକ୍ଷା ଦେବା ପାଇଁ ଦଶମରେ ୮୨ ଜଣ ଓ ଦ୍ୱାଦଶ ଶ୍ରେଣୀରେ ୧୩୦ ବିଦ୍ୟାର୍ଥୀ ଅକ୍ଳାନ୍ତ ପରିଶ୍ରମ ଚଳାଇ ରଖିଛନ୍ତି । ବିଦ୍ୟାଳୟର ଚଳିତ ପ୍ରଥାନୁଯାୟୀ ସେମାନଙ୍କ ଭବିଷ୍ୟତ ଉଜ୍ଜଳ ପାଇଁ ବେଦ ପାଠ ମନ୍ତ୍ର ଉଚ୍ଚାରଣରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏକାଦଶ ଶ୍ରେଣୀ ବିଦ୍ୟାର୍ଥୀଙ୍କ ଦ୍ୱାରା ଆୟୋଜିତ ଏହି ମହାସମାରୋହରେ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନେ ୧୫ ବର୍ଷଧରି ସ୍କୁଲରେ କଟାଇଥିବା ପ୍ରତ୍ୟେକ ମୁହୂର୍ତ୍ତର ସ୍ମୃତି ଚାରଣ କରି ଭାବବିହ୍ୱଳ ହୋଇପଡିଥିଲେ । ବିଦ୍ୟାଳୟର ମହାନିର୍ଦ୍ଦେଶକ ଡଃ. ଜି.ଏସ୍ ପଟ୍ଟନାୟକ ମୁଖ୍ୟ ଅତିଥି, ନିର୍ଦ୍ଦେଶକ ଡଃ.ପ୍ରଭୁଚରଣ ମହାନ୍ତି ଓ ଟ୍ରଷ୍ଟି ସତ୍ୟମ ସରାଫ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ଆଶୀର୍ବାଦ ପୂର୍ବକ ସମ୍ମାନୀତ କରି ଭବିଷ୍ୟତରେ ସଂସ୍କାରୀ ମଣିଷଟିଏ ହୋଇବାହାରିବାକୁ ୨୧୨ ଜଣ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ସହ ପରୀକ୍ଷା ସମୟରେ ରହିଥିବା ନୀତି ନିୟମ ସଂକ୍ରାନ୍ତରେ ଆଲୋଚନା କରିଥିଲେ । କଠିନ ପରିଶ୍ରମ ଓ ଗୁରୁଜନ ମାନଙ୍କ ପଦାଙ୍କ ଅନୁସରଣ କଲେ ଭବିଷ୍ୟତ ଉଜ୍ଜଳ ହେବ ବୋଲି ଅତିଥିମାନେ କହିଥିଲେ ।

ଏନ୍‌ଏମ୍‌ଡିସିର ରେକର୍ଡ଼ କାରବାର

ହାଇଦ୍ରାବାଦ : ଭାରତରେ ସର୍ବବୃହତ ଲୁହାପଥର ଉତ୍ପାଦନକାରୀ କମ୍ପାନୀ ଏନ୍‌ଏମ୍‌ଡିସି ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଉତ୍ସାହଜନକ କାରବାର କରିଛି । ପୂର୍ବ ରେକର୍ଡ଼କୁ ଭାଙ୍ଗି ଏଥର ଉଭୟ ଟର୍ଣ୍ଣଓଭର ଓ ପିବିଟି କ୍ଷେତ୍ରରେ ଯଥାକ୍ରମେ ୪୫% ଓ ୬୪% ବୃଦ୍ଧି କରିଛି । ଏହିସଫଳତା ସହିତ ଏନ୍‌ଏମ୍‌ଡିସି ଉତ୍ପାଦନ କ୍ଷେତ୍ରରେ ସର୍ବୋଚ୍ଚ ରେକର୍ଡ଼ କରିବା ସହିତ ୧୨.୨୨ ଏମ୍‌ଟି ବିକ୍ରୟ ଏବଂ ଚଳିତ ଆର୍ଥିକ ବର୍ଷର ତ୍ରୈମାସିକରେ ୧୧.୩୯ ଏମ୍‌ଟି ଲୁହାପଥର ବିକ୍ରୟ କରି ଗତବର୍ଷ ତୁଳନାରେ ଯଥାକ୍ରମେ ୧୫% ଓ ୧୯% ଅଭିବୃଦ୍ଧି ହାସଲ କରିଛି । ଏନ୍‌ଏମ୍‌ଡିସିର ଟର୍ଣ୍ଣଓଭର ଓ ପିବିଟି ଯଥାକ୍ରମେ ୫୪୧୦ କୋଟି ଓ ୨୦୦୦୦ କୋଟିରହିଛି । ଗତ ୯ମାସରେ କ୍ୟୁମୁଲେଟିଭ ଉତ୍ପାଦନ ୩୧.୭୮ ଏମ୍‌ଟି ଏବଂ ବିକ୍ରୟ ପରିମାଣ ୩୧.୯୪ ଏମ୍‌ଟିରେ ପହଞ୍ଚିଛି । ଏନ୍‌ଏମ୍‌ଡିସି ଆର୍ଥିକ ବର୍ଷ ୨୦୨୪ର ୪ର୍ଥ ତ୍ରୈମାସିକରେ ଉଭୟ ଉତ୍ପାଦନ ଓ ବିକ୍ରିକ୍ଷେତ୍ରରେ ଆହୁରି ରେକର୍ଡ଼ କରିବ ବୋଲି ଆଶା କରାଯାଉଛି ।

ଏନ୍‌ଏମ୍‌ଡିସି ଅନ୍ତରୀଣ ଲାଭାଂଶ ସେୟାର ପ୍ରତି ୫ଟଙ୍କା ୭୫ ପଇସା ଘୋଷଣା କରିଛି । କମ୍ପାନୀର ଏହି କାରବାର ସମ୍ପର୍କରେ ସିଏମ୍‌ଡି ଅମିତାଭ ମୁଖାର୍ଜୀ କହିଛନ୍ତି ଯେ ଭାରତରେ ଇସ୍ପାତର ଚାହିଦା ଦ୍ରୁତଗତିରେ ବଢ଼ିଚାଲିଛି । ଆଗାମୀ ଦିନରେ ମୋଟାମୋଟି ଜିଡିପି ଅଭିବୃଦ୍ଧି ସହିତ ଏହା ତାଳଦେଇ ଆଗକୁ ବଢ଼ିଚାଲିବ ବୋଲି ଆଶା କରାଯାଉଛି । ଏନ୍‌ଏମ୍‌ଡିସିର ଉତ୍ପାଦନ କ୍ଷମତା ବଢ଼ିଚାଲିଛି । ଶିଳ୍ପକ୍ଷେତ୍ରର ଆଭ୍ୟନ୍ତରୀଣ ଚାହିଦା ପୂରଣ କରିବାରେ ଏନ୍‌ଏମ୍‌ଡିସି ବେଶ ସଫଳ ହୋଇଛି ।

ରୋଟାରୀ କ୍ଲବ ଭୁବନେଶ୍ୱର ଟେମ୍ପଲ ସିଟି ଓ ଜେଏସ୍‌ପି ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ

ଭୁବନେଶ୍ୱର (ସବ୍ୟୁ): ରୋଟାରୀ କ୍ଲବ ଭୁବନେଶ୍ୱର ଟେମ୍ପଲସିଟି ଏବଂ ଜେଏସ୍‌ପି ଫାଉଣ୍ଡେସନ ପକ୍ଷରୁ ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ବନ୍ତାଳି ଗ୍ରାମ ଏବଂ କଣ୍ଟାପଡାରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବୟସ୍କ, ଭିନ୍ନକ୍ଷମ, ଗରୀବ ଏବଂ ନିରାଶ୍ରୟ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ବନ୍ତାଳି ଗ୍ରାମ ଠାରେ ଆୟୋଜିତ ଚାନ୍ଦ୍ ଫ୍ୟାମିଲି ଦେବୀ ମେଳାରେ ଜେଏସ୍‌ପି ଫାଉଣ୍ଡେସନ ଏବଂ ରୋଟାରୀ କ୍ଲବ ଭୁବନେଶ୍ୱର ଟେମ୍ପଲ ସିଟିର ଅଧିକାରୀମାନଙ୍କ ଉପସ୍ଥିତିରେ କମ୍ବଳ ବଣ୍ଟନ କରାଯାଇଥିଲା । ଦୁର୍ଗାପୂଜା, ଦୋଳପୂର୍ଣ୍ଣିମା ଏବଂ ହୋଲି ପ୍ରଭୃତି ବିଭିନ୍ନ ଉତ୍ସବ ପାଇଁ ଚାନ୍ଦ୍ ଫ୍ୟାମିଲି ଦେବୀମେଳା ବିଶେଷ ପ୍ରସିଦ୍ଧି ଲାଭ କରିଛି । ଚାନ୍ଦ୍ ପରିବାରର ସଦସ୍ୟମାନେ ଏଥିପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ଗ୍ରାମବାସୀ ଏବଂ ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି କଣ୍ଟାପଡା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୋଷୀପଡା, ବସନ୍ତଡିହ, ଭୋଇ ସାହି ସମେତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକର ଲୋକମାନେ ଯୋଗଦେଇ କମ୍ବଳ ସଂଗ୍ରହ କରିଥିଲେ । ସେମାନେ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଜନୈକ ଅଧିକାରୀ କହିଛନ୍ତି ଯେ, ଯୋଗ୍ୟ ହିତାଧିକାରୀଙ୍କୁ ଯେଭଳି କମ୍ବଳ ମିଳିବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ରୋଟାରୀ କ୍ଲବ ଭୁବନେଶ୍ୱର ଟେମ୍ପଲ ସିଟିର ଅଧିକାରୀମାନେ ସୂଚନା ଦେଇଥିଲେ । ପୂର୍ବରୁ ଦେବୀ ମେଳା ବନ୍ତାଳିଗ୍ରାମ ଠାରେ ଅନୁଷ୍ଠିତ ମେଗା ସ୍ୱାସ୍ଥ୍ୟ ଶିବିରରେ କର୍ପୋରେଟ ହସ୍ପିଟାଲ ଏବଂ ଏମ୍ସର ଡାକ୍ତରମାନେ ଯୋଗଦେଇ ଲୋକଙ୍କ ଚିକିତ୍ସା କରିଥିଲେ ।

ଭାରତରେ ସ୍ଥିତି ସୁଦୃଢ କରିଛି ପିଏନ୍‌ବି ମେଟ୍‌ଲାଇଫ୍

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମା କମ୍ପାନୀ ପିଏନ୍‌ବି ମେଟ୍‌ଲାଇଫ୍ ପକ୍ଷରୁ ଭାରତବ୍ୟାପୀ ୧୦ଟି ନୂଆ ଶାଖା ଲଂଚ୍ କରାଯାଇଛି । ଏହି ରଣନୈତିକ ସମ୍ପ୍ରସାରଣ ଏହାର ବର୍ଦ୍ଧିତ ଗ୍ରାହକ ଆଧାର ପାଇଁ ଗ୍ରାହକ ସେବାକୁ ଉନ୍ନତ କରିବା ଲାଗି କମ୍ପାନୀର ନିର'ର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ୧୪୯ଟି ଶାଖାର ଏକ ନେଟ୍‌ୱର୍କ ସହିତ ପିଏନ୍‌ବି ମେଟ୍‌ଲାଇଫ୍ ଦେଶବ୍ୟାପୀ ଗ୍ରାହକଙ୍କୁ ଗ୍ରାହକ-କେନ୍ଦ୍ରିକ ଉତ୍ପାଦ ଓ ସମାଧାନ ପ୍ରଦାନ କରିବା ପାଇଁ ସକ୍ଷମ ଅଟେ । ଏହାର ବ୍ରାଂଚ୍‌ଗୁଡିକରେ ସେବାଗୁଡିକର ସମ୍ପୂର୍ଣ୍ଣ ଶୃଙ୍ଖଳା ପାଇଁ ସୁବିଧାଜନକ ଓ ବାଧାହୀନ ପହଂଚ ସମସ୍ତ ଗ୍ରାହକଙ୍କ ପାଇଁ ଏକ ଉନ୍ନତ ଓ ବ୍ୟକ୍ତିଗତ ଅଭିଜ୍ଞତା ସୁନିଶ୍ଚିତ କରୁଛି । ୧୦ଟି ନୂଆ ଶାଖାକୁ ପିଏନ୍‌ବି ମେଟ୍‌ଲାଇଫ୍ ପାଇଁ ଭାରତବ୍ୟାପୀ ପ୍ରମୁଖ ବଜାରଗୁଡିକରେ ଯେପରିକି ନୂଆଦିଲ୍ଲୀ, ଉଜ୍ଜୈନ, ଅଯୋଦ୍ଧା, ବେତୁଲ, ଭଦ୍ରକ, ଅଙ୍ଗୋଲେ, କୋଟା, ପେରିନ୍‌ଥାଲ୍‌ମାନ୍ନା, କାନପୁର ଓ ଭୁବନେଶ୍ୱରରେ ଖୋଲାଯାଇଛି । ଶାଖାଗୁଡିକର ଶୁଭାରମ୍ଭ ସମ୍ପର୍କରେ ପିଏନ୍‌ବି ମେଟ୍‌ଲାଇଫ୍‌ର ମୁଖ୍ୟ ବିତରଣ ଅଧିକାରୀ ସମୀର ବଂଶଲ କହିଛନ୍ତି, ' ଭାରତର ପ୍ରମୁଖ ସହରରେ ୧୦ଟି ନୂଆ ଶାଖା ଖୋଲିବା ପିଏନ୍‌ବି ମେଟ୍‌ଲାଇଫ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ ଏବଂ ଏହା ଦେଶବ୍ୟାପୀ ଯେକୌଣସି ସ୍ଥାନରେ ଆମର ଗ୍ରାହକଙ୍କୁ ସେବା ପ୍ରଦାନ କରିବା କ୍ଷେତ୍ରରେ ଏକ ନିରବଚ୍ଛିନ୍ନ ନିବେଶକୁ ଚିହ୍ନିତ କରୁଛି । ଏହି ସମ୍ପ୍ରସାରଣ , ଆମର ସହଯୋଗୀ ଶାଖାଗୁଡିକର ବିସ୍ତୃତ ନେଟ୍‌ୱର୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି ଯାହା ଭାରତରେ ଆମର ମୋଟ ଆକ୍‌ସେସ ପଏଂଟ୍‌କୁ ୧୮୦୦୦ରୁ ଅଧିକକୁ ବୃଦ୍ଧି କରିଛି ।

ଏଏସିସିଆଇର ତିନିଦିନିଆ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର: ଭୁବନେଶ୍ୱରସ୍ଥିତ ମେ ଫେୟାର ଲାଗୁନ୍ ବାଟିକା ଠାରେ ଏସିଆନ୍ ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ) ଓଡିଶା ଚାପ୍ଟରର ବିଶ୍ୱସ୍ତରୀୟ ବ୍ୟବସାୟିକ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ସମ୍ମିଳନୀର ଶେଷ ଦିନରେ ମୁଖ୍ୟ ଅତିଥି ଭାବେ ସିଡ୍‌ବିର ଉପମହାପ୍ରବନ୍ଧକ ପ୍ରଦୀପ୍ତ ଚୌଦିରି ଅଂଶଗ୍ରହଣ କରି ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ରାଜ୍ୟ ସଭା ସାଂସଦ ମୁନ୍ନା ଖାନ୍ ଏବଂ ତାଙ୍କ ସହ କର୍ଣ୍ଣେଲ ଓ ଏନ୍‌ସିସି ଡାଇରେକ୍ଟର ସାଗର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବିରିହାନ୍ ଆଲମେଟ୍ କିଡାନୁ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଗଣମାଧ୍ୟମର ଆଗ ଧାଡିର ୮ ଜଣ ବରିଷ୍ଠ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ମିଳନୀରେ ଏସିଆ, ଇଥିଓପିଆ, ଇରାନ୍, ମ୍ୟାଲେସିଆ, ସିଙ୍ଗାପୁର, ଜାମ୍ବିଆ ସାଉଥ ଆଫ୍ରିକା, ସିଙ୍ଗାପୁର ଓ ଅନ୍ୟ ଆଫ୍ରିକାନ୍ ଦେଶରୁ ବହୁ ଡିପ୍ଲୋମାଟ୍ସ ଓ ଏମ୍‌ଏସ୍‌ଏମ୍‌ଇ ମୁଖ୍ୟ ମଧ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୩ ଦିନ ବ୍ୟାପି ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଇକୋଜେନ୍‌ଙ୍କ ପ୍ରଡକ୍ଟ ସୋଲାର ଷ୍ଟଲର ମୁଖ୍ୟ ଆକର୍ଷଣ ଥିଲା । ସଭାପତି ଡଃ ଲୀତା ମହାପାତ୍ର, ଉପ ସଭାପତି ରାଜେନ୍ଦ୍ର ପରିଡା, ଜଏ ସେକ୍ରେଟାରୀ ସୁସ୍ମିତା ମହାନ୍ତି, ମେଡିକାଲ ଚେୟାର ପର୍ସନ ଗରିମା ସରୋଗି, ଗୌରବ ରାହାଲାନ ଆଦି ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା ।

ଲର୍ଡସ ମାର୍କ ଇଣ୍ଡଷ୍ଟ୍ରିଜର ୨୦୦ କୋଟି ଟଙ୍କାର ରାଜସ୍ୱ ଆୟ ଲକ୍ଷ୍ୟ ଧାର୍ଯ୍ୟ

ଭୁବନେଶ୍ୱର (ସବ୍ୟୁ): ଲର୍ଡସ ମାର୍କ ଇଣ୍ଡଷ୍ଟ୍ରିଜ ଲିମିଟେଡର ବୈଶ୍ୱିକ ସ୍ୱାସ୍ଥ୍ୟ ସେବା ଡିଭିଜନ ଲର୍ଡସମେଡ ୧୦ ସେଟ ବିଶ୍ୱ-ମାନର ରି-ଏଜେ ଏବଂ ପରୀକ୍ଷଣ କିଟ ଟ୍ରାଇଗ୍ଲିସେରାଇଡସ, ୟୁରିକ ଏସିଡ, ଆଲକାଲାଇନ ଫସଫେଟସ , ବାଇଲିରୁବିନ, କ୍ୟାଲସିୟମ (ଆର୍ସେନାଜୋ ୩), କ୍ରିଏଟିନାଇନ, ଗ୍ଲୁକୋଜ, ସେରମ ଗ୍ଲୁଟାମିକ ଅକ୍ସାଲୋଏସିଟିକ ଟ୍ରାନସାମାଇନେସ (ଏସଜିଓଟି)/ଆସ ପାରଟେଟ ଆମିନୋଟ୍ରାନ୍ସଫେରାସ , ସେରମ ଗ୍ଲୁଟାମିକ ପାଇରୁଭିକ ଟ୍ରାନ୍ସଆମିନେଜ (ଏସଜିପିଟି), ଆଲାନାଇନ ଆମିନୋଟ୍ରାନ୍ସଫେରାସ (ଏଏଲଟି) ଏବଂ ଟୋଟାଲ ପ୍ରୋଟିନ ନିମର୍ତେ ପ୍ରଚଳନ କରିଛି । ଏହି ରି-ଏଜେ ଏବଂ ନିରୂପଣକାରୀ ପରୀକ୍ଷଣ କିଟସ୍ ୯୯.୭ ପ୍ରତିଶତ ସଠିକତା ସହିତ

ଆସୁଛି, ଯାହା ସମ୍ବେଦନଶୀଳତାର ସର୍ବୋଚ୍ଚ ସ୍ତର, ୨୪ ମାସର ସ୍ୱୟଂ କାର୍ଯ୍ୟକାଳ, ଅନନ୍ୟ ପ୍ୟାକେଜିଂ ଏବଂ ପ୍ରତିଯୋଗିତାମୂଳକ ମୂଲ୍ୟ ବିଶିଷ୍ଟ ହୋଇଛି । କମ୍ପାନୀ ଏହି କିଟସ୍‌ଗୁଡିକ ନିମନ୍ତେ ଭାରତ ପାଟେ ଦାଖଲ କରିଛି ଯାହା ଜଟିଳ ରୋଗଗୁଡିକ ନିମନ୍ତେ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବା ସମୁଦାୟ ବ୍ୟବସ୍ଥାକୁ ମଜଭୁତ କରିବ ।

ଲର୍ଡସମେଡ ଏହି ରି-ଏଜେ ଏବଂ ନିରୂପଣକାରୀ ପରୀକ୍ଷଣ କିଟଗୁଡିକ ତାହାର ମହାରାଷ୍ଟ୍ରରେ ଥିବା ଉତ୍ପାଦନ କାରଖାନାରେ ପ୍ରସ୍ତୁତ କରିବ ଏବଂ ଏହି କିଟ ଗୁଡିକୁ ପାଥୋଲୋଜିକାଲ ଲାବୋରେଟୋରୀ, ହସପିଟାଲ ଏବଂ ଗବେଷଣା ପ୍ରତିଷ୍ଠାନଗୁଡିକରେ ନିଜର ୩୦୦ରୁ ଅଧିକ ଡିଲର ବିଶିଷ୍ଟ ସର୍ବଭାରତୀୟ ଆବନ ନେଟ୍‌ୱର୍କ ଜରିଆରେ ଉପଲବ୍ଧ କରାଇବ ।

ସମ୍ବର୍ଦ୍ଧିତ ହେଲେ ସାହିତ୍ୟିକ ସେବକ ଶ୍ରୀକାନ୍ତ

କଟକ,(ସବ୍ୟୁ) : ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା ଓ କଟକ ସଦର କନ୍ଦରପୁର ସରସ୍ୱତୀ କଳା ପରିଷଦର ସହ ସଂପାଦକ ତଥା ୪୨ ମୌଜା ବରାଳ ଗ୍ରାମର କୃତୀ ସନ୍ତାନ ସମାଜସେବୀ ତଥା ସାହିତ୍ୟ ସାଧକ ଇଂ.ସେବକ ଶ୍ରୀକାନ୍ତଙ୍କ ସାହିତ୍ୟ କୃତୀ, ଗବେଷଣା, ସମାଜସେବା, ପରିବେଶ ସୁରକ୍ଷା, ପ୍ରବାସରେ ସାହିତ୍ୟ ସେବା ଓ ରକ୍ତଦାନ ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ ସଫଳତା ନେଇ ୪୨ ମୌଜା ଅଂଚଳର ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ୱାମୀଜୀ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ସଭାରେ ଆଦର୍ଶ କବି ଓ ସମାଜସେବୀ ସମ୍ମାନ - ୨୦୨୪ ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ଉତ୍ସବରେ ଯୁବ ବୈଜ୍ଞାନିକ ଅନିଲ ପ୍ରଧାନ,ସଂଘର ପ୍ରତିଷ୍ଠାତା ଇଂ.ବିରଞ୍ଚି ନାରାୟଣ ଭୂୟାଁ, ଅଭିନେତା ସମରେନ୍ଦ୍ର ମହାପାତ୍ର, ନାଟ୍ୟକାର ଆଶୋକ କୁମାର ପଟ୍ଟନାୟକ, ଅଧ୍ୟାପକ ପ୍ରଦୀପ୍ତ ବିଶ୍ୱାଳ, ସମାଜସେବୀ ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀକାନ୍ତଙ୍କୁ ବିଭିନ୍ନ ସଙ୍ଗଠନ ତଥା ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ବ୍ରିଟିଶ୍ କାଉନସିଲ୍ ଭାରତୀୟ ଛାତ୍ରମାନଙ୍କ ପାଇଁ
ବିଭିନ୍ନ ବିଷୟରେ ମହାନ ଛାତ୍ରବୃତ୍ତି ୨୦୨୪ ଉନ୍ମୋଚନ କରିଛି

ଭୁବନେଶ୍ୱର (ସବ୍ୟୁ): ଶିକ୍ଷାଗତ ସୁଯୋଗ ଏବଂ ସାଂସ୍କୃତିକ ସମ୍ପର୍କ ପାଇଁ ବ୍ରିଟେନର ଅନ୍ତରାଷ୍ଟ୍ରୀୟ ସଂଗଠନ ବ୍ରିଟିଶ୍ କାଉନସିଲ୍, ବ୍ରିଟେନର ସରକାରଙ୍କ ଗ୍ରେଟ୍ ବ୍ରିଟେନ୍ ଅଭିଯାନ ସହଭାଗିତାରେ ମହାନ ଛାତ୍ରବୃତି ୨୦୨୪ ଘୋଷଣା କରିଛି । ଏହି ମହାନ ଛାତ୍ର ବୃତି ଭାରତର ଛାତ୍ରମାନଙ୍କୁ ବିଭିନ୍ନ ଅଧ୍ୟୟନ କ୍ଷେତ୍ରରେ ଶୀତ ଋତୁ ୨୦୨୪ ରୁ ବ୍ରିଟେନରେ ପୋଷ୍ଟ ଗ୍ରାଜୁଏଟ୍ ଅଧ୍ୟୟନ କରିବାର ସୁଯୋଗ ପ୍ରଦାନ କରୁଛି । ଚଳିତ ବର୍ଷ ବ୍ରିଟେନର ୨୫ ଟି ବିଶ୍ୱବିଦ୍ୟାଳୟ ଅର୍ଥ, ମାର୍କେଟିଂ, ବ୍ୟବସାୟ, ମନୋବିଜ୍ଞାନ ଡିଜାଇନ୍, ମାନବିକତା, ନୃତ୍ୟ ଏବଂ ଆହୁରି ଅନେକ ବିଷୟ ଉପରେ ଭାରତୀୟ ଛାତ୍ରମାନଙ୍କୁ ୨୬ ଟି ପୋଷ୍ଟ ଗ୍ରାଜୁଏଟ୍ ପିଲାଙ୍କୁ ମହାନ ଛାତ୍ରବୃତି ପ୍ରଦାନ କରୁଛି । ପ୍ରତ୍ୟେକ ମହାନ ଛାତ୍ରବୃତି ସର୍ବନିମ୍ନ ୧୦,୦୦୦ ମୂଲ୍ୟର ଅଟେ ଯାହାକି ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ବ୍ରିଟେନରେ ଏକ ବର୍ଷର ପୋଷ୍ଟଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଟ୍ୟୁସନ ଫି ଆକାର ରେ ପ୍ରଦାନ କରାଯିବ । ମହାନ ଛାତ୍ରବୃତି ଯୋଜନା ୨୦୨୪ ଆହୁରି ମଧ୍ୟ ନ୍ୟାୟ ମନ୍ତ୍ରଣାଳୟର ସହଭାଗିତାରେ ଭାରତୀୟ ଛାତ୍ରମାନଙ୍କୁ ନ୍ୟାୟ ଏବଂ ଆଇନ ଅଧ୍ୟୟନ ପାଇଁ ଦୁଇଟି ବୃତି ପ୍ରଦାନ କରିଥାଏ । ଏହି ଛାତ୍ରବତି ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା ଦୁଇଟି ଅଂଶଗ୍ରହଣକାରୀ ଉଚ୍ଚଶିକ୍ଷା ସଂସ୍ଥାରେ ପ୍ରଦାନ କରାଯାଇଥାଏ । ମାନବ ଅଧିକାର, ସମ୍ପତି ଆଇନ, ଅପରାଧିକ ନ୍ୟାୟ, ବାଣିଜ୍ୟିକ ଆଇନ ଏବଂ ଅନ୍ୟାନ୍ୟ ପାଠ୍ୟକ୍ରମ ଅନୁସରଣ କରିବା ପାଇଁ ଆଗ୍ରହୀ ଥିବା ଭାରତୀୟ ଛାତ୍ରମାନେ ଏହି ଛାତ୍ରବତି ପାଇଁ ଆବେଦନ କରିପାରିବେ ।

ସରିଲା କଳିଙ୍ଗ ମାରିଟାଇମ୍ ଏକ୍ସପୋ
ସଂଯୋଗ, ସହଯୋଗ ଓ ସମ୍ପ୍ରସାରଣର ସମନ୍ୱୟରେ ଶିଳ୍ପ ସମୃଦ୍ଧ ହୁଏ

କଟକ,(ସବ୍ୟୁ): ସରକାରଙ୍କର ସାଧାରଣ ଲୋକଙ୍କ ନିମନ୍ତେ ବହୁ ଯୋଜନା ରହିଛି । ପ୍ରତ୍ୟେକ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । କେବଳ ସହରାଞ୍ଚଳ ନୁହେଁ, ଯୋଜନା ଗୁଡିକ ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ମଧ୍ୟ ପହଞ୍ଚିବା ଦରକାର । ଏ ଦିଗରେ ସରକାର ଅନେକ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି । ଅଣୁ ଶିଳ୍ପ ଗୁଡିକ କିପରି ବୃହନ୍ତ ଶିଳ୍ପ ରୂପରେ ଗଢ଼ି ତୋଳି ହେବ ସେଥିପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ଜଣେ ଆତ୍ମନିର୍ଭରଶୀଳ ହେବା ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଉପର ବାଲିଯାତ୍ରା ପଡ଼ିଆରେ ଚାଲିଥିବା କଳିଙ୍ଗ ମାରିଟାଇମ ଏକ୍ସପୋର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପରୋକ୍ତ ମତ ଦେଇଛନ୍ତି । ଓଡ଼ିଶା ଶିଳ୍ପ ସଂଘ ଏକ ନିଆରା ପ୍ରୟାସ କରିଛି । ନୌସେନା ବିଭାଗ ସହ ମିଶି ନୂତନ ଶିଳ୍ପୋଦ୍ୟୋଗୀ ସୃଷ୍ଟି କରିବାରେ ସଂଘର ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ହାଇଟେକ ଗ୍ରୁପର ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ ଯୋଗ ଦେଇ ଓଡ଼ିଶା ଶିଳ୍ପ ସଂଘର ପ୍ରୟାସରେ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଆବଶ୍ୟକୀୟ ସମସ୍ତ ସହଯୋଗ ଯୋଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନାଭି ଫାଉଣ୍ଡେସନ ଓଡ଼ିଶା ଚାପ୍ଟର ପ୍ରେସିଡେ ଭାଇସ ଆଡମିରାଲ ଆର.କେ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ପାଞ୍ଚ ଦିନ ଧରି ଚାଲିଥିବା ଏହି ମେଳାର ଉପାଦେୟତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । କେନ୍ଦ୍ର ସରକାରଙ୍କ ଏମଏସ୍‌ଏମଇ ବିଭାଗ ନିର୍ଦ୍ଦେଶକ ଆର.କେ ଗୁପ୍ତା ଯୋଗ ଦେଇଥିଲେ । ଓଡ଼ିଶା ଶିଳ୍ପ ସଂଘ ଅଧ୍ୟକ୍ଷ ଅବନୀ କାନୁନଗୋ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଶା ଶିଳ୍ପ ସଂଘର ସଭାପତି ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ମେଳାରେ ସାମିଲ ହୋଇଥିବା ୨୦୦ରୁ ଅଧିକ ଉଦ୍ୟୋଗପତି ଓ ୪୦୦ରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଭାରତ ମସଲାର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ଶିଳ୍ପ ଓଡ଼ିଶା ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ଶିକ୍ଷା କ୍ଷେତ୍ରରେ ନାଳନ୍ଦା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଯଶସ୍ୱିନୀ ପଟ୍ଟନାୟକଙ୍କୁ ଶିକ୍ଷା ଓଡ଼ିଶା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶିଷ୍ଟ ଚିକିତ୍ସକ ଡଃ ଜନ୍ମେଜୟ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓଡ଼ିଶା, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କୁ କଳା ଓଡ଼ିଶା ସମ୍ମାନରେ ଓଡ଼ିଶା ଶିଳ୍ପ ସଂଘ ସମ୍ମାନିତ କରିଥିଲା । ଏତଦବ୍ୟତୀତ ମେଳାରେ ଭାଗ ନେଇଥିବା ସମସ୍ତ ବ୍ୟବସାୟୀଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ବିନୋଦ ଭୂତ ଧନ୍ୟବାଦ ଅର୍ପଣ କରିଥିଲେ । ଓଆଇଏର ସାଧାରଣ ସମ୍ପାଦକ ଗୌର ଗୋପାଳ ସେନ, ପୂର୍ବତନ ସଭାପତି ରାଜେଶ କାନୁନଗୋ, ଦେବେନ୍ଦ୍ର ଶର୍ମାଙ୍କ ସମେତ ସଂଘର ବରିଷ୍ଠ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ରାଜସ୍ଥାନରୁ ସୋନିଆ ରାଜ୍ୟସଭା ପ୍ରାର୍ଥୀ

ଦାଖଲ କଲେ ନାମାଙ୍କନ ପତ୍ର

ନୂଆଦିଲ୍ଲୀ: କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧିଙ୍କ ଲୋକସଭା ଯାତ୍ରା ଶେଷ ହୋଇଛି । ୨୫ ବର୍ଷ ଧରି ସେ ଲୋକସଭା ସଦସ୍ୟ ଥିଲେ । ଏଥର ସେ ରାଜ୍ୟସଭାକୁ ଆସିବେ । ୭୭ ବର୍ଷୀୟ ସୋନିଆ ରାଜସ୍ଥାନରୁ ରାଜ୍ୟସଭା ଲାଗି ବୁଧବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜସ୍ଥାନର ଜୟପୁର ଠାରେ ସେ ପହଞ୍ଚି ବରିଷ୍ଠ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ସୋନିଆ ଗାନ୍ଧି ପ୍ରଥମେ ଉତ୍ତରପ୍ରଦେଶର ଆମେଥି ଓ ରାଇବରେଲିରୁ ନିର୍ବାଚନ ଲଢ଼ିଥିଲେ । ଉଭୟ ଆସନରେ ସେ ଜିତିଥିଲେ । ୧୯୯୯ରେ ସେ ପ୍ରଥମେ ରାଜନୀତିରେ ପାଦଦେଇ ନିର୍ବାଚନରେ ଲଢ଼ିଥିଲେ । ତାଙ୍କ ସ୍ୱାମୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କର ମୃତ୍ୟୁର ୮ ବର୍ଷ ପରେ ଦଳକୁ ସଜାଡ଼ିବା ଲାଗି ରାଜନୀତିକୁ ଆସିଥିଲେ । ୨୦୦୪ରେ ସେ ମଧ ରାଇବରେଲିରୁ ନିର୍ବାଚନ ଲଢ଼ିଥିଲେ । ୧୯୯୯ରୁ ସେ ଦଳ ସହିତ ସାମିଲ ଅଛନ୍ତି । ତେବେ ରାଇବରେଲିରୁ ଏଥର ପ୍ରିୟଙ୍କା ଗାନ୍ଧି ନିର୍ବାଚନ ଲଢ଼ିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି । ୨୦୦୪ରେ ସୋନିଆଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କ୍ଷମତାକୁ ଆସିଥିଲା । ଲଗାତାର ୧୦ ବର୍ଷ ଧରି ୟୁପିଏ କ୍ଷମତାସୀନ ଥିଲା । ରାଇବରେଲିରେ କଂଗ୍ରେସକୁ ୫୫% ଭୋଟ ମିଳିଥିଲା । ଏବେ ରାଇବରେଲିର ପ୍ରାର୍ଥୀ ହୋଇ ରାଜନୀତିରେ ପ୍ରିୟଙ୍କା ଗାନ୍ଧି ତାଙ୍କ ଭୋଟ ରାଜନୀତି ଆରମ୍ଭ କରିବେ ବୋଲି ଆଲୋଚନା ହେଉଛି ।

ଚାଷୀ ଆନ୍ଦୋଳନ ଜାରି

କୃଷକଙ୍କ ଉପରକୁ ଟିୟର ଗ୍ୟାସ ମାଡ଼

ନୂଆଦିଲ୍ଲୀ: ଚାଷୀ ଆନ୍ଦୋଳନ ଜାରି ରହିଛି । ଚାଷୀଙ୍କ ଦିଲ୍ଲୀ ଚଲୋ ଅଭିଯାନକୁ ନେଇ ପ୍ରଶାସନ ଭୟଭୀତ ହୋଇପଡ଼ିଛି । ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବାର ସମ୍ଭାବନା ରହିଛି । ଆଜି ଚାଷୀମାନଙ୍କ ଉପରେ ଲାଠିମାଡ଼ କରାଯିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି । ପଞ୍ଜାବ ଓ ହରିୟାଣା ସୀମାରେ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଚାଷୀମାନେ ଦିଲ୍ଲୀ ଆଡ଼କୁ ଅଗ୍ରସର ହେଉଥିଲା ବେଳେ ତାଙ୍କୁ ସୀମାରେ ଅଟକାଯାଇଛି ।

ପଞ୍ଜାବ ଓ ହରିୟାଣା ସୀମାର ଶମ୍ଭୁଠାରେ ଶତାଧିକ ଟ୍ରାକ୍ଟର ଟ୍ରଲିରେ ଚାଷୀମାନେ ଦିଲ୍ଲୀ ଚଲୋ ଅଭିଯାନରେ ସାମିଲ ହୋଇଛନ୍ତି । ଏହାକୁ ଦୃଷ୍ଟିରେ

ଆଜି କେନ୍ଦ୍ର ସରକାରଙ୍କ ସହ ହେବ ଆଲୋଚନା
ରାସ୍ତାରେ ମୋବିଲ ଢ଼ାଳି ବଡବଡ ଲୁହାକଣ୍ଟା ବାଡେଇଲେ

ରଖି ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି । କଂକ୍ରିଟ ବ୍ୟାରିକେଟ କରାଯିବା ସହ ରାସ୍ତାଗୁଡ଼ିକୁ ଖୋଳି ଦିଆଯାଇଛି । ପୋଲିସ ପକ୍ଷରୁ ଆଜି ମଧ ଆନ୍ଦୋଳନରତ ଚାଷୀଙ୍କ ଉପରକୁ ଲୁହବୁହା ଗ୍ୟାସ ଛଡ଼ାଯାଇଛି । ଡ୍ରୋନ ମାଧ୍ୟମରେ ଏହି ଗ୍ୟାସ ଛଡ଼ାଯାଉଥିଲା ବେଳେ ଡ୍ରୋନକୁ ପ୍ରତିହତ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଗୁଡ଼ି ଉଡ଼ାଯାଉଛି । ଦ୍ୱିତୀୟ ଦିନରେ ବି ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି । ଧୀରେଧୀରେ ଚାଷୀମାନେ ଦିଲ୍ଲୀର ନିକଟତର ହେଉଛନ୍ତି । ସେମାନଙ୍କୁ ନିୟନ୍ତ୍ରଣ କରିବା ପ୍ରଶାସନ ପକ୍ଷରୁ କାଠିକରପାଠ ହେଉଛି । ସେହିଭଳି ପଞ୍ଜାବ ସୀମାରେ ମଧ ଚାଷୀମାନେ ବ୍ୟାରିକେଡ ଭାଙ୍ଗିଛନ୍ତି । ସଂଯୁକ୍ତ କିଶାନ ମୋର୍ଚ୍ଚା ଓ କିଶାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀ ଚଲୋ ଡକରା ଦିଆଯାଇଛି । ପଞ୍ଜାବ ଓ ହରିୟାଣାର ପୋଲିସ ପକ୍ଷରୁ ଚାଷୀଙ୍କୁ ବଳପୂର୍ବକ ଅଟକାଯାଉଛି । ଲୁହବୁହା ଗ୍ୟାସ ଛାଡ଼ିବା ସହ ପାଣି ମାଡ଼ କରାଯାଉଛି । ଆନ୍ଦୋଳନକାରୀମାନଙ୍କୁ ଦିଲ୍ଲୀ ଯିବାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଉଛି । ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବ । ଚାଷୀ ନେତା ଓ କେନ୍ଦ୍ରମନ୍ତ୍ରୀ ଏହି ଆଲୋଚନାରେ ଉପସ୍ଥିତ ରହିବେ । ଆଲୋଚନା ନସରିବା ପର୍ଯ୍ୟନ୍ତ ଚାଷୀମାନେ ଦିଲ୍ଲୀ ଆଡ଼କୁ ଅଗ୍ରସର ହେବେ ନାହିଁ ବୋଲି କୁହାଯାଇଛି । ପୋଲିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଚାଷୀ ଆନ୍ଦୋଳନ ୬ମାସ ପର୍ଯ୍ୟନ୍ତ ଚାଲିଥିଲା । ୬ମାସ ଲାଗି ସେମାନେ ଡିଜେଲ ଓ ରାସନ ଆଣି ଧାରଣାରେ ବସିଥିଲେ । ଚାଷୀ ନେତା ଜଗଜିତ୍ ସିଂହ ଦଲେଇୱାଲ କହିଛନ୍ତି ଯେ ଚାଷୀମାନେ ସରକାରଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ । ତେବେ ପ୍ରାଥମିକତା ହେଉଛି ଯେ ଚଣ୍ଡିଗଡ଼ରେ ଆଲୋଚନା ହେଉ । ଯାହା ପ୍ରତିବାଦ ସ୍ଥଳର ନିକଟତର । ଉତ୍ତର ଓ ପୂର୍ବ ଦିଲ୍ଲୀରେ ଚାଷୀମାନଙ୍କୁ ରୋକିବା ପାଇଁ ମଧ ପଦକ୍ଷେପ ନିଆଯାଇଛି । ସିନ୍ଧୁ ଓ ଟିକିରି ସୀମାକୁ ଆଜି ବନ୍ଦ କରିଦିଆଯାଇଛି । କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି ଯେ ଚାଷୀଙ୍କ ସହ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ।

ଗୁଜରାଟରୁ ନଡ୍ଡା ଓ ମହାରାଷ୍ଟ୍ରରୁ ଅଶୋକ ଚୌହାନ ଯିବେ ରାଜ୍ୟସଭା

ନୂଆଦିଲ୍ଲୀ: ମହାରାଷ୍ଟ୍ରରୁ ରାଜ୍ୟସଭା ଯିବେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିବା ଅଶୋକ ଚୌହାନଙ୍କ ସେହିପରି ଗୁଜରାଟରୁ ରଜ୍ୟସଭାକୁ ଯିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ରାଜ୍ୟ ସଭର୍ନିର୍ବାଚନ ପାଇଁ ବିଜେପି ତା'ର ପ୍ରକାଶ କରିଥିବା ତୃତୀୟ ପାର୍ଥୀ ତାଲିକାରୁ ଏହା ଜଣାପଡିଛି । ବିଜେପି ତରଫରୁ ଜାରି କରାଯାଇଥିବା ତାଲିକାରେ ୭ ଜଣଙ୍କ ନାମ ଉଲ୍ଲେଖ ରହିଛି । ଯାହା ମଧ୍ୟରୁ ୪ ଜଣଙ୍କୁ ଗୁଜରାଟ ଓ ୩ ଜଣ ମହାରାଷ୍ଟ୍ରରୁ ପ୍ରାର୍ଥୀ ହୋଇଛନ୍ତି । ବିଜେପି ଜାରି କରିଥିବା ପ୍ରାର୍ଥୀ ତାଲିକାର ପ୍ରଥମରେ ରହିଛନ୍ତି ଜେପି ନଡ୍ଡା, ଦ୍ୱିତୀୟରେ ଗୋବିନ୍ଦଭାଇ ଡୋଲକିଆ, ମୟଙ୍କ ଭାଇ ନାୟକ, ଯଶବନ୍ତ ସିଂ ସଲାମସିଂହ ପରମାରଙ୍କ ନାଁ ସାମିଲ ଅଛି । ଏମାନେ ଗୁଜରାଟରୁ ରାଜ୍ୟସଭା ପ୍ରାର୍ଥୀ ପାଇଁ ମନୋନୀତ କରିଛି ବିଜେପି । ସେହିପରି ମହାରାଷ୍ଟ୍ରରୁ ରାଜ୍ୟସଭା ପ୍ରାର୍ଥୀ ପାଇଁ ଅଶୋକ ଚୌହାନ, ମେଧା କୁଲକର୍ଣ୍ଣୀ ଏବଂ ଅଜିତ ଗୋପଚାଡେଙ୍କୁ ପ୍ରାର୍ଥୀ କରିଛି ଦଳ । ଉଲ୍ଲେଖଯୋଗ୍ୟ ଯେ, ଫେବୃଆରୀ ୧୩ରେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିଲେ ଅଶୋକ ଚୌହାନ । ରବିବାର ଦିନ ବିଜେପି ଉତ୍ତରପ୍ରଦେଶ, ବିହାର, ଛତିଶଗଡ ଏବଂ ଅନ୍ୟାନ୍ୟ ରାଜ୍ୟ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ଦଳ ପୁଣି ଥରେ ସୁଧାଂଶୁ ତ୍ରିବେଦୀଙ୍କୁ ରାଜ୍ୟସଭାକୁ ପଠାଇବାକୁ ସ୍ଥିର କରିଛି । ତାଙ୍କୁ ଉତ୍ତରପ୍ରଦେଶରୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଥିଲା । ଦଳ ସୁଭାଷ ବାରାଲାଙ୍କୁ ହରିଆଣାରୁ ରାଜ୍ୟସଭାକୁ ପଠାଇବାକୁ ନିଷ୍ପତ୍ତି ନେଇଛି । ଯଦି ଆମେ ବିହାର ବିଷୟରେ ଆଲୋଚନା କରିବା, ତେବେ ଏନଡିଏରୁ ତିନିଜଣଙ୍କୁ ରାଜ୍ୟସଭାକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି । ସେଥିମଧ୍ୟରୁ ଦୁଇଟି ନାମ ବିଜେପିର । ଦଳ ଧର୍ମଶୀଳା ଗୁପ୍ତା ଏବଂ ଭୀମ ସିଂହଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଛି । ଉଭୟ ପ୍ରଥମ ଥର ପାଇଁ ରାଜ୍ୟସଭାକୁ ଯିବେ । ଆଜି ଉଭୟ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

୩ ହାଇକୋର୍ଟ ବିଚାରପତି ବଦଳିବେ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ ସେମାନଙ୍କ ଅନୁରୋଧକ୍ରମେ ହାଇକୋର୍ଟର ୩ ଜଣ ବିଚାରପତିଙ୍କ ବଦଳି ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି ।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ବିଆର୍ ଗବାଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ କଲେଜିୟମ୍ ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମୌସୁମୀ ଭଟ୍ଟାଚାର୍ଯ୍ୟଙ୍କ ଅନୁରୋଧକୁ ଗ୍ରହଣ କରି ତାଙ୍କୁ ଅନ୍ୟ କୌଣସି ହାଇକୋର୍ଟକୁ ବଦଳି କରିବାକୁ ଅନୁରୋଧ କରିଛନ୍ତି । ୨୦୨୪ ଫେବୃଆରି ୧୨ ତାରିଖରେ ଏକ ଚିଠି ଜରିଆରେ ଜଷ୍ଟିସ୍ ମୌସୁମୀ ଭଟ୍ଟାଚାର୍ଯ୍ୟ ବ୍ୟକ୍ତିଗତ କାରଣରୁ ତାଙ୍କୁ କଲିକତା ହାଇକୋର୍ଟରୁ ଅନ୍ୟ କୌଣସି ହାଇକୋର୍ଟକୁ ବଦଳି କରିବାକୁ ଅନୁରୋଧ କରିଥିଲେ । ଉନ୍ନତ ନ୍ୟାୟ ପ୍ରଶାସନ ସ୍ୱାର୍ଥଦୃଷ୍ଟିରୁ ଜଷ୍ଟିସ ମୌସୁମୀ ଭଟ୍ଟାଚାର୍ଯ୍ୟଙ୍କୁ ତେଲେଙ୍ଗାନା ରାଜ୍ୟ ହାଇକୋର୍ଟକୁ ବଦଳି କରିବାକୁ କଲେଜିୟମ୍ ନିଷ୍ପତ୍ତି ଗ୍ରହଣ କରିଛି ବୋଲି କଲେଜିୟମ୍ କହିଛିକେରଳ ରାଜ୍ୟରୁ ବଦଳି ପାଇଁ ଆବେଦନ କରିଥିବା ଜଷ୍ଟିସ ଅନୁ ଶିବରମଣଙ୍କ ଅନୁରୋଧକୁ ମଧ କଲେଜିୟମ ଗ୍ରହଣ କରିଛନ୍ତିଛ ଜଷ୍ଟିସ ଅନୁ ଶିବରମଣଙ୍କୁ କର୍ଣ୍ଣାଟକ ହାଇକୋର୍ଟକୁ ବଦଳି କରିବାକୁ କଲେଜିୟମ୍ ନିଷ୍ପତି ଗ୍ରହଣ କରିଛି । ଅନ୍ୟ ଏକ ନିଷ୍ପତିରେ କଲେଜିୟମ କହିଛି ଯେ ତାଙ୍କ ପୁଅ ମଧ୍ୟପ୍ରଦେଶ ହାଇକୋର୍ଟରେ ଓକିଲାତି କରୁଥିବା ଦର୍ଶାଇ ବଦଳି ପାଇଁ ଜଷ୍ଟିସ ସୁଜୟ ପାଲଙ୍କ ଠାରୁ ୨୦୨୪ ଫେବ୍ରୁଆରି ୧୨ ତାରିଖରେ ଚିଠି ଆସିଥିଲାଛ କଲେଜିୟମ କହିଛି ଯେ ଉନ୍ନତ ନ୍ୟାୟ ପ୍ରଶାସନ ସ୍ୱାର୍ଥରେ ଜଷ୍ଟିସ ସୁଜୟ ପାଲଙ୍କୁ ତେଲେଙ୍ଗାନା ହାଇକୋର୍ଟକୁ ବଦଳି କରିବାକୁ ସୁପାରିସ କରିବାକୁ କଲେଜିୟମ ନିଷ୍ପତି ଗ୍ରହଣ କରିଛି ।

କେଜରିୱାଲଙ୍କୁ ପୁଣି ଇଡି ସମନ

ନୂଆଦିଲ୍ଲୀ: ଅବକାରୀ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପୁଣି ଥରେ ତାଙ୍କୁ ସମନ ପଠାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ଷଷ୍ଠ ଥର ପାଇଁ ଇଡି କେଜ୍ରିୱାଲଙ୍କୁ ଏହି ସମନ ପଠାଇ ପଚରାଉଚରା ପାଇଁ ଡାକିଛି । ମନି ଲଣ୍ଡରିଂ ମାମଲାରେ ଇଡି କେଜ୍ରିୱାଲଙ୍କୁ ସମନ କରି ଫେବ୍ରୁଆରୀ ୧୯ ତାରିଖରେ ହାଜର ହେବାକୁ କହିଛ । ଏହା ପୂର୍ବରୁ କେଜ୍ରିୱାଲଙ୍କୁ ଇଡି ଏହି ମାମଲାରେ ଜେରା କରିବା ପାଇଁ ୫ ଥର ସମନ ପଠାଇ ସାରିଛି । ତେବେ ଥରେ ବି ସେ ହାଜର ହୋଇନାହାନ୍ତି । ସେ ଇଡିର ଏହି ସମନକୁ କେନ୍ଦ୍ରର ପ୍ରତିଶୋଧ ବୋଲି କହି ବାରମ୍ବାର ଟାଳି ଆସିଛନ୍ତି । କ୍ରମାଗତ ଭାବରେ ସମନ ଜାରି କରିବା ପରେ ଅମ ଆଦମୀ ପାର୍ଟି ଦାବି କରିଛି ଯେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିବା ପାଇଁ ଏହି ସମସ୍ତ ପ୍ରକ୍ରିୟା କରାଯାଉଛି । ତାଙ୍କୁ ପଚରାଉଚରା କରିବା ବାହାନାରେ ଇଡି ତାଙ୍କୁ ଗିରଫ କରିବାକୁ ଚାହୁଁଛି ବୋଲି ଆପ୍ ଅଭିଯୋଗ କରିଛି । ସେପଟେ ବାରମ୍ବାର ସମନ ପରେ ବି କେଜ୍ରିୱାଲ ହାଜର ନହେବା ପରେ ଇଡି କୋର୍ଟର ଦ୍ୱାରସ୍ଥ ହୋଇଥିଲା ।ତଏହାପରେ ରାଉଜ ଏଭେନ୍ୟୁ କୋର୍ଟ ଜାନୁଆରୀ ୭ ତାରିଖରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ସମନ ପଠାଇଥିଲେ । ଜାନୁଆରୀ ୧୭ରେ ବ୍ୟକ୍ତିଗତ ରୂପେ କୋର୍ଟରେ ହାଜର ହେବାକୁ କହିଥିଲେ ।

ଉଲ୍ଲେଖଯୋଗ୍ୟ, ଅବକାରୀ ନୀତି ଦୁର୍ନୀତି ମାମଲାରେ ଟଙ୍କା ହେରଫେର ଅଭିଯୋଗରେ ବର୍ତ୍ତମାନ ସୁଦ୍ଧା ଇଡି ୧୪ ଜଣଙ୍କୁ ଗିରଫ କରିସାରିଛି ।ଏଥିରେ ଅମ୍ ଆଦମୀ ପାର୍ଟିର ଅନେକ ନେତା ଗିରଫ ହୋଇ ଜେଲରେ ଅଛନ୍ତି । ଗିରଫ ନେତାଙ୍କ ମଧ୍ୟରେ କେଜ୍ରିୱାଲ ସରକାରଙ୍କ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ୍, ସଞ୍ଜୟ ସିଂହ ଓ ବିଜୟ ନାୟର ପ୍ରମୁଖ ଅଛନ୍ତି ।

ପାକ୍ ହମ୍ଲାର ଜବାବ ଦେଲା ଭାରତ

ଶ୍ରୀନଗର: ପାକିସ୍ତାନ ରେଞ୍ଜର୍ସଙ୍କ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନ କରାଯାଇଥିଲା । ଏହାର ଜବାବ ମଧ ବିଏସ୍ଏଫ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା । କିଛି ଦିନର ବ୍ୟବଧାନ ପରେ ସୀମାରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛି ପାକିସ୍ତାନ । ଜମ୍ମୁ ସ୍ଥିତ ଅନ୍ତର୍ଜାତୀୟ ସୀମାରେ ପାକିସ୍ତାନ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଛି । ସୀମାରେ ମୁତୟନ ହୋଇଥିବା ବିଏସ୍ଏଫ ଯବାନଙ୍କୁ ଟାର୍ଗେଟ କରି ହୋଇଥିବା ଗୁଳି ମାଡ଼ରେ ଭାରତର କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ । ସେନା ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ରେଞ୍ଜର୍ସଙ୍କ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନ କରାଯାଇଥିଲା । ଏହାର ଜବାବ ମଧ ବିଏସ୍ଏଫ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା । ସନ୍ଧ୍ୟାର ୫.୫୦ରେ ଆରମ୍ଭ ହୋଇଥିବା ଗୁଳି ବିନିମୟ ଦୀର୍ଘ ୨୦ ମିନିଟ ଧରି ଚାଲିଥିଲା । ଏବେ ପରିସ୍ଥିତି ସ୍ୱାଭାବିକ ଥିବା ସେନା ପକ୍ଷରୁ କୁହାଯାଇଛି ।

ଇରାନରେ ପୁଣି ଆତଙ୍କୀ ଆକ୍ରମଣ

ତେହେରାନ: ବୁଧବାର ସକାଳେ ଇରାନରେ ହୋଇଥିବା ବିସ୍ଫୋରଣରେ ଏକ ପ୍ରାକୃତିକ ଗ୍ୟାସ ପାଇପଲାଇନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛିଛ ଜଣେ ଅଧିକାରୀ ଏହି ବିସ୍ଫୋରଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି । ଗାଜା ଉପତ୍ୟକାରେ ହାମାସ ବିରୋଧରେ ଇସ୍ରାଏଲର ଯୁଦ୍ଧ ମଧ୍ୟରେ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଏହି ବିସ୍ଫୋରଣ ଯୋଗୁଁ ଇରାନର ପଶ୍ଚିମ ଚହରମହଲ ଓ ବଖତିଆରି ପ୍ରଦେଶରୁ କାସ୍ପିଆନ୍ ସାଗରର ଉତ୍ତରରେ ଥିବା ସହରକୁ ପ୍ରାକୃତିକ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରଭାବିତ ହୋଇଛି । ତେବେ ଏ ନେଇ ଇରାନ ସରକାର ବିଶେଷ କିଛି ସୂଚନା ଦେଇନାହାନ୍ତି । ୧୨୭୦ କିଲୋମିଟର ଲମ୍ବର ଏହି ପାଇପଲାଇନ୍ ଇରାନର ଦକ୍ଷିଣରେ ଥିବା ଗ୍ୟାସ୍ ଫିଲ୍ଡ ହବ୍ ଆସାଲୁୟେହରୁ ଆରମ୍ଭ ହୋଇଛି । ଇରାନର ଗ୍ୟାସ ନେଟୱାର୍କ କଣ୍ଟ୍ରୋଲ ସେଣ୍ଟରର ମ୍ୟାନେଜର ସଇଦ ଅଘାଲି ଇରାନର ସରକାରୀ ଟେଲିଭିଜନକୁ କହିଛନ୍ତି ଯେ ଏକ କ୍ଷତିକାରକ ଏବଂ ଆତଙ୍କବାଦୀ କାର୍ଯ୍ୟ ଯୋଗୁଁ ପାଇପଲାଇନ ନିକଟବର୍ତ୍ତୀ ଅନେକ ଅଞ୍ଚଳରେ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ପାଇଁ ଅଘାଲି କୌଣସି ସନ୍ଦିଗ୍ଧ କିମ୍ବା ଗୋଷ୍ଠୀର ନାମ ଉଲ୍ଲେଖ କରିନାହାଁନ୍ତି । ଅତୀତରେ ଦକ୍ଷିଣ-ପଶ୍ଚିମ ଇରାନରେ ତୈଳ ପାଇପଲାଇନ ଉପରେ ହୋଇଥିବା ଆକ୍ରମଣ ପାଇଁ ଆରବ ବିଚ୍ଛିନ୍ନତାବାଦୀମାନେ ନିଜକୁ ଦାୟୀ କରିଛନ୍ତି । ତେବେ ପାଇପ୍ ଲାଇନ୍ ଭଳି ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ ଅତ୍ୟନ୍ତ ବିରଳ ଘଟଣା ବୋଲି କୁହାଯାଉଛି ।

ୟୁଏଇରେ ଖୋଲିଲା ପ୍ରଥମ ହିନ୍ଦୁ ମନ୍ଦିର



ଆବୁଧାବୀ: ଲୋକାର୍ପିତ ହେଲା ଅବୁଧାବି ସ୍ଥିତ ଇଅଲଗ ସ୍ୱାମୀ ନାରାୟଣ ମନ୍ଦିର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଲୋକାର୍ପଣ କରିଛନ୍ତି । ଏହି ସମୟରେ ସେ ୪୨ଟି ଦେଶର ପ୍ରତିନିଧୀଙ୍କୁ ସମ୍ବୋଧିତ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ବଲିଉଡ ଅଭିନେତା ଅକ୍ଷୟ କୁମାର ମଧ ସାମିଲ ହୋଇଛନ୍ତି । ଏଥିସହ ଅନେକ ଭାରତୀୟ ମଧ ଦେଶର କୋଣ ଅନୁକୋଣରୁ ଆସି ଏହି ମନ୍ଦିରର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଛନ୍ତି । ମନ୍ଦିରର କୋଣ ଅନୁକୋଣରେ ଭାରତୀୟ କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିଛି । ନାଗର ଶୈଳୀରେ ନିର୍ମାଣ ହୋଇଥିବା ଏହି ମନ୍ଦିର ଗୁଜରାଟର ସୋମନାଥ, କାଶୀ ବିଶ୍ୱନାଥଙ୍କ ମନ୍ଦିରର ଭ୍ରମ ସୃଷ୍ଟି କରୁଛି । ୨୭ ଏକର ଜମିରେ ନିର୍ମିତ ଏହି ମନ୍ଦିରରେ ଖର୍ଚ୍ଚ ହୋଇଛି ପ୍ରାୟ ୭୦୦ କୋଟି ଟଙ୍କା । ଏହି ମନ୍ଦିରରେ ସାତୋଟି ଶିଖର ନିର୍ମାଣ କରାଯାଇଛି ଯେଉଁଥିରେ ପ୍ରଭୁ ରାମ, ଭଗବାନ ଶିବ, ଜଗନ୍ନାଥ, କୃଷ୍ଣ, ସ୍ୱାମୀନାରାୟଣ, ତିରୁପତି ବାଲାଜୀ ଏବଂ ଭଗବାନ ଆୟାପ୍ପାଙ୍କ ମୂର୍ତ୍ତି ରହିଛି । ୟୁନାଇଟେଡ୍ ଆରବ ଏମିରେଟସରେ ଏହା ହେଉଛି ପ୍ରଥମ ମନ୍ଦିର ଯାହା ସଂପୂର୍ଣ୍ଣ ଭାବେ ପଥରରେ ନିର୍ମିତ ହୋଇଛି । ମନ୍ଦିରରେ ବ୍ୟବହାର ହୋଇଥିବା ଗୋଲାପି ପଥର ରାଜସ୍ଥାନରୁ ଆସିଥିବା ବେଳେ ଧଳା ଇଟାଲିଆନ୍ ମାର୍ବଲ ଇଟାଲୀରୁ ଆସିଛି । ଗ୍ରାନାଇଟ୍ ଓ ଧଳା ମାର୍ବଲରେ ନିର୍ମାଣ ଏହି ମନ୍ଦିର ବେଶ୍ ମନମୁଗ୍ଧକର । ମନ୍ଦିରରେ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ବି ନିଖୁଣ ଭାବେ ନିର୍ମାଣ କରାଯାଇଛି ।

ଇଅଲଗ ସ୍ୱାମୀ ମିନାରାୟଣ ମନ୍ଦିରର ଉଚ୍ଚତା ୧୦୮ ଫୁଟ, ୨୬୨ ଫୁଟ ଲମ୍ବ ଏବଂ ଚଉଡ଼ା ୧୮୦ ଫୁଟ ରହିଛି । ମନ୍ଦିର ନିର୍ମାଣ ପାଇଁ ୨୦,୦୦୦ ଟନରୁ ଅଧିକ ପଥର ଏବଂ ମାର୍ବଲ ୭୦୦ କଣ୍ଟେନରରେ ଭର୍ତ୍ତି କରି ଅବୁଧାବିକୁ ଅଣାଯାଇଥିଲା । ଦୁଇ ଦିନିଆ ୟୁଏଇ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଅବୁଧାବିରେ ପହଞ୍ଚିଥିଲେ । ବିମାନବନ୍ଦରରେ ମୋଦିଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ୟୁଏଇ ରାଷ୍ଟ୍ରପତି ଜାୟେଦ୍ । ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବା ସହ ଅନେକ ନିବେଶ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏଥିସହ ଆବୁଧାବିରେ ୟୁପିଆଇ ରୂପେ କାର୍ଡ ପ୍ରଚଳନ ଶୁଭାରମ୍ଭ କରିଛନ୍ତି ଉଭୟ ରାଷ୍ଟ୍ର ନେତା ।

କୁର୍ତ୍ତା ପାଇଜାମା ପିନ୍ଧିବେ ଭାରତୀୟ ନୌସେନା

ନୂଆଦିଲ୍ଲୀ: ଏଥର କୁର୍ତ୍ତା ପାଇଜାମା ଓ କୁର୍ତ୍ତା ଚୁଡିଦାର ପିନ୍ଧିବେ ଭାରତୀୟ ନୌସେନା । ଭାରତୀୟ ନୌସେନାର ଅଫିସର୍ସ ମେସରେ ନୂଆ ଡ୍ରେସ୍ କୋଡ୍ ଲାଗୁ କରାଯାଇଛି । ଖୁବଶୀଘ୍ର ଭାରତୀୟ ନୌସେନାର କର୍ମଚାରୀମାନେ ମଧ ୱେଡରୁମ ଓ ଅଫିସର୍ସ ମେସ୍(ରେଷ୍ଟୁରାଣ୍ଟ)ରେ ପାରମ୍ପରିକ ପୋଷାକରେ ନଜର ଆସିବେ । ଏଥିପାଇଁ ମଞ୍ଜୁରୀ ମିଳିଛି । ଭାରତୀୟ ସଂସ୍କୃତିକୁ ଧ୍ୟାନରେ ରଖି ଏହି ଡ୍ରେସକୁ ନୌସେନାରେ ସାମିଲ କରାଯାଇଛି । ଡ୍ରେସ୍ କୋଡରେ କୁର୍ତ୍ତା, ପାଇଜାମା ଓ ଚୁଡିଦାର ତଥା ପ୍ଲାଜୋକୁ ସାମିଲ କରାଯାଇଛି । ଭାରତୀୟ ନୌସେନାର ନାବିକମାନେ ପାରମ୍ପରିକ ଭାରତୀୟ ପୋଷାକ ପିନ୍ଧି ୱାର୍ଡରୁମ ଏବଂ ଅଧିକାରୀଙ୍କ ମେସ (ରେଷ୍ଟୁରାଣ୍ଟ) କୁ ଆସିପାରିବେ । କୁର୍ତ୍ତାର ରଙ୍ଗ ଆକାସିଆ ନୀଳ ଓ ପାଇଜାମା ରଙ୍ଗ ଧଳା ହୋଇଥିବା ବେଳେ ଜ୍ୟାକେଟର ରଙ୍ଗ ନେଭି ବ୍ଲୁ ରହିଛ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସେନାରୁ ଅବସର ନେଇଥିବା ଶୌର୍ଯ୍ୟ ଚକ୍ର ବିଜେତା ବ୍ରିଗେଡିୟର୍ ହରଦୀପ ସିଂହ ସୋହି ତାଙ୍କ ଏକ୍ସ ଆକାଉଣ୍ଟରେ ଫଟୋ ପୋଷ୍ଟ କରି ଭାରତୀୟ ନୌସେନାର ନୂତନ ଆଦେଶ ବିଷୟରେ ସୂଚନା ଦେଇଛନ୍ତି । ଫଟୋଟି କୁର୍ତ୍ତା-ପାଇଜାମା ଏବଂ ଜ୍ୟାକେଟର, ଯାହାକୁ ନୌସେନା କର୍ମଚାରୀମାନେ ପିନ୍ଧିବାକୁ ଅନୁମତି ପାଇଛନ୍ତି । ନୌସେନା ଦ୍ୱାରା ଜାରି ବିଜ୍ଞପ୍ତିରେ ନୂତନ ଡ୍ରେସ କୋଡ ସମ୍ବନ୍ଧରେ କିଛି ନିୟମ ଏବଂ ସର୍ତ୍ତ ରହିଛି, ଯାହାକୁ କଡାକଡି ପାଳନ କରିବାକୁ କୁହାଯାଇଛି । ନିର୍ଦ୍ଦେଶ ଅନୁଯାୟୀ, କୁର୍ତ୍ତା-ପାଇଜାମା ସ୍ଲିଭଲେସ ଜ୍ୟାକେଟ ଏବଂ ପାରମ୍ପରିକ ଜୋତା କିମ୍ବା ଚପଲ ପିନ୍ଧାଯିବ । ମହିଳା ନାବିକମାନେ ଚୁଡିଦାର କିମ୍ବା ପ୍ଲାଜୋ ସହିତ କୁର୍ତ୍ତା ପିନ୍ଧିବେ, କିନ୍ତୁ ଏହି ପାରମ୍ପରିକ ଭାରତୀୟ ପୋଷାକ କେବଳ ପର୍ବପର୍ବାଣୀରେ ଏବଂ ଅଫିସର୍ଙ୍କ ମେସରେ ପିନ୍ଧାଯିବ । ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଧ୍ୟାନରେ ରଖି ଏହି ଡ୍ରେସ କୋଡ ଲାଗୁ କରାଯାଇଛି ।

କୁର୍ତ୍ତାର କଲର ଓପନ କିମ୍ବା କ୍ଲୋଜ୍ ରଖାଯାଇପାରିବ, କିନ୍ତୁ ଏହାର ରଙ୍ଗ କେବଳ ସିଲିଡ ଟୋନରେ ରହିବା ଆବଶ୍ୟକ । ଏହାର ଲମ୍ବ ଆଣ୍ଠୁ ପର୍ଯ୍ୟନ୍ତ ହେବା ଉଚିତ । ହାତରେ କଫଲିଙ୍କ୍ସ ରହିବା ଉଚିତ । ପାଇଜାମା ଟ୍ରାଉଜର ପରି ହେବା ଜରୁରୀ । ଇଲାଷ୍ଟିକ ଅଣ୍ଟା ଏବଂ ପକେଟ ରହିବା ଆବଶ୍ୟକ । ଡ୍ରେସ ସିଲେଇ ହେବାବେଳେ ମହିଳାମାନଙ୍କୁ ଭାରତୀୟ ପରମ୍ପରାକୁ ଧ୍ୟାନରେ ରଖିବାକୁ ପଡିବ ।ଗତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ଟି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଗୋଟିଏ ପ୍ରତିଶ୍ରୁତି ଥିଲା ଉପନିବେଶ ପରମ୍ପରାକୁ ଶେଷ କରିବା । ଏହି ପଦକ୍ଷେପ ଅନୁଯାୟୀ, ନୌସେନାରେ ଥିବା ଡ୍ରେସ କୋଡ ପରିବର୍ତ୍ତନ କରାଯାଇଥିଲା । ଏହା ବ୍ୟତୀତ ନୌସେନାରେ ନାବିକମାନଙ୍କ ପଦବୀକୁ 'ଇଣ୍ଡିଆନାଇଜ' କରିବାକୁ ପ୍ରସ୍ତୁତି ଚାଲିଛି । ଆଗକୁ ସ୍ଥଳସେନା ଓ ବାୟୁସେନା ଅଫିସର୍ସ ମେସରେ ମଧ ଏହି ଭଳି କିଛି ଡ୍ରେସ୍ କୋଡ୍ ଲଗୁ କରାଯିବ ବୋଲି ସୂଚନା ମିଳିଛି ।

ଆଜିଠୁ ତୃତୀୟ ଟେଷ୍ଟ

ଡେବ୍ୟୁ ଅପେକ୍ଷାରେ ସର୍ଫରାଜ, ଜୁରେଲ

ରାଜକୋଟ୍,୧୪।୨(ଏଜେନ୍ସି): ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ତୃତୀୟ ମ୍ୟାଚ ଗୁରୁବାର ଠାରୁ ରାଜକୋଟରେ ଆରମ୍ଭ ହେବାକୁଯାଉଛି । ଏଥିପାଇଁ ଉଭୟ ଦଳ ଜୋରଦାର ଅଭ୍ୟାସ ଶେଷ କରିଛନ୍ତି । ଇଂଲଣ୍ଡ ଦଳରେ ସାମାନ୍ୟ ପରିବର୍ତ୍ତନ ରହିବାର ଆଶଙ୍କା ରହିଥିବା ବେଳେ ଭାରତୀୟ ଦଳରେ ଏକାଧିକ ଯୁବ ଖେଳାଳି ଡେବ୍ୟୁ କରିବାର ସମ୍ଭାବନା ଅଛି ।

ବିଶାଖାପଟନମ ମ୍ୟାଚରେ ଭାରତୀୟ ଦଳ ବିଜୟୀ ହୋଇଥିଲା । ଏହା ସତ୍ତ୍ୱେ ତୃତୀୟ ମ୍ୟାଚ ପାଇଁ ଏକାଦଶରେ ପରିବର୍ତ୍ତନ ହେବାରେ ଆଭାସ ମିଳିଛି । ଶ୍ରେୟାସ ଆୟର ଓ ଲୋକେଶ ରାହୁଲ ଦଳରେ ନାହାନ୍ତି । ବର୍ତ୍ତମାନ ଦୁଇଟି ସ୍ଥାନ ପାଇଁ ଦୌଡ଼ରେ ରହିଛନ୍ତି ୩ ଯୁବ ବ୍ୟାଟର । ଗତ ମ୍ୟାଚରେ ରାହୁଲଙ୍କ ସ୍ଥାନରେ ରଜତ ପଟିଦାର ପଦାର୍ପଣ କରିଥିଲେ । ଏଥର ମଧ୍ୟ ଏକାଦଶରେ ବଜାୟ ରଖିବାର ସମ୍ଭାବନା ଅଛି । ଆୟରଙ୍କ ସ୍ଥାନରେ ସର୍ଫରାଜ ଖାନ୍ ଓ ଦେବଦତ୍ତ ପଡିକାଲଙ୍କ ମଧ୍ୟରେ ଜଣେ ଡେବ୍ୟୁ କରିବେ । ସର୍ଫରାଜଙ୍କ ଖେଳିବା ସମ୍ଭାବନା ଅଧିକ ରହିଛି । ମାତ୍ର ରାଜକୋଟ ପିଚ ବ୍ୟାଟିଂ ପାଇଁ ଅନୁକୂଳରହିଥିବାରୁ ଇଂଲଣ୍ଡ ସ୍ପିନର ମୁକାବିଲା କରିବା ପାଇଁ ବାମହାତି ବ୍ୟାଟରଙ୍କ ପ୍ରାଧାନ୍ୟ ରହିବ । ଇଂଲଣ୍ଡର ସ୍ପିନର ଟମ୍ ହାଟଲି ବାମହାତି ସ୍ପିନର ଓ ରୋହନ ଅହମ୍ମଦ ଓ ଡାହାଣହାତି ଲେଗ୍ ସ୍ପିନର ଉଭୟଙ୍କ ବିପକ୍ଷରେ ଜଣେ ବାମହାତି ବ୍ୟାଟର ଅଧିକ ସଫଳ ହେବେ । ଆହତ ସମସ୍ୟା ଯୋଗୁଁ ୨ୟ ଟେଷ୍ଟ ଖେଳିନଥିବା ରବିନ୍ଦ୍ର ଜାଡେଜା ଫିଟ୍ ଘୋଷିତ ହୋଇଛନ୍ତି । ନେଟ୍ସରେ ସେ ଜୋରଦାର ଅଭ୍ୟାସ କରିଥିଲେ । ରାଜକୋଟ ମଧ୍ୟ ତାଙ୍କ ଘରୋଇ ଗ୍ରାଉଣ୍ଡ । ଏହି ଗ୍ରାଉଣ୍ଡରେ ସେ ଗୋଟିଏ ତ୍ରିଶତକ ଓ ଦୁଇଟି ଦ୍ୱି-ଶତକ (ରଣଜୀ ଟ୍ରଫି) ଅର୍ଜନ କରିଛନ୍ତି । ନେଟ୍ସରେ ଜାଡେଜା ଦୀର୍ଘ ସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ । ଦଳର ଅନ୍ୟ ୪ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ତାଙ୍କୁ ବୋଲିଂ କରିଥିଲେ । ବ୍ୟାଟିଂ ପରେ ଜାଡେଜା ତୁରନ୍ତ ବୋଲିଂ ଅଭ୍ୟାସ କରିଥିଲେ । ନେଟ୍ସରେ ଶୁଭମନ ଗିଲ, ଯଶପ୍ରୀତ ବୁମରା, ଦେବଦତ୍ତ ପଡିକାଲ, ଆକାଶଦୀପଙ୍କୁ ଦେଖିବାକୁ ମିଳିନଥିଲା । ଦ୍ୱିତୀୟ ଟେଷ୍ଟରେ ଫିଲ୍ଡ କରୁଥିବା ବେଳେ ଗିଲଙ୍କ ବିସି ଆଙ୍ଗୁଠିରେ ଆଘାତ ଲାଗିଥିଲା । ତେଣୁ ତାଙ୍କୁ ଅଭ୍ୟାସରୁ ବିରତ ରଖାଯାଇଛି । ଆହତ ସମସ୍ୟା ଗୁରୁତର ନୁହେଁ, ତେଣୁ ସେ ମ୍ୟାଚ ଖେଳିବେ । ନବାଗତ ୱିକେଟ୍‌କିପର ଧ୍ରୁବ ଜୁରେଲ ମଧ୍ୟ ରାଜକୋଟରେ ପଦାର୍ପଣ କରିବାର ସମ୍ଭାବନା ରହିଛି ।

କିଭଳି ରହିବ ପିଚ

ରାଜକୋଟ ମ୍ୟାଚରେ ବିଜୟ ଉଭୟ ଦଳ ପାଇଁ ଜରୁରୀ ହୋଇପଡିଛି । ଏଠାକାର ପିଚ ଧିମା ରହିବ ବୋଲି ଅନୁମାନ କରାଯାଉଛି । ଅନ୍ୟ ଅର୍ଥରେ ଏହା ସ୍ପିନରଙ୍କ ପାଇଁ ଭୂସ୍ୱର୍ଗ ପାଲଟିବ ବୋଲି କୁହାଯାଇପାରେ । ପୂର୍ବରୁ ଏଠାରେ ଦୁଇଟି ମ୍ୟାଚ ଖେଳାଯାଇଛି । ଗୋଟିଏ ଡ୍ର' ରହିଥିବା ବେଳେ ଅନ୍ୟ ମ୍ୟାଚରେ ଭାରତର ଜିତିଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦଳ ଫାଇଦାରେ ରହିବ ।

୧୦୦ତମ ମ୍ୟାଚ ଖେଳିବେ ଷ୍ଟୋକ୍ସ

ଏହି ମ୍ୟାଚରେ ବେନ୍ ଷ୍ଟୋକ୍ସ ତାଙ୍କ ଟେଷ୍ଟ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିବାକୁ ଯାଉଛନ୍ତି । ଏଥିସହ ସେ ଇଂଲଣ୍ଡର ୧୬ତମ ଖେଳାଳି ଭାବେ ଗୌରବ ଅର୍ଜନ କରିବେ । ପୂର୍ବରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡର ୧୫ଜଣ ଲେଖାଏଁ ଟେଷ୍ଟ ଖେଳିସାରିଛନ୍ତି । ଅଧିନାୟକ ଭାବେ ରାହୁଲ ଦ୍ରାବିଡଙ୍କ ରେକର୍ଡ ସହ ସମକକ୍ଷ ହେବା ପାଇଁ ରୋହିତ ଶର୍ମାଙ୍କ ନିକଟରେ ସୁଯୋଗ ରହିଛି । ଦ୍ରାବିଡ ୨୫ ଟେଷ୍ଟରେ ୮ ମ୍ୟାଚରେ ଦଳକୁ ଜିତାଇଥିବା ବେଳେ ରୋହିତ ୭ଟିରେ ବିଜୟୀ କରାଇଛନ୍ତି ।

ଅଶ୍ୱିନୀଙ୍କ ପାଇଁ ୫୦୦ ୱିକେଟ୍ ସୁଯୋଗ

ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏହି ମ୍ୟାଚରେ ଭାରତର ଦ୍ୱିତୀୟ ବୋଲର ଭାବେ ୫୦୦ ୱିକେଟ୍ ହାସଲ କରିବାକୁ ଯାଉଛନ୍ତି । ଏଥିପାଇଁ ସେ ଆଉ ଗୋଟିଏ ୱିକେଟ୍ ପଛରେ ଅଛନ୍ତି । ସେହିଭଳି ଇଂଲଣ୍ଡର ଜେମ୍ସ ଆଣ୍ଡରସନ୍ ଆଉ ୫ ୱିକେଟ୍ ନେଲେ ଟେଷ୍ଟ କ୍ରିକେଟ୍‌ରେ ୭୦୦ ୱିକେଟ୍ ହାସଲ କରିବେ । ଇଂଲଣ୍ଡର ପ୍ରଥମ ଏବଂ ବିଶ୍ୱ କ୍ରିକେଟ୍‌ରେ ତୃତୀୟ ବୋଲର ଭାବେ କୀର୍ତ୍ତିମାନ ସ୍ଥାପନ କରିବେ ଆଣ୍ଡରସନ୍ । ତାଙ୍କ ପୂର୍ବରୁ ସେନ୍ ୱର୍ଣ୍ଣ ୭୦୮ ୱିକେଟ୍ ଓ ମୁଥିଆ ମୁରଲିଧରନ ୮୦୦ ୱିକେଟ୍ ଅକ୍ତିଆର କରି ଏହି ମାଇଲଖୁଣ୍ଟ ଅତିକ୍ରମ କରିସାରିଛନ୍ତି ।

ଖେଳିନପାରନ୍ତି ବୁମରା

ରାଜକୋଟର ଅଭ୍ୟାସ ସେସନ୍‌ରେ ଯଶପ୍ରୀତ ବୁମରାଙ୍କୁ ଦେଖିବାକୁ ମିଳିନଥିଲା । ବିଶେଷ ସୂତ୍ରରୁ ଜଣାପଡିଛି ଯେ, ସେ ଏବେ ରାଜକୋଟରେ ପହଞ୍ଚିନାହାନ୍ତି । ତଥାପି ଆଶା କରାଯାଉଛି ସେ ଖୁବ୍ ଶୀଘ୍ର ଟିମ୍ ସହ ଯୋଗଦେବେ । ଯଦି ବୁମରା ଟିମ୍ ପାଇଁ ନଖେଳିବେ ତେବେ ଦଳ ପଞ୍ଚମ ବୋଲର ବଦଳରେ ଜଣେ ଅତିରିକ୍ତ ବ୍ୟାଟରଙ୍କୁ ନେଇ ମୈଦାନକୁ ଓହ୍ଲାଇବ ।

ସମ୍ଭାବ୍ୟ ଭାରତୀୟ ଦଳ:

ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁମରା, ଯଶଶ୍ୱୀ ଜୟଶ୍ୱାଲ, ଶୁଭମନ ଗିଲ, ରଜତ ପଟିଦାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ, କେଏସ୍ ଭରତ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, ମୁକେଶ କୁମାର ଓ ଆକାଶଦୀପ ।

ଇଂଲଣ୍ଡ ଦଳ:

ବେନ୍ ଷ୍ଟୋକ୍ସ (ଅଧିନାୟକ), ବେନ୍ ଡକେଟ, ଲରେନ୍ସ, ଜୋ ରୁଟ୍, ଓଲି ପୋପ, ଜ୍ୟାକ କ୍ରାଉଲି, ରେହାନ ଅହମ୍ମଦ, ବେନ ଫୋକ୍ସ, ଜନି ବେୟାରଷ୍ଟୋ, ଗ୍ୟାସ ଆଟିକ୍ସ ସନ୍, ଜେମ୍ସ ଆଣ୍ଡର ସନ୍, ମାର୍କ ଉଡ, ଓଲି ରବିନ ସନ୍, ସୋଏବ ବସିର ଓ ଟମ୍ ହାଟଲେ ।

ବ୍ୟାଡ଼ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନ୍‌ସିପ୍

ଚୀନ୍‌କୁ ହରାଇଲା ଭାରତ

ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଆହତ ସମସ୍ୟା ଦେଇ ଗତି କରିଥିବା ବ୍ୟାଡ଼ମିଣ୍ଟନ ତାରକା ପିଭି ସିନ୍ଧୁ ୪ ମାସ ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି । ବୁଧବାର ବ୍ୟାଡ଼ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନ୍‌ସିପ୍ ମହିଳା ବର୍ଗରେ ଭାରତ ୩-୨ ବ୍ୟବଧାନରେ ଶକ୍ତିଶାଳୀ ଚୀନକୁ ପରାସ୍ତ କରିଛି । ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଥିଲେ । ଗ୍ରୁପ୍ ଡବ୍ଲ୍ୟୁରେ ଭାରତ ସ୍ଥାନ ପାଇଥିଲା । ଏହି ଗ୍ରୁପ୍‌ରେ କେବଳ ଦୁଇଟି ଦଳ ଥିବାରୁ ଭାରତ ମ୍ୟାଚ ଖେଳିନଥିଲେ ମଧ୍ୟ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥାନ୍ତା । ତେବେ ଚୀନ୍ ବିପକ୍ଷ ମ୍ୟାଚରେ ଭାରତୀୟ ଖେଳାଳି ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ଦଳକୁ ବିଜୟୀ କରିଛନ୍ତି । ଗତବର୍ଷ ଅକ୍ଟୋବରରେ ଶେଷ ମ୍ୟାଚ ଖେଳିଥିବା ସିନ୍ଧୁ ଆଣ୍ଠୁ ଇଞ୍ଜୁରୀରୁ ମୁକୁଳି ପୁଣି ରଣାଙ୍ଗନକୁ

ଓହ୍ଲାଇଛନ୍ତି । ସେ ଚୀନ୍‌ର ଉଚ୍ଚ ର୍‌ୟାଙ୍କ ଖେଳାଳି ହାନ୍ ୟୁଙ୍କୁ ୨୧-୧୭, ୨୧-୧୫ ଗେମ୍‌ରେ ୪୦ ମିନିଟ୍ ମଧ୍ୟରେ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ । ସିନ୍ଧୁ ବିଶ୍ୱ ମାନ୍ୟତାରେ ୧୧ତମ ସ୍ଥାନରେ ରହିଥିବା ବେଳେ ୟୁଇ ଅଷ୍ଟମ ସ୍ଥାନରେ ରହିଛନ୍ତି । ତନିସା-ଅଶ୍ୱିନୀ ପୋନାପ୍ପାଙ୍କ ଯୋଡି ୧୯-୨୧, ୧୬-୨୧ ଗେମ୍‌ରେ ଲିୟୁ ସେଙ୍ଗ-ଟାଙ୍ଗ ନିନ୍‌ଙ୍କ ନିକଟରୁ ହାରି ଯାଇଥିଲେ । ଭାରତର ଅନ୍ୟତମ ତାରକା ଅସ୍ମିତା ଚଲିହା ୧୩-୨୧, ୧୫-୨୧ ସେଟ୍‌ରେ ବିଶ୍ୱର ନଂ.୯ ଖେଳାଳି ୱାଙ୍ଗ ଜି ୟିଙ୍ଗଙ୍କ ନିକଟରୁ ହାରିଯାଇଥିଲେ । ତ୍ରିସା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ ୧ ଘଣ୍ଟା ୯ ମିନିଟ୍‌ରେ ଲି ଇ ଜିଙ୍ଗ-ଲୁଓ ସୁ ମିନ୍‌ଙ୍କୁ ୧୦-୨୧, ୨୧-୧୮, ୨୧-୧୭ ଗେମ୍‌ରେ ପରାସ୍ତ କରି ଭାରତକୁ ୨-୨ ବ୍ୟବଧାନରେ ସମାନ ସ୍ଥିତିକୁ ଆଣିଥିଲେ । ନିର୍ଣ୍ଣାୟକ ସ୍ଥିତିରେ ଅନମୋଲ ବିଶ୍ୱର ୧୪୯ ନମ୍ବର ଖେଳାଳି ଆଓ ୟୁଙ୍କୁ ୨୨-୨୦, ୧୪-୨୦, ୨୧-୧୮ ଗେମ୍‌ରେ ପରାସ୍ତ କରି ଭାରତକୁ ୩-୧ ବ୍ୟବଧାନରେ ବିଜୟୀ କରିଥିଲେ । ପରବର୍ତ୍ତୀ ମ୍ୟାଚରେ ଭାରତୀୟ ଦଳ ହଂକଂକୁ ଭେଟିବ ।

ଜାତୀୟ ସବ୍‌ଜୁନିୟର ରଗବୀ: ଓଡ଼ିଶା ଉପବିଜେତା

ଭୁବନେଶ୍ୱର,୧୪।୨(ସବ୍ୟୁ): ଅହମ୍ମଦାବାଦର ଆଇଆଇଟି ଗାନ୍ଧୀନଗର ଠାରେ ଜାତୀୟ ସବ୍‌ଜୁନିୟର ରଗବୀ-୭ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳକ ଓ ବାଳିକା ଦଳ ଉଭୟବିଜେତା ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ମୋଟ୍ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ବାଳକ ଦଳ ଲିଗ୍ ପର୍ଯ୍ୟାୟରେ ଡାମନଡ୍ୟୁକୁ ୨୫-୦, ଦିଲ୍ଲୀକୁ ୫-୦, ଓଡ଼ିଶାକୁ ୧୦-୦, ପରାଜିତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି କ୍ୱାର୍ଟର ମୁକାବିଲାରେ ଝାଡ଼ଖଣ୍ଡକୁ ୫-୦, ସେମିଫାଇନାଲରେ କେରଳକୁ ୫-୦ ବ୍ୟବଧାନରେ କିନ୍ତୁ ଫାଇନାଲରେ ବିହାର ନିକଟରୁ ୨୫-୦ରେ ହାରିଯାଇଥିଲା । ବାଳିକା ବର୍ଗରେ ଓଡ଼ିଶା ୧୫-୦ରେ ଆସାମକୁ, ୪୦-୦ରେ ହିମାଚଳକୁ, ୧୦-୫ରେ ଦିଲ୍ଲୀକୁ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି କ୍ୱାର୍ଟରରେ ଓଡ଼ିଶା ୫-୦ରେ ଆନ୍ଧ୍ରପ୍ରଦେଶକୁ ତଥା ସେମିଫାଇନାଲରେ କେରଳକୁ ୧୫-୦ରେ ହରାଇଥିବା ବେଳେ ଫାଇଡ଼ାଲରେ ବିହାର ନିକଟରୁ ୫-୦ରେ ପରାଜିତ ହୋଇ ଉପବିଜେତାରେ ସନ୍ତୁଷ୍ଟ ହୋଇଛି ।

।।। ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ।।।

ଗୋପବନ୍ଧୁ କ୍ରିକେଟ କ୍ଲବକୁ ହରାଇ କଟକର ନିମପୁର ସେମିରେ

ଡେରାବିଶ,୧୪।୨(ସବ୍ୟୁ): ଡେରାବିଶ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଂଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ଆଜି ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବକୁ ହରାଇ କଟକର ନିମପୁର ସ୍ପୋର୍ଟ୍ସ କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଆଜିର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ନିମପୁର ସ୍ପୋର୍ଟ୍ସ କ୍ରିକେଟ କ୍ଲବ ଟସ ଜିତି ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଗୋପବନ୍ଧୁ କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖିନ ହୋଇ ୨୦.୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା । ନିମପୁର କ୍ରିକେଟ କ୍ଲବର ମହମ୍ମଦ ଇରଫାନ ୨୯ ରନ ଦେଇ ୫ ୱିକେଟ ଦଖଲ କରିଥିଲେ । ଜବାବରେ ନିମପୁର ସ୍ପୋର୍ଟ୍ସ କ୍ରିକେଟ କ୍ଲବ ୧୯.୪ ଓଭରରେ ୧ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ଡେରାବିଶ ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ଉଦଘାଟନ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପାଟକୁରା କଂଗ୍ରେସନେତା ରତିକାନ୍ତ କାନୁନଗୋ ଯୋଗଦେଇ ନିମପୁର ଟିମର ମହମ୍ମଦ ଇରଫାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ । ଓସିଏ ପ୍ୟାନେଲ ଅମ୍ପାୟାର ପ୍ଲାବନ ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚଚାଳନା କରିଥିବା ବେଳେ ସାହାଜାନ ଖାଁ , ତ୍ରିଲୋଚନ ରାଉତ, ଅନୁପ ରାଉତ, ଅବିନାଶ କାଣ୍ଡି, ଅଶୋକ କୁମାର ବଘେଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

ପ୍ରଭାତ୍ ସ୍ମାରକୀ କ୍ରିକେଟ୍ ଉଦ୍‌ଯାପିତ ସିରିଏସ୍ ଇଲେଭେନ୍ ଗଞ୍ଜା ଚାମ୍ପିଅନ୍

ରାଜକନିକା,୧୪।୨(ସବ୍ୟୁ): ରାଜକନିକା ବ୍ଲକ୍ ହଟିଆପଡ଼ାର ମା' ବାଟ ମଙ୍ଗଳା ଯୁବକ ସଙ୍ଘ ଆନୁକୂଲ୍ୟରେ ଚାଲିଥିବା ପ୍ରଭାତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସିରିଏସ୍ ଇଲେଭେନ୍ ଗଞ୍ଜା , ଉଦୟ କ୍ରିକେଟ୍ କ୍ଲବ୍ ଗିରିଆକୁ ୨୨ ରନ ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ଗଞ୍ଜା ପ୍ରଥମେ ବ୍ୟାଟିଂ କରି ୧୮୯ ରନ କରିଥିବେବେଳେ ଗିରିଆ ୧୬୭ ରନ କରି ପରାଜୟ ବରଣ କରିଛି । ବିଶିଷ୍ଟ ସାହିତ୍ୟିକ ପତିତପାବନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଉପସଭାପତି ତଥା କ୍ରିଡ଼ାବିତ୍ କୃଷ୍ଣ ଚନ୍ଦ୍ର ପଣ୍ଡା , ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦିଗମ୍ବର ଶତପଥି , ସାମାଜିକ କର୍ମୀ ଗଗନ ଶକ୍ତି , କୋରନ୍ଦ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସେଠୀ, ନାଏବ ସରପଞ୍ଚ ବିଚିତ୍ର କୁମାର ବାରିକ ଓ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୪ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୨ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । କିଶୋର ବେହେରା ଓ ରଞ୍ଜନ ସେଠୀ ଖେଳ ପରିଚାଳନା କରିଥିବାବେଳେ ବିଜେତା ଦଳର ଦିବ୍ୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଉପବିଜେତା ଦଳର ଅଜିତ୍ ଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଗବନ୍ଧୁ , ମୂରଲୀ, କୃଷ୍ଣଚନ୍ଦ୍ର, ଜଗନ, ଅକ୍ଷୁ, କିଶୋର, ଆଦେଶ, ମଣି, ପ୍ରକାଶ , ଦିପୁ , କାଳିଆ, ଗୁନିଆ, ମୁନା, ବୁନୁ, ବୁଦ୍ଧିଆ, ସୁରେନ୍ଦ୍ର , ପାପୁନି , ମାୟାଧର ଓ କ୍ରିଷ୍ଣା ନାନୀ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସିପୁ ମେମୋରିଆଲ ତୃତୀୟ ବାର୍ଷିକ କ୍ରିକେଟ୍

କୁଆଖିଆ,୧୪।୨(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ସାରଙ୍ଗପୁର ମେଲଣ ପଡିଆରେ ମା ଥାନପତି କ୍ରିକେଟ କ୍ଲବକୁ ହରାଇ ମାତ୍ର ୫୨ ରନ୍ କରି ପରାସ୍ତ ହୋଇଛି । ସେହିପରି ମା ସରସ୍ୱତି ୧୧ ଷ୍ଟାର ଜଗତସିଂହପୁର ଥାନପତି ସାରଙ୍ଗପୁରକୁ ହରାଇଥିବା ବେଳେ ଜମଧର ମଙ୍ଗଳପୁର ଦଳକୁ ହରାଇଛି । ଜମଧର ୧୦ ଓଭରରେ ୯୬ ରନ୍ କରିଥିବା ବେଳେ ମଙ୍ଗଳପୁର ୪୮ ରନ୍ କରି ସମସ୍ତ ୱିକେଟ ହରାଇଥିଲେ । ଏହି ସିପୁ କପ୍ ୧୧ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୁଗୁଡ଼ି ମହାବୀର ଚାମ୍ପିଅନ

ସୋର,୧୪।୨(ସବ୍ୟୁ): ସୋର ବ୍ଲକ ମଙ୍ଗଳପୁର ନୂଆଡାହି ପଡ଼ିଆରେ ଷଷ୍ଠତମ ମଙ୍ଗଳପୁର ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳକୁ ଗୋପିନାଥପୁର ସରପଞ୍ଚ ବନୀତା ପଣ୍ଡା ଫିତାକାଟି ଉଦ୍ଘାଟନ କରିଥିଲେ । ଖେଳରେ ମହୁମୁହାଣ, ଅଭଣା, ଆଟପୁର, ଆରୁହାବାଡ଼, ଆଡ଼ିଆ, ଚକପଦା, ବାରାପୁର, ଖରାସାହାପୁର, ପୁଡ଼ାଡିହା, ଶବଟିଆ, ବରଜଦେଉଳି, ବାଗୁଡ଼ି ପ୍ରଭୃତି ୧୨ଟି ଟିମ୍ ଭାଗନେଇଥିଲେ । ଫାଇନାଲ ଖେଳରେ ବରଜଦେଉଳିର ଏମ୍‌କେସିଟି ଏବଂ ବାଗୁଡ଼ିର ମହାବୀର କ୍ରିକେଟ ଟିମ୍ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ଖେଳରେ ପ୍ରଥମେ ଟସ୍ ଜିତି ମହାବୀର କ୍ରିକେଟ ଟିମ୍ ବାଗୁଡ଼ି ବେଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରୁ ୮ଟି ୱିକେଟ୍ ବିନିମୟରେ ୧୭୪ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ବରଜଦେଉଳି ଟିମ୍ ନିର୍ଦ୍ଧାରିତ ସମସ୍ତ ଓଭର ଖେଳି ୯ଗୋଟି ୱିକେଟ୍ ବିନିମୟରେ ୧୩୪ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା । ମେନ୍ ଅଫ୍ ଦି ମ୍ୟାଚ ଭାବେ ଦୀପକ ବେହେରା ଏବଂ ମ୍ୟାନ ଅଫ୍ ଦି ସିରିଜ ଭାବେ ଗିରିଜା ଶଙ୍କର ପାଣି ଓ ବେଷ୍ଟ ଫିଲ୍ଡର ଭାବେ ମନୀଷ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଖେଳକୁ କାର୍ତ୍ତିକ ଦାସ, ଅଶେଷ ପଣ୍ଡା, ସୁଶାନ୍ତ ଦାସ, ଶରତ କୁମାର ବେହେରା ଏବଂ ଅଭିଜିତ ମହାନ୍ତି ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶୀବାନୀ ଶଙ୍କର ରାୟ ସମ୍ମାନୀତ ଅତିଥିଭାବେ ବାଲେଶ୍ୱରର ସମାଜସେବୀ ସରୋଜ କୁମାର ଦାସ,ମୁଖ୍ୟ ଉପଦେଷ୍ଟା ସୁଦାମ ଚରଣ ମହାନ୍ତି, ବୀଣାପାଣି କ୍ଲବର ଅଧକ୍ଷ ସଂଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ଚମ୍ପିୟନ ଏବଂ ରନର୍ସ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ଚନ୍ଦନ କୁମାର ଦାସ,ରମେଶ କୁମାର ପଣ୍ଡା, ରଂଜନ ଦାସ, ସୁଶାନ୍ତ ଦାସ, ମାନସ ରାଉଳ, ଭବାନୀ ଶଙ୍କର ଦାସ, ପ୍ରଦୀପ ଦାସ, ଶ୍ରୀକାନ୍ତ ଦାସ, ପ୍ରମୋଦ ଦାସ, ସୁଭାଶିଷ ବିଶ୍ୱାଳ, ମନୋରଂଜନ ଖିଲାର, ଅଶେଷ ପଣ୍ଡା, ସୁଶାନ୍ତ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ ।

ସୂଚନା

ସମୟ BHIM SCAN & PAY ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Patitapaban Mohapatra for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718,

ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡା, (ସବ୍ୟୁ): ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରବିଭିନ୍ନ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହି କ୍ରମରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୪ଟି ବିଭାଗରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଏହି ସମ୍ମାନଜନକ ପୁରସ୍କାର ପାଇଥିବାରୁ ଶିକ୍ଷାନୁଷ୍ଠାନରେ ଖୁସିର ଲହରୀ ଖେଳିଯାଇଛି। ଶ୍ରେଷ୍ଠ ଉଚ୍ଚ ବିଦ୍ୟାଳୟ ଭାବେ ଏହି ବିଦ୍ୟାଳୟ ପୁରସ୍କାର ପାଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି, ପ୍ରଧାନ ଶିକ୍ଷୟତ୍ରୀ ଲିପ୍‌ସା ନନ୍ଦ, କ୍ରୀଡ଼ା ଶିକ୍ଷୟତ୍ରୀ ସଂଜୁବାଳା ନାଥ ମଧ୍ୟ ଏହି ପୁରସ୍କାର ପାଇ ଅନୁଷ୍ଠାନ ଓ ଅଂଚଳବାସୀଙ୍କ ପାଇଁ ଗୌରବ ଆଣିଛନ୍ତି।

ଏ ପରିପ୍ରେକ୍ଷୀରେ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଏକସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟତ୍ରୀ, କ୍ରୀଡ଼ା ଶିକ୍ଷୟତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କୁ ଛାତ୍ରଛାତ୍ରୀ ଓ ଅିଭାବକମାନଙ୍କ ପକ୍ଷରୁ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିବା ଜଣାପଡ଼ିଛି।

ପୂର୍ବ ଶତ୍ରୁତାରୁ ଟ୍ରାକ୍ଟର ଚଢ଼ାଇ ହତ୍ୟା: ପୋଲିସ ମୁତୟନ

ଆଠଗଡ଼, (ସବ୍ୟୁ) : ବୁଧବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କର ମୃତ ହେବା ପରେ ପୋଡ଼ାଜଳା ଯୋଗୁ ସମ୍ପୃକ୍ତ ଗ୍ରାମରେ ଉତେଜନା ପ୍ରକାଶ ପାଇଛି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ସହିତ ଆଠଗଡ଼ ଏବଂ ଖୁଣ୍ଟୁଣୀ ର ପୋଲିସ ଅଧିକାରୀ ମାନେ ଉପସ୍ଥିତ ଅଛନ୍ତି । ଖବର ଲେଖା ହେବା ବେଳକୁ ଆନୁଷ୍ଠାନିକ ଭାବେ ଏତଲା ଦିଆଯାଇ ନାହିଁ ।

କୁଲାଇଲେ। ପଞ୍ଚାୟତ ରାଧାକୃଷ୍ଣପୁର ଗ୍ରାମ (ଅଡାଳ)ର ବ୍ରଜ ବନ୍ଧୁ ସ୍ୱାଇଁଙ୍କ ପୁଅର ତଳଗଡ ସ୍ଥିତ ଶିବ ମନ୍ଦିରରେ ରିଙ୍ଗ ସେରମନି ଅନୁଷ୍ଠିତ ହୋଇଥିଲା । ସେଠାରୁ ଫେରିଲା ବେଳେ ଗାଁ ସ୍କୁଲ ପାଖ କଲଭଟ ନିକଟରେ ଉଭୟ ପକ୍ଷ ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ନିରାକାର ସ୍ୱାଇଁ (ବାବୁଲି) ଏକ ଟ୍ରାକ୍ଟର ଚଲାଇ ଶୁଶାନ୍ତ ରଣା (୫୦) ଉପରେ ଚଢାଇ ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଖବର ପ୍ରଚାରିତ ହେବା ପରେ ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତର କୁକୁଡ଼ା ଫାର୍ମ ରେ ନିଆଁ ଲଗାଇବା ସହ ଗୋଟିଏ ଟ୍ରାକ୍ଟର,ଗୋଟିଏ କାର,ଓ ଦୁଇଟି ବାଇକ୍‌ରେ ନିଆଁ ଲଗେଇ ଦେଇଛନ୍ତି । ଘଟଣା ସ୍ଥଳକୁ ଯାଇଥିବା ଅଗ୍ନିଶମ ବାହିନୀର କର୍ମଚାରୀ ଓ ଗାଡ଼ି କୁ ଗାଁ ପୁରାଇ ନଦେବାରୁ କୁକୁଡା ଫାର୍ମ ଓ ଗାଡ଼ି ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପୋଡ଼ି ପାଉଁଶ ହୋଇଯାଇଛି ।

ମୃତ ଶୁଶାନ୍ତ ରଣାଙ୍କୁ ଢେଙ୍କାନାଳ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାରୁ ଆସନ୍ତା କାଲି(ଗୁରୁବାର) ପୋଷ୍ଟମର୍ଟମ ଓ ଆନୁଷଙ୍ଗିକ ଏତଲା ମିଳିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ । ଖବର ଲେଖା ହେବା ବେଳକୁ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଥିବାରୁ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ସହିତ ଆଠଗଡ଼, ଏବଂ ଖୁଣ୍ଟୁଣୀ ଥାନାର ପୋଲିସ ଅଧିକାରୀ ମାନେ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଛନ୍ତି ।

ରାୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଫୁଲନଖରା,(ସବ୍ୟୁ) : ସଦର ଥାନା ଅନ୍ତର୍ଗତ ରାୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ ଅତିଥି ଭାବରେ ସିନର୍ଜି ବୈଷୟିକ ମହାବିଦାଳୟର ସିଏମଟି ବିନୋଦ ଦାଶ , ମୁଖ ବକ୍ତା କଟକ ପ୍ରଜ୍ଞା ମିଶନର ସ୍ୱାମୀ ସମର୍ପଣା ନନ୍ଦ ଗିରି ଓ ସମ୍ମାନିତ ଅତିଥି ବିଦ୍ୟାଳୟର ସଭାପତି ରବିନାରାୟଣ ପଣ୍ଡା, ,ଉମାକାନ୍ତ କର ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ ମନୋଜ କୁମାର ଦାସ ବାର୍ଷିକ ବୀବରଣୀ ପାଠ କରିଥଲାବେଳେ ସଂପାଦକ ମାନସ ରଂଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। । ଅବିନାଶ ମହାନ୍ତି,ପ୍ରଦୀପ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ନବଘନ ଦାସ,ଶର୍ମିଷ୍ଠା ମହାନ୍ତି,କଳୋଲିନୀ ମହାନ୍ତି,ସସ୍ମିତା ମହାନ୍ତି,ଅର୍ଚ୍ଚନା ମହାପାତ୍ର,ପ୍ରିୟଙ୍କା ସାମନ୍ତରାୟ,ପ୍ରଭାବତୀ ବାରିକ,ନିତୁନା ଭୋଇ,ସସ୍ମିତା ଦାସ,ମିନତି ପାତ୍ର,ବନିତା ସ୍ୱାଇଁ,ଲକ୍ଷ୍ମୀପ୍ରିୟା ପଟ୍ଟନାୟକ,ଝୁନା ସାହୁ,ସୁଜତା ଭୋଇ,ଶର୍ମିଷ୍ଠା ପରିଡ଼ା ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।

ପଞ୍ଚମ ଲୋକକଳା ମହୋତ୍ସବ- ୨୦୨୪ ଉଦଘାଟିତ

କୋଣାର୍କ , (ସବ୍ୟୁ) : କୋଣାର୍କ ସ୍ଥିତ ରାଜାରାମ ମଠ ପ୍ରାଙ୍ଗଣରେ କୋଣାର୍କ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୁଲ୍ୟରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରାଳୟ, ସଂସ୍କୃତି ମନ୍ତ୍ରାଳୟ , ରାଜ୍ୟ ସଂସ୍କୃତି ବିଭାଗ ଓ ଓମଫେଡ ସହଯୋଗରେ ୩ଦିନିଆ ଲୋକ କଳା ମହୋତ୍ସବ -୨୦୨୪ ଉଦ୍ ଘାଟିତ ହୋଇଯାଇଛି ।ଏହାକୁକୋଣାର୍କ ଏନ୍ ଏ ସି ର ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ଉଦଘାଟନ କରିଥିଲେ। ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ନାବାର୍ଡ ଅଧିକାରୀ ବାଉରୀ ବନ୍ଧୁ ଗୋଛୟତ, ପ୍ରତିଷ୍ଠିତ ଲେଖକ ସର୍ବେଶ୍ୱର ସେଣ ଯୋଗଦେଇଥିଲେ। ଏହି ଉଦଘାଟନୀ ସମାରୋହର ପ୍ରଥମାର୍ଦ୍ଧରେ ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ କଳାକାର ମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଭୁବନେଶ୍ୱର ର ନୂପୁର ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ଦଶ ମହାବିଦ୍ୟା ,ଦେବୀ ବନ୍ଦନା , ଅଗ୍ନି ନୃତ୍ୟ , କାକଟପୁରୁ ର ମା କାକଟେଶ୍ୱରି ଲୋକ ନୃତ୍ୟ କଳା ପରିଷଦ ଚଇତି ଘୋଡ଼ା ନାଚ ପରିବେଷଣରେ ମହୋତ୍ସବ ସ୍ଥାନରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏହି ଉଦଘାଟନୀ ସମାରୋହରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହି ଉଦଘାଟନୀ ସମାରୋହକୁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ ସଂଯୋଜନା କରିଥିଲେ।ଏହି ମହୋତ୍ସବକୁ ନାଟ୍ୟଦୀପର ସହ ନିର୍ଦ୍ଦେଶକ ନିତ୍ୟାନନ୍ଦ ମହାରଣା, ନିର୍ମଳ କୁମାର ପ୍ରଧାନ ଓ କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

ଆଧ୍ୟାତ୍ମିକ ଆଲୋଚନାଚକ୍ର

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ଭୁବନେଶ୍ୱରର ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରଦୀପ ରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଚାଟାର୍ଡ ଆକାଉଣ୍ଟାଣ୍ଟମାନଙ୍କର ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।ଉକ୍ତ ଆଲୋଚନା ଚକ୍ରରେ ପରସ୍ପର ଭାବ ବିନିମୟ କରିବା ସହିତ ଧର୍ମ ଓ ଆଧ୍ୟାତ୍ମିକ ବିଷୟରେ ଆଲୋଚନା କରିଥିଲେ।ଉମାକାନ୍ତ ସାହୁ ଦିଗ୍ ଦର୍ଶନ ଦେଇଥିଲେ ଓ ଅବକ୍ଷୟମୁଖୀ ସନାତନ ଧର୍ମ ଓ ସଂସ୍କୃତିର କିଭଳି ସୁରକ୍ଷିତ ହୋଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ଚାଟାର୍ଡ ଆକାଉଣ୍ଟାଣ୍ଟ ଦେବ ପ୍ରସାଦ ମିଶ୍ର, ଦେବାଶିଷ ମହାନ୍ତି, ରଶ୍ମି ରଂଜନ ପଟ୍ଟନାୟକ, ଅଶ୍ୱିନୀ ଖଟେଇ, କ୍ରୀଷ୍ଟା ଅଗ୍ରୱାଲ, ଶିବ ପ୍ରସାଦ ସାହୁ, ପ୍ରଭାତ ସାମଲ ପ୍ରଭୃତି ନିଜ ନିଜର ମତବ୍ୟକ୍ତ କରିଥିଲେ ।

ତୀର୍ଥଯାତ୍ରା ହେଲା ଶେଷ ଯାତ୍ରା

ବାଲିପାଟଣା, (ସବ୍ୟୁ) :ଓଡିଶା ପରିବାର ସହଯୋଗରେ ରାଜସ୍ଥାନର ଆଜମେରରୁ ଶେଖ୍ ରସିଦ୍ ଖାଁଙ୍କ ମରଶରୀରନିଜ ଗାଁ ବାଲିପାଟଣା ସ୍ଥିତ ବରଦାପଡାକୁ ଆସି ପହଁଚିଛି। ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ସୋମଣା ଶାସନ ଗ୍ରାମପଞ୍ଚାୟତ ବରଦାପଡା ଗ୍ରାମର ଶେଖ୍ ରସିଦ ଖାଁ ରାଜସ୍ଥାନର ଆଜମେରକୁ ତୀର୍ଥରେ ଯାଇଥିବା ବେଳେ ଗତ ୧୧ତାରିଖରେ ଗୁରୁତର ଅସୁସ୍ଥ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପାଦନ ପାଇଁ ସରପଞ୍ଚ ନର୍ଗିସ ବେଗମ୍ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ତାଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପାଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡିଆ ପରିବାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କୁ ନିର୍ଦ୍ଦେଶ ପ୍ରଦାନ କରା ଯାଇଥିଲା ।ନିର୍ଦ୍ଦେଶକ ଶ୍ରୀ ରାଉତରାୟ ଓଡିଶା ପରିବାର ଟିମ ତୁରନ୍ତ ତାଙ୍କ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ସମନ୍ୱୟ ରକ୍ଷା କରିଥିଲେ।ମାତ୍ର ୧୨ତାରିଖ ସନ୍ଧ୍ୟାରେ ଚିକିତ୍ସାଧିନ ଅବସ୍ଥାରେ ରସିଦ ଖାଁଙ୍କର ପରଲୋକ ହୋଇଥିଲା।ଏହି ଖବର ପାଇଁ ନିର୍ଦ୍ଦେଶକ ତାଙ୍କ ମରଶରୀର ତାଙ୍କ ଗ୍ରାମକୁ ଆଣି ଶେଷକୃତ୍ୟ ସମ୍ପାଦନ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣାଙ୍କ ସହ ସମନ୍ୱୟ କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କ ମରଶରୀର ସେଠାରୁ ଅଣା ଯାଇ ବୁଧବାର ପ୍ରତ୍ୟୁଷରେ ତାଙ୍କ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ କରାଯାଇଛି।ବାଲିପାଟଣା ବ୍ଲକ ଉନ୍ନୟନ ଅଧିକାରୀ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନି ଏଥିପାଇଁ ପଚାଶ ହଜାର ଟଙ୍କା ମଂଜୁର କରିଛନ୍ତି। ସ୍ଥାନୀୟ ପ୍ରଶାସନ ଉକ୍ତ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ ହଜାର ଟଙ୍କା ପ୍ରଦାନ କରିଛନ୍ତ।ସ୍ୱର୍ଗତ ରସିଦ ଖାଁଙ୍କ ମର ଶରୀର ଫେରାଇ ଆଣିବାରେ ସହଯୋଗ ପାଇଁ ତାଙ୍କ ପତ୍ନୀ ଜାହିରା ବିବି,ପରିବାର ସଦସ୍ୟ ଗ୍ରାମବାସୀ ଓ ଅଞ୍ଚଳବାସୀ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡିଶା ପରିବାର ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କ ସହ ତାଙ୍କ ଟିମ,ଖୋର୍ଦ୍ଧା ଜିଲ୍ଲାପାଳ, ବାଲିପାଟଣା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ବାଗଦେବୀ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା

ବାଲିପାଟଣା ,(ସବ୍ୟୁ) : ବାଲିପାଟଣାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଗ୍ ଦେବୀ ବିଦ୍ୟା ମନ୍ଦିରରେ ମା ସରସ୍ୱତୀ ଦେବୀଙ୍କର ପୂଜା ପାଳିତ ହୋଇଯାଇଛି। କର୍ତ୍ତା ଭାବରେ ଅନୁଷ୍ଠାନ ସଭାପତି ଦିଲୀପ କୁମାର ଓଝା ସଂପାଦନ କରିଥିବା ବେଳେ ଶିକ୍ଷୟିତ୍ରୀ ସବିତା ଲେଙ୍କା , ରଞ୍ଜୁଲତା ସାହୁ ଉର୍ମିଳା ସେନାପତି ପୂର୍ଣ୍ଣ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଲିପିକା ପ୍ରଧାନ ,ବନଶ୍ରୀ ରାଉତ ,ଛବିତା ମହାପାତ୍ର , ସୁନିତା ସାହୁ , ପୁଷ୍ପାଞ୍ଜଳୀ ଜେନା , କର୍ମଚାରୀ କାଳନ୍ଦି ଭୋଇ , ମଧୁସ୍ମିତା ମିଶ୍ର ପ୍ରମୁଖ ପ୍ରମୁଖ ଉପସ୍ଥିତ ରହି ପ୍ରସାଦ ସେବନରେ ସହଯୋଗ କରିଥିଲେ ।ସେହି ପରି ବାଲିପାଟଣାର ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର , ତୁରିନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର , ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ମା ଙ୍କ ପୂଜା ଧୁମଧାମ ରେ ପାଳିତ ହୋଇଯାଇଛି ।

ଅସ୍ତରଙ୍ଗ ଅଞ୍ଚଳରେ ସରସ୍ୱତୀ ପୂଜା

ଅସ୍ତରଙ୍ଗ,(ସବ୍ୟୁ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ସରସ୍ତୀପୂଜା ଅନୁଷ୍ଠିତ ହୋଇ ଯାଇଛି।ଏହି ଉପଲକ୍ଷେ,ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦର ଓ ଆଦର୍ଶ ବିଦ୍ୟାଳୟ ମିଳିତ ସହଯୋରେ ବିଦ୍ୟାଳୟ ପରିସରରେ ସରସ୍ୱତୀଙ୍କ ପୂଜା ଯଥାରୀତି ପାଳନ କରାଯାଇଥିବା ବେଳେ,ବେଳାଭୂମି ହାଇସ୍କୁଲ, ପାଟଳଦା ହାଇସ୍କୁଲ,ଅସ୍ତରଙ୍ଗ ହାଇସ୍କୁଲ,ବିନାୟକଦେବ ବିଦ୍ୟାପୀଠ ନଇଗୁଆଁ,ଐଶାନେଶ୍ୱର୍ ବିଦ୍ୟାପୀଠ ଆଳସାହି,ସରସ୍ତୀ ବିଦ୍ୟା ମନ୍ଦିର,ଅସ୍ତରଙ୍ଗ ଆଦି ବିଦ୍ୟାଳୟ ମାନଙ୍କରେ ଧୁମ୍ ଧାମ ରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ମାନେ ପ୍ରସାଦ ସେବନ ସହ ପୂଜା ପାଳନ କରିଥିବା ଦେଖିବାକୁ ମିଳିଥିଲା ।

ରଣପୁର ଅଞ୍ଚଳରେ ସରସ୍ୱତୀ ପୂଜା ପାଳିତ

ରଣପୁର, (ସବ୍ୟୁ) : ବୁଧବାର ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କ ପୂଜା ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳରେ କରାଯାଇଛି। ଏହି ଅବସରରେ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ମଧ ଏହି ପୂଜା ଧୂମାଧାମ ସହ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇ ଯାଇଛି । ଏଥିରେ ସହକାରୀ ଶିକ୍ଷୟତ୍ରୀ ପଦ୍ମାବତୀ ବେହେରା, ଅଙ୍ଗନବାଡି କର୍ମୀ ପୁଷ୍ପମଞ୍ଜରୀ ଦେଇ, କାନନବାଳା ସାହୁଙ୍କ ସମେତ ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ । ସହିପରି ରଣପୁର ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଗୌରାଙ୍ଗପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରମୂଳ ଗ୍ରାମ ପଞ୍ଚାୟତ ବିଦ୍ୟାଳୟ, ପିମ୍ପଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ହରିପୁର ପ୍ରାଥମିକ ବିଦ୍ୟାଳୟ, ବିଲଗାଡ଼ିଆ ପ୍ରାଥମିକ ବିଦ୍ୟାଳୟ, ନରସିଂହପୁର ମଧ ଇଁରାଜୀ ବିଦ୍ୟାଳୟ, ବ୍ରଜବଲଭପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାଟିମି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାମନ୍ତରାପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ହଂସାର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଝିଆଖଣ୍ଡ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ଖଣ୍ଡିଆବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଳିଙ୍ଗ ଲୋଟସ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚାରିଅଟ ପବ୍ଲିକ ସ୍କୁଲ ସମେତ ବ୍ଲକର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟଗୁଡିକରେ ମା' ବିଦ୍ୟାଦାତ୍ରୀଙ୍କ ପୂଜା ବହୁ ଆଡମ୍ବର ଭାବେ ପାଳିତ ହୋଇ ଯାଇଛି ।

ବିଦ୍ୟାଦାତ୍ରୀଙ୍କ ପୂଜା

କାକଟପୁର , (ସବ୍ୟୁ) : ମା ସରସ୍ୱତୀଙ୍କ ପୂଜା ଉପଲକ୍ଷେ କାକଟପୁର ଓ ଏହାର ଆଖ ପାଖ ଅଞ୍ଚଳ ଚଳ ଚଞ୍ଚଳ ହୋଇପଡିଛି । କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ଶିଶୁମନ୍ଦିର, ସରସ୍ୱତୀ ଶିଶୁମନ୍ଦିର, ଏକ୍ସଟି ଜାଭିୟର, ଯାହାନ ପବ୍ଲିକ ସ୍କୁଲ, ବାଳିକା ବିଦ୍ୟାଳୟ, ସମସ୍ତ ପ୍ରାଥମିକ ବିଦ୍ୟାଳୟ, କୋଚିଂ ସେଣ୍ଟର, ବିଭିନ୍ନ ଅନୁଷ୍ଠାନ ରେ ଧୁମଧାମ ରେ ମା ବାଗବାଦିନୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଛି।

ବିଜେଡି ପକ୍ଷରୁ ଗୃହ ଟ୍ୟାଗ କାର୍ଯ୍ୟକ୍ରମ

ଖଣ୍ଡପଡା,(ସବ୍ୟୁ)ଖଣ୍ଡପଡା ସହରର ଅରୁଣ ନିବାସ ପରିସରରେ ବିଜେଡି ପକ୍ଷରୁ ଗୃହ ଟ୍ୟାଗକାର୍ଯ୍ୟକ୍ରମ ସହ କର୍ମୀ ସମ୍ମିଳନୀ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକଅନୁଭବ ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ସହରରବିଭିନ୍ନ ୱାର୍ଡ ଓ ପଂଚାୟତସ୍ତରରୁ ଦଳର ବହୁ ପୁରୁଣା ନେତା, ସଂଗଠକ ଓ କର୍ମୀମାନେଯୋଗ ଦେଇଥିଲେ ।

ଖଣ୍ଡପଡା ବ୍ଲକ ଅଧିନ ୨୨ ଗୋଟି ପଞ୍ଚାୟତର ପ୍ରତ୍ୟେକ ବୁଥରେ ବିଜେଡି ସଂଗଠନକୁ ସୁଦୃଢ କରିବା ସହ ପ୍ରତ୍ୟେକ ଭୋଟରଙ୍କୁ ବିଜୁ ଜନତା ଦଳ ସହଯୋଡିବା ନେଇ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଶୈଳୀକୁ ପାଥେୟ କରି ଦଳୀୟ କର୍ମୀମାନେ ଏକ ହୋଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ଦଳର ତୁଙ୍ଗ ନେତାମାନେ ପରାମର୍ଶ ଦେଇଥିଲେ । ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପୂର୍ବତନ ସରପଞ୍ଚ ଶରତଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ବରିଷ୍ଠବିଜେଡି ନେତା ଅଖିଳ କୁମାର ମହାରଣା,ପୂର୍ବତନ ସରପଂଚ ବିପିନ ସାମଲ, ପରିକ୍ଷିତ ମାଝୀ,ନବ କିଶୋର ସାହୁ, ଶିକ୍ଷାବିତ୍ ଜନ୍ମେଜୟ ନାୟକ, ରମେଶ କୁମାର ମିଶ୍ର, ଅସଇନଜୀବିବାବୁଲି ପ୍ରଧାନ, ସଜିତ ପଟ୍ଟନାୟକ, ନିହାର ରଂଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।ଖଣ୍ଡପଡା ସହରର ୧୩ଟି ୱାର୍ଡ ଓ ଖଣ୍ଡପଡା ବ୍ଲକ ଅଧିନ ୨୨ ଟି ପଞ୍ଚାୟତର ସର୍ବମୋଟ୧୧୦ଟି ୱାର୍ଡରେ ବିଜେଡି ପକ୍ଷରୁ ଗୃହ ଟ୍ୟାଗକାର୍ଯ୍ୟ କରାଯାଇଥିବା ବେଳେ ୮୦ପ୍ରତିଶତ ଭୋଟର ଶାସକଦଳକୁ ନିଃସର୍ତ ସମର୍ଥନ ଦେଇଥିବା ନେଇ ପୂର୍ବତନ ବିଧାୟକ ଶ୍ରୀପଟ୍ଟନାୟକ ସୂଚନା ଦେଇଥିଲେ । ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପୁନର୍ବାର ଖଣ୍ଡପଡା ନିର୍ବାଚନମଣ୍ଡଳୀବାସୀ ଆସ୍ଥା ପ୍ରକଟ କରିଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟରେ ବିଜୟୀ ହେବେ ବୋଲି ମତ ପ୍ରକାଶପାଇଥିଲା ।

ସଦର ଥାନାରେ ସ୍ୱାଗତ ସମ୍ବର୍ଦ୍ଧନା

ତେଲେଙ୍ଗାପେଣ୍ଠ, (ସବ୍ୟୁ) : କଟକ ମହାନଗର ନିଗମ ଅନ୍ତର୍ଗତ ୫୯ ନଂ ୱାର୍ଡ ସ୍ଥିତ ରାମନଗର ଗ୍ରାମ୍ୟ କମିଟି ତରଫରୁ ସଦର ଥାନା ରେ ନୂତନ ଭାବେ ଯୋଗ ଦେଇଥିବା ଥାନାଧିକାରୀ ଜଗନ୍ନାଥ ମଲ୍ଲିକଙ୍କୁ ସ୍ୱାଗତ କରାଯିବା ସହିତ ପୂର୍ବ ଥାନାଧିକାରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ପୂର୍ବ ଏସିପି ଚନ୍ଦନ ଘଡେଇଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।ଏହି ଉପଲକ୍ଷେ ଶ୍ରୀରାମେଶ୍ୱର ମନ୍ଦିର ପରିସରରେ ଗ୍ରାମ ଉପଦେଷ୍ଟା ତଥା ଆଧ୍ୟାତ୍ମିକ ଗ୍ରନ୍ଥକାର ସନ୍ନ୍ୟାସୀ ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବ ଏସିପି ଚନ୍ଦନ ଘଡେଇ ଅଂଚଳ ବାସୀ ଙ୍କ ଅକୁଣ୍ଠ ସହଯୋଗ ନିମନ୍ତେ କୃତଜ୍ଞତା ଜ୍ଞାପନ କରିଥିଲେ ।

ପୂର୍ବ ଥାନାଧିକାରୀ ରଶ୍ମି ରଞ୍ଜନ ମହାପାତ୍ର ' ଲୋକଙ୍କ ସେବାରେ ଥିଲି ଏବଂ ଆଗକୁ ରହିବି ' ବୋଲି ପ୍ରକାଶ କରିବା ରାମନଗର ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ନୂତନ ଭାବେ ଯୋଗ ଦେଇଥିବା ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ସଦର ଅଂଚଳର ଶାନ୍ତି ଶୃଙ୍ଖଳା ଙ୍କୁ ବଜାୟ ରଖିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶେଷରେ ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଧରଣୀଧର ବେହେରା, ଆଇନଜୀବୀ ଛବି ବେହେରା, ସମ୍ପାଦକ ଲକ୍ଷ୍ମୀଧର ସେଠୀ, ହୃଦାନନ୍ଦ ବେହେରା, ଉପସଭାପତି ଚିତ୍ତରଞ୍ଜନ ବେହେରା, ବଳରାମ ବେହେରା, ପଠାଣି ବେହେରା, ବିଭୁତି ବେହେରା, କାଳନ୍ଦୀ ଦାସ, ଉପେନ୍ଦ୍ର ବେହେରା, ଅଭିମନ୍ୟୁ ବେହେରାଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

ସାକ୍ଷୀଗୋପାଳଙ୍କ ହୋଲି ବେଶ ଆରମ୍ଭ

ସାକ୍ଷୀଗୋପାଳ, (ସବ୍ୟୁ) : ପବିତ୍ର ବସନ୍ତ ପଞ୍ଚମୀ ତିଥି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉଙ୍କର ହୋଲିବେଶ ଆରମ୍ଭ ହୋଇଛି। ଏହି ବେଶ ଆଗାମୀ ହୋଲି ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସନ୍ଧ୍ୟାଧୁପ ବେଶରେ ଏହି ବେଶ ଅନୁଷ୍ଠିତ ହୋଇଥିଲା । ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉ ଲାଲଘେର, ପାଇଜାମା, ପଗଡ଼ି, ପଟି, ବେଙ୍ଗ ପାଟିଆ, ସୁବର୍ଣ୍ଣ ବଂଶୀ , ଚାପଶରି, ତିଜ, ନୁଡୁକ, ମକର କୁଣ୍ଡଳ, ହୀରକ ମୁଦ୍ରିକା , ଫୁଲ,ତୁଳସୀ ହାର ପରିଧାନ କରିଥିଲେ। ଏଥିପାଇଁ ମନ୍ଦିର ରେ ସ୍ୱତନ୍ତ୍ର ଦେବନୀତି ଅନୁଷ୍ଠିତ ହୋଇଥିଲା। ବିଜେପ୍ରତିମା ଶ୍ରୀ ଶ୍ରୀ ମଦନମୋହନ ଦେବ ବିମାନରେ କୁମାର ପୂର୍ଣ୍ଣିମା ମଣ୍ଡପକୁ ବିଜେ କରିଥିଲେ।ସେଠାରେ ପନ୍ତୀଭୋଗ, ଆଳତି, ଉପଚାର ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ପରେପରେ ଗରୁଡସ୍ତମ୍ଭ ନିକଟକୁ ବିଜେପ୍ରତିମା ଙ୍କୁ ଅଣାଯାଇ ସେଠାରେ ପଞ୍ଚପଲ୍ଲବ, ଅବିର ଲାଗି କରାଯାଇ ବସନ୍ତ ର ଆଦ୍ୟ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ପୂର୍ବାହ୍ନ ଏବଂ ସନ୍ଧ୍ୟା ସମୟରେ ଠାକୁରଙ୍କର ଏହି ଆକର୍ଷଣୀୟ ହୋଲି ବେଶ ଅନୁଷ୍ଠିତ ହେବ।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

ଡେଲାଙ୍ଗ, (ସବ୍ୟୁ) : ଡେଲାଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଗୁଡିକରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। କଲ୍ୟାଣପୁର ସ୍ନାତକ ମହାବିଦ୍ୟାଳୟରେ ଅଧକ୍ଷ ବ୍ରଜକିଶୋର ସାହୁ, ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧକ୍ଷା ତୃପ୍ତିମୟୀ ପରିଡା, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟରେ ଅଧକ୍ଷ ଡ. ସରୋଜ କୁମାର ପଣ୍ଡା, ଡେଲାଙ୍ଗ ଷ୍ଟେସନ ବଜାର ସ୍ଥିତ ରାଧାକାନ୍ତ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, ଡେଲାଙ୍ଗ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଯଥାବିଧି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ଛାତ୍ରଛାତ୍ରୀ ମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ନାରିକେଳ, ବିଭିନ୍ନ ପୁଷ୍ପ, ଅରୁଆ ଚାଉଳ, ଭୋଗ ଆଦି ବାଗ୍‌ଦେବୀଙ୍କୁ ଲାଗି କରିଥିଲେ।

ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭାପୁର,(ସବ୍ୟୁ) :ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାପୁରର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ସ୍ଥାନୀୟ ତହସିଲଦାର ଲଗ୍ନଜିତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ସାମନ୍ତରାୟ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାଷ ନାୟକ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ମନୋଜ କୁମାର ଶତପଥି, ମୋ ସ୍କୁଲ କମିଟିର ସଭାପତି ଗଙ୍ଗାଧର ବାରିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ ।

ସେହିପରି ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର୍ଷଣ ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ଖଣ୍ଡପଡ଼ା ତହସିଲଦାର ଧୋବେଇ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର କର, ସିଆରସିସି ଲକ୍ଷ୍ମୀଧର ସାହୁ, ଶିକ୍ଷକ ମନୋଜ କୁମାର ଶତପଥି ଯୋଗ ଦେଇଥିଲେ । ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୁନି କୁନି ପ୍ରତିଭା ମାନଙ୍କୁ ମଞ୍ଚାସୀନ ଅତିଥି ମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ଶିକ୍ଷ୍ୟାର୍ଥି ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ କରାଯାଇଥିଲା ।

ପଦ୍ମଚରଣ ସାମନ୍ତସିଂହାର ରାଜ୍ୟସ୍ତରୀୟ ଫୁଟବଲ : ସେମିରେ ଭଞ୍ଜନଗର

ନିମାପଡା, (ସବ୍ୟୁ): ନିମାପଡା ଆଥ୍‌ଲେଟିକ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ପଡିଆରେ ଅନୁଷ୍ଠିତ ୯ମ ପଦ୍ମଚରଣ ସାମନ୍ତ ସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ବୁଧବା ଦିନ ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଭଞ୍ଜନଗର ଫୁଟବଲ ଆସୋସିଏସନ ଏବଂ ଡାଇମଣ୍ଡ ଏଫ.ସି ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଏହି ରୋମାଂଚକର କ୍ୱାର୍ଟର ଫାଇନାଲ ମ୍ୟାଚ ପ୍ରଥମାର୍ଦ୍ଧ ୧-୧ ଗୋଲରେ ସରିବାପରେଦ୍ୱିତୀୟାର୍ଦ୍ଧରେ ଖେଳ ବେଶ ରୋମାଂଚକର ହୋଇଥିଲା । ପ୍ରଥମାର୍ଦ୍ଧରେ ଖେଳରେ ୨୫ମିନଟ୍‌ରେ ଭଞ୍ଜନଗର ଟିମ ସ୍ୱରାଜ ଭଞ୍ଜ ଦଳ ପକ୍ଷରୁ ସୁନ୍ଦର ଫିଲ୍ଡ ଗୋଲ ମାଧ୍ୟମରେ ଦଳକୁଅଗ୍ରଣୀ କରାଇଥିବା ବେଳେ ଡାଇମଣ୍ଡ ଏଫ.ସି ଖୋର୍ଦ୍ଧା ପ୍ରଥମାର୍ଦ୍ଧର ୨୭ ମିନିଟ୍‌ରେ୧୦ନଂ ଖେଳାଳୀ ସୁକୁଲ ମୁର୍ମୁ ଗୋଲ ଗୋଟିଏ ଦେଇ ପରିଶୋଧ କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଖେଳ ବେଶ ରୋମାଂଚକର ହୋଇଥିବା ବେଳେ କେହି କାହାରିକୁ ଗୋଲନଦେବା ଫଳରେ ଖେଳ ୧-୧ ରେ ଅମିମାଂଶିତ ରହିଥିବା ବେଳେ ଟ୍ରାଇବେକର ସହାୟତା ଦିଆଯାଇଥିଲା । ପରିଶେଷରେ ଭଞ୍ଜନଗର ଫୁଟବଲ ଆସୋସିଏସନ ୪-୨ ଗୋଲରେ ବିଜୟୀହୋଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଆଜିର ମ୍ୟାଚରେମ୍ୟାନ୍ ଅଫ୍ ମ୍ୟାଚ ଭଞ୍ଜନଗରର ସ୍ୱରାଜ ଭଞ୍ଜ ଅତିଥିଭାବେ ଯୋଗଦେଇଥିବା ନିମାପଡା ତହସିଲଦାର ବିଦ୍ୟାଧର ପତି , ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜକୁମାର ଆଚାର୍ଯ୍ୟ,ପୂର୍ବତନ ଖେଳାଳୀ ପ୍ରଭାକର ଭୋଇଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଆଜିର ମ୍ୟାଚରେ ରେଫରୀ ଭାବେ ନିର୍ମଳ କୁମାର ମିଶ୍ର, ବିଜୟ ମଙ୍ଗରାଜ, ରାଜେନ୍ଦ୍ର ବାରିକ ,ସମର ବରାଳ ଏବଂ ସୁନ୍ଦୀପ ଦାସ ପରିଚାଳନା କରିଥିଲେ । ଆସନ୍ତାକାଲିର ମ୍ୟାଚ ମା' ତାରେଣୀ ଏଫ.ସି କେନ୍ଦୁଝର ଓ ସାନ୍ ଏଫ.ସି ଭୁବନେଶ୍ୱର ମଧ୍ୟରେଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆଥ୍‌ଲେଟିକ ଆସୋସିଏସନର ସଂପାଦକ ଜୀବନାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି ।

ଜିନ୍ଦଲ କାରଖାନା ପରିଭ୍ରମଣ କଲେ ପ୍ରମୁଖ ଇସ୍ପାତ କମ୍ପାନୀ

ବ୍ୟାସନଗର, (ଜିପ୍ର): ଭାରତ ତଥା ବିଶ୍ୱର ପ୍ରମୁଖ ଇସ୍ପାତ ନିର୍ମାଣକାରୀ କମ୍ପାନୀର ବରିଷ୍ଠ ଅଧିକାରୀ ଦୁଇ ଦିନିଆ ଗସ୍ତରେ ଆସି କଳିଙ୍ଗନଗର ଠାରେ ଇଣ୍ଡିଆନଷ୍ଟିଲ ଆସୋସିଏସନର ସଭାରେ ଯୋଗ ଦେଇଥିଲେ। ସଭା ଇସ୍ପାତ ଶିଳ୍ପର ଅଭିବୃଦ୍ଧି ଏବଂ ସ୍ଥିରତାକୁ ଆଗକୁ ବଢାଇବା ପାଇଁ ଯୋଜନାଏବଂ ରଣନୀତି ଆଦାନପ୍ରଦାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଗସ୍ତ ସମୟରେ ପ୍ରତିନିଧି ମାନେ ଜିନ୍ଦଲ ଷ୍ଟେନଲେସର ଅତ୍ୟାଧୁନିକ କାରଖାନା ସୁବିଧା ବୁଲି ଦେଖିଥିଲେ। ପରିବେଶ ସଂରକ୍ଷଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାର ପ୍ରମାଣ ଭାବରେ ପ୍ରତିନିଧି ମାନେ କାରଖାନା ପରିସରରେ ବୃକ୍ଷ ରୋପଣ କାର୍ଯ୍ୟରେ ଭାଗ ନେଇଥିଲେ। ଯାହାକି ବିଶାଳକାୟ ପ୍ରସ୍ତରରେ ସ୍ମାରକୀ

ଭାବେ ସେମାନଙ୍କର ନାମ ଲିପିବଦ୍ଧ କରାଯାଇ ବୃକ୍ଷ ନିକଟରେ ରଖାଯାଇଥିଲା। ଅଧିକାରୀମାନଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁଷ୍ଟିଲ ଚେୟାରମ୍ୟାନ ସଜ୍ଜନ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ ଟାଟା ଷ୍ଟିଲ ଟି.ଭି.ନରେନ୍ଦ୍ରନ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଣକ୍ୟ ଚୌଧୁରୀ, ଉପସଭାପତି କର୍ପୋରେଟ୍ ସେବା ଟାଟା ଷ୍ଟିଲ, ଦିଲୀପ ଉମେନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଏଏମ/ଏନ୍ଏସ, ଜୟନ୍ତ ଆଚାର୍ଯ୍ୟ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଜେଏସଡବ୍ଲ୍ୟୁଷ୍ଟିଲ, ଭେଙ୍କଟେଶ ଜିନ୍ଦଲ, ପ୍ରତିନିଧି ଜେଏସପିଏଲ, ଭିଆର ଶର୍ମା, ପରିଚାଳନା ନିର୍ଦ୍ଦେଶକ ଜେଏସପିଏଲ ଏବଂ ଅନିଲ କୁମାର ସିଂହ ନିର୍ଦ୍ଦେଶକ ଜେଏସଡବ୍ଲ୍ୟୁ ବିପିଏସେଲ ମଧ ବୃକ୍ଷରୋପଣ କାର୍ଯରେ ନିଜକୁ ସାମିଲ କରିଥିଲେ। କଳିଙ୍ଗନଗରରେ ଏହି ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଉପସ୍ଥିତି ଏବଂ ଆଇଏସଏ ବୈଠକରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଇସ୍ପାତ ଶିଳ୍ପର ସାମୂହିକ ପ୍ରୟାସର ପ୍ରମାଣ ଅଟେ। ଏହି ଆତିଥ୍ୟ କାର୍ଯ୍ୟକଳାପକୁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ, ରେସିଡେଣ୍ଟ ଡାଇରେକ୍ଟର ଭି ଶିବରାମକୃଷ୍ଣ ଏବଂ ବ୍ୟବସାୟ ମୁଖ୍ୟ ଏକେସିଂ ସଂଯୋଜନା କରିଥିଲେ।

ପୋଖରୀରେ ଭାସୁଥିବା ମୃତଦେହ ଉଦ୍ଧାର

ସାଲେପୁର, (ସବ୍ୟୁ): ସାଲେପୁର ସହର ସନ୍ନିକଟ ବେଲ ପୋଖରୀରେ ଆଜି ଅପରାହ୍ଣରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ୧୧୨କୁ ଫୋନ୍ କରି ଜଣାଇଥିଲେ। ସାଲେପୁର ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ପୋଖରୀରେ ଭାସୁଥିବା ମୃତ ଦେହକୁ ଉଦ୍ଧାର କରିଥିଲେ। ସାଲେପୁର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରୀ ରଖିଛି। ମିଳିଥିବା ମୃତଦେହ ଜଣେ ବୟସ୍କ ବ୍ୟକ୍ତିର ବୋଲି ଜଣାପଡ଼ିଛି। ମୃତକ ଜଣକ ସାଲେପୁର ବଜାର ଓ ସାହେଶ୍ୱରୀଙ୍କ ମନ୍ଦିର ନିକଟରେ କେବେ କେବେ ବୁଲୁଥିବା ସ୍ଥାନୀୟ ଜନସାଧାରଣଙ୍କ ଠାରୁ ଶୁଣାଯାଏ।

ଜମିବାଡ଼ିକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ

ସାଲେପୁର, (ସବ୍ୟୁ): ସାଲେପୁର ଥାନା ଅନ୍ତର୍ଗତ ବେଡେଇ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ସ୍ୱାମୀର ମୁଣ୍ଡ ଫାଟିଥିବା ବେଳେ ସ୍ତ୍ରୀର ସୁନାଚେନ୍ ଛିଡ଼ାଇ ନେବା ଅଭିଯୋଗରେ ସାଲେପୁର ଥାନାରେ ଏତାଲା ହୋଇଛି। ଏତାଲାରୁ ପ୍ରକାଶ ଆଜି ସକାଳେ ବେଡେଇ ଗ୍ରାମର ଚନ୍ଦ୍ରଶେଖର ସାହୁ ରାସ୍ତା ଉପରେ ଠିଆ ହୋଇଥିବା ବେଳେ ତାଙ୍କ ପଡ଼ୋଶୀ ପିତାମ୍ବର ସାହୁ ହଠାତ୍ ଆସି ମୁହଁକୁ ଏକ ମୁଥ ମାରିଥିଲେ। ପରେ ପିତାମ୍ବରର ଭଉଣୀ କନକଲତା ସାହୁ ଏକ ଠେଙ୍ଗା ଆଣି ପିତାମ୍ବରକୁ ଦେବାରୁ ସେ ଠେଙ୍ଗାରେ ଚନ୍ଦ୍ରଶେଖରଙ୍କ ମୁଣ୍ଡକୁ ଶକ୍ତ ପାହାର ଦେବାରୁ ମୁଣ୍ଡ ଫାଟିଯାଇଥିଲା। ଏହି ସମୟରେ ପିତାମ୍ବରର ମାଆ ସାବିତ୍ରୀ, ଭାଇ ଦିଗମ୍ବର, ଦିଗମ୍ବରଙ୍କ ପତ୍ନୀ ପୂର୍ଣ୍ଣୀମା ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ ଚନ୍ଦ୍ରଶେଖରଙ୍କ ପତ୍ନି ବନିତା, ଝିଅ ରାଜଲକ୍ଷ୍ମୀ ଓ ପୁଅ ସତ୍ୟରାଜ ଆସି ପହଂଚିଥିବା ଏତାଲାରେ ଉଲ୍ଲେକ ରହିଛି। ବନିତା ଘଟଣାର ପ୍ରତିବାଦ କରିବାରୁ ପିତାମ୍ବର ବନିତାଙ୍କ ଚୁଟି ଟାଣି ତଳେ ପକାଇ ଦେଇ ତାଙ୍କ ବେକରେ ଥିବା ଏକ ଭରିର ସୁନାଚେନ୍ ଛଡ଼ାଇ ନେଇଥିବା ଏତାଲାରେ ଉଲ୍ଲେଖ ରହିଛି। ଘଟଣା ସ୍ଥଳରେ ଗ୍ରାମର ଅମୀୟ କୁମାର ସାହୁ, ସୌମ୍ୟରଂଜନ ସାହୁ, ସ୍ନେହାଶିଶ ସାହୁ ଉପସ୍ଥିତ ଥିବା ସାକ୍ଷି ଭାବେ ଏତାଲାରେ ଦର୍ଶାଯାଇଛି।

କୁରୁଜଙ୍ଗାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ବ୍ଲକ କୁରୁଜଙ୍ଗା ପଂଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଚେତନତା ବାର୍ତ୍ତା ଓ କୃଷି ଉଦ୍ୟାନ, କୃଷି, ସ୍ୱାସ୍ଥ୍ୟ, ମହିଳା ଶିଶୁ ବିକାଶ ଓ ପଂଚାୟତରାଜ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସଚେତନତା ପ୍ରଚାର ପତ୍ର ବଣ୍ଟନ କରିଥିଲେ। ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ୪୨ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟା ସବିତା ମହାପାତ୍ର, ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ଗୋପାଳପୁର ସେବା ସମବାୟ ସମିତିର ସଭାପତି ବିବେକାନନ୍ଦ ପାଣି, ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ। ୧୦୦ ଜଣ ବରିଷ୍ଠ ନାଗରିକ, ୨୦ ଜଣ ଅବସରପ୍ରାପ୍ତ ଶିକ୍ଷକ, ୫ ଜଣ ଅବସରପ୍ରାପ୍ତ ସୈନିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଂଚାୟତ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇ ୯୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। ପାଲା ମାଧମରେ ସରକାରଙ୍କର ଜନହିତକର କାର୍ଯ୍ୟ ସବୁ ପରିବେଷଣ କରାଯାଇଥିଲା। ପରେ ପରେ କୁନି ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶିଷ୍ଟ ଯାଦୁଗର ଅଲେଖ ଦାସ ତାଙ୍କର ଯାଦୁ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ କୃତୀ କଳାକାର, ଅଙ୍ଗନୱାଡ଼ି କର୍ମୀ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଂଜନ ସ୍ୱାଇଁ, ଗ୍ରାମରୋଜଗାର ସେବକ ସୁକାନ୍ତ ମାଡେଇ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖଙ୍କୁ ସ୍ଥାନୀୟ ସରପଂଚ କମଳାକାନ୍ତ ଦାଶ ସମ୍ବର୍ଦ୍ଧିତ କରିଥିଲେ।

ଜିଲ୍ଲା ଯାଦବ ମହାସଭା ଭବନ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ନୂତନ ଯାଦବ ଭବନ ଉଦ୍ଘାଟିତ ହୋଇ ଯାଇଛି। ଯାଦବ ମହାସଭା ର ସଭାପତି ପ୍ରଭାକର ପଲାଇଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍ ଘାଟନ କରିଥିଲେ। ଏଥି ସହିତ ଉପସ୍ଥିତ ଥିବା ଶହ ଶହ ଯାଦବ ମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପ୍ରତାପ ନାରାୟଣ ମହାପାତ୍ର, ଧିରେନ୍ଦ୍ର ପ୍ରସାଦ ପୃଷ୍ଟି, ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ସେକ ଇନାୟତ (ଚନ୍ଦନ), ମନୋଜ ପରିଡା, ବିଜୟ କୁମାର ପରିଡା, ଚିନ୍ମୟ ଦାସ, ନବ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ପାଣିକୋଇଲି ଥାନା ଅଞ୍ଚଳରେ ସିରିଜ ଚୋରି

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ସମ୍ମୁଖରେ ଥିବା ମହାବୀର କଲୋନୀ ପରିସରରେ ମଙ୍ଗଳବାର ବଳମ୍ବିତ ରାତିରେ ଚୋର ମାନେ ଦୁଇ ଜଣଙ୍କ ଘରୁ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହେବା ପରେ ତୃତୀୟ ବ୍ୟକ୍ତିଙ୍କ ଘରେ ପଶି କଳାକନା ବୁଲାଇ ଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଆଣି ତଦନ୍ତ କରୁଛି। ପ୍ରକାଶ ଯେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପଛରେ ଥିବା ମହାବୀର କଲୋନୀରେ ଗୃହ ନିର୍ମାଣ କରି ରହୁଥିବା ବିରଂଚି ନାରାୟଣ ବିଶ୍ୱାଳଙ୍କ ଘରର ଗେଟ ଭାଙ୍ଗି ଚୋରମାନେ ପଶିବାକୁ ଉଦ୍ୟମ କରିବା ବେଳେ ଘରଲୋକମାନେ ଉଠି ପଡ଼ିଥିଲେ ଫଳରେ ଚୋରମାନେ ଦୌଡ଼ି ପଳାଇଯାଇଥିଲେ। ପରେ ଚୋର ମାନେ ଶରତ ବିଶ୍ୱାଳଙ୍କ ଝରକାର ଗ୍ରିଲ ତାଡ଼ିବା ପାଇଁ ଚେଷ୍ଟା କରିବା ବେଳେ ମଧ୍ୟ ବିଫଳ ହୋଇଥିଲେ। ପରେ ଉକ୍ତ କଲୋନୀ ପରିସରରେ ରହୁଥିବା ଯାଜପୁର ପୁଲିସର କନେଷ୍ଟବଳ ପ୍ରହ୍ଲାଦ ବିଶ୍ୱାଳଙ୍କ ଘରେ ପଶି କଳାକନା ବୁଲାଇ ଦେଇଛନ୍ତି। ପ୍ରହ୍ଲାଦ ଓ ତାଙ୍କ ପତ୍ନୀ ଅନ୍ୟ ଘରେ ଶୋଇଥିବା ବେଳେ ଚୋର ମାନେ ଘରର ଝରକା ତାଡ଼ି ଗଦରେଜ ଭାଙ୍ଗିବା ସହିତ ନଗଦ ୯୦ହଜାରରୁ ଉଦ୍ଧ୍ୱ ଟଙ୍କା ଓ ପାଟଶାଢୀ ଗୁଡ଼ିକୁ ନେଇ ପଳାଇଯାଇଛନ୍ତି। ଏ ନେଇ ଶୀ ବିଶ୍ୱାଳ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଓ ସବଇନିସପ୍ଟେର ବିଶ୍ୱରଂଜନ ଦାସ ସନ୍ଧାନୀ କୁକୁର ଓ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛନ୍ତି।

ନାଗାନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟରେ ଓଡିଆ ସାହିତ୍ୟ ପ୍ରତିଯୋଗିତା

ରାଜନଗର, (ସବ୍ୟୁ): ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ନୂଆ-ଓ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ଓ ଭାଷାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ମାନସ ରଂଜନ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ଅଭିରାମ ସାହୁ, ମୁଖ୍ୟବକ୍ତା ଭାବେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ରତ୍ନାକର ନାୟକ, ପରିଚାଳନା କମିଟି ସଭାପତି କାର୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ, କଳା, ସଂସ୍କୃତି ଓ ଇତିହାସ ସଂପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଭାଷା ହିଁ ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ ବୋଲି ବକ୍ତାମାନେ କହିଥିଲେ। ଅଧ୍ୟାପକ ପ୍ରତାପ କୁମାର ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଓମ ପ୍ରକାଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନେ ପରିଚାଳନା କରିଥିଲେ। ବୁଦ୍ଧିଜୀବୀ, ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ଥିଲେ।

ସଟରିଙ୍ଗ ବାଉଁଶରେ ନିଆଁ ଲଗାଇ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ପୁଲିସ ଆଜି ଜୈନିକ ବ୍ୟକ୍ତିଙ୍କ ଦୋକାନ ପଛପଟେ ଥିବା ସଟ୍ରିଂଗ ବାଉଁଶରେ ନିଆଁ ଲଗାଇବା ଅଭିଯୋଗରେ ଗିରଫ କରି ଅଦାଲତ ଚାଲାଣ କରଇଛି। ଅଭିଯୁକ୍ତ ଜଣଙ୍କ ପାଣିକୋଇଲି ଥାନା ଅନ୍ତର୍ଗତ ମୁଳାପାଳ ପଂଚାୟତ ସରସଦା ଗ୍ରାମର ସ୍ୱର୍ଗତ ବାବାଜୀ ସାହୁଙ୍କ ପୁଅ ରଂଜନ ଓରଫ ଚିତରଂଜନ ସାହୁ(୩୫) ଙ୍କୁ ଦଫା ୪୩୫, ୨୯୪, ୫୦୬ରେ ଅଦାଲତ ଚାଲାଣ କରାଯାଇଛି। ପ୍ରକାଶଯେ ସରସଦା ଗ୍ରାମର ଗଙ୍ଗାଧର ସାହୁ ନାମକ ଜଣେ ବ୍ୟକ୍ତି ରାଜମିସ୍ତ୍ରୀ ଭାବେ ଜୀବିକା ନିର୍ବାହ କରନ୍ତି। ତେବେ ସେ ବୈତରଣୀ ବନ୍ଧ କଡ଼ରେ ଥିବା ନିଜ ଦୋକାନ ପଛପଟେ ଉକ୍ତ ବାଉଁଶ ଓ ପଟା ଗୁଡ଼ିକୁ ରଖିଥାନ୍ତି। ତେବେ ଗତ ୩୧ ତାରିଖ ବିଳମ୍ବିତ ରାତିରେ ଗ୍ରାମର ରଂଜନ ସାହୁ ନାମକ ଜଣେ ଯୁବକ ଉକ୍ତ ବାଉଁଶ ଓ ପଟାରେ ନିଆଁ ଲଗାଇ ଦେଇଥିଲେ। ଖବର ପାଇ ସ୍ଥାନୀୟ ବ୍ୟକ୍ତି ମାନେ ପହଂଚି ନିଆଁକୁ ଆୟତ କରିଥିଲେ। ଏନେଇ ପୁଲିସ ଏକ ମାମଲା ୬୭/୨୪ ରୁଜୁ କରି ତଦନ୍ତ ଜାରି ରଖିଥିଲା।

ଯୁବ ସ୍ୱାଭିମାନ ପକ୍ଷରୁ କିଡନୀ ରୋଗୀ ଶିଶୁକୁ ସହାୟତା

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ତୁଣ୍ଡୁପୁର ଗ୍ରାମର ଜଣେ ଅସହାୟ ଗରିବ ମାର ଜିଶୁ ଝିଅଟି ଦୀର୍ଘଦିନ ହେଲା କିଡନୀ ରୋଗରେ ଆକ୍ରାଂ ଥିବାରୁ ତାର ଉଚିତ୍ ଚିକିତ୍ସା ହୋଇପାରୁ ନଥିଲା। ଖବର ପାଇ ଯୁବ ସ୍ୱାଭିମାନ ଅନୁଷ୍ଠାନ ତରଫରୁ କିଡନୀ ରୋଗୀ ଶିଶୁକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ବଗଡା ପଂଚାୟତର ଜଗନ୍ନାଥ ପୁର ଗ୍ରାମର ତଅପୋଇ ମଲିକଙ୍କର ତିନିବର୍ଷର ଝିଅ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଅବହେଳିତ ଅବସ୍ଥାରେ ଥିଲେ। ଯୁବ ସ୍ୱାଭିମାନ ଅନୁଷ୍ଠାନର ସଭାପତି ସ୍ମୃତି ରନ ଜେନା (ସିପୁନ) ଖବର ପାଇ ଏହି ପରିବାର କୁ ଭେଟି ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସହାୟତା ରାଶି ପ୍ରଦାନ ସମୟରେ ସଂପାଦକ ମନୋଜ କୁମାର ଓଝା, କୋଷାଧକ୍ଷ ସୁରେଶ କୁମାର ପୃଷ୍ଟି, ଦିପ୍ତି ରଞ୍ଜନ ସାହୁ, ମନୋଜ କୁମାର ସାହୁ, ପ୍ରଭାତ ରନ ସେଠୀ, ମାନସ ରନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଜମଧରରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଂଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଂଚ ରାଜ କିଶୋର ଖୁଣ୍ଟିଆଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଳୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ସଭ୍ୟ ନିର୍ମଳା ମହାନ୍ତି, ବ୍ଲକ ଉପାଧକ୍ଷା ପ୍ରତାପ ନାରାୟଣ ମହାପାତ୍ର, ସମିତିସଭ୍ୟ ଦେବାଶିଷ ଦାସ, ନାଏବ ସରପଂଚ ବିଳାସୁଣୀ ଜେନା, ପ୍ରଦିପ୍ତ ମହାନ୍ତି, ଧରଣୀଧର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ପଂଚାୟତ ରେ ୧୫ଟି ପ୍ରକଳ୍ପ ପାଇଁ ୧୪୪୩ ଲକ୍ଷ ଟଙ୍କା ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୪୪୩ ପରିବାର କୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥି ମଧ୍ୟରୁ ୫୦ ହିତାଧିକାରୀ ଉପକୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଟି ପ୍ରକଳ୍ପ ପାଇଁ ୩୩ ଲକ୍ଷ ଟଙ୍କା, କାଳିଆ ଯୋଜନାରେ ୧୧୩୧ ପରିବାର କୁ ସାମିଲ, ପଂଚାୟତ ୮୫୫ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତା ପ୍ରଦାନ, ୧୯ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ୯୫ ଲକ୍ଷ ଟଙ୍କା ବିନା ସୁଧରେ ଋଣ ପ୍ରଦାନ, ପଂଚାୟତର ୧୪୪୩ ପରିବାର କୁ ରାସନ କାର୍ଡ ପ୍ରଦାନ, ମମତା ଯୋଜନାରେ ୬୫୨ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥି ସହିତ ପଂଚାୟତର ୫୦ ଜଣ ବରିଷ୍ଠ ନାଗରିକ, ଶିକ୍ଷକ, ପଂଚାୟତକୁ ଜମି ଦାନ କରିଥିବା ବ୍ୟକ୍ତି, ସମାଜସେବୀ, ଆଦର୍ଶ ଶିକ୍ଷକ, ନ୍ୟାୟିକ ମଂଚର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ମା' ସରସ୍ୱତୀଙ୍କ ପୂଜା ପାଇଁ ଉତ୍ସବମୁଖର ବରୀ ଅଞ୍ଚଳ

ରତ୍ନଗିରି,(ସବ୍ୟୁ): ପୂଜା ମଣ୍ଡପରେ ପୂଜା ପାଉଛନ୍ତି ବିଦ୍ୟା ଦାତ୍ରି ମା' ସରସ୍ୱତୀ। ପୂଜା ପାଇଁ ଉତ୍ସବ ମୁଖର ଗାଁ ଠୁ ସହର। ବିଭିନ୍ନ ପୂଜା ମଣ୍ଡପରେ ଚାଲିଛି ପୂଜାର୍ଚ୍ଚନା। ପୂଜା ମଣ୍ଡପ ମାନଙ୍କରେ ସୁନ୍ଦର ସାଜ ସଜ୍ଜା ସାଙ୍ଗକୁ ପୂଜା ପାଉଛନ୍ତି ମା'। ଶିଳ୍ପୀର ତୂଳିର ଶେଷ ସ୍ପର୍ଶ ରେ ମା' ବାଗଦେବିଙ୍କେ ଦେବୀଙ୍କ ଦର୍ଶନ ପୂଜା ମଣ୍ଡପରେ ବେଶ ଆନନ୍ଦମୟ ପରିବେଷ ସୃଷ୍ଟି ହୋଇଛି। ସେହିପରି ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ମହା ଆଡମ୍ବରରେ ପୂଜା କରିଛି ବରୀ ବ୍ଲକ ଅରଙ୍ଗାବାଦ ପଂଚାୟତର ଆନନ୍ଦପୁର ସରସ୍ୱତୀ ପୂଜା କମିଟି। ମା'ଙ୍କ ପୂଜାକୁ ସରସ ସୁନ୍ଦର ସହିତ ଶାନ୍ତି ସୃଙ୍ଖଳା ସହ ପୂଜା ସମ୍ପାଦନା କରିବାକୁ ନିଷ୍ପତି ନେଇଥିଲା ପୂଜା କମିଟି। ସକାଳୁ ଯଥାବିଧି ପୂଜାର୍ଚ୍ଚନା ପରେ ହୋମ ଯଜ୍ଞ ଓ ପ୍ରସାଦ ସେବନ ସହିତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୁଷ୍ପାଞ୍ଜଳି ଦେଇଥିବା ବେଳେ ଗାଁ ର ସମସ୍ତ ଲୋକ ପୂଜା ରେ ଉପସ୍ଥିତ ରହି ମା ଙ୍କ ଆଶିର୍ବାଦ ନେବା ସହ ସହଯୋଗ କରିଥିଲେ। ସେହିପରି ବରୀ, ବାଲିବିଲି. ରମ୍ଭା, ଉଦୟନାଥପୁର, ରତଳାଙ୍ଗ. ଅଲିପୁର, ଚନ୍ଦନପୁର,ବାଲିଆ, ଧାରପୁର ଆଦି ଅଂଚଳରେ ଖୁବ ଧୁମ ଧାମରେ ସରସ୍ୱତୀ ପୂଜା ପାଳନ ହେଉଥିବା ଦେଖିବାକୁ ମିଳିଛି।

ତିର୍ତ୍ତୋଲ ଥାନା ଆମ୍ବେରୀ ପଞ୍ଚାୟତ ଅରିଲୋ ଗ୍ରାମସ୍ଥିତ ସୁଦର୍ଶନ ହାଟରେ ମା'ସରସ୍ୱତୀଙ୍କ ପୂଜା ପାଳିତ

ଅବଳା ସଂସ୍କୃତି ମଣ୍ଡପ ଲୋକାର୍ପଣ: ସାରସ୍ୱତ ସମାରୋହ

କୁଜଙ୍ଗ (ସବ୍ୟୁ): କୁଜଙ୍ଗ ବ୍ଲକର କଟକ ପାରାଦ୍ୱୀପ ରାସ୍ତା ପାର୍ଶ୍ୱର ହସିଣାଠାରେ ଅବଳା ସଂସ୍କୃତି ମଣ୍ଡପ ଲୋକର୍ପର ହେବାସହ ସାରସ୍ୱତ ସମାରୋହ ଓ ସାରସ୍ୱତ ସାଧିକା ଅବଳା ମହାପାତ୍ରଙ୍କ ପ୍ରତୀମୂର୍ତି ଉନ୍ମୋଚନ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ନାରୀକବି ତୁଳସୀ ଦାସ ଏହି ସଂସ୍କୃତି ମଣ୍ଡପକୁ ଉନ୍ମୋଚନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧିକା ଡ. ସକୁନ୍ତଳା ବଳିୟାରସିଂହ ମୁଖ୍ୟ ଅତିଥି, ଡ. ସୁଲୋଚନା ଦାସ ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ କାନନବାଳା ପଟ୍ଟନାୟକ, ଡ. ଅଞ୍ଜଳୀ ତ୍ରିପାଠୀ, କବି ହାରାମଣି ମହାପାତ୍ର ଓ କବି ପିତାମ୍ବର ତରାଇ ପ୍ରମୁଖ ଯୋଗଦେଇଥିଲେ। ପତି ପତ୍ନୀଙ୍କ ମଧ୍ୟରେ ରହୁଥିବା ଭାବ ବିନିମୟ ଦିନେ ଜୀବନ୍ତ ହୋଇଥାଏ। ସେହିପରି ଅନଙ୍ଗ ମହାପାତ୍ର ଅବଳା ଦେବିଙ୍କ ସ୍ମୃତିକୁ ଅମଳିନ କରି ରଖିପାରିଲେ ବୋଲି ବକ୍ତାମାନେ କହିଥିଲେ। ଅନଙ୍ଗ ମହାପାତ୍ରଙ୍କ ଉଦ୍ୟମରେ ଏହି ମଣ୍ଡପ ଗଢିଉଠିଛି ବୋଲି ବକ୍ତବ୍ୟ ଦିଆଯାଇଥିଲା। ଅନଙ୍ଗ ମହାପାତ୍ରଙ୍କ ଅଧକ୍ଷତାରେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରୋଜାଲୀନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠାନର ସମ୍ପାଦକ ସୁରେସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବାବୁରାମ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବ ଓ ସାରସ୍ୱତ ସମାରୋହରେ ନାଟ୍ୟକାର ରଘୁନାଥ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ସନ୍ତୋଷ ସାମଲ, ବସନ୍ତ ମଞ୍ଜରୀ ଦାସ, କୈଳାସ ସ୍ୱାଇଁ ଓ ନବୀନ ପ୍ରଧନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରତାପ ମହାପାତ୍ର କବି ସମ୍ମିଳନୀରେ ସଂଯୋଜନା କରିଥିଲେ। ୫୦ ଜଣ ସାରସ୍ୱତ ସାଧକ ଓ କବି ମାନଙ୍କୁ ଉନଢ଼ୌକନ ପ୍ରଦନା କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନସ୍ୱିନୀ ମହାପାତ୍ର, ଝୁନୁବାଳା, ସ୍ମୃତିମୟୀ, ସଂଜୟ କୁମାର, ତାପସ କୁମାର, ରୁନିବାଳା ମଲ୍ଲିକ, ସେରୋଜିନୀ ମିଶ୍ର ଓ ଅତୋଷ କୁମାର ପ୍ରମୁଖ ମଂଚ ପରିଚାଳନା କରିଥିଲେ।

ସରକାରୀ ମୂଲ୍ୟ ନିର୍ଦ୍ଧାରଣ କମିଟି ବୈଠକ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ୨ ବର୍ଷିଆ ସରକାରୀ ମୂଲ୍ୟ ନିର୍ଦ୍ଧାରଣ କମିଟିର ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଜିଲ୍ଲାର ସମସ୍ତ ତହସିଲଦାର, କୋଠାବାଡି ବିଭାଗର ଅତିରିକ୍ତ ନିର୍ବାହୀ ଅଧିକାରୀ ଆଜମ ଖାନ୍, ଜିଲ୍ଲା ସବ୍ ରେଜିଷ୍ଟ୍ରାର ସମୀର ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ଜିଲ୍ଲା ସ୍ତରୀୟ ୨ ବର୍ଷିଆ ସରକାରୀ ମୂଲ୍ୟ ନିର୍ଦ୍ଧାରଣ କମିଟିର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏଥି ସହିତ ଜିଲ୍ଲାର ସମସ୍ତ ମୌଜା ର ମୂଲ୍ୟ ବାବଦରେ ଆଲୋଚନା କରାଯାଇ ଥିଲା। ଗତ ୨ ବର୍ଷ ହେଲା ମୂଲ୍ୟ ବର୍ଦ୍ଧିତ ହୋଇ ନଥିବାରୁ ଏହାକୁ ସମୀକ୍ଷା କରାଯିବା ପରେ ବର୍ଦ୍ଧିତ ମୂଲ୍ୟ ନିର୍ଦ୍ଧାରଣ କରାଯିବ ବୋଲି ସ୍ଥିର କରାଯାଇଛି। ଜିଲ୍ଲା ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ମୁଖ୍ୟ କିରାଣୀ ନୃସିଂହ ପରିଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସନ୍ତୋଷୀ ମା' ମନ୍ଦିର ବାର୍ଷିକ ଉତ୍ସବ

ସାଲେପୁର, (ସବ୍ୟୁ): ସପନପୁର ସ୍ଥିତ ସନ୍ତୋସିମାତା ଙ୍କ ମନ୍ଦିର ର ୨୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଜି ସକାଳୁ ସୂର୍ଯ୍ୟ ପୂଜା, ଗୋ ପୂଜା ସହିତ ସମସ୍ତ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିନୟ ଭୂଷଣ ମିଶ୍ର ଙ୍କ ଦ୍ୱାରା ହୋମଜଜ୍ଞ କରାଯାଇଥିଲା। ମଧାହ୍ନରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ମନ୍ଦିର ପ୍ରତିଷ୍ଠାତା ସଭାପତି କୈଳାସ ଚନ୍ଦ୍ର ସାହୁ, ସନ୍ତୋଷ ରାଉତରା, ଅଭିଷେକ ସ୍ୱାଇଁ, ଉତ୍ତମ ରଣା ପ୍ରମୁଖ ସହଯୋଗ କରିଥିଲେ।

୬ଟି ଯୁକ୍ତ୨ କଲେଜରେ ୨୦୭୧ ପରୀକ୍ଷାର୍ଥୀ

ଧର୍ମଶାଳା, (ସବ୍ୟୁ): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବାର୍ଷିକ ପରୀକ୍ଷା ଆଗାମୀ ୧୬ ତାରିଖ ଠାରୁ ଆରମ୍ଭ ହେବ। ଏହିକ୍ରମରେ ଧର୍ମଶାଳା ବ୍ଲକରେ ଚଳିତଥର ୮ ଗୋଟି ଯୁକ୍ତ୨ କଲେଜର ପରୀକ୍ଷାର୍ଥୀମାନେ ୬ ଗୋଟି ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ୨୦୭୧ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଚଳିତ ପରୀକ୍ଷାରେ ଧର୍ମଶାଳା ମହାବିଦ୍ୟାଳୟକୁ ହବ ସେଂଟର କରାଯାଇଛି। ଏହି ହବ ସେଂଟରରୁ ୬ ଗୋଟି ପରୀକ୍ଷାକେନ୍ଦ୍ରକୁ ପରୀକ୍ଷା ଦିନ ସକାଳ ୭ରୁ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରକୁ ପଠାଯିବ। ପ୍ରଶ୍ନପତ୍ର ନେଇ ଯାଇଥିବା ଅଧ୍ୟାପକ ମାନେ ସେଠାରେ ପରୀକ୍ଷା ପରିଚାଳନା କରିବା ସହିତ ଉତରଖାତା ଗୁଡିକ ସଂଗ୍ରହ କରି ହବ ସେଂଟରକୁ ଆଣିବେ। ଏହି ବ୍ଲକର ବିଭିନ୍ନ ଯୁକ୍ତ୨ କଲେଜରେ କଳାରେ ୧୪୧୬ଜଣ, ବିଜ୍ଞାନରେ ୬୩୮ ଓ ବାଣିଜ୍ୟରେ୧୭ ଜଣ ମୋଟ ୨୦୭୧ଜଣ ପରୀକ୍ଷାଦେବେ। ଧର୍ମଶାଳା ଯୁକ୍ତ୨ କଲେଜରେ କଳାରେ ୨୨୭, ବିଜ୍ଞାନରେ ୧୬୧ , ବାଣିଜ୍ୟରେ ୧୭ ଜଣ ଏବଂ ମୁକୁନ୍ଦପାତ୍ର ଜୁନିଅର କଲେଜରେ କଳାରେ ୨୫୫, ବିଜ୍ଞାନରେ ୧୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ଜେନାପୁର ଜୁନିଅର କଲେଜରେ କଳାରେ ୨୫୪ ଜଣ ଏବଂ ଧର୍ମଶାଳା ମହିଳା ଯୁକ୍ତ୨ କଲେଜରେ କଳାରେ ୧୧୭ ଜଣ ପରୀକ୍ଷା ଦେବେ। କୋଟପୁରସ୍ଥିତ ବଜ୍ରଗିରି ଜୁନିଅର କଲେଜ କଳାରେ ୨୯୬ , ବିଜ୍ଞାନରେ ୯୬ ଜଣ ଏବଂ ଜଗନ୍ନାଥଜିୟୁ ଜୁନିଅର କଲେଜରେ କଳାରେ ୨୪୨, ବିଜ୍ଞାନରେ ୬୯ ଜଣ ପରୀକ୍ଷା ଦେବେ। ସେହିପରି ରେନେସା ଘରୋଇ ଜୁନିଅର କଲେଜ କଳାରେ ୨୫ ଓ ବିଜ୍ଞାନରେ ୧୬୦ ଜଣ ଏବଂ ଗୋକର୍ଣ୍ଣିକା କଲେଜରେ ବିଜ୍ଞାନରେ ୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି କଲେଜ ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

ଅଳକା ଆଶ୍ରମର ୧୦୨ତମ ପ୍ରତିଷ୍ଠା ଦିବସ ପାଳିତ

ପାରାଦୀପ, (ଜିପ୍ର): ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ ଅଳକା ଆଶ୍ରମ ତାର ୧୦୨ ତମ ପ୍ରତିଷ୍ଠା ଦିବସ ଏକ ଅଭିନବ ଉପାୟରେ ଶ୍ରୀପଞ୍ଚମୀ ଅବସରରେ ପ୍ରଥମ ଜଗତସିଂହପୁର ଯୁବ ସମ୍ମିଳନୀ ଆୟୋଜନ କରି ପାଳନ କରିଛି। ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଜିଲ୍ଲାର ବିଭିନ୍ନ କୋଣରୁ ୨୨୩ଜଣ ଯୁବକଯୁବତୀ ନିଜକୁ ପଞ୍ଜୀକରଣ କରି ଏହି ଦିନିକିଆ କର୍ମଶାଳାରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସୁଖ୍ୟାତି ଲାଭ କରିଥିବା ଜିଲ୍ଲାର ସଫଳ ଯୁବ ବ୍ୟକ୍ତିତ୍ୱଙ୍କ ଅଭିବ୍ୟକ୍ତି ଶୁଣିବା ସହିତ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ନିଜ ଭବିଷ୍ୟତ ଜୀବନ ପାଇଁ ମାର୍ଗଦର୍ଶନ ନେଇଥିଲେ। ଉକ୍ତ କର୍ମଶାଳାରେ ତିନୋଟି ଆଲୋଚନାଚକ୍ରରେ ପଚିଶ ଜଣରୁ ଉର୍ଦ୍ଧ୍ୱ ଯୁବ ବିଶେଷଜ୍ଞ ନିଜର ମତାମତ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ ଡଃ ଭଗବାନ ପ୍ରକାଶଙ୍କୁ ତାଙ୍କ ଜୀବନବ୍ୟାପୀ ତ୍ୟାଗପାଇଁ ଅଳକା ଆଶ୍ରମ ସେବା ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିବା ବେଳେ ଡଃ ଅଶୋକ କୁମାର କର୍ଣ୍ଣଙ୍କୁ ପ୍ରଶାସନିକ କ୍ଷେତ୍ରରେ ସମର୍ପିତ କାର୍ଯ୍ୟପାଇଁ ଅଳକା ଆଶ୍ରମ ଯୁବ ସେବା ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଗାନ୍ଧୀବାଦୀ ଡଃ ଅରୁନ୍ଧତୀ ଦେବୀ, ପୂର୍ବତନ ମହିଳା ଆୟୋଗର ଅଧକ୍ଷା ଲୋପାମୁଦ୍ରା ମହାନ୍ତି, ଇସ୍ରୋ ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମାଜସେବୀ ବିନାୟକ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଶାନ୍ତ ଦାସ, ଯଜ୍ଞଶୀଶ ମହାପାତ୍ର ପ୍ରମୁଖ ଅତିଥିଭାବରେ ଯୋଗଦେଇଥିଲେ। ବିଶେଷଜ୍ଞଙ୍କ ମଧ୍ୟରେ କ୍ଷେତ୍ରମୋହନ ବେହେରା, ଶ୍ରୀଚରଣ ରାଉତ, ଡଃ ଦେବଦତ୍ତ ସାମନ୍ତରାୟ, ଡଃ କୈଳାସ ଚନ୍ଦ୍ର ମହାରଣା, ସ୍ମୃତି ରଞ୍ଜନ ମିଶ୍ର, ଜନ ମେଜର ଦଳାଇ, ଡଃ ତୃପ୍ତି ରଞ୍ଜନ ଦାସ, ପ୍ରଫୁଲ୍ଲ ଖଣ୍ଡାୟତ ରାୟ, ସୌମ୍ୟଜିତ ମହାପାତ୍ର, ପ୍ରଶାନ୍ତ ମଲ୍ଲିକ, ଡଃ ରମାକାନ୍ତ ଭୋଇ, ଡ଼ା ଶଶାଙ୍କ ଶେଖର ସାହାଣୀ, ସସ୍ମିତା ଦାସ, ଶ୍ରୀମତୀ ଭାରତୀ ମହାପାତ୍ର, ସ୍ନେହମୟୀ ଆଚାର୍ଯ୍ୟ, ଡଃ ଜ୍ୟୋର୍ତିମୟୀ ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସୋମନାଥ ପରିଡା, ସରୋଜିନୀ ରଥ, ମହାସ୍ମିତା ଓଝା ଓ ସୌମ୍ୟ ରଞ୍ଜନ ନାୟକ ବିଭିନ୍ନ ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ। ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ନେତୃତ୍ୱରେ ଅଳକା ଆଶ୍ରମର ସମସ୍ତ ସଦସ୍ୟ ଏହି ଅଭିନବ ପରିକଳ୍ପନାକୁ ସଫଳ ରୂପାୟନ କରିଥିଲେ।